ଟ.:୨୫

# ଆମରି ସତ୍ୟ

## AMARI SATYA

RNI Regn. No. - 107608/2010
Postal Regd. No. : PURI-33/2019-21
ଦଶମ ବର୍ଷ, ନବମ ସଂଖ୍ୟା
ମାସିକ, ମାର୍ଚ୍ଚ - ୨୦୨୦, ପୃଷ୍ଠା ସଂଖ୍ୟା ୫୨



# ଆଜୀବନ ସଦସ୍ୟ



ଇଂ ସମିତ ପଟ୍ଟନାୟକ
ଗୁରୁଗାଁ



ଶ୍ରୀଯୁକ୍ତ ଗଗନ ବିହାରୀ ମିଶ୍ର
ନୟାଗଡ଼



ଶ୍ରୀମତୀ ହେମଲତା ସାହୁ
ଜଟଣୀ



ଶ୍ରୀଯୁକ୍ତ ପଦ୍ମ ଲୋଚନ ସାହୁ
ଜଟଣୀ



ଶ୍ରୀମତି ଦେବଯାନୀ ରାୟ
ଜଟଣୀ



W. @«~¥ûcú _]û^
RUYú



iõRqû \ûg



BZgú iûj
ùLûe]û





ଡା . ମୋନାଲି ପଟ୍ଟନାୟକ
ବରିଷ୍ଠ ଚର୍ମରୋଗ ବିଶେଷଜ୍ଞ
ପ୍ରତି ଶନିବାର ଅପରାହ୍ନ ୨ ଟାରୁ- ୪ଟା ପର୍ଯ୍ୟନ୍ତ
ସାଇନ୍ ଡ଼ାଇଗ୍ନୋଷ୍ଟିକ ସେଣ୍ଟର, ଖୋର୍ଦ୍ଧା
ନୟାଗଡ଼ ରୋଡ଼,(ଜିଲ୍ଲା ମୁଖ୍ୟଚିକିତ୍ସାଳୟ ନିକଟ) ଖୋର୍ଦ୍ଧା
ଯୋଗାଯୋଗ : ୮୨୪୯୮୦୨୮୧୮, ୬୩୭୦୯୫୨୪୮୦/୮୧






# ଆମରି ସତ୍ୟ

# AMARI SATYA

ଭିନ୍ନସ୍ୱାଦର ମାସିକ ପତ୍ରିକା...

**ଦଶମ ବର୍ଷ - ନବମ ସଂଖ୍ୟା - ମାର୍ଚ୍ଚ, ୨୦୨୦**

**ପ୍ରତିଷ୍ଠାତା**
ଡ. ପ୍ରମୋଦ ଚନ୍ଦ୍ର ଦାଶ
୯୪୩୭୨୮୧୬୫୫

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ସହ ସମ୍ପାଦକ**
ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨
ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ବିଭୂପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ରାଜୀବ ରଥ
୭୯୭୮୭୧୫୧୪୯

**ଯୋଗାଯୋଗ:**

**ମୁଖ୍ୟ କାର୍ଯ୍ୟାଳୟ**
**'ଆମରିସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋରଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ -**
**ଶ୍ରୀମତୀ ରୁନା ମହାପାତ୍ର**
ପ୍ଲଟ ନ-୧୦୭୧/ପି,ଲେନ ନ-୪,ଶତାବ୍ଦୀ ନଗର
ଭୁବନେଶ୍ୱର-୩ ପିନ୍:୭୫୧୦୦୩, ଓଡ଼ିଶା
ଫୋନ୍ ନଂ:୯୪୩୭୪୧୪୩୨୦

**ଜଟଣୀ କାର୍ଯ୍ୟାଳୟ -**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳି କଲୋନୀ, ଜଟଣୀ, ଖୋର୍ଦ୍ଧା-୭୫୨୦୫୦
ମୋ-୯୩୩୮୨୨୧୩୭୪

**ଗ୍ରାହକମାନଙ୍କ ପାଇଁ ସୂଚନା**

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ୨ବାର୍ଷିକ ଦେୟ | ଟ.୪୫୦/- |
| ୪. ୩ ବାର୍ଷିକଦେୟ | ଟ.୬୫୦/- |
| ୫. ଆଜୀବନ ସଦସ୍ୟ | ଟ.୩୦୦୦/- |

**(ଆଜୀବନ ଗ୍ରାହକ ସଦସ୍ୟତା ୧୪ ବର୍ଷ ପାଇଁ )**

**ପରାମର୍ଶଦାତା ମଣ୍ଡଳୀ**
**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପୂର୍ବତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ।
**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ।
**ଡ. ଅଭୟ କୁମାର ନାୟକ**
କୁଳସଚିବ ,ନାଇଜର, ଭୁବନେଶ୍ୱର
**ଡ.ଶରଚ୍ଚନ୍ଦ୍ର ମହାପାତ୍ର**
ପୂର୍ବତନ ଅଧ୍ୟକ୍ଷ,
ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ
**ଡା. ଧନେଶ୍ୱର ସାହୁ**
ପୂର୍ବତନ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଖୋରଧା।
**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା।
**ଶ୍ରୀ ଅନୀଲ କୁମାର ଶତପଥୀ**
ବରିଷ୍ଠ ଆଇନଜୀବୀ ଓ ସମାଜସେବୀ, ଭୁବନେଶ୍ୱର।
**ଡ.ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ ଓ ସାମାଜସେବୀ, ଭୁବନେଶ୍ୱର।
**ଡ. ଗୌରୀ ଶଙ୍କର ପ୍ରହରାଜ**
ପୂର୍ବତନ ଅଧ୍ୟକ୍ଷ, ଭୁବନେଶ୍ୱର୍।
**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ,
**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା


**ଦେୟ ମନି ଅର୍ଡର, ଡ୍ରାଫଟ୍ କିମ୍ବା ଚେକ୍ ମାଧ୍ୟମରେ 'ଆମରିସତ୍ୟ' ନାମରେ ପଠାଇବାକୁ ଅନୁରୋଧ। ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ, ଖୋର୍ଦ୍ଧା ଆକାଉଣ୍ଟ ନମ୍ବର ୩୧୦୩୩୯୭୪୨୨୬। IFSC-SBIN0012027, MICR-752002151**

**'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ।**

AMARISATYA
AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS.
website: www.amarisatya.in    Email:amarisatya@gmail.com / amarisatya@rediffmail.com

# ସୂଚୀପତ୍ର


| କ୍ର.ସଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସକାଳ ବନ୍ଦନା : | ରମେଶ ମଙ୍ଗରାଜ | ୦୪ |
| ୨. | ସମ୍ପାଦକୀୟ | | ୦୫ |
| ୩. | ହିତ ବାଣୀ | | ୦୬ |
| ୪. | ନମସ୍ତେ ଟ୍ରମ୍ପ | | ୦୭ |
| ୫. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୦୯ |
| ୬. | ବୃତ୍ତି ଓ ପ୍ରବୃତ୍ତି | ଡ. ରାଜକିଶୋର ପାଢ଼ୀ | ୧୨ |
| ୭. | ମୋ ବାପା | ପ୍ରିୟମ୍ବଦା | ୧୩ |
| ୮. | ଭାଷଣ ଶୁଣିବା. | ନିତ୍ୟାନନ୍ଦ ସ୍ୱାଇଁ | ୧୪ |
| ୯. | ଆତଙ୍କ ଓ ଅହିଂସା | ତୁଳସି ଜୈନ | ୧୬ |
| ୧୦. | ଫଗୁଣ କୁ | ସମରଜିତ୍ ପଟ୍ଟନାୟକ | ୧୭ |
| ୧୧. | ଆମ୍ବର ରଦର | ବୈଜୟନ୍ତୀ ପଟ୍ଟନାୟକ | ୧୭ |
| ୧୨. | କଳାକାର | ରାମ ଶଙ୍କର | ୧୮ |
| ୧୩. | ଟମାଟୋ ରସରେ ମାଛ | ସୌମିତ୍ରା ହରିଚନ୍ଦନ | ୧୯ |
| ୧୪. | ଖାଣ୍ଟି ତୋଷାମଦ | ସତ୍ୟନାରାୟଣ ସାମନ୍ତରାୟ | ୨୦ |
| ୧୫. | ବେପାର | ଆନନ୍ଦିକା ସାମନ୍ତରାୟ | ୨୧ |
| ୧୬. | ମଂଗସ | ଡା: ଧନେଶ୍ୱର ସାହୁ | ୨୨ |
| ୧୭. | କିସ ନଦେଖିଲା ନେତ୍ର ଗୋ | ରାଜଲକ୍ଷ୍ମୀ | ୨୪ |
| ୧୮. | ଥୁଣ୍ଟା ବରଗଛ | ଉମାରାଣୀ ତ୍ରିପାଠୀ | ୨୫ |
| ୧୯. | ହେ ନାଗର ରାଜ | ଶ୍ରୀ ଶିବସୁନ୍ଦର ପଟ୍ଟନାୟକ | ୨୬ |
| ୨୦. | ଚିଠିଟିଏ | ରାଜକିଶୋର ପାଣିଗ୍ରାହୀ | ୨୬ |
| ୨୧. | ରୋଗୀ ସେବା କରୁ .. | ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ | ୨୭ |
| ୨୨. | ଜଣେ ଆଦର୍ଶ ଶିକ୍ଷକ .. | ଡ.ପ୍ରମୋଦ ଚନ୍ଦ୍ର ଦାଶ | ୨୮ |
| ୨୩. | କଳିଙ୍ଗ କନ୍ୟା | ପ୍ରେମଶୀଳା ରାଉତରାୟ | ୨୯ |
| ୨୪. | କୁନ୍ତଳାକୁମାରୀ ସାବତ | ଆଦି ନାରାୟଣ ଖଣ୍ଡୁଆଳ | ୨୯ |
| ୨୫. | ଗଲି ନଜାଣି ବାଟର ଦୋଷ | ରବି ଶତପଥୀ | ୩୦ |
| ୨୬. | ଶୂନର ଆବିଷ୍କାର ଓ ବ୍ୟବହାର | ବିଜୟ ଚନ୍ଦ୍ର ମହାପାତ୍ର | ୩୧ |
| ୨୭. | ସାରଣୀ | ଶ୍ରୀମତୀ ଅନୀତା ଦାଶ | ୩୨ |
| ୨୯. | ଯୁଗେ ଯୁଗେ ରଥଯାତ୍ରା | ଶ୍ରୀ ଜଗନ୍ନାଥ ନାୟକ | ୩୩ |
| ୩୦. | ଆସିଛି ବସନ୍ତ | ଗୋବିନ୍ଦ ଚନ୍ଦ୍ର ମହାରଣା | ୩୪ |
| ୩୧. | ଶରୀରରେ ରୋଗ ପ୍ରତିରୋଧକ.. | ଡକ୍ଟର ମୁରାରି ମୋହନ ଦାଶ | ୩୫ |
| ୩୨. | କେମିତି କହିବି ପ୍ରଭୁ- | ନିରଞ୍ଜନ ପଉନାୟକ | ୩୬ |
| ୩୩. | ପ୍ରଥମ ଶ୍ରେଣୀରୁ ସ୍ଲୋକନ.. | ଡକ୍ଟର ବିଷ୍ଣୁ ଚରଣ ସାହୁ | ୩୭ |
| ୩୪. | ଆ'ରେ ଫଗୁଣ ଫେରି | ହେମଲତା ସାହୁ | ୩୮ |
| ୩୫. | ବିରାଡି ଭାଲୁ | ମନୋଜ କୁମାର ମହାପାତ୍ର | ୩୯ |
| ୩୬. | ଓଡ଼ିଆ କ୍ରିକେଟ୍ ତାରକା.. | ଆଶିଷ କୁମାର ରାୟ | ୩୭ |
| ୩୭. | ହୋଲି | ଡକ୍ଟର ସୁକାନ୍ତି ତ୍ରିପାଠୀ | ୪୧ |
| ୩୮ | ସମ୍ବାଦ ବିଚିତ୍ରା | | ୪୨ |
| ୩୯. | ସାଧାରଣ ଜ୍ଞାନ | | ୪୩-୫୦ |

## ସକାଳ ବନ୍ଦନା : ସଂଜପ୍ରାର୍ଥନା
## (୪୬)

।

ରମେଶ ମଙ୍ଗରାଜ

ଯେତିକି ଦେଇଛ ସେତିକି ତ'ମୋର
କାହିଁକି ମାଗିବି ଆଉ
ମୋର ଭଲମନ୍ଦ ତୁମରି ହାତରେ
ଆହେ ପ୍ରଭୁ ମହାବାହୁ । ॥୦॥
ଜନମ ଦେଇଛ ଏଇ ସଂସାରରେ
ଦୁଇହାତ ଶୂନ୍ୟ କରି
ତୁମରି ଇଚ୍ଛାରେ ତମେ ନେଇଯିବ
ଶୂନ୍ୟ ହାତେ ମୋର ଧରି
ନିଜପାଇଁ ଚିନ୍ତା କାହିଁକି କରିବି
ତମେ ପ୍ରଭୁ ଥାଉ ଥାଉ । ॥୧॥
ଯେତିକି ଦେଇଛ......
ସୁଖ ଦୁଃଖ ଅବା ହସ ଆଉ ଲୁହ
ସବୁତ' ମୋ ପାଇଁ ଭଲ
ତୁମରି ଚିନ୍ତନ ତୁମରି ଦର୍ଶନ
ମୋ ପାଇଁକି କଇବଲ୍ୟ
ଭବ ବନ୍ଧନରୁ ଉଦ୍ଧାରିବା ପାଇଁ
ତୁମରି କରୁଣା ଥାଉ । ॥୨॥



**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା**
**ଖୋର୍ଦ୍ଧା - ୭୫୨୦୫୪**
**ମୋ - ୯୧୭୮୬୨୬୨୮୦**


### ଭ୍ରମ ସଂଶୋଧନ-

ଗତ ସଂଖ୍ୟାର ପ୍ରଚ୍ଛଦରେ ପ୍ରକାଶିତ ଫଟୋଚିତ୍ର ସହିତ ଦିଆଯାଇଥିବା ନାମ ଦିଗମ୍ବର ବେହେରା ପରିବର୍ତ୍ତେ ଭୁଲକ୍ରମେ ଦିଗମ୍ବର ମହାନ୍ତି ହୋଇଛି। ପୃଷ୍ଠା ୭ରେ ଥିବା ଲେଖାରେ ମନୋଜ ଦାସଙ୍କ ଜନ୍ମ ବର୍ଷ ୧୯୭୪ ପରିବର୍ତ୍ତେ ୧୯୩୪ ପଢ଼ିବାକୁ ଅନୁରୋଧ।

ସଂପାଦକ

# ସମ୍ପାଦକୀୟ....





ସୁଖ ସମସ୍ତେ ଚାହାଁନ୍ତି। ସୃଷ୍ଟିର ସବୁ ପ୍ରାଣୀ ସୁଖକର ଜୀବନ ଜିଇଁବାକୁ ଇଚ୍ଛାକରନ୍ତି। ଜୀବନକୁ ସହଜ ସରଳ ଓ ସୁନ୍ଦରଢଙ୍ଗରେ ଆଗକୁ ଆଗେଇନେବାକୁ ସଭିଏଁ ଚେଷ୍ଟା କରନ୍ତି। ବିପଦକୁ ଆଡ଼େଇ ଚାଲିବାକୁ ବାଟ ଖୋଜନ୍ତି। ବଣର ପଶୁଟିଏ ନିରାପଦ ସ୍ଥାନର ସନ୍ଧାନରେ ଥାଏ। ଗଛଟିଏ ଛାଇକୁ ଆଡ଼େଇ ଆଲୋକ ଦିଗକୁ ତାର ଡାଳପତ୍ର ମେଲାଏ। ପକ୍ଷୀଟିଏ ଅତ୍ୟଧିକ ଥଣ୍ଡାରୁ ରକ୍ଷା ପାଇବା ପାଇଁ ସାଇବେରିଆ ଅଞ୍ଚଳରୁ ହଜାର ହଜାର ମାଇଲ ଦୂର ଅତିକ୍ରମକରି ଚିଲିକା ହ୍ରଦକୁ ଉଡ଼ିଆସେ। ଜିଆ, କୋଚିଆ ପଙ୍କକାଦୁଅ ଭିତରେ ନିଜର ସୁଖ ଖୋଜନ୍ତି। ଜଳଚରପ୍ରାଣୀମାନଙ୍କ ଭିତରୁ କିଏ ଲୁଣିପାଣିରେ ତ କିଏ ମଧୁରପାଣିରେ  ସୁଖୀ ହୁଅନ୍ତି। କୀଟପତଙ୍ଗମାନେ ବି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ନିର୍ଦ୍ଦିଷ୍ଟ ସ୍ଥାନରେ ସୁଖୀ ହୁଅନ୍ତି। ସ୍ଥାନ,କାଳ ଭେଦରେ ପ୍ରକୃତି ଯାହାପାଇଁ ଯୋଉଠି ଯେମିତି ସୁଖ ଖଞ୍ଜିଛି ପ୍ରାଣୀଏ ସେହି ଅନୁରୂପେ ନିଜକୁ ଖାପେଇ ନିଅନ୍ତି ଓ ସୁଖ ଅନୁଭବ କରନ୍ତି।

ମାତ୍ର, ଏ କ୍ଷେତ୍ରରେ ମଣିଷର ସ୍ଥିତି ଅଲଗା।

ମଣିଷ ପ୍ରକୃତିଭ ସୁଖଠାରୁ ଅଧିକ ଆଶା କରେ। ସୁଖକୁ ବହୁଗୁଣିତ କରିବାର ତରିକା ଆପଣାଏ। ଏଥିପାଇଁ ତାକୁ ପ୍ରକୃତିସହ ଯୁଦ୍ଧ କରିବାକୁପଡ଼ିଲେ ବି ସିଏ ପଛେଇ ଯାଏନି। ଯୁଦ୍ଧକରେ। ପ୍ରକୃତି ବିରୁଦ୍ଧରେ ସମାନ୍ତର ଅନ୍ୟ ଏକ ପ୍ରକୃତିର ସଂରଚନା କରେ। ନିଜେ ସୃଷ୍ଟି କରିଥିବା ପ୍ରକୃତି ଭିତରେ ମଣିଷ ଖୁସି ହୁଏ। ଆରାମରେ ସୁଖକର ଦିନଗୁଡ଼ିକ ବିତେଇବାକୁ ଚେଷ୍ଟାକରେ। ନିଜ କର୍ତ୍ତୃକ ସୃଷ୍ଟି ଓ ତାର ଭବିଷ୍ୟତର ସଂଭାବନା ଭିତରେ ସିଏ ନିଜକୁ ଚାହିଁ ନିଜେ ଆମୋଦିତ ହୁଏ। ନିଜର ଉଦ୍ୟମ, ନିଷ୍ଠା ଓ ସାଧନାକୁ  ନିଜ ହିତ ପାଇଁ ବିନିଯୋଗ କରେ। ଆଗକୁ ଆଗକୁ ଆଗେଇଚାଲେ। ଏ ବିଶ୍ୱରେ ତା ଭିନ୍ନ ଅନ୍ୟ କେହି ରହିଛି ଓ ତାର ମଧ୍ୟ ସୃଷ୍ଟିରେ ବଞ୍ଚିରହିବାର ଅଧିକାର ରହିଛି, ତାହା ଭୁଲିଯାଇ କେବଳ ନିଜ ପାଇଁ କ୍ଷେତ୍ର ପ୍ରସ୍ତୁତରେ ଲାଗିରହେ।

ସବୁଦିନ ସମାନ ଯାଏନି। ଏଇମିତି ନିଜ ପାଇଁ ଗୋଟିଏ ପରେ ଗୋଟିଏ ପାହାଚ ଉଠୁ ଉଠୁ ସିଏ ନିଜ ଭିତରର ପ୍ରକୃତି ଭିତରେ ଏମିତି ଛନ୍ଦି ହୋଇଯାଏ ଯେ ବାହ୍ୟ ପ୍ରକୃତିର ଆବଶ୍ୟକତାକୁ ଭୁଲିଯାଏ। ଫଳରେ ବାହ୍ୟ ପ୍ରକୃତି ସହ ନିଜ ସଂରଚନା ପ୍ରକୃତି ଭିତରେ ଦ୍ୱନ୍ଦ୍ୱ ଉପୁଜେ। ସେ ଦ୍ୱନ୍ଦ୍ୱ ଏପରି ବ୍ୟାପକ ଓ ଦୁର୍ବାର ହୋଇପଡ଼େ ଯେ, ମଣିଷ ନିଜର ସ୍ଥିତି ରକ୍ଷା ପାଇଁ ଅସମ୍ଭବଭାବେ ବିକଳ ହୋଇପଡ଼େ।

ମଣିଷର ଏହି ପ୍ରକୃତି ବିରୋଧି ମନୋଭାବ ଓ ଅଭ୍ୟାସହେତୁ ବିଶ୍ୱ ଆଜି ଅନେକ ତାଡ଼ନାର ଶୀକାର ହେଉଛି। ଏସବୁକୁ ସାମୟିକ ବିକୃତି ଭାବି ମଣିଷ ଯେତେ ଆଡ଼ଦେଖା କରୁଛି, ପ୍ରକୃତି ତାର ଭୀମକାନ୍ତରୂପକୁ ସେତେ ଉଗ୍ର ଭାବେ ପ୍ରଦର୍ଶନ କରିଚାଲିଛି। ଏହାର ଉଦାହରଣ କିଛି କମ ନୁହେଁ। ନିଜକୁ ସମର୍ଥ ଓ ଶକ୍ତିଶାଳୀ ଭାବୁଥିବା ଚୀନ୍ ଆଜି କରୋନାର ପଞ୍ଜା ଭିତରେ ଏମିତି ଫଶିଯାଇଛି ଯେ, ସେଥିରୁ ମୁକୁଳିବାକୁ ଯେତେ ସାଧନସବୁ ଏକପ୍ରକାର ବିଫଳ ହେବାରେ ଲାଗିଛି। ସାରା ବିଶ୍ୱ ଆଜି ସେହି କରୋନାର ଭୟରେ ଭୟଭୀତ। ଏସୀୟ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, ଇଉରୋପ, ଉତ୍ତର ଆମେରିକା, ମଧ୍ୟପ୍ରାଚ୍ୟ ଓ ଆଫ୍ରିକାର କେତେକ ଅଞ୍ଚଳ ଏହା ଦ୍ୱାରା ପ୍ରଭାବିତ ହେଲେଣି। ଫଳରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ଗୁରୁତ୍ୱର ସହ ଗ୍ରହଣକରି ଏହା ଉପରେ ଉଦ୍‌ବେଗ ପ୍ରକାଶ କରିଛନ୍ତି।


ପ୍ରଥମରୁ କହିଛୁ, ମଣିଷ ପ୍ରକୃତି ସହ  ପ୍ରତିଦ୍ୱନ୍ଦ୍ୱିତାକରି ସମାନ୍ତରାଳ ଭାବେ ଅନ୍ୟ ଏକ ପ୍ରକୃତିର ସଂରଚନା କରେ। ଏହାଦ୍ୱାରା, ନିଜକୁ ସର୍ବଶକ୍ତିମାନ, ସର୍ବକ୍ଷମତାଶାଳୀ, ସର୍ବ ପ୍ରଭାବଶାଳୀ ଭାବି ଯାହା ସବୁ କରି ବସେ ତା ଫଳରେ କେବଳ କରିଥିବା ମଣିଷଟି ପ୍ରଭାବିତ ହୁଏନି ବରଂ, ସମାଜ ଏପରିକି ସାରା ବିଶ୍ୱ ପ୍ରଭାବିତ ହୋଇଥାଏ। ବିଶ୍ୱ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ହୁଏ।

ଏ ପରିପ୍ରେକ୍ଷୀରେ ଭାରତୀୟ ଦର୍ଶନ ଓ ତାର ଉପଯୋଗିତା ଏବଂ ଆବଶ୍ୟକତା ଅନେକଭାବରେ ଅନୁଭୂତ ହେଲାଣି। ଭାରତୀୟ ଦର୍ଶନର ବାଣୀ  ବିଶ୍ୱର ରକ୍ଷାକବଚ ସାଜିବ ଏ ସମୟ ପ୍ରାୟ ଉପଗତ ହେଲାଣି। କାରଣ ବିଜ୍ଞାନର ଶେଷରୁ ଦର୍ଶନର ଆରମ୍ଭ ବୋଲି ଯାହା କୁହାଯାଏ, ତାହା ସତ ପ୍ରମାଣିତ ହେବ- ଅପେକ୍ଷା କରନ୍ତୁ! ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ  !

ଡ. ପ୍ରସନ୍ନ କୁମାର ଜେନା

# ହିତ ବାଣୀ





## ଗୀତା

ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ ମାମନୁସ୍ମରନ୍।
ଯଃ ପ୍ରୟାତି ତ୍ୟଜନ୍ଦେହଂ ସ ଯାତି ପରମାଂ ଗତିମ୍। ।।୩।।

ସକଳ ଇନ୍ଦ୍ରିୟର ଦ୍ୱାର ରୁଦ୍ଧ କରି ତଥା ମନକୁ ହୃଦୟରେ ସ୍ଥିରକରି, ପୁଣି ସେହି ବିଜିତ ମନଦ୍ୱାରା ପ୍ରାଣକୁ ମସ୍ତକରେ ସ୍ଥାପନ କରି, ପରମାତ୍ମସମ୍ବନ୍ଧୀ ଯୋଗଧାରଣାରେ ସ୍ଥିତହୋଇ, ଯେଉଁ ପୁରୁଷ "ଓଁ" ଏହି ଏକାକ୍ଷରରୂପକ ବ୍ରହ୍ମକୁ ଉଚ୍ଚାରଣ କରି ଏବଂ ତାହାର ଅର୍ଥସ୍ୱରୂପ ମୋତେ ଅର୍ଥାତ୍ ନିର୍ଗୁଣ ବ୍ରହ୍ମକୁ ଚିନ୍ତନ କରି କରି ଶରୀର ଛାଡ଼ି ପ୍ରୟାଣ କରନ୍ତି ସେହି ପୁରୁଷ ପରମଗତି ପ୍ରାପ୍ତ ହୁଅନ୍ତି ।

## ଚାଣକ୍ୟ ନୀତି

**ସମ୍ମାନ ହିଁ ମହାପୁରୁଷମାନଙ୍କର ଧନ :**

**ଅଧମା ଧନମିଚ୍ଛନ୍ତି ଧନଂ ମାନଂ ଚ ମଧ୍ୟମାଃ ।**
**ଉତ୍ତମା ମାନମିଚ୍ଛନ୍ତି ମାନୋ ହି ମହତାଂ ଧନମ୍ ।। ୧।।**

**ମହାପୁରୁଷମାନଙ୍କର ଧନ ସଂପର୍କରେ ଚର୍ଚ୍ଚା କରିବାକୁ ଯାଇ ଆଚାର୍ଯ୍ୟ ଚାଣକ୍ୟ କୁହନ୍ତି ଯେ ଅଧମ ଧନର ଇଚ୍ଛା କରିଥାଆନ୍ତି, ମଧ୍ୟମ ଧନ ଓ ମାନ ଚାହାନ୍ତି, କିନ୍ତୁ ଉତ୍ତମ କେବଳ ମାନ ହିଁ ଚାହିଁଥାଆନ୍ତି। ମହାପୁରୁଷମାନଙ୍କ ଧନ ହେଉଛି ସମ୍ମାନ।**

## ମଧୁସୂଦନ ଦାସ

ଜଣେ ପାଠକ ଯେତେ ବେଶୀ ପଢ଼ିବାର ଅଭ୍ୟାସ ରଖିବ,
ତା'ର ପଢ଼ିବାପାଇଁ ସେତିକି ଆଗ୍ରହ ବଢୁଥିବ।

## ଢଗ ଢମାଳି

ରଷିଲା ଭାରିଜା ଚାହିଁ ବସିଥାଏ
ସ୍ୱାମୀର ମାନଭଞ୍ଜନ
ସ୍ୱାମୀ ମନ ତେଣେ ଘାରି ହେଉଥାଏ
କିପରି ଭାଙ୍ଗିବ ମାନ ।

ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ହେଲେ ଓ କିଛି ସମୟ ବିତିଗଲେ ଉଭୟ ମିଳାମିଶା କରିବାପାଇଁ ବ୍ୟସ୍ତ ହୋଇପଡ଼ନ୍ତି।

## ଭାଗବତ ବାଣୀ

ଉତ୍ତମ ସଙ୍ଗେ ସଙ୍ଗ ଯାର। ସେ କରେ ଉତ୍ତମ ବେଭାର।
ହୀନ ସଙ୍ଗତେ ହୀନଗତି। ହସି କହନ୍ତି ଯଦୁପତି ।।

## ରୂଢ଼ି ପ୍ରୟୋଗ

ଖତ ଗଦାରେ ପଦ୍ମ ଫୁଟିବା।
ନାନା ପ୍ରକାର ପ୍ରତିକୂଳ ଅବସ୍ଥା ମଧ୍ୟରେ ପ୍ରତିଭାର ବିକାଶ ଘଟିବା।

## ଗୋପବନ୍ଧୁ

ନଉଠୁ ଭାରତେ ହିଂସାନଳ ଶିଖା    ନ ଆସୁ ରକ୍ତାକ୍ତ ଭୀମ ବିଭିଷିକା
ଅହିଂସାର ଆଜି ଏ ଋଷି ଆଶ୍ରମ    ଶିଖାଉ ଜଗତେ ଅହିଂସା ନିୟମ।

# ନମସ୍ତେ ଟ୍ରମ୍ପ

ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ସପରିବାର ଅହମ୍ମଦାବାଦରେ ପହଞ୍ଚି ୨୨ କିଲୋମିଟରର ରୋଡ୍ ଶୋ' କରିବା ସହିତ ସାବରମତୀ ଆଶ୍ରମ ପରିଦର୍ଶନ କରିବା ପରେ ମୋଟେରା ଠାରେ ପୃଥିବୀର ସର୍ବବୃହତ୍ କ୍ରିକେଟ୍ ଷ୍ଟାଡିୟମ (ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଷ୍ଟାଡିୟମ୍)ରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧ଲକ୍ଷ ୨୫ହଜାର ଲୋକ ଯୋଗ ଦେଇଥିଲେ।

ଭାରତ ବର୍ଷର ୨୮ଟି ରାଜ୍ୟର ଆକର୍ଷଣୀୟ ଲୋକନୃତ୍ୟ ବିମାନ ବନ୍ଦରରୁ ସାବରମତୀ ଆଶ୍ରମ ଏବଂ ସେଠାରୁ ମୋଟେରା ଷ୍ଟାଡିୟମ ପର୍ଯ୍ୟନ୍ତ ୨୨ କି.ମି.ର ରାସ୍ତା କଡ଼େକଡ଼େ ପରିବେଷଣ କରାଯାଇଥିଲା । ଏହାର ଅନ୍ୟତମ ଉଦ୍ଦେଶ୍ୟ ଥିଲା ଭାରତର ବିବିଧତାରେ ଏକତାର ପ୍ରତୀକ ସଂସ୍କୃତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେଇ ଭାରତ-ଆମେରିକା ଦୋସ୍ତିର ନୂଆ ଯୁଗ ଆରମ୍ଭ ହୋଇଛି ବୋଲି କହିଥିଲେ।

## ସାବରମତୀ ଆଶ୍ରମ

ସାବରମତୀ ଆଶ୍ରମରେ କିଛି ସମୟ ଟ୍ରମ୍ପ ବିତାଇଲେ। ତା' ଭିତରେ ବାପୁଙ୍କ ପ୍ରିୟ ଚରଖା ପାଖରେ ବସି ଚରଖା ଚଳାଇବାର କଳା ଦେଖିବା ଓ ଶିଖିବା ସହ ଏହି ଚରଖା ପଛରେ ଥିବା ଭାରତର ବିଶାଳ ଆତ୍ମବିଶ୍ୱାସକୁ ବୁଝିଥିଲେ। ବିଶ୍ୱ ପ୍ରସିଦ୍ଧ ୩ ବାନରଙ୍କ ଚିତ୍ର ଗାନ୍ଧିଜୀଙ୍କ ଆଶ୍ରମରେ ରାଷ୍ଟ୍ରପତି ଟ୍ରମ୍ପ ପରିବାରକୁ ଉପହାର ଦିଆଯାଇଥିଲା । ଏହି ୩ ମାଙ୍କଡ଼ଙ୍କ ଚିତ୍ର ଭିତରେ କିପରି ବିଶ୍ୱଶାନ୍ତି ନିହିତ ଅଛି ତାହା ପ୍ରଧାନମନ୍ତ୍ରୀ ମୋଦ ବୁଝାଇବାକୁ ଚେଷ୍ଟା କରିଥିଲେ।

ରାଷ୍ଟ୍ରପତି ଟ୍ରମ୍ପ ଏଥିରେ ଉଦ୍‌ବୋଧନ ଦେଇ କହିଥିଲେ, ଭାରତୀୟମାନଙ୍କ ଆତିଥ୍ୟ ମୋତେ ଅଭିଭୂତ କରିଛି। ଭାରତ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର, ବୃହତମ ଅର୍ଥନୀତି ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ର। ଭାରତୀୟମାନେ ଶାନ୍ତିପ୍ରିୟ ଓ ଗଣତାନ୍ତ୍ରିକ ମନୋଭାବସମ୍ପନ୍ନ।

ଭାରତର ଧର୍ମନିରପେକ୍ଷତା, ବିବିଧତା ମଧ୍ୟରେ ଏକତା ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ। **ଭାରତରେ ହିନ୍ଦୁ, ମୁସଲିମ୍, ଖ୍ରୀଷ୍ଟିଆନ, ଶିଖ୍, ଇହୁଦୀ ଓ ଅନ୍ୟ ଧର୍ମାବଲମ୍ବୀ ଶାନ୍ତିର ସହ ସହାବସ୍ଥାନ କରୁଛନ୍ତି।** ଭାରତୀୟ ସଂସ୍କୃତି ଓ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ, ଏଠାରେ ଆଲୋକର ପର୍ବ ଦୀପାବଳି ଓ ରଙ୍ଗର ପର୍ବ ହୋଲି ଏହାର ବିଶେଷତ୍ୱ। ଏହି ଅବସରରେ ଟ୍ରମ୍ପ ସ୍ୱାମୀ ବିବେକାନନ୍ଦଙ୍କୁ ସ୍ମରଣ କରି ତାଙ୍କର ପ୍ରସିଦ୍ଧ ଚିକାଗୋ ବକ୍ତୃତାର ଏକ ଧାଡ଼ି ଉଲ୍ଲେଖ କରିଥିଲେ। ଟ୍ରମ୍ପ ଭାରତୀୟଙ୍କ ମନ ଜିଣିବା ପାଇଁ ବଲିଉଡ୍ ଚଳଚ୍ଚିତ୍ର ଜଗତର ଉତ୍କର୍ଷ ସମ୍ପର୍କରେ ଉଲ୍ଲେଖ କରି ଡିଡିଏଲ୍‌ଜେ ଓ ଶୋଲେ ଫିଲ୍ମକୁ ସ୍ମରଣ କରିଥିଲେ। ଭାରତର ପ୍ରସିଦ୍ଧ କ୍ରିକେଟିୟର ମାଷ୍ଟର ବ୍ଲାଷ୍ଟର ସଚ୍ଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ନାମ ମଧ୍ୟ ଉଲ୍ଲେଖ କରିଥିଲେ।

ସେ କହିଥିଲେ, ସମଗ୍ର ବିଶ୍ୱ ଲାଗି ଇସଲାମିକ୍ ଆତଙ୍କବାଦ ବିପଦର କାରଣ ହୋଇଛି। ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ।

ଭାରତର ଜାତୀୟତାବାଦକୁ ଉଚ୍ଚ ପ୍ରଶଂସା କରି ଟ୍ରମ୍ପ କହିଥିଲେ, ମାନବବାଦର ପ୍ରଚାର ପ୍ରସାର ଲାଗି ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଭାରତ ସ୍ୱାଧୀନତା ହାସଲ କରିବାର ମାତ୍ର ୭୦ ବର୍ଷ ଭିତରେ ଅନେକ ଉନ୍ନତି କରିଛି।

ଟ୍ରମ୍ପ ତାଙ୍କର ଅଭିଭାଷଣରେ ଭାରତର ବିକାଶ ଚିତ୍ର ମଧ୍ୟ ଉପସ୍ଥାପିତ କରିଥିଲେ। ସବୁ ଘରକୁ ବିଦ୍ୟୁତ ସଂଯୋଗ, ଇଣ୍ଟରନେଟ୍‌ର ବହୁଳ ବ୍ୟବହାର ଓ ସ୍ୱଚ୍ଛତା ଅଭିଯାନ ପ୍ରସଙ୍ଗରେ ସେ ଉଲ୍ଲେଖ କରିଥିଲେ। ବୌଦ୍ଧିକ ସ୍ତରରେ ଭାରତୀୟମାନେ ବେଶ୍ ପାରଦର୍ଶୀ ବୋଲି ଦର୍ଶାଇ ଟ୍ରମ୍ପ କହିଲେ, ଭାରତୀୟମାନେ କଠିନ ପରିଶ୍ରମ ଦ୍ୱାରା କିଭଳି ସଫଳତା ହାସଲ କରନ୍ତି



ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ମୋଦୀ। ମୋଦୀଙ୍କୁ ତାଙ୍କର ପ୍ରକୃତ ବନ୍ଧୁ ବୋଲି ସମ୍ବୋଧନ କରି ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ, ମୋଦି ଜଣେ ଏଭଳି ନେତା ଯେ କି ଦିନରାତି ୨୪ ଘଣ୍ଟା ପରିଶ୍ରମ କରନ୍ତି ଓ ସବୁ ସମୟରେ ନିଜ ଦେଶ କଥା ଚିନ୍ତା କରିଥାନ୍ତି।

'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦ୍‌ବୋଧନ ଦେଇ କହିଥିଲେ, ଆମେରିକା ଭାରତର ସବୁଠାରୁ ବଡ଼ ବ୍ୟବସାୟିକ ସହଯୋଗୀ ପାଲଟିଛି। ଆଜି ଭାରତୀୟ ସେନା ଆମେରିକା ସେନା ସହ ମିଳିତ ସମରାଭ୍ୟାସ କରୁଛି। ପ୍ରତିରକ୍ଷା, ଶକ୍ତି, ସ୍ୱାସ୍ଥ୍ୟ, ଆଇଟି ଭଳି କ୍ଷେତ୍ରରେ ଦୁଇଦେଶ ମିଳିତ ଭାବେ କାର୍ଯ୍ୟକରି ଆଗକୁ ବଢୁଛନ୍ତି।

ପ୍ରେସିଡେଣ୍ଟ ଟ୍ରମ୍ପଙ୍କ ଗସ୍ତର ଏକ ପରୋକ୍ଷ ଉଦ୍ଦେଶ୍ୟ ହେଉଛି ଇଣ୍ଡୋ-ପାସିଫିକ ସ୍ଥିରତା ପାଇଁ ଭାରତକୁ ଅଧିକ ଗୁରୁତ୍ୱ ଦେବା । ଆମେରିକାର ଏଭଳି ଉଦ୍ୟମ ଚୀନର କର୍ମବର୍ଦ୍ଧିଷ୍ଣୁ ବିସ୍ତାରବାଦ ନୀତି ବିରୋଧରେ ଭାରତର ଭୂମିକାକୁ କେବଳ ସ୍ୱୀକୃତି ଦେବା ନୁହେଁ; ବରଂ ନେତୃତ୍ୱ ପ୍ରଦାନ କରିବା। ପ୍ରେସିଡେଣ୍ଟ ଟ୍ରମ୍ପ ନିଜ ଭାଷଣରେ ପରୋକ୍ଷ ଭାବେ ଗୋଟିଏ କଥା ଜଣାଇ ଦେବାକୁ ଚାହିଁଛନ୍ତି ଯେ, ଯଦିଓ ଚୀନ ଅର୍ଥନୀତି ଦୃଷ୍ଟିରୁ ଭାରତ ଅପେକ୍ଷା ଅଧିକ ଶକ୍ତିଶାଳୀ ତଥାପି ସେଠାରେ ଗଣତନ୍ତ୍ର ବା ଅଭିବ୍ୟକ୍ତିର ସ୍ୱାଧୀନତା ପରି ଉଚ୍ଚ ମାନବିକ ମୂଲ୍ୟବୋଧ ନାହିଁ । ଅପରପକ୍ଷେ ଭାରତ ଗଣତାନ୍ତ୍ରିକ ପଦ୍ଧତିରେ ନିଜ ଦେଶର ୧୭୦ ମିଲିୟନ ଦେଶବାସୀଙ୍କୁ ଦାରିଦ୍ର୍ୟ ସୀମାରେଖାରୁ ଉପରକୁ ଆଣିବା ବେଶ୍ ପ୍ରଶଂସନୀୟ ବୋଲି ଟ୍ରମ୍ପ ପ୍ରକାଶ କରିଥିଲେ। ଭାରତକୁ ଅଧିକ ସୁଦୃଢ଼ ହେବା ଚାହାଁନ୍ତି ତାହା ସେ ପ୍ରକାଶ କରିଥିଲେ

**ଟ୍ରମ୍ପଙ୍କ 'ଦି ବିଷ୍ଟ'**

ପତ୍ନୀ ମେଲେନିଆ, କନ୍ୟା ଇଭାଙ୍କା ଓ ଜ୍ୱାଇଁ ସମେତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକୀୟ ବାୟୁସେନାର ଏୟାରଫୋର୍ସ୍ ୱାନ ବିମାନରେ ଗୁଜରାଟର ଅହମ୍ମଦାବାଦ ବିମାନ ବନ୍ଦରରେ ଆସି ପହଞ୍ଚିଥିଲେ। ବିମାନରୁ ଓହ୍ଲାଇବା ପରେ ଟ୍ରମ୍ପ ଓ ମେଲେନିଆ ତାଙ୍କର ସ୍ୱତନ୍ତ୍ର କାର୍ 'ଦି ବିଷ୍ଟ'ରେ ମୋଟେରା ଷ୍ଟାଡିୟମ ଅଭିମୁଖେ ଯାତ୍ରା କରିଥିଲେ । ରାଷ୍ଟ୍ରପତି ଟ୍ରମ୍ପ ଯେତେବେଳେ ବି ବିଦେଶକୁ ଯାତ୍ରା କରନ୍ତି ତାଙ୍କ ସହିତ ତାଙ୍କର ସ୍ୱତନ୍ତ୍ର କାର 'ଦି ବିଷ୍ଟ' ମଧ୍ୟ ବିବାନ ଯୋଗେ ସାଥିରେ ଯାଇଥାଏ ।

ଏହା ବୁଲେଟପ୍ରୁଫ ହେବା ସହ ଅଗ୍ନିନିରୋଧୀ, ମିସାଇଲ୍ ନିରୋଧୀ, ରକେଟ୍ ନିରୋଧୀ ଓ ମାଇନ୍ସ ନିରୋଧୀ ଅଟେ। ଏହାର ପ୍ରତ୍ୟେକଟି ଚକ ମଧ୍ୟ ବୁଲେଟପ୍ରୁଫ ଅଟେ । ଏହା ଉପରେ ଗୁଳି, ବୋମା, ରକେଟ ବା ମାଇନଦ୍ୱାରା ଆକ୍ରମଣ କଲେ ମଧ୍ୟ ତାହାର କୌଣସି କ୍ଷତି ହେବ ନାହିଁ । ଏଥିସହିତ ଦି ବିଷ୍ଟ ମଧ୍ୟରେ ଥାଇ ରାଷ୍ଟ୍ରପତି ଟ୍ରମ୍ପ ବିଶ୍ୱର ଯେ କୌଣସି ଦେଶର ପିଏମ୍‌ଓଙ୍କ କାର୍ଯ୍ୟାଳୟ ସହିତ ସାଟେଲାଇଟ୍ ଫୋନ୍ ଯୋଗେ ଯୋଗାଯୋଗ କରିପାରିବେ । ଏହାକୁ ଗତ ୨୦୧୮ରେ ଟ୍ରମ୍ପଙ୍କ କାରକେଡ୍‌ରେ ସାମିଲ କରାଯାଇଥିଲା


DECLARATION
(Form-IV)
(Under Press Registration Rules)


| | |
|---|---|
| 1. Title of News Paper | : "AMARISATYA" |
| 2. Language | : Odia |
| 3. Periodicity of Publication | : Monthly |
| 4. Days of Publication | : Ist week |
| 5. Price of News Paper | : Rs. 25.00 |
| 6. Publisher's Name | :Dr Prasanna Kumar Jena |
| Nationality | : Indian<br>M-1/5,M P H.B Colony<br>P N College,Khordha<br>Dist- Khurda (Odisha) |
| 7. Place of Publication | : M-1/5,M P H.B Colony<br>P N College,Khordha<br>Dist- Khurda (Odisha) |
| 8. Printer's Name | :Dr Prasanna Kumar Jena |
| Nationality | : Indian<br>M-1/5,M P H.B Colony<br>Post-P N College,Khordha<br>Dist- Khurda (Odisha) |
| 9. Name & Address of Printing Press | : WEB LINE,<br>Plot No.-D-2/19,<br>Mancheswar Industrial Estate,<br>Bhubaneswar-751010,<br>Dist-Khurda (Odisha) |
| 10. Editor's Name | : Dr Prasanna Kumar Jena |
| Nationality | : Indian<br>M-1/5,M P H.B Colony<br>Post-P N College,Khordha<br>Dist- Khurda (Odisha) |
| 11. Owner's Name, | : Amarisatya |
| Nationality | : Indian<br>M-1/5,M P H.B Colony<br>Post-P N College,Khordha<br>Dist- Khurda (Odisha) |

I, Dr Prasanna Kumar Jena, do hereby declare that the particulars given bove, are true to the best of my knowledge and belief.

Place- Khordha
Date- 29.2.2020


Sd/- Prasanna Kumar Jena
(Publisher)

# ବିଜ୍ଞାନ ବିଚିତ୍ର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି

## ହୃଦରୋଗୀଙ୍କ ପାଇଁ ସର୍ବଦା ଷ୍ଟେଂଟ ବ୍ୟବହାର ଆବଶ୍ୟକ ନୁହଁ :-



ଆଜିକାଲି ଛାତିରେ ସାଧାରଣ ଯନ୍ତ୍ରଣା ଅନୁଭୂତ ହେଉ କିମ୍ବା କିଛି ବି ଯନ୍ତ୍ରଣା ହେଉ ନ ଥିଲେ ମଧ୍ୟ ମାନସିକ ସ୍ତରରେ ବିବ୍ରତ ହୋଇ ଆମେ ତତ୍‌କ୍ଷଣାତ୍ ଡାକ୍ତରଙ୍କ ଶରଣ ପଶି ବେଳେବେଳେ ନିଜ ତରଫରୁ ମଧ୍ୟ ଷ୍ଟେଂଟ୍ ଲଗାଇବା ପାଇଁ କିମ୍ବା ବାଇପାସ୍ ସର୍ଜରୀ ପାଇଁ ପରାମର୍ଶ ଦେଇଥାଉ । ଏହାର ସୁଯୋଗ ନେଇ ଅନେକ କ୍ଷେତ୍ରରେ ଅର୍ଥ ଲୋଭରେ ଆବଶ୍ୟକତା ନ ଥାଇ ବି ଷ୍ଟେଂଟ ଲଗାଯାଉଛି । ଗବେଷଣା ଉପରେ ପର୍ଯ୍ୟବେକ୍ଷିତ ତଥ୍ୟକୁ ନେଇ ଏହା ପ୍ରକାଶ କରିଛନ୍ତି ଆମେରିକା ସ୍ଥିତ ଏନଓ୍ୱାଇୟୁ ଲାଙ୍ଗୋନ୍ କାର୍ଡିଓଲୋଜି କ୍ଲିନିକ୍‌ର ଡାକ୍ତର ଯୁଡିଥ୍ ହୋଚମେନ ଓ ଷ୍ଟାନଫୋର୍ଡ ୟୁନିଭର୍ସିଟିର ବୈଜ୍ଞାନିକ ଡେଭିଡ୍ ମାରୋନ୍ । ସେମାନଙ୍କ ମତରେ ଆମେରିକାରେ ବର୍ଷକୁ ୫ ଲକ୍ଷ ଲୋକଙ୍କଠାରେ ଷ୍ଟେଂଟ ରୋପଣ କରାଯାଇଥାଏ ଏବଂ ଏମାନଙ୍କ ମଧ୍ୟରୁ ଏକ ପଂଚମାଂଶଙ୍କଠାରେ ହୃଦରୋଗର କୌଣସି ଲକ୍ଷଣ ନ ଥାଏ ଏବଂ ସେମାନଙ୍କଠାରେ ପରିଲକ୍ଷିତ ହେଉଥିବା ଉପସର୍ଗଗୁଡ଼ିକୁ ଔଷଧ ଦ୍ୱାରା ଭଲ କରା ଯାଇ ପାରିଥାନ୍ତା । ସେହିପରି ପ୍ରାୟ ୨୩,୦୦୦ ବ୍ୟକ୍ତିଙ୍କର ଆଦୌ ଛାତି ବ୍ୟଥା ହେଉ ନ ଥିଲେହେଁ ସେମାନଙ୍କ ଠାରେ ଷ୍ଟେଂଟ ରୋପଣ କରା ଯାଇଥିଲା । ଏହା କରା ଯାଇ ନ ଥିଲେ ପ୍ରାୟ ୫୭୦ ମିଲିଅନ୍ ଡଲାର ସଂଚୟ କରା ଯାଇ ପାରିଥାଆନ୍ତା । ଯେଉଁମାନଙ୍କ କରୋନାରି ଆର୍ଟେରିରେ ପ୍ରତିବନ୍ଧକ ଯୋଗୁଁ ରକ୍ତ ସଂଚାଳନରେ ବାଧା ଉପୁଜିଥାଏ ସେମାନଙ୍କଠାରେ ଷ୍ଟେଂଟ ଲଗାଯାଏ କିମ୍ବା ବାଇପାସ ସର୍ଜରି କରା ଯାଇଥାଏ । କିନ୍ତୁ ଅଧିକାଂଶ କ୍ଷେତ୍ରରେ ଜୀବନଶୈଳୀରେ, ଖାଦ୍ୟ ଗ୍ରହଣରେ ପରିବର୍ତ୍ତନ ଏବଂ ସଠିକ ମାତ୍ରାର ଔଷଧ ସେବନ ଦ୍ୱାରା ଏହାକୁ ଭଲ କରା ଯାଇପାରେ । ୨୦୧୨ ମସିହାରୁ ୩୭ଟି ବିଭିନ୍ନ ଦେଶର ପ୍ରାୟ ୫୦୦୦ ଇସ୍କେମିଆ ରୋଗୀଙ୍କୁ ନେଇ କରା ଯାଇଥିବା ପରୀକ୍ଷାନୁଯାୟୀ ଏମାନଙ୍କ ମଧ୍ୟରୁ ୯୫% ରୋଗୀଙ୍କ ମଧ୍ୟରେ ଷ୍ଟେଂଟର ବିକଳ୍ପ ବ୍ୟବହାର କରାଯାଇ ଲକ୍ଷ୍ୟ କରାଗଲା ଯେ ସେମାଙ୍କଠାରେ ରୋଗ ଜନିତ ଜଟିଳତା କିଛି ବି ନଥିଲା ଏବଂ ସେମାନେ ସାଧାରଣ ବ୍ୟକ୍ତିଙ୍କ ପରି ଜୀବନ ନିର୍ବାହ କରି ପାରିଲେ ।

## କିଟୋ ଖାଦ୍ୟ ଆପଣଙ୍କୁ ଫ୍ଲୁରୁ ସୁରକ୍ଷା ଯୋଗାଇବ :-


ମାଛ, ମାଂସ, ଅଣ୍ଡା ଓ ଅଣ ଶର୍କରାଯୁକ୍ତ ଖାଦ୍ୟକୁ କିଟୋଜେନିକ ଖାଦ୍ୟ କୁହାଯାଏ । ଆମେରିକାର ୟେଲ୍ ୟୁନିଭର୍ସିଟିର ପ୍ରଫେସର ଆକିକୋ ଇଓ୍ୱାସାକିଜ୍‌କ ନେତୃତ୍ୱରେ ମୂଷାମାନଙ୍କୁ ନେଇ ହୋଇଥିବା ଏକ ଗବେଷଣାରୁ ଜଣାଯାଇଛି ଯେ ଯଦି ଏହି ମୂଷାମାନଙ୍କୁ ଉପରୋକ୍ତ ଖାଦ୍ୟ ଦିଆ ଯାଉଛି ତେବେ ତାର ପ୍ରଭାବରେ ଫୁସଫୁସରେ ଗାମା ଡେଲଟାଟି ସେଲ୍ ନାମକ ରୋଗ ପ୍ରତିଷେଧକ କୋଷ ସୃଷ୍ଟି କରୁଛନ୍ତି ଯାହାଦ୍ୱାରା ମ୍ୟୁକସ ଭଳି ବହଳିଆ ତରଳ ପଦାର୍ଥ ସୃଷ୍ଟି ହେଉଛି ଯିଏ ଇନଫ୍ଲୁଏଞ୍ଜା ସୃଷ୍ଟିକାରୀ ଭୂତାଣୁକୁ ବାନ୍ଧି ରଖି ତାର ବିଲୋପ ସାଧନ କରି ପାରୁଛି । କିନ୍ତୁ ଶର୍କରା ଜାତୀୟ ଖାଦ୍ୟ ଦେଲେ ଏହା ହୋଇ ପାରୁନାହିଁ । ତେଣୁ ସେମାନଙ୍କ ମତରେ ଆମେ ଏହି ଜାତୀୟ ଖାଦ୍ୟ ବାହାରୁ ନେଉ କିମ୍ବା ଆମ ଶରୀର ଭିତରେ ସ୍ନେହସାର ଜାତୀୟ ଖାଦ୍ୟର ବିଘଟନ ଦ୍ୱାରା ସୃଷ୍ଟ କିଟୋନ ବଡିଜ ଦ୍ୱାରା ଫ୍ଲୁ ଭୂତାଣୁ ସଂକ୍ରମଣରୁ ନିଶ୍ଚିତ ଭାବେ ସୁରକ୍ଷା ମିଳି ପାରିବ ।

## ଏକ ହଲୋଗ୍ରାମ୍ ଯାହାକୁ ଶୁଣିବା ସହିତ ଅନୁଭବ ବି କରି ପାରିବେ :-

ବ୍ରିଟେନର ବୈଜ୍ଞାନିକମାନେ ଦାବି କରନ୍ତି ଯେ ସେମାନେ ଆଲୋକର ଏକ ୩ଡି ପ୍ରତିରୂପରେ ପ୍ରଜାପତି, ଗ୍ଲୋବ୍ ଏବଂ ଇମୋଜି ତିଆରି କରିଛନ୍ତି ଯାହାକୁ ବିନା କୌଣସି ଯନ୍ତ୍ର ସହାୟତାରେ ଦେଖିବା ସହ ଶୁଣି ହେବ ଓ ଅନୁଭବ କରିହେବ । ଦକ୍ଷିଣ ଇଂଲାଣ୍ଡ ସ୍ଥିତ ୟୁନିଭର୍ସିଟି ଅଫ୍ ସସେକ୍ସର ଏକ ବୈଜ୍ଞାନିକ ଦଳ କେତେକ ୩-ଡି ମଡେଲ ପ୍ରସ୍ତୁତ କରିଛନ୍ତି ଯେଉଁମାନେ କ୍ଷଣସ୍ଥାୟୀ ଓ ଧୀର ଗତିରେ ଚଳନଶୀଳ ଅଟନ୍ତି । ଏହାର ଉନ୍ନତ ପ୍ରତିରୂପ ଭାବେ ଏକ Multimodal Acoustic Trap Display ( MATD ) ତିଆରି କରିଛନ୍ତି ଯିଏ ଏକ ସମୟରେ ଦୃଶ୍ୟ, ଶ୍ରାବ୍ୟ ଏବଂ ଅନୁଭବ କରି ହେଉଥିବା ଚିତ୍ର ସବୁକୁ ପରିବେଷଣ କରି ପାରିବ । ଏହାର ମୂଳଭିତ୍ତି ହେଉଛି Acoustophoresis ଯଦ୍ୱାରା ଏକ ଛୋଟ ବାକ୍ସ ମଧ୍ୟରେ ଥିବା କଣିକା ସବୁକୁ ଚଳନଶୀଳ ଶବ୍ଦ ତରଙ୍ଗ ଦ୍ୱାରା ମାନିପୁଲେଟ କରା ଯାଇପାରିବ । ଏମାନେ ତିଆରି କରିଥିବା ସିଷ୍ଟମରେ କଣିକାଗୁଡ଼ିକୁ ଶବ୍ଦ ତରଙ୍ଗ ଦ୍ୱାରା ଆବଦ୍ଧ କରି ତାକୁ ଲାଲ, ସବୁଜ ଓ ନୀଳ ରଙ୍ଗରେ ଆଲୋକିତ କରାଯାଏ ଯାହାକୁ ଦେଖିବା ସହିତ ଶୁଣିବି ହୁଏ । ଏହି ପ୍ରକ୍ରିୟାକୁ ବୁଝାଇବାକୁ ଯାଇ ସେହି ଦଳର ମୁଖ୍ୟ ରିୟୁଜି ହିରାୟାମା କୁହନ୍ତି ଅଲଟ୍ରା ସାଉଣ୍ଡକୁ ଦେଖି ନହେଲେ ବି ଆମେ ଜାଣୁ ଯେ ଏହା ଏକ ଶକ୍ତିବାହୀ ତରଙ୍ଗ ଯାହା ଏକ ମାଧ୍ୟମ ଦେଇ ଗତି କଲାବେଳେ ଆମ ଚର୍ମରେ ପତିତ ହେଲେ ଏକ ସମ୍ବେଦନା ସୃଷ୍ଟି କରେ

ଯାହାକୁ ଅନୁଭବ କରିହୁଏ। ଏହି ବୈଜ୍ଞାନିକ ଦଳ ସୃଷ୍ଟି କରିଥିବା ୩-ଡି ଡିଭାଇସ୍‌କୁ ଭଲ୍ୟୁମେଟ୍ରିକ ଡିସପ୍ଲେ କୁହାଯାଏ ଯାହା ଗତାନୁଗତିକ ହଲୋଗ୍ରାମଠୁ ଟିକିଏ ଭିନ୍ନ ଅଟେ। ଏଥିରେ ସାଧାରଣ ଆଲୋକ ବଦଳରେ ଲେଜର ରଶ୍ମୀକୁ ବ୍ୟବହାର କରାଯାଏ ଯାହା ଅତି ପ୍ରାକୃତିକ ଜୀବନ୍ତ ଚିତ୍ରସବୁକୁ ଜନ୍ମ ଦେଇଥାଏ। ଏଥିରେ ଦୁଇଟି ଅଲଟ୍ରାସୋନିକ ଟ୍ରାନ୍ସଡୁସର୍ସ ଦ୍ୱାରା ଶବ୍ଦ ତରଙ୍ଗ ସୃଷ୍ଟି କରାଯାଇ ତାକୁ ଫୋମ୍ ବିଡ ଜିପ୍‌ରେ ତିଆରି ଚିତ୍ର ଉପରେ ଆପତିତ କରାଯାଏ। ଏହି କଣିକାଗୁଡ଼ିକୁ ଏପରି ଭାବେ ତିଆରି କରା ଯାଇଛି ଯଦ୍ୱାରା ସେମାନେ ଏକ ନିର୍ଦ୍ଦିଷ୍ଟ ଫ୍ରିକ୍ୱେନ୍ସିରେ କମ୍ପିତ ହେବେ ଯାହାକୁ ଆମେ କାନରେ ଶୁଣି ପାରିବା। ଏହି କୌଶଳକୁ ବିଭିନ୍ନ ବାୟୋମେଡିକାଲ କ୍ଷେତ୍ରରେ ପ୍ରୟୋଗ କରିହେବ ବୋଲି ବୈଜ୍ଞାନିକମାନେ ଆଶା ପୋଷଣ କରିଛନ୍ତି। ଯେପରିକି ୧ ମିଲିଅନ୍ କଣିକା ବ୍ୟବହାର କରି ହୃତପିଣ୍ଡ ଭିତରେ କେଥେଟର ଭର୍ତ୍ତି କଲାବେଳେ ତାକୁ ଡାକ୍ତର ଖାଲି ଆଖିରେ ଦେଖିବା ସହ ସେଥିରୁ ବାହାରୁଥିବା ଅତି ସୂକ୍ଷ୍ମ ଶବ୍ଦ ତରଙ୍ଗକୁ ବି ଶୁଣି ପାରିବେ।

## ଏକ ବ୍ଲାକ୍ ହୋଲ୍ ଦ୍ୱାରା ନକ୍ଷତ୍ରଟିଏ ଛାୟାପଥରୁ ବିଚ୍ୟୁତ ହୋଇଗଲା :-



ଆମେ ଭାବିଥାଉ ଯେ ବ୍ଲାକ୍ ହୋଲ ଏକ ବିରାଟ ଶୂନ୍ୟ କ୍ଷେତ୍ର ଯାହା ବିରାଟ ନକ୍ଷତ୍ର ସବୁକୁ ବି ଗିଳି ଦେଇପାରେ। କିନ୍ତୁ ଏହା ସତ୍ୟ ନୁହେଁ। ନିକଟରେ ସଦର୍ନ ଷ୍ଟିଲାର ଷ୍ଟ୍ରିମ୍ ସ୍ପେକ୍ଟ୍ରୋସ୍କୋପିକ ସର୍ଭେ ନାମକ ଏକ ଗବେଷଣାରେ ୩.୯ ମିଟର୍ ଆଙ୍ଗଲୋ ଅଷ୍ଟ୍ରେଲିଆନ୍ ଟେଲିସ୍କୋପ୍ ମାଧ୍ୟମରେ ଦେଖାଯାଇଛି ଯେ ସାଜିଟେରିଅସ୍-ଏ ନାମକ ଏକ ବ୍ଲାକ୍ ହୋଲ ସହ ଧକ୍କା ହୋଇ ପୃଥିବୀଠାରୁ ପ୍ରାୟ ୨୯୦୦୦ ଆଲୋକବର୍ଷ ଦୂରତାରେ ଥିବା ଏକ ଛାୟାପଥରୁ ଏକ ଦ୍ୱୈତ ନକ୍ଷତ୍ର ବିଶିଷ୍ଟ ସିଷ୍ଟମ ମଧ୍ୟରୁ ଗୋଟିଏ ନକ୍ଷତ୍ର ଘଂଟାପ୍ରତି ୬ ମିଲିଅନ୍ କିମି ବେଗରେ ଛାୟାପଥରୁ ବାହାରି ତାର କକ୍ଷ ପଥରୁ ମହାଶୂନ୍ୟକୁ ଗତି କରି ଚାଲିଗଲା। S5-HVS1 ନାମରେ ନାମିତ ଏହି ନକ୍ଷତ୍ରଟି ଆମ ସୂର୍ଯ୍ୟ ଅପେକ୍ଷା ୧୦ ଗୁଣ ଉଜ୍ଜ୍ୱଳ ଓ ପ୍ରାୟ ୨ ଗୁଣ ଭାରି ଅଟେ। ମହାକାଶ ବିଶେଷଜ୍ଞମାନେ ଅନୁମାନ କରନ୍ତି ଯେ ଏହି ନକ୍ଷତ୍ରଟି ଆଉ ତାର ଜନ୍ମସ୍ଥାନକୁ ଫେରିବ ନାହିଁ ଏବଂ ମହାକାଶରେ ତାର ଗଚ୍ଛିତ ଥିବା ଥର୍ମୋନ୍ୟୁକ୍ଲିଆର୍ ଜାଳେଣିକୁ ବ୍ୟବହାର କରି ପ୍ରାୟ ୨ ବିଲିଅନ୍ ବର୍ଷ ବଂଚିଲା ପରେ ଏହା ଆପେ ଆପେ ମହାଶୂନ୍ୟରେ ଧ୍ୱଂସ ପାଇଯିବ। ଏକ ବ୍ଲାକ୍ ହୋଲ ଦ୍ୱାରା ଦ୍ୱିନକ୍ଷତ୍ର ବିଶିଷ୍ଟ ତାରକା ତାର କକ୍ଷପଥରୁ ବିଚ୍ୟୁତ ହେବା ଧାରାକୁ ହିଲ୍ସ ମେକାନିଜମ୍ କୁହାଯାଏ କାରଣ ୧୯୮୮ ମସିହାରେ ଜ୍ୟାକ୍ ହିଲ୍ସ ନାମକ ଜଣେ ବୈଜ୍ଞାନିକ ଏପରି ଏକ ସମ୍ଭାବନା ସମ୍ପର୍କରେ ପ୍ରଥମ କରି ଏକ ସୂଚନା ଦେଇଥିଲେ।

## ଜୀବନ୍ତ ବସ୍ତୁମାନଙ୍କର ସ୍ଥାନାନ୍ତରୀକରଣ ଜୀବାଣୁମାନଙ୍କ ଜିନ ମାଧ୍ୟମରେ ହୋଇଥିଲା :-

ପୃଥିବୀର ସୃଷ୍ଟି ସମୟରେ ସମଗ୍ର ଅଂଶ ଜଳାର୍ଣ୍ଣବ ଥିଲା। ଏଥିରେ ହିଁ ଉଦ୍ଭିଦ ଜଗତ ତିଷ୍ଠି ରହିଥିଲା। ତେବେ ଜଳଭାଗରୁ ଭୂଭାଗକୁ ଏମାନଙ୍କ ସ୍ଥାନାନ୍ତରଣ ହେଲା କିପରି ? ଏହାର ଉତ୍ତର ଦେଇଛନ୍ତି ୟୁନିଭର୍ସିଟି ଅଫ୍ ଆଲବର୍ଟାର ଗବେଷକ ଗେନ କା ସୁ ୱୋଙ୍ଗ୍। ତାଙ୍କ ମତରେ ଏହା ମାଟିରେ ରହୁଥିବା ଏକ ପ୍ରକାର ଜୀବାଣୁର ଜିନ ମଧ୍ୟ ଦେଇ ସଂଗଠିତ ହୋଇଥିଲା। ଏହି ପ୍ରକ୍ରିୟାକୁ ହରାଇଜଂଟାଲ ଟ୍ରାନ୍ସଫର ଅଫ୍ ଜିନ୍ସ ବୋଲି କୁହାଯାଏ ଯେଉଁଥିରେ ଗୋଟିଏ ପ୍ରଜାତିରୁ ଆଉ ଗୋଟିଏ ପ୍ରଜାତିକୁ ଜିନ୍ ଅପସାରିତ ହୋଇଥାଏ। କିନ୍ତୁ ଯଦି ଡିଏନଏ ଅଣୁଗୁଡ଼ିକ ପିତାମାତାଙ୍କଠାରୁ ସନ୍ତାନ ପାଖକୁ ଆସିଥାଏ ତାକୁ ଭର୍ଟିକାଲ ଟ୍ରାନ୍ସଫର ଅଫ୍ ଜିନସ ବୋଲି କୁହାଯାଏ। ତାଙ୍କ ମତରେ ଟେରେଷ୍ଟେରିଆଲାଇଜେସନ ପ୍ରକ୍ରିୟାଟି ଉଦ୍ଭିଦମାନଙ୍କଠୁ ଆରମ୍ଭ ହୋଇ ପ୍ରାଣୀମାନଙ୍କ କ୍ଷେତ୍ରକୁ ସମ୍ପ୍ରସାରିତ ହୋଇଥିଲା।

## ବିଭିନ୍ନ ମେଡିସିନର ଅବଶେଷ ପରିବେଶକୁ ପ୍ରଦୂଷିତ କରୁଛନ୍ତି :-



ପୃଥିବୀରେ ବର୍ଷକୁ ପ୍ରାୟ ୪ ବିଲିଅନ ଔଷଧ ବ୍ୟବହୃତ ହେଉଛି ଯାହା ମଧ୍ୟରୁ ଏକ ତୃତୀୟାଂଶ ହେଉଛି କେବଳ ଆମେରିକାରେ। ଏଥି ମଧ୍ୟରେ ରହିଛି ଆଂଟିବାୟୋଟିକ୍ସ, ଯନ୍ତ୍ରଣା ନିବାରକ ଓ ମାନସିକ ରୋଗୀଙ୍କୁ ଦିଆ ଯାଉଥିବା ମାରାତ୍ମକ ଔଷଧ। ପ୍ରାଣୀ ଓ ମନୁଷ୍ୟମାନଙ୍କୁ ଦିଆ ଯାଉଥିବା ଔଷଧମାନଙ୍କରୁ ୯୦% ମଳ, ମୂତ୍ର ଆକାରରେ ପରିବେଶକୁ ନିଷ୍କାସିତ ହୋଇଥାଏ। ଏହା ଜଳ ଏବଂ ମୃତ୍ତିକା ମଧ୍ୟଦେଇ ପୁଣି ଆମ ଇକୋ ସିଷ୍ଟମ୍ ମଧ୍ୟକୁ ପ୍ରବେଶ କରି ଆମ ପାଇଁ ଏକ ନୂଆବିପଦକୁ ଡାକିଆଣେ। ଅବିଚାରିତ ଭାବେ ଉଭୟ ପ୍ରାଣୀ ଓ ଉଦ୍ଭିଦଙ୍କଠାରେ ଆଂଟିବାୟୋଟିକ୍ସର ବ୍ୟବହାର ଆମ ମଧୁର ଜଳ ଇକୋ ସିଷ୍ଟମକୁ ଏକ ବିଶାଳ ଖାଦ୍ୟ ଶୃଂଖଳ ଦେଇ ପ୍ରବେଶ ପୂର୍ବକ ଆମ ଶରୀରରେ ରୋଗ ନଥାଇ ବି ଏହାର ଏକ ବିପୁଳ ଭଣ୍ଡାର ସୃଷ୍ଟି କରୁଛି।

## ହିମାଳୟର ବରଫାବୃତ ଅଂଚଳରେ ୨୪୦ ବର୍ଷ ତଳର ପ୍ରଦୂଷକର ଉପସ୍ଥିତି :-

ନିକଟରେ ଆମେରିକାର ଓହିଓ ଷ୍ଟେଟ ୟୁନିଭର୍ସିଟି ତରଫରୁ ବୈଜ୍ଞାନିକ ପାଓଲୋ ଗାବ୍ରିଆଲିଙ୍କ ନେତୃତ୍ୱରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି



ଯେ ହିମାଳୟ ପର୍ବତର ପାଦଦେଶରୁ ୭୨୦୦ ମିଟର ଉପରେ ଥିବା ପୃଥିବୀର ସର୍ବୋଚ୍ଚ ଗ୍ଲାସିଅର ଦାସୁଓପୁର ଖନନ ସମୟରେ ୨୪୦ ବର୍ଷ ତଳେ ଜମାଟ ବାନ୍ଧି ରହିଥିବା ପ୍ରଦୂଷକ ମୌଳିକମାନଙ୍କ ଅବସ୍ଥିତିକୁ ଚିହ୍ନଟ କରି ପାରିଛନ୍ତି। ଏଠାରେ କହି ରଖୁଛି ଯେ ଦାସୁଓପୁ ସମଗ୍ର ବିଶ୍ୱର ୧୪ ଟି ଉଚ୍ଚ ପର୍ବତମାନଙ୍କ ମଧ୍ୟରୁ ଶିଶାପାଙ୍ଗମା ନାମକ ପର୍ବତରେ ଅବସ୍ଥିତ। ଆଶ୍ଚର୍ଯ୍ୟ ଲାଗେ ମାନବ ଏହି ପର୍ବତରେ ପାଦ ଦେବା ପୂର୍ବରୁ ୧୮ଶ ଶତାବ୍ଦୀରେ ୟୁରୋପ ମହାଦେଶରେ ଶିଳ୍ପ ବିପ୍ଳବ ଆରମ୍ଭ ହେବା ପରଠାରୁ ମନୁଷ୍ୟକୃତ ପ୍ରଦୂଷଣର ଛାପ ସର୍ବତ୍ର ପରିଲକ୍ଷିତ ହୋଇଥିଲା। ଏହାର ଜନ୍ମସ୍ଥାନ ଲଣ୍ଡନ ହିମାଳୟଠାରୁ ୧୦,୩୦୦ କିମି ଦୂରରେ ରହିଥିଲେହେଁ ଶୀତଦିନରେ ପଶ୍ଚିମରୁ ପୂର୍ବ ଦିଗକୁ ଗତି କରୁଥିବା ଥଣ୍ଡା ପବନରେ ମିଶି ଏହା ହିମାଳୟର ବରଫାବୃତ ଅଂଚଳରେ ଜମା ହୋଇଥିବା ଅନୁମାନ କରାଯାଉଛି। ଏଥିରେ କାଡମିଅମ୍ ,କ୍ରୋମିଅମ୍ , ନିକେଲ ଓ ଜିଙ୍କ୍ ଭଳି ୨୩ଟି ବିଷାକ୍ତ ମୌଳିକମାନଙ୍କ ଉପସ୍ଥିତିକୁ ଠାବ କରାଯାଇଛି। ୧୯୯୭ ମସିହାରେ ଏହି ଦଳମାନେ ପ୍ରଥମରେ ହିମାଳୟ ର ବରଫ ଖନନ ସମୟରେ କେତୋଟି ସ୍ତରର ଜମାଟ ବାନ୍ଧିଥିବା ଅଂଶକୁ ପାଇଲେ। ଏହି ସ୍ତରଗୁଡିକ ଗୋଟିଏ ଗୋଟିଏ ସମୟରେଖା ଭଳି ପ୍ରତିତ ହେଉଥିଲା। ଗୋଟିଏ ସ୍ତରରେ ୧୪୯୯ ଓ ୧୯୯୨ ମସିହା ମଧ୍ୟରେ ଆସିଥିବା ପ୍ରଦୂଷକ ଥିଲାବୋଲି ଆକଳନ କରାଯାଇଛି। ଅନୁମାନ କରାଯାଏ ଯେ ଏହି ପ୍ରଦୂଷକମାନେ ମୂଖ୍ୟତଃ ଶିଳ୍ପ ସମୃଦ୍ଧ ୟୁରୋପୀୟ ରାଷ୍ଟ୍ରମାନଙ୍କ କଳକାରଖାନାରେ ଜଳା ଯାଉଥିବା କୋଇଲା ଗ୍ୟାସରୁ ଆନୀତ ହୋଇଥିଲା ଜିଙ୍କର ଉପସ୍ଥିତିକୁ ମୁଖ୍ୟତଃ ଜଙ୍ଗଲ ନିଆଁ ଯୋଗୁଁ ଆସିଥିବା ଅନୁମାନ କରାଯାଏ। ଲୋକସଂଖ୍ୟା ବୃଦ୍ଧି ସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନାଭାବ କୃଷିକାର୍ଯ୍ୟ ପାଇଁ ଚାଷ ଜମି ତିଆରି କରିବା ଆଦି ସମସ୍ୟାର ସମାଧାନ ପାଇଁ ଜଙ୍ଗଲକୁ ଜାଳିଦେବାକୁ ମଣିଷ ଏକ ସରଳ ପ୍ରକ୍ରିୟା ରୂପେ ନେଇ ଯାଇଥିଲା। ୨୦୧୫ ମସିହାରେ Byrd Polar Center ଦ୍ୱାରା ପ୍ରକାଶିତ ତଥ୍ୟାନୁସାରେ ପେରୁ ଦ୍ୱାରା ରୂପା ଉତ୍ପାଦନ ପାଇଁ ପ୍ରତିଷ୍ଠା କରାଯାଇଥିବା କାରଖାନା ଯୋଗୁଁ ଦକ୍ଷିଣ ଆମେରିକାରେ ପ୍ରଦୂଷଣର ମାତ୍ରା ଖୁବ ବଢି ଯାଇଥିଲା। ତେଣୁ ଶିଳ୍ପ ବିପ୍ଳବର ୨୪୦ ବର୍ଷ ପୂର୍ବରୁ ପୃଥିବୀର ବିଭିନ୍ନ ଦେଶମାନଙ୍କ ତରଫରୁ ଲୁଚାଛପାରେ ଚାଲିଥିବା ଶିଳ୍ପ ସଂସ୍ଥା ଦ୍ୱାରା ପ୍ରଦୂଷଣ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥିଲା ଯାହାର ମୂକସାକ୍ଷୀ ହୋଇ ଆମ ହିମାଳୟ ପର୍ବତ ସେହି ବିଷାକ୍ତ ପଦାର୍ଥକୁ ଆଜିବି ନିଜ ବକ୍ଷରେ ଧାରଣ କରିଛି।

## ପ୍ରାୟ ପାଂଚ ଲକ୍ଷ କୀଟ ଆଜି ବିଲୁପ୍ତିର ଦ୍ୱାର ଦେଶରେ :-

ଫିନିସ୍ ମ୍ୟୁଜିଅମ୍ ଅଫ୍ ନେଚୁରାଲ ହିଷ୍ଟ୍ରିର ପ୍ରଫେସର ପେଡ୍ରୋ କାର୍ଡୋସୋଙ୍କ ମତରେ ଯେଉଁ ୧ ମିଲିଅନ୍ ପ୍ରାଣୀ, ଉଦ୍ଭିଦ ଆଜି ବିବର୍ତ୍ତନଧାରାରେ ନିଜକୁ ସାମିଲ କରି ନ ପାରି ଧରାପୃଷ୍ଠରୁ ବିଦାୟ ନେଲେଣି ସେମାନଙ୍କ ମଧ୍ୟରୁ ୫ ଲକ୍ଷ କେବଳ କୀଟ ଅଟନ୍ତି। ଏହା ମାନବ ଜାତି ପାଇଁ କେବଳ ବିପଜ୍ଜନକ ତା ନୁହଁ ବରଂ ଏକ ଚେତାବନୀ ଅଟେ। କାହିଁଗଲେ ସେ ମହୁମାଛି ଯିଏ ଉଡିବା ସଙ୍ଗେ ଗୁରୁଣ୍ଡିବା ,ପାଣିରେ ପହଁରିବା ଓ ମାଟିରେ ଗାତ ଖୋଳିବା ଆଦି କାର୍ଯ୍ୟ କରି ପାରୁଥିଲା। ବିଗତ ଅର୍ଦ୍ଧ ବିଲିଅନ୍ ବର୍ଷ ମଧ୍ୟରେ ଏହା ହେଉଛି ଷଷ୍ଠତମ ବିଲୁପ୍ତି। ୬୬ ମିଲିଅନ ବର୍ଷ ତଳେ ଏହି କ୍ରମରେ ଡାଇନୋସରମାନଙ୍କ ବିଲୟ ଘଟିଥିଲା ଏ ସବୁରି ପାଇଁ ମନୁଷ୍ୟ ହିଁ ଦାୟୀ ଅଟେ। ଖାଦ୍ୟ ,ବାସସ୍ଥାନର ଅଭାବ, କୀଟନାଶକର ବହୁଳ ବ୍ୟବହାର ତଥା ବିରାଟକାୟ ମୋବାଇଲ ଟାୱାରର ଉପସ୍ଥିତି, ଜଳବାୟୁ ପରିବର୍ତ୍ତନ ଏଥିପାଇଁ ଦାୟୀ ଅଟେ। ପ୍ରଜାପତି, ବିରୁଡି, ପିମ୍ପୁଡି, ମାଛି, ଝିଙ୍କାରି, କଙ୍କି ଆଦି କୀଟଗୁଡିକଙ୍କ ମଧ୍ୟରୁ ଆମ ଅଜ୍ଞାତରେ ବହୁ ପ୍ରଜାତି ଆଜି ବିଲୁପ୍ତ ହୋଇ ସାରିଲେଣି। ଏମାନେ ବୀଜ ବପନ , ପରାଗସଂଗମ,ଖାଦ୍ୟଚକ୍ର ସଂରକ୍ଷଣ ଏବଂ ହାନିକାରକ ପୋକମାନଙ୍କୁ ନିପାତ କରିବା ଭଳି ଅନେକ ହିତକାରୀ କାର୍ଯ୍ୟ କରି ଆମକୁ ଆର୍ଥିକ ଦୃଷ୍ଟିରୁ ବି ସହାୟତା କରିଥାନ୍ତି। ଏକ ଆକଳନରୁ ଜଣାଯାଏ ଯେ କେବଳ ଆମେରିକାରେ ଏମାନଙ୍କ ଯୋଗୁଁ ବର୍ଷକୁ ପ୍ରାୟ ୫୭ ବିଲିଅନ ଡଲାରର ଲାଭ ହୋଇଥାଏ। ସମଗ୍ର ବିଶ୍ୱ ପରିପ୍ରେକ୍ଷୀରେ ଏହି ଲାଭ ୨୩୫ ରୁ ୫୭୭ ବିଲିଅନ୍ ଡଲାର ହେବ ବୋଲି ଆକଳନ କରାଯାଇଛି।

## ଗର୍ଭାବସ୍ଥାରେ ଭିଟାମିନ-ଡି ଅଭାବ ଏଡିଏଚ୍‌ଡି ର କାରଣ ହୋଇପାରେ :-

ଗର୍ଭାବସ୍ଥାରେ ଦୈନିକ ୧୦ ମାଇକ୍ରୋଗ୍ରାମ୍ ହିସାବରେ ୧ ବର୍ଷ ପାଇଁ ନିଶ୍ଚିତଭାବେ ଭିଟାମିନ-ଡି ମହିଳାମାନେ ଗ୍ରହଣ କରିବା କଥା ନଚେତ ଜନ୍ମ ପରେ ଶିଶୁଠାରେ Attention Deficit Hyperactvity Disorder ( ADHD ) ଦେଖାଦେଇପାରେ। ଫିନଲାଣ୍ଡ ସ୍ଥିତ ୟୁନିଭର୍ସିଟି ଅଫ୍ ତୁର୍କୁର ଏକ ବୈଜ୍ଞାନିକ ଦଳ ୧୯୯୮ ରୁ ୧୯୯୯ ମଧ୍ୟରେ ପ୍ରାୟ ୧୦୬୭ ମା ଓ ଶିଶୁଙ୍କୁ ନେଇ ହୋଇଥିବା ଗବେଷଣାରୁ ଏହି ତଥ୍ୟ ପାଇଛନ୍ତି। ସେମାନେ କମ୍ପ୍ରିହେନସିଭ ଫିନିସ୍ ମାଟର୍ନିଟି କୋହର୍ଟ ନାମକ କୌଶଳରେ ପ୍ରାୟ ୨ ମିଲିଅନ୍ ରକ୍ତ ସିରମ୍‌ର ନମୂନା ବ୍ୟବହାର କରି ଏହି ତଥ୍ୟ ପାଇଛନ୍ତି। ଆଜି ଫିନଲାଣ୍ଡରେ ଗର୍ଭାବସ୍ଥାରେ ଭିଟାମିନ ଡି ଗ୍ରହଣ କରିବାକୁ ବାଧ୍ୟତାମୂଳକ କରା ଯାଇଛି।

ବିଭାଗୀୟ ମୁଖ୍ୟ, ରସାୟନ ଶାସ୍ତ୍ର ବିଭାଗ
ଏନଏସି କଲେଜ ,ବୁର୍ଲା,ସମ୍ବଲପୁର
**ଦୂରଭାଷ-୯୪୩୭୧୨୭୮୨୦**

# ବୃତ୍ତି ଓ ପ୍ରବୃତ୍ତି



ଡ. ରାଜକିଶୋର ପାଢ଼ୀ

ଆମମାନଙ୍କର ବା ଏକପ୍ରକାର ସମସ୍ତଙ୍କର କିଛି ନା କିଛି ବୃତ୍ତି ଅଛି। ଯା ଜଣେ କରି ତା' କୁଟମ୍ବ ପୋଷୁଚି, ତାକୁ ତ ଆମେ ବୃତ୍ତି କହୁ। ଯେପରି ବୃତ୍ତି ଏ ମୋ' ପୋଷେ କୁଟୁମ୍ବ। ତେବେ ବୃତ୍ତିରେ ଆମେ ଥାଇ ବୃତ୍ତିକୁ ଭଲପାଆନ୍ତି କି ନାହିଁ ଗୋଟିଏ ବିଚାର୍ଯ୍ୟ ବିଷୟ। ଜଣେ ଡାକ୍ତର କି ଓକିଲ, ଅବା ଶିକ୍ଷକ କି ପୋଲିସ୍ କର୍ମଚାରୀ, ନହେଲେ ଜଣେ ଚାଷୀ, ମୂଲିଆ, ମାଛ ବେପାରୀ, ଚା' ଦୋକାନୀ କି ପାନ ଦୋକାନୀ ଯା ହେଉ, ସେ ତା' ବୃତ୍ତି ପ୍ରତି ଶ୍ରଦ୍ଧା ପୋଷଣ କରୁଛି ତ! ଇମିତି ଲୋକ ଅଛନ୍ତି, ବୃତ୍ତିରେ ଥିବେ, କିନ୍ତୁ ଭାବୁଥିବେ ଏଇ ବୃତ୍ତିରେ ରହି ମୁଁ ଠିକ୍ କରି ନାହିଁ। ଆଉ କ'ଣ ହେଇଥିଲେ ଭଲ ହୋଇଥା'ନ୍ତା। ନିଜର ବିକାଶ ପାଇଁ, ଉତ୍ତରୋତ୍ତର ଉନ୍ନତି ପାଇଁ ଅଭିଳାଷ ପୋଷଣ କରିବା କିଛି ଖରାପ ନୁହେଁ, କିନ୍ତୁ ଯେଉଁଠି ଯିଏ ଯେତେ କାଳ ଅଛି ସେଇଠି ସିଏ ସେଇ କାମଟି ପ୍ରତି ଅନୁରାଗୀ ନ ହବ କାହିଁକି! କାମ କରିବାର ଆନନ୍ଦ ଟିକିଏ ସେଠୁ ସେ ନ ପାଉଥିଲେ ବୁଝିବାକୁ ହବ ଅଶାନ୍ତି ଓ ଅସନ୍ତୋଷ ଭିତରେ ଜଣେ ଛଟପଟ ହେଇ କୌଣସି ପ୍ରକାର କାମଟି କରିଚାଲିଛି। ଏହା ତାକୁ ପ୍ରଥମତଃ ଅସୁଖୀ କରୁଥିବ ନିଶ୍ଚୟ।

ଦ୍ୱିତୀୟରେ ବୃତ୍ତିରୁ ଅସାଧୁ ଫାଇଦା ଉଠେଇବା ଏକ ବ୍ୟାପକ ଦୂଷଣ ଭାବରେ ଆମେ ଲକ୍ଷ୍ୟ କରିପାରିବା। ଏଇ ଦୂଷଣ ସବୁ ବୃତ୍ତିକୁ ବ୍ୟାପିଛି। ଜଣେ ପ୍ରଶାସକ ନିଜକୁ ସେବକ ନଭାବି ଶାସକ ଭାବୁଛି ଓ କ୍ଷମତାର ଅପବ୍ୟବହାର କରି ଅର୍ଥ ସଂଗ୍ରହ କରୁଛି ଓ ଅହଙ୍କାରୀ ହେଉଛି, ସମ୍ମାନ ପଛରେ ଗୋଡ଼ାଉଛି। ରାଜନେତାମାନେ ଦେଶର ସେବା କରିବା ନାଆଁରେ ରାଜନୀତିକୁ ସବୁଠୁ ବଡ଼ ଆୟଦାୟକ ବୃତ୍ତିରେ ପରିଣତ କରିପାରୁଛନ୍ତି। ଠିକାଦାରଟିଏ ଘର, ସେତୁ କି ରାସ୍ତା ନିର୍ମାଣରେ ଦାୟିତ୍ୱରେ ଥିବା ଉପରସ୍ଥ ଅଧିକାରୀଙ୍କୁ ସନ୍ତୁଷ୍ଟ କରି ଇମିତି କାମ ସଂପାଦନ କରୁଛି ଯେ ସେ କାମ ଧନ ଜୀବନ ହାନିକାରକ ବୋଲି ପ୍ରତିପାଦିତ ହେଉଛି ତ ଡାକ୍ତରବାବୁ ଘରୋଇ ଚିକିତ୍ସାରେ ଯେତେ ମନ ଦେଉଛନ୍ତି, ନିଜ ଦାୟିତ୍ୱରେ ତା'ଠାରୁ ଯଥେଷ୍ଟ କମ୍ ସମୟ ଦେଉଛନ୍ତି। ଶିକ୍ଷକ ଅଧ୍ୟାପକ କୋଚିଂରେ ଅଜସ୍ର ଆୟର ବାଟ ଦେଖୁଛନ୍ତି। ସାମ୍ବାଦିକ ବଂଧୁ ସାମ୍ବାଦିକତାକୁ ନିଷ୍କଳଙ୍କ କରିବା ଅପେକ୍ଷା ତାକୁ ଆୟୁଧ କରି ବ୍ୟକ୍ତିଗତ ଉଚ୍ଚାଭିଳାଷରେ ମନଯୋଗ ଦେଉଛନ୍ତି, ଇମିତି ସବୁ ବୃତ୍ତି କଥା କୁହାଯାଇପାରେ। ସାଧୁତା ବୃତ୍ତିମାନଙ୍କରୁ ବିଦାୟ ନେଉଛି, ଯଦିଓ ବ୍ୟତିକ୍ରମ ସବୁଠି ଅଛି।

ମୂଳ କାରଣଟି ଖୋଜିଲେ ବୁଝାଯିବ, ପ୍ରବୃତ୍ତିଗତ ଭାବରେ ଆମେ ପ୍ରତ୍ୟେକ ଗୋଟାଏ ଗୋଟାଏ ପ୍ରକାର ହେଲାବେଳେ ବୃତ୍ତିଗତ ଭାବରେ ଆମର ଆଉ ଗୋଟିଏ ମୁଖା ରହୁଛି। ମଣିଷଟି ପ୍ରଥମରୁ ଧରି ନେଉଛି, କଳେବଳେ କୌଶଳେ, ନୀତି ଅନୀତି ନିର୍ବିଚାରରେ ମୁଁ ମୋ' ବୃତ୍ତିରେ ଥାଇ ପ୍ରଥମେ ଯେତେ ପାରେ ସେତେ ଧନ ଅର୍ଜନ କରିବି। କ୍ଷୀର ବିକୁଥିବା ଲୋକଟି ପାଣି ମିଶେଇ ଖାଣ୍ଟି କ୍ଷୀର ବିକୁଛି ବୋଲି କହିବାପରେ। ଆମେ ଆମ ବୃତ୍ତିକୁ ବା ବୃତ୍ତିଗତ କର୍ତ୍ତବ୍ୟକୁ ନାନା ଭାବରେ କଳୁଷଯୁକ୍ତ କରନ୍ତି। ଲକ୍ଷ୍ୟ ଆୟ ଅଧିକା କରିବା। ତା ସାଂଗକୁ ଭାବନ୍ତି ବିଳାସ ବ୍ୟସନପୂର୍ଣ୍ଣ ଜୀବନଟିଏ ବଂଚିବା। ଆମର ଲକ୍ଷ୍ୟ ହେଉଛି, ଧନ ଅର୍ଜନ, ଗୃହନିର୍ମାଣ, ଧନ ସଂଚୟ, ଗାଡ଼ିଘୋଡ଼ା, ଅନ୍ୟମାନଙ୍କଠାରୁ ବଡ଼ହବା, ମାନସମ୍ମାନ ପାଇବା, ତା' ସହିତ ଉଦାର ମାନବିକତାର ବିଚାରକୁ ବଳିଦବା ଆମ ଅଗୋଚରରେ ଘଟିଯାଏ। ଆମେ ସବୁ ହୋଇପାରୁ, କିନ୍ତୁ ସାଧୁ ସଚ୍ଚୋଟ ମଣିଷଟିଏ ହେବା ଅସମ୍ଭବ ହେଇଯାଏ। ହେଇପାରେ ଆମେ ନିଜକୁ କହୁ ଜଣେ ସମାଜ ସେବକ, ମାତ୍ର ସମାଜକୁ ପରୋକ୍ଷ ଭାବରେ ଶୋଷଣ କରୁ, ପରାଙ୍ଗପୁଷ୍ଟ ପରି। ବୃତ୍ତି ଆମ ପ୍ରବୃତ୍ତି ଦ୍ୱାରା କବଳିତ ହୁଏ। ଜଣେ ପ୍ରବୃତ୍ତିରେ ଆତ୍ମକୈନ୍ଦ୍ରିକ, ସ୍ୱାର୍ଥପର, କ୍ଷମତା ଓ ସମ୍ମାନଲୋଭୀ, ବିଳାସପ୍ରିୟ, ଅସାଧୁ, ଅର୍ଥପିପାସୁ, ନୀତିହୀନ, ମିଥ୍ୟାଚାରୀ ହେଲେ ସିଏ ଯେଉଁ ବୃତ୍ତିରେ ରହୁନା କାହିଁକି ତା ପ୍ରବୃତ୍ତି ଅନୁସାରେ ଜୀବନଟିଏ ବଂଚିବ। ସେଥିରେ ବି ସେ ସଫଳ ହେଇପାରିବ। ସୁନାମ ଅର୍ଜନ କରିପାରିବ। ଅର୍ଥ ସଂଗ୍ରହ ହବ, ବଡ଼ ଦିଶିବ।

କିନ୍ତୁ ଭିତରଟା ଯେ ଫମ୍ପା, ଅସାର ଏକଥା ତା ଅନ୍ତରାତ୍ମା ବି ତାକୁ କହୁଥିବ। କେଉଁ ପ୍ରମତ୍ତତାର ନିଶାରେ ଥାଇ ସେ ବୁଝି ଅବୁଝା ହେଉଥିବ। ଭାବୁଥିବ, ସମାଜର, ଦେଶର, ଅନ୍ୟମାନଙ୍କର ସେ ଯେଉଁ ସେବା କରୁଛି ତା'ର ତୁଳନା ନାହିଁ। ସେପରି ଲୋକର କିଛି ମୌଳିକ ବିଚାର କି ଆଭିମୁଖ୍ୟ ନଥାଏ। ସେମାନେ ଲାଭ ଓ ଲୋଭ ପରି ଅନୈତିକ ବ୍ୟବସାୟିକ ଧର୍ମକୁ ନିଜର ସ୍ୱଧର୍ମ କରି ଦିଅନ୍ତି। ବୃତ୍ତିଗତ ନୈଷ୍ଠିକ ଧର୍ମଟିକୁ ଜାଣିଜାଣି ନ ଜାଣିଲା ପରି ଜଳାଂଜଳି ଦିଅନ୍ତି।

ଏବେ ଆମ ଦେଶ ତ ନାନା ସଂକଟ ଦେଇ ଗତି କରୁଛି। ବୁଦ୍ଧିଜୀବୀମାନେ, ପ୍ରକୃତ ଦେଶପ୍ରେମୀମାନେ ନିଶ୍ଚୟ ଗୁରୁତ୍ୱ ସହ ଏକଥା ଭାବୁଥିବେ, ସେଇସବୁ ସଙ୍କଟ ସହିତ ବୃତ୍ତିଗତ ସାଧୁତା ଭାରତରେ କେତେ ସୁରକ୍ଷିତ ତା'ର ତୁଳନାତ୍ମକ ସର୍ବେକ୍ଷଣରୁ ଯାଇ ଜଣାଯିବ। ଭ୍ରଷ୍ଟାଚାର, ଦୁର୍ନୀତି ଆମ ଦେଶର ଅନ୍ୟ ଏକ ଜାତୀୟ ସଂକଟ। ନାଗରିକ ଭାବରେ ବୃତ୍ତିଧାରୀମାନେ ବିଶେଷତଃ ଉଚ୍ଚ ସମ୍ମାନାସ୍ପଦ ବୃତ୍ତିରେ ଥିବା ଲୋକେ

କେବେ ଭାବିବେ, ଭାରତବର୍ଷକୁ ପ୍ରକୃତ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ଆମ ବୃତ୍ତିଗତ ସେବାକୁ ଉତ୍କୃଷ୍ଟ କରିବାକୁ ପଡ଼ିବ। ଉଦାହରଣ ସ୍ୱରୂପ, ସାଧାରଣ ଶିକ୍ଷକଟିଏ କ'ଣ ଖାଲି ଅଂକ, ଭୂଗୋଳ କି ସାହିତ୍ୟ ବୁଝେଇ ଦେଲେ ଏବଂ ପିଲାଙ୍କୁ ପରୀକ୍ଷାରେ ପାସ୍ କରେଇ ଦେଲେ ତା କାମ ହେଇଗଲା ନା ଶ୍ରେଣୀଗୃହରେ ଭାରତ ନିର୍ମାଣର ସ୍ୱପ୍ନ ରଚନା ଏବଂ ତଦନୁସାରେ କର୍ତ୍ତବ୍ୟ ସଂପାଦନାରେ ପ୍ରେରଣାପ୍ରଦ ଭୂମିକାଟିଏ ସେ ନିର୍ବାହ କରିବ। ସାମ୍ବାଦିକ ଜଣେ ସିଂହାସନର ପ୍ରୀତିଭାଜନ ହେଇ ରହିବ ନା ସାଧାରଣ ମଣିଷ, ଯିଏ ବଂଚିତ ଅବହେଳିତ, ତା' ପକ୍ଷରେ ରହିବ?

ମନେପକାନ୍ତୁ ରାମାୟଣର ସେଇ ଧୀବରକୁ, ଯିଏ ନଉକା ଚଳେଇବାକୁ ବୃତ୍ତି କରିଥିଲା। କିନ୍ତୁ ସେଇ ବୃତ୍ତିରେ ଥାଇ ଗୋଟିଏ ଦିବ୍ୟାନୁଭୂତି ପାଇଁ ତା' ଭିତରେ ଆକାଂକ୍ଷା ଥିଲା। ସମୟ ହେଲା ସେଇ ଛୋଟିଆ ବୃତ୍ତିରେ ଥାଇ ସିଏ ମହତ୍ୱର ଶୀର୍ଷରେ ପହଂଚିଲା। ଆମ ପାଦୁକା ତିଆରି କରୁଥିବା ସାଧାରଣ ମଣିଷଟି ତା' ବୃତ୍ତିରେ ଥାଇ ବି ସେପରି ଉପଲବ୍ଧି ପାଖରେ ପହଂଚିପାରେ। ବୃତ୍ତିର ଉପର କି ତଳ ପାହାଚରେ ଥିବା ସବୁ ମଣିଷ ପାଇଁ ତା' ସୀମା ଭିତରେ ଶ୍ରେୟ ପାଇବାର ପୂର୍ଣ୍ଣ ସୁଯୋଗ ଅଛି। ପ୍ରବୃତ୍ତିର ବିଷରେ ବୃତ୍ତିକୁ କଳୁଷିତ ନ କଲେ ସବୁ ବୃତ୍ତିରୁ ଆନନ୍ଦ ମିଳି ପାରିବ ଓ ଗୋଟାଏ ଦିବ୍ୟାନୁଭବର ଆଲୁଅ ଦିଶିବ। ଜଣେ ତଥାକଥିତ ଅସାଧାରଣ ହେଉ କି ଅକିଂଚନ ହେଉ କିଛି ଯାଏ ଆସେନା, ସବୁ ବୃତ୍ତି ସୁନ୍ଦର, ଶୁଭ ଓ ସତ୍ୟ ଦର୍ଶନର ବାଟ ଫିଟେଇପାରେ। ସେଇ ବାଟରେ ନିରଭିମାନ ହେଇ ଚାଲିବାରେ ହିଁ ଆତ୍ମତୃପ୍ତି। ଏଥିରେ ବୃତ୍ତିରୁ ଯେତିକି ମିଳୁଛି ଠିକ୍ ସେତିକିରେ କୁଟୁମ୍ବ ତ ପୋଷି ହବ, ତା' ଛଡ଼ା ଆତ୍ମିକ ବିକାଶର ମାର୍ଗଟିଏ ବି ଦିଶିବ। ତା ପାର୍ଥିବ ଆବଶ୍ୟକତା, ଯା ଖୁବ୍ ମୌଳିକ ଓ ପ୍ରାଥମିକ, ନିଶ୍ଚୟ ପୂରଣ କରିଦବ। ପ୍ରାଚୁର୍ଯ୍ୟ ନଥାଇପାରେ, କିନ୍ତୁ ସାଧୁତା ଓ ସତ୍ୟନିଷ୍ଠା ଥିଲେ ଯେଉଁ ଆତ୍ମିକ ଆନନ୍ଦ ଟିକକ ମିଳେ ତା ସେଇସବୁ ଅନୈତିକ ପଥରୁ ମିଳିଥିବା ବିଭବରୁ ମିଳେନା। ଥାଏ ସେଥିରେ ଗ୍ଲାନି। କିଛି ସଫଳତା ଗ୍ଲାନିଯୁକ୍ତ ଆଉ କିଛି ସରଳ ସ୍ୱାଭାବିକ ଶୁଦ୍ଧ ଆନନ୍ଦ ସମନ୍ୱିତ, ଯେଉଁ ବୃତ୍ତିରେ କି ଧନ୍ଦାରେ ଆପଣ ରୁହନ୍ତୁ, ଆପଣ ଗ୍ଲାନିଯୁକ୍ତ ସଫଳତା ପଛରେ ଧାଇଁ ପାରନ୍ତି ବା ଶୁଦ୍ଧ ଆନନ୍ଦକୁ ଆପଣେଇ ପାରନ୍ତି ତା ଆପଣଙ୍କ ପ୍ରବୃତ୍ତିଗତ ସ୍ୱଧର୍ମ।

କୋଟପୁର, ଯାଜପୁର
୭୫୫୦୦୮
ଫୋନ୍: ୯୯୩୭୫୫୧୫୭୭

# ମୋ ବାପା



ପ୍ରିୟମ୍ବଦା

ଆକାଶ ନିଜକୁ ତୁଚ୍ଛ ମଣିବ
ତୁମକୁ ଦେଖିଲା ପରେ
ବାପା ତୁମ ପରି ବିଶାଳ ହୃଦୟ
ସତେ ଅଛି କା ପାଖରେ?

ଯେତେ ରାଗିଲେ ବି, ମୋ ମୁହଁ ଦେଖିଲେ
ସବୁ ତୁମେ ଭୁଲିଯାଅ
ତମେ ଗାଳି କରି, ଭିତରେ ଭିତରେ
ନିଜେ ପରା କାନ୍ଦୁଥାଅ।

କୁବେର ନିଜକୁ ତୁଚ୍ଛ ମଣିବ
ଯେତେ ଥାଉ ଧନ ଦୌଲତ
ତୁମ ପାଖେ ପରା ସ୍ନେହର ଭଣ୍ଡାର
ତୁମ ପାଖେ ଅମୁଲ୍ୟ ସେ ତ।

ନିଜେ ନଖାଇ ବି ମୋ ପାଇଁ ବଳେଇ
ସବୁବେଳେ ରଖିଥାଅ
ଜଣା ନାହିଁ ମୋତେ, ମୋ ପେଟ ପୂରିଲେ
କେଉଁ ତୃପ୍ତି ତୁମେ ପାଅ ।

ସାଗର ନିଜକୁ ତୁଚ୍ଛ ମଣିବ
ଗଭୀରେତା ଏତେ ଥାଇ
ତୁମ ସ୍ନେହ ପ୍ରେମ ତାଠାରୁ ଗଭୀର
ତାର ସମତୁଲ କାହିଁ?

ଭାଗ୍ୟ ଥିଲା ମୋର ତୁମକୁ ପାଇଲି
ବାପାଙ୍କ ରୂପରେ ମୁହିଁ
ତୁମ ଛାଇ ବିନା ବଞ୍ଚି କି ପାରିବି
ତୁମ ଅଲିଅଳି ମୁହିଁ।

**ଭୁବନେଶ୍ୱର**



# ଭାଷଣ ଶୁଣିବାବେଳେ ଅନେକ ଢୁଳେଇଥାନ୍ତି କାହିଁକି

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଶୀତ ଆସିଗଲେ ଆମ ଦେଶରେ ଆରମ୍ଭ ହୋଇଯାଏ ବାର୍ଷିକ ଅଧିବେଶନ ଓ ସେମିନାରର ଋତୁ। ଏହାର ସଂଗଠନ ଦାୟିତ୍ୱରେ ରହିଥିବା କର୍ମକର୍ତ୍ତାମାନେ ବିଭିନ୍ନ ଶାଖାର ବିଶେଷଜ୍ଞମାନଙ୍କୁ ବକ୍ତୃତା ଦେବାପାଇଁ ଆମନ୍ତ୍ରଣ କରନ୍ତି। ସଂସ୍ଥା ଓ ଆସୋସିଏସନ୍‌ର ସଦସ୍ୟମାନେ ଉପସ୍ଥାପନ କରିଥାନ୍ତି ଗବେଷଣାନିବନ୍ଧମାନ। ଦେଶ ଭିତରୁ ଓ ଦେଶ ବାହାରୁ ନିମନ୍ତ୍ରିତ ହୋଇଆସିଥିବା ଅତିଥି ଓ ନିବନ୍ଧ ଉପସ୍ଥାପକମାନେ ଜଡ଼ିତ ହୋଇପଡ଼ନ୍ତି ଆଲୋଚନାରେ, ବିତର୍କରେ। ନିଜ ନିଜ ଭିତରେ ଭାବ ଆଦାନପ୍ରଦାନ କରନ୍ତି। ଏହା ଫଳରେ ଉଦ୍ଦିଷ୍ଟ ଶାଖାଗୁଡ଼ିକରେ ଜ୍ଞାନର ଓ ଧାରଣାର ପ୍ରସାର ଘଟେ। ବିକାଶ ପ୍ରକ୍ରିୟା ସୁଗମ ହୋଇଯାଏ। କୌଣସି ବିଷୟରେ ବିଶେଷ ଜାଣିନଥିବା ଯୋଗଦାନକାରୀମାନେ ଅଧିବେଶନର ଆଲୋଚନାରେ ନିଜ ଜ୍ଞାନବୃଦ୍ଧିର ସୁଯୋଗ ଲାଭକରୁଥିବାରୁ ଅଧିବେଶନଗୁଡ଼ିକ ହୋଇପଡ଼େ ଶିକ୍ଷାଗ୍ରହଣର ମାଧ୍ୟମ। ସେଥିପାଇଁ ଅଧିବେଶନ ବା କନ୍‌ଫରେନ୍‌ସ ଓ ସେମିନାର ବା ସଂସ୍ଥାପନାଗୁଡ଼ିକର ଅନୁକୂଳ ଅବଦାନ ସୁଦୂରପ୍ରସାରୀ।

ତେବେ ପ୍ରଶ୍ନ ଉଠେ, ବକ୍ତୃତା କକ୍ଷରେ ଶ୍ରୋତା ଭାବରେ ବସିଥିବା ସବୁ ପ୍ରତିନିଧି କଅଣ ବକ୍ତାଙ୍କ ବକ୍ତୃତାକୁ ମନଧ୍ୟାନ ଦେଇ ଶୁଣିଥାନ୍ତି ? ଆପଣ ଯଦି ଶ୍ରୋତାମାନଙ୍କୁ ଲକ୍ଷ୍ୟ କରିବେ, ତେବେ ଦେଖିବେ ଯେ ମଞ୍ଚ ଉପରେ ଠିଆ ହୋଇ ନିଜର ନିବନ୍ଧଙ୍କ ଭାଷଣ ଉପସ୍ଥାପନ କରୁଥିବା ବକ୍ତା ଜଣକ ତାଙ୍କ କାମ କରିଚାଲିଥାନ୍ତି ବିଶ୍ୱସ୍ତ ଭାବରେ। ହେଲେ ଶ୍ରୋତାମାନଙ୍କ ଏକାଗ୍ରତା ? ଅନେକ ସଂପୂର୍ଣ୍ଣ ନିବିଷ୍ଟ ରହିଥାନ୍ତି ଭାଷଣ ଶୁଣିବାରେ ସିନା, କେତେକ କିନ୍ତୁ ଧାର ଧାରୁନଥାନ୍ତି ଭାଷଣର। ସେମାନେ ଢୁଳାଇ ପଡ଼ିଥାନ୍ତି ନିଜ ସିଟ୍‌ରେ।

ହେଲେ ସେମାନେ କାହିଁକି ଢୁଳେଇ ପଡ଼ିଥାନ୍ତି ? ଢୁଳେଇ ପଡ଼ିଥାନ୍ତି କେତେଥର ? କଅଣ ବା ଏଥିରେ କ୍ଷତି ? ଏ ସଂକ୍ରାନ୍ତରେ ଏକ ଗବେଷଣା ନିବନ୍ଧ ପ୍ରକାଶ ପାଇଛି ୨୦୦୪ ମସିହାର "କାନାଡ଼ିଆନ୍ ମେଡ଼ିକାଲ ଆସୋସିଏସନ୍ ଜର୍ଣ୍ଣାଲ"ର




ଡ଼ିସେମ୍ବର ୭ ତାରିଖ ସଂଖ୍ୟାରେ। ନିବନ୍ଧଟିରେ ରସିକତା ରହିଛି, ବ୍ୟଙ୍ଗମଧ୍ୟ ରହିଛି। ନିବନ୍ଧକାର ଥିଲେ ତିନିଜଣ - ହାଲିଫାକ୍ସସ୍ଥିତ ଡାଲ୍‌ହାଉସୀ ୟୁନିଭରସିଟିର କେନ୍ନେଥ ରକ୍‌ଉଡ୍, କାଲ୍‌ଗାରିସ୍ଥିତ କାଲଗାରି ୟୁନିଭର୍‌ସିଟିର ଡାଭିଡ୍ ହୋଗାନ୍ ଏବଂ ହାମିଲ୍‌ଟନ୍ ସ୍ଥିତ ମାକ୍‌ମାଷ୍ଟର ୟୁନିଭରସିଟିର ଖ୍ରୀଷ୍ଟୋଫର୍ ପ୍ୟାଟର୍‌ସନ। ଅନୁଧ୍ୟାନଟି କରାଯାଇଥିଲା ଗୋପନୀୟଭାବରେ ଲୁଚିଛପି। କଅଣ ଥିଲା ଅନୁଧ୍ୟାନଟି ସଂପାଦନ କରିବାର ଉଦ୍ଦେଶ୍ୟ? ଅନୁଧ୍ୟାନକାରୀମାନେ ଜାଣିବାପାଇଁ ଚାହିଁଥିଲେ - ବୈଜ୍ଞାନିକ ଅଧିବେଶନଗୁଡ଼ିକରେ ଯୋଗଦାନକାରୀ ଡାକ୍ତରମାନେ ବକ୍ତୃତା ପରିବେଷିତ ହେଉଥିବାବେଳେ ପ୍ରାୟତଃ କେତେଥର ଢୁଳେଇ ପଡ଼ିଥାନ୍ତି ଏବଂ ଘୁମେଇ ପଡ଼ିଥାନ୍ତି କାହିଁକି ?

ସେହି ତିନିଜଣ ଗବେଷକ ଅନୁଧ୍ୟାନଟି ଚଳେଇଥିଲେ ଏକ ଦୁଇଦିନିଆ ବକ୍ତୃତା କାର୍ଯ୍ୟକ୍ରମରେ। କାର୍ଯ୍ୟକ୍ରମଟିରେ ୧୨୦ ଜଣ ଡାକ୍ତର ଯୋଗଦେଇଥିଲେ। ରକ୍‌ଉଡ୍ ଓ ତାଙ୍କର ସହଗବେଷକମାନେ ଲକ୍ଷ୍ୟକଲେ ଯେ ୧୫ ରୁ ୨୦ ମିନିଟିଆ ଭାଷଣରେ ଶୋଇଯାଇଥିବା ଡାକ୍ତରଙ୍କ ସଂଖ୍ୟା ଥିଲା ପାଖାପାଖି ୧୦ ପ୍ରତିଶତ। କିନ୍ତୁ ବକ୍ତୃତାର ଅବଧି ୩୦ ରୁ ୪୦ ମିନିଟ୍ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିଲେ ବକ୍ତୃତା ଶୁଣୁଶୁଣୁ ଘୁମେଇ ପଡ଼ିଥିବା ଡାକ୍ତରଙ୍କ ସଂଖ୍ୟା ୨୨ ପ୍ରତିଶତରୁ ବେଶି ହୋଇଗଲା। ଭାଷଣର ଅବଧି ଯେତେ ଅଧିକ, ଭାଷଣ ସମୟରେ ଶୋଇଯାଇଥିବା ଡାକ୍ତରଙ୍କ ସଂଖ୍ୟା ଥିଲା ସେତେବେଶି। କିନ୍ତୁ ପ୍ରଶ୍ନ ଉଠେ, ସେମାନେ କଅଣ ଆଖିବନ୍ଦ କରି ଭାଷଣକୁ ଏକାଗ୍ର ହୋଇ ଶୁଣୁଥିଲେ? ନା, ତାହା ନୁହେଁ। ବକ୍ତାଙ୍କ ଉପସ୍ଥାପନରେ ଅଭିଭୂତ ହୋଇ ମୁଣ୍ଡ ଟୁଙ୍ଗାରିବା ଓ ଢୁଳେଇପଡ଼ି ମୁଣ୍ଡକୁ ତଳ ଉପର କରିବାର ପାର୍ଥକ୍ୟ ବାରିବାପ୍ରତି ଗବେଷକମାନେ ସଂପୂର୍ଣ୍ଣ ସଚେତନ ଥିଲେ।

ହେଲେ ବକ୍ତୃତା ଶୁଣିବାପାଇଁ ଯାଇ ବକ୍ତୃତା ଚାଲିଥିବାବେଳେ ଶ୍ରୋତାପୁଣି ଘୁମେଇ ପଡ଼ିଥାନ୍ତି କାହିଁକି? ଏହାର ରହିଛି ଏକାଧିକ କାରଣ। ଯେପରିକି ଭାଷଣ ଆରମ୍ଭ ହେଲେ କକ୍ଷ ଭିତରକୁ ଅନ୍ଧାରିଆ କରିଦିଆଯାଏ। କକ୍ଷ ଭିତରର ତାପମାତ୍ରା ମଧ୍ୟ ଥାଏ ବେଶ୍ ଅନୁକୂଳ। ବସିବାସିଟ୍ ବି ଅତି ଆରାମଦାୟକ। ଏପରି ପରିବେଶରେ ତ ଶ୍ରୋତାମାନଙ୍କ ଆଖିକୁ ନିଦ ମାଡ଼ିଆସିବା ସ୍ୱାଭାବିକ। ଏହାଛଡ଼ା ଭାଷଣ ଉପସ୍ଥାପନବେଳେ ବକ୍ତାଙ୍କଦ୍ୱାରା ପ୍ରଦର୍ଶିତ ହେଉଥିବା ସ୍ଲାଇଡ୍‌ଗୁଡ଼ିକ ହୁଏତ ଭଲ ପଢ଼ିହେଉନଥାଏ କି ବିଶେଷ ଆକର୍ଷଣୀୟ ହୋଇନଥାଏ। କେହି କେହି କେହି ବକ୍ତା ମାଇକ୍‌କୁ ପାଟିପାଖରେ ନରଖିଥିଲେ ତାଙ୍କଭାଷଣ ଭଲ ଶୁଣି ନହେବାର ମଧ୍ୟ

ଅସ୍ୱାଭାବିକତା କିଛିନାହିଁ। ସେହିପରି ପେଟପୂରା ସକାଳ ଜଳଖିଆ ଓ ଅପରାହ୍ଣର ପେଟପୂରା ଭୋଜନ ପରେ ଅନ୍ଧକାର ଘରେ ତଥା ଅନୁକୂଳ ପରିବେଶରେ ବସିଗଲେ ନିଦତ ଆସି ପହଞ୍ଚିଯିବ ବିନା ଡାକରାରେ। ପୁଣି କେତେକ ବକ୍ତାଙ୍କ କଣ୍ଠସ୍ୱର ଓ ଉପସ୍ଥାପନା ଶୈଳୀ ଏତେ ନୀରସ ଥାଏ ଯେ ତାହା ନଶୋଇବା ଶ୍ରୋତାକୁ ବି ଶୁଆଇପକାଏ। ଏତଦ୍‌ବ୍ୟତୀତ ସବୁଶ୍ରୋତାଙ୍କ ପାଖରେ ଏବେ ସ୍ମାର୍ଟଫୋନ୍ ଓ ଅନେକଙ୍କ ପାଖରେ ମିନି ଲ୍ୟାପଟପ୍। ତେଣୁ ବକ୍ତା ବକ୍ତୃତା ଆରମ୍ଭ କରିବାମାତ୍ରେ ଶ୍ରୋତାମାନଙ୍କ ଭିତରୁ କେହି କେହି ସ୍ମାର୍ଟଫୋନ୍‌ରେ କଥୋପକଥନ ଆରମ୍ଭ କରିଦିଅନ୍ତି ତ କେହି କେହି ଖୋଲିବସନ୍ତି ମିନିଲ୍ୟାପଟପ୍। ଏପରି ନକରିବା ପାଇଁ ସତର୍କ କରିଦେଲେ ଶାୟିତଶ୍ରୋତାଙ୍କ ସଂଖ୍ୟା ଆହୁରି ବଢ଼ିଯିବ ବୋଲି ଆଶଙ୍କା ରହିଛି।

ଅନୁଧ୍ୟାନକାରୀମାନେ ମଧ୍ୟ କକ୍ଷ ଭିତରେ ଶୋଇଯାଇଥିବା ଶ୍ରୋତାମାନଙ୍କୁ ସାକ୍ଷାତ୍‌କରି ଅତି ଭଦ୍ରଭାବରେ ପଚାରିଥିଲେ ସେମାନଙ୍କ ଶୋଇଯିବାର କାରଣ। ସେମାନଙ୍କୁ ଯେତେବେଳେ କୁହାଗଲା ଯେ ସେ ଏକୁଟିଆ ନୁହଁନ୍ତି, ତାଙ୍କରିଭଳି ଆହୁରି କେତେକ ଶ୍ରୋତାମଧ୍ୟ ଭାଷଣ ଶୁଣୁଶୁଣୁ ଢୁଳେଇ ପଡ଼ିଥିଲେ, ସେତେବେଳେ ସେମାନେ ଖୁବ୍ ଖୁସି ହୋଇଯାଇଥିଲେ। କାରଣ ସେ ଏକମାତ୍ର ଦୋଷୀ ନଥିଲେ, ଆହୁରି କେତେକ ବି ଥିଲେ ସମାନ ଦୋଷରେ ଦୋଷୀ। ତାଙ୍କୁ ଯେତେବେଳେ ପଚରାଗଲା, ଦରକାର ପଡ଼ିଲେ ଆପଣ କଅଣ ପୁନର୍ବାର ଏପରି ବକ୍ତୃତା ଶୁଣିବାପାଇଁ ଆସିବେ? ସେମାନଙ୍କ ଭିତରୁ କେତେକଙ୍କ ଉତ୍ତରଥିଲା, "ନିଶ୍ଚୟ। ଶୋଇଯିବାପାଇଁ ଏହା ଏକ ସୁନ୍ଦର ସୁଯୋଗ।" ଅନ୍ୟ କେହି କେହି ଉତ୍ତର ଦେଇଥିଲେ, "କନ୍‌ଫରେନ୍‌ସ କି ସେମିନାରରେ ଯୋଗଦେବାର ବ୍ୟୟ ଅନ୍ୟମାନେ ବହନ କଲେ, ସେମାନେ ବାରଂବାର ଆସି ସେସବୁଥିରେ ଯୋଗଦେବେ, କୌଣସି ଆପତ୍ତି କରିବେନି।" ପୁନଶ୍ଚ ପଚରାଗଲା, "କାହା ଦୋଷରୁ ଆପଣ ଭାଷଣ ଶୁଣୁଶୁଣୁ ଶୋଇପଡ଼ିଲେ?" ଅଧିକାଂଶଙ୍କ ଉତ୍ତରଥିଲା, "ଏହା ସଂପୂର୍ଣ୍ଣଭାବରେ ବକ୍ତାଙ୍କ ଦୋଷ!" ଅଳ୍ପ କେଇଜଣ ମାତ୍ର କହିଥିଲେ ଯେ ଦୋଷଟା ବକ୍ତାଙ୍କର ନୁହେଁ, ଦୋଷଟା ପୂରାପୂରି ସେମାନଙ୍କର।

ଏବେ ଭାବନ୍ତୁ ତ, କଅଣ ଏହାର ପ୍ରତିକାର ବ୍ୟବସ୍ଥା? ବକ୍ତାମାନେ ଏଥିରୁ କ'ଣ ଶିଖିଲେ? ଏଣିକି ସେମାନେ କଅଣ କଅଣ କଲେ ଶ୍ରୋତାମାନେ ବଡ଼ ଆଗ୍ରହରେ ଭାଷଣ ଶେଷହେବା ପର୍ଯ୍ୟନ୍ତ ଏକାଗ୍ରହୋଇ ଶୁଣିପାରିବେ? ବକ୍ତୃତା ଦେବାସମୟରେ ସ୍ଲାଇଡ୍ ଓ ଭିଡ଼ିଓ ଦେଖାଇବାପାଇଁ ପଡୁଥିବାରୁ ବକ୍ତୃତା କକ୍ଷକୁ ଅନ୍ଧାରିଆ ନକରି ଗତିନାହିଁ। ଏ ସଂପର୍କରେ ବକ୍ତାମାନଙ୍କୁ ପରାମର୍ଶ ଦେଇ ଏକ ନିବନ୍ଧରେ କୁହାଯାଇଛି ଯେ ବକ୍ତୃତାର ସବୁତକ ସମୟ ବାଚିକ ବା ମୌଖିକ ବକ୍ତୃତା ଦେଲେ ଚଳିବନି। ବକ୍ତୃତାର ୩୭ ପ୍ରତିଶତ ହେବ ବିଷୟଆଧାରିତ, ୨୯ ପ୍ରତିଶତ ହେବ ଛବି/ଚିତ୍ର ଆଧାରିତ ହେବ ଏବଂ ୩୩ ପ୍ରତିଶତ ହେବ ଭିଡ଼ିଓ ଆଧାରିତ। ବକ୍ତାମାନେ ଏହାକୁ ପରୀକ୍ଷାକରି ଦେଖିପାରନ୍ତି। ତାହାଛଡ଼ା, ସ୍ଲାଇଡ୍‌ରେ ପ୍ରଦର୍ଶିତ ଲେଖାର ଦୈର୍ଘ୍ୟ ଓ ଉଚ୍ଚତାର ଅନୁପାତ ରହିବ ୫:୩। ଅକ୍ଷରଗୁଡ଼ିକର ଆକାର ବଡ଼ ହୋଇଥିଲେ ତାକୁ ସହଜରେ ପଢ଼ିହେବ। ପୁଣି ବ୍ୟାକ୍‌ଗ୍ରାଉଣ୍ଡ ବା ପୃଷ୍ଠପଟର ରଙ୍ଗ କଳା କିମ୍ବା ଈଷତ୍ ନୀଳଥାଇ ଅକ୍ଷରଗୁଡ଼ିକ ରଙ୍ଗିନ ହେବା ବାଞ୍ଛନୀୟ। ଏତଦ୍‌ବ୍ୟତୀତ ବକ୍ତୃତାପ୍ରଦାନକାରୀ ଧୀରେ ଧୀରେ କହିବେ, ସ୍ପଷ୍ଟଭାବରେ କହିବେ ଏବଂ କହିବେ ମାଇକ୍ ପାଖରେ ମୁହଁରଖି।

ତେବେ ଆମକୁ ନିଦମାଡ଼େ କାହିଁକି? ଏ ସଂପର୍କରେ ଜାପାନୀ ଓ ଚୀନ୍ ବୈଜ୍ଞାନିକମାନେ କିଛିଦିନ ତଳେ ପରିବେଷଣ କରିଛନ୍ତି ଏକ ନୂତନ ତଥ୍ୟ। ସେମାନେ ଜଣେଇଛନ୍ତି - ମସ୍ତିଷ୍କରେ ରହିଛି ନ୍ୟୁକ୍ଲିୟସ୍ ଆକ୍ୟୁମ୍ବେନ୍ସ ନାମକ ଅଂଶ। ଏହା ଏ-ଟୁ-ଏ (A2A) ନାମକ ରିସିପ୍ଟର ଅଣୁଗୁଡ଼ିକୁ ସକ୍ରିୟ କରିଦେଇ ଆମଠାରେ ନିଦକରାଏ। ହେଲେ, A2A ରିସିପ୍ଟରଗୁଡ଼ିକୁ କ୍ରିୟାଶୀଳ କରାଏ ଆଡ଼େନୋସିନ୍ ଏବଂ ନିଦ୍ରାସୃଷ୍ଟିକାରୀ ଅନ୍ୟକେତେକ ଅଣୁ। ନିଦ ନହେଲେ ନିଦ ହେବାପାଇଁ ଆମେ ଯେଉଁ ବଟିକା ଖାଉ, ତାହା ଏହି A2A ରିସିପ୍ଟର ଉପରେ କ୍ରିୟାକରି ନିଦ ଜାତକରେ। ଅନ୍ୟ ପକ୍ଷରେ କଫି କି ଚା ପିଇଲେ, ସେଥିରେ ରହିଥିବା କାଫିନ୍ ନାମକ ଉପାଦାନ A2A ରିସିପ୍ଟର ଉପରେ ପ୍ରତିବନ୍ଧକ ଭାବେ କାମ କରିବାରୁ ଆମକୁ ନିଦମାଡ଼େନାହିଁ।

ତେଣୁ କୌଣସି ଭାଷଣ ଶୁଣିବାପାଇଁ ଯିବାପୂର୍ବରୁ କପେ କଫି କି ଚା ପିଇଦେଲେ ଆଉ ନିଦମାଡ଼ିବନି। ତାହାଛଡ଼ା ନିଜେ ବକ୍ତାଭାବରେ ଯୋଗଦେବାକୁ ପଡ଼ିଲେ ଉପରେ ବର୍ଣ୍ଣିତ ପରାମର୍ଶଗୁଡ଼ିକୁ ଧ୍ୟାନରେ ରଖିବେ।

ସେ ଯାହାହେଉ, ଶ୍ରେଣୀଗୃହରେ ଛାତ୍ରଛାତ୍ରୀମାନଙ୍କୁ ଯେଉଁମାନେ ପଢ଼େଇଥାନ୍ତି ବା ଶିକ୍ଷାଦେଉଥାନ୍ତି, ସେମାନଙ୍କୁ ଶିକ୍ଷକ ବୋଲି କହନ୍ତି। ଯେଉଁମାନେ ଶ୍ରେଣୀଗୃହରେ 'ଲେକ୍‌ଚର' ମାରିଥାନ୍ତି, ସେମାନଙ୍କୁ କୁହାଯାଏ ଲେକ୍‌ଚରର୍। ହେଲେ ଲେକ୍‌ଚର ବୋଇଲେ କଅଣ? ଏହାର ସଂଜ୍ଞା ଦେବାକୁ ଯାଇ କେହିଜଣେ କହିଛନ୍ତି - "ବକ୍ତାଙ୍କ ନୋଟ୍‌ଖାତାରେ ପୃଷ୍ଠାରେ ଲେଖାଥିବା ବିଷୟକୁ ଶ୍ରୋତାଙ୍କ ନୋଟ୍‌ଖାତାରେ ପୃଷ୍ଠାକୁ ସ୍ଥାନାନ୍ତର କରିଦେବାର ପ୍ରକ୍ରିୟା ହିଁ ହେଉଛି 'ଲେକ୍‌ଚର' ଏବଂ ଲେକ୍‌ଚର ବିଷୟଟିକୁ ବକ୍ତା ବୁଝିନଥାନ୍ତି କି ବୁଝିପାରିନଥାନ୍ତି ଶ୍ରୋତା!"

ହେଲେ ଶିକ୍ଷକମାନେ ପଢ଼େଇବାବେଳେ କି ବକ୍ତାର ଭାଷଣ ଦେବାବେଳେ ଘୁମେଇପଡ଼ିବା ବା ଢୁଳେଇପଡ଼ିବାର ଅଭିଜ୍ଞତା ଊଣାଅଧିକେ ଆମ ସମସ୍ତଙ୍କର ଅଛି। ଏପରିକି ଉପରେ ବର୍ଣ୍ଣିତ ଅନୁଧ୍ୟାନଟିର ଅନ୍ୟତମ ଅନୁଧ୍ୟାନକାରୀ ଖ୍ରୀଷ୍ଟୋଫର ପ୍ୟାଟରସନ୍‌ଙ୍କୁ କନ୍‌ଫରେନ୍‌ସଗୁଡ଼ିକରେ ବାରଂବାର ଘୁମେଇ ପଡୁଥିବାର ଦେଖି ଏପରି ଏକ ଅନୁଧ୍ୟାନ କରିବାର ଧାରଣା ହିଁ ଜନ୍ମନେଇଥିଲା।

**ଅଭୀପ୍‌ସା**
**ସେକ୍ଟର-୬, ପ୍ଲଟ୍ ନଂ-୧୧୩୧**
**ଅଭିନବ ବିଡ଼ାନାସୀ, କଟକ**
**ପିନ୍ - ୭୫୩୦୧୪**

# ଆତଙ୍କ ଓ ଅହିଂସା



## ତୁଳସି ଜୈନ

ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ କେବଳ ଭାରତ ନୁହେଁ ସମଗ୍ର ପୃଥିବୀର ଆତ୍ମା ଆତଙ୍କର ଦଂଶନ ଦ୍ୱାରା ରକ୍ତାକ୍ତ ହୋଇଛି । ଆତଙ୍କବାଦୀଙ୍କ ମନରେ କୌଣସି ଏକ କୋଣରେ କରୁଣା ଲୁଚି ରହିଛି - ଏ ବିଶ୍ୱାସ କିଛି ସକାରାତ୍ମକ ଦୃଷ୍ଟି ସଂପନ୍ନ ଲୋକଙ୍କ ରହିଥିଲା । କାଁ ଭାଁ ଘଟନା ଛାଡ଼ିଦେଲେ ସେମାନେ ଶିକ୍ଷାୟତନ, ପ୍ରେକ୍ଷାଳୟ, ଧାର୍ମିକ ସ୍ଥଳ, ସାର୍ବଜନୀନ ସମାବେଶ, ରେଳୱେ ଷ୍ଟେସନ, ଉଡ଼ାଜାହାଜ ପଡ଼ିଆ, ବସଷ୍ଟେଣ୍ଡ ଆଦିକୁ ଟାର୍ଗେଟ କରୁନଥିଲେ । କିନ୍ତୁ ବର୍ତ୍ତମାନ ସେମାନେ କୌଣସି ସଂଭ୍ରମତା ନ ରଖି ନିର୍ଲଜତା ଓ ନିର୍ମମତାର ସମସ୍ତ ଲକ୍ଷ୍ମଣ ରେଖା ଅତିକ୍ରମ କରି ସାରିଲେଣି । ପାକିସ୍ଥାନର ପେଶାୱର ସାମରିକ ସ୍କୁଲର ଶିଶୁ ସଂହାର ତଥା ଅଷ୍ଟ୍ରେଲିଆର ସିଡ଼ିନି ସହରରେ ଲିଣ୍ଟ ଚକଲେଟ କୈଫେରେ କିଛି ଲୋକଙ୍କୁ ହୋଷ୍ଟେଜ କରି ରଖିବା ଏହାର ସଦ୍ୟତମ ଉଦାହରଣ। ଆତ୍ମା ସତେ ଯେପରି ମରିଗଲାଣି । ମସ୍ତିଷ୍କ ସହିତ ହୃଦୟ ବି ଜଡ଼ ପାଲଟି ଯାଇଛି । ଶକ୍ତି ସଂବେଦନାଶୂନ୍ୟ ହେଲେ ଏପରି ମର୍ମନ୍ତୁଦ ଅବସ୍ଥା ସୃଷ୍ଟି ହୋଇଥାଏ ।

ଆତଙ୍କବାଦକୁ ସଂବଳ ଓ ସଂପୋଷଣ ପ୍ରଦାନ କରୁଥିବା ପାକିସ୍ଥାନ ଆଜି ନିଜେ ପୀଡ଼ିତ । ପାକିସ୍ଥାନ ସ୍ୱାଧୀନତା ସଂଗ୍ରାମର ଆଖ୍ୟା ଦେଇ ଜାମ୍ମୁକାଶ୍ମୀରରେ ଆତଙ୍କକୁ ଗତି ପ୍ରଦାନ କରିଆସିଛି । ସୀମାପାରି ଆତଙ୍କବାଦ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରି ସେମାନଙ୍କ ଅନୁପ୍ରବେଶ କରିବାରେ ସାମରିକ ସାହାଯ୍ୟ ପ୍ରଦାନ କରୁଛି । ଗୁଡ ଟେରରିଜମ ଓ ବେଡ ଟେରରିଜମ ରୂପରେ ନିଜକୁ ସୁହାଇଲା ଭଳି ବ୍ୟାଖ୍ୟା କରିଆସିଛି । ପାଖାପାଖି ଅଢ଼େଇ ଲକ୍ଷ ପାକିସ୍ଥାନୀ ଜନତାଙ୍କ ହାତରେ କ୍ଲାସନିକୋଭ ବା ଏ କେ ୪୭ ଧରାଇବାର ପାପ କରିଛି । ଏବେ ପାଞ୍ଚ ଲକ୍ଷ ପଚାଶ ହଜାର ସଂଖ୍ୟା ବିଶିଷ୍ଟ ପାକ ସେନାବାହିନୀ ଏମାନଙ୍କୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇପଡ଼ିଛନ୍ତି । ଆମେରିକାର ତତ୍କାଳୀନ ବିଦେଶମନ୍ତ୍ରୀ ହିଲାରି କ୍ଲିଣ୍ଟନ୍ ଥରେ କହିଥିଲେ ଯେ ନିଜ ବେକରେ ବିଷଧର ସାପ ଗୁଡ଼ାଇ ଯଦି ପାକିସ୍ଥାନ ଭାବୁଥାଏ ଯେ ଏହି ସାପ କେବଳ ପଡ଼ୋଶୀକୁ ହିଁ କାମୁଡ଼ିବ, ତେବେ ତାହା ଭ୍ରମ ମାତ୍ର ସିଦ୍ଧ ହେବ । ଆଫଗାନିସ୍ଥାନରୁ ନାଟୋ ସୈନ୍ୟ ପ୍ରତ୍ୟାହାର ହେଲା ପରେ ପାକିସ୍ଥାନର କିଭଳି ସ୍ଥିତି ହେବ, ଭାବିଲେ ହୃତ୍କଂପନ ସୃଷ୍ଟି ହୋଇଛି । ଭାରତକୁ ମଧ୍ୟ ନିଦ୍ରା,ତନ୍ଦ୍ରା ତ୍ୟାଗକରି ସମୁଚିତ ବ୍ୟବସ୍ଥା କରିବାକୁ ହେବ । ସତତ ଜାଗରୁକତା ରୂପରେ ସ୍ୱାଧୀନତାର ମୂଲ୍ୟ ଦେବାକୁ ପ୍ରସ୍ତୁତ ହେଲେ ନିୟତି ମଧ୍ୟ ଆମକୁ ସହଯୋଗ କରିବ ।

ଧର୍ମ ନାଆଁରେ ନିର୍ଦ୍ଦୋଷ ଓ ନିରପରାଧ ଲୋକଙ୍କ ବର୍ବରତମ ହତ୍ୟା ଆଜି ସମଗ୍ର ବିଶ୍ୱ ସମ୍ମୁଖରେ ଏକ ଆହ୍ୱାନ ହୋଇ ଛିଡ଼ା ହୋଇଛି । ପବିତ୍ର ଇସଲାମ ଧର୍ମ ଓ ମହାପୁରୁଷ ମହମ୍ମଦଙ୍କ ଆଦର୍ଶଠାରୁ ଦୂରେଇ ଉଗ୍ର ଧର୍ମାନ୍ଧତାର ସଂରକ୍ଷକ ହେବାରେ ସେମାନଙ୍କୁ ଆନନ୍ଦ ମିଳୁଛି । ଜେହାଦ୍ ସତେ ଯେପରି ତୃତୀୟ ବିଶ୍ୱଯୁଦ୍ଧ ରୂପରେ ଉଭା ହେବାକୁ ଆତୁର । ତେବେ ଆତଙ୍କବାଦୀ ଯେଉଁ ଦେଶ, ଜାତି ବା ସଂପ୍ରଦାୟର ହୋଇ ଥାଆନ୍ତୁ ନା କାହିଁକି, ସେହି ଦେଶ, ଜାତି ଓ ସଂପ୍ରଦାୟ ହୃଦୟରୁ ଏହି କ୍ରୁର ଲୋକଙ୍କ ପାଇଁ ଭର୍ତ୍ସନା ତୀବ୍ର ଉତ୍ତୋଳିତ ହେଲେ, ସମାଧାନ ସହଜ ହେବ । ସେମାନେ ନିଜ ଆତ୍ମୀୟଜନଙ୍କଦ୍ୱାରା ତିରସ୍କୃତ ହେବେ, ଆଶ୍ରୟ କିମ୍ବା ସହଯୋଗ ପାଇବେ ନାହିଁ, ତାହା ହେଲେ ସେମାନଙ୍କ ଚୈତନ୍ୟୋଦୟ ହେବ । ସମାଜର ସଂବେଦନଶୀଳ ତଥା ସମ୍ୟକ୍ ଦୃଷ୍ଟି-ସଂପନ୍ନ ତତ୍ତ୍ୱ, ଏହି ପଥଭ୍ରଷ୍ଟ ଯୁବକମାନଙ୍କ ଜୋରଦାର ଢ଼ଙ୍ଗରେ ବିରୋଧ କରିଲେ, ହୋଇପାରେ ଏମାନଙ୍କ ସୁପ୍ତ ଚେତନା ଚେଇଁ ଉଠିବ । ସଂଖ୍ୟାଗରିଷ୍ଠ ସଂପ୍ରଦାୟ ମଧ୍ୟ ଉପଶାନ୍ତ ପ୍ରସଙ୍ଗଗୁଡ଼ିକ ଉଦ୍ଦୀପ୍ତ ନ କରି ସଂଯମର ପରିଚୟ ଦେବା ଉଚିତ୍ । ମର୍ଯ୍ୟାଦାହୀନ ଭାଷା ଓ କର୍ମରୁ କ୍ଷାନ୍ତ ରହିଲେ ସଂଖ୍ୟା ଲଘୁଙ୍କ ମଧ୍ୟରେ ଅନୁକୂଳ ପ୍ରତିକ୍ରିୟା ଜାତ ହେବ ।

ଏଭଳି ବିକଟ ପରିସ୍ଥିତିରେ ଅହିଂସା ଅସହାୟ ଜଣା ପଡୁଛି । ବାପୁ ବଞ୍ଚିଥିଲେ କ'ଣ କରିଥାନ୍ତେ ? ହିଂସାର ଉତ୍ତର ପ୍ରତିହିଂସା, ଆତଙ୍କର ଜବାବ ହତ୍ୟା - ଏହା ହେଉଛି ସମସ୍ୟା ସମାଧାନର ତାତ୍କାଳୀନ ନୀତି ବା ସର୍ଟ ଟର୍ମ ପୋଲିସି । କିନ୍ତୁ ଦୀର୍ଘକାଳୀନ ନୀତି ବା ଲଙ୍ଗ ଟର୍ମ ପୋଲିସି ରୂପରେ ଅହିଂସାକୁ ହିଁ ସ୍ୱୀକାର କରିବାକୁ ହେବ । କିନ୍ତୁ ଦୀର୍ଘକାଳୀନ ନୀତି ବା ଲଙ୍ଗ ଟର୍ମ ପୋଲିସି ରୂପରେ ଅହିଂସାକୁ ହିଁ ସ୍ୱୀକାର କରିବାକୁ ହେବ । ଅହିଂସା-ପ୍ରଶିକ୍ଷଣର ସମୁଚିତ ବ୍ୟବସ୍ଥା ଦ୍ୱାରା ଅହିଂସା ସଂସ୍କାରର ନିର୍ମାଣ ହେବ ଓ ବିଶ୍ୱ ଶାନ୍ତିକୁ ସ୍ଥିରର ଆଧାର ମିଳିବ ।

ଉଗ୍ର ସାଂପ୍ରଦାୟିକତା, ଜାତୀୟ ସଂଘର୍ଷ, ସତ୍ତା ଲୋଲୁପତା, ବଜାର ଉପରେ ଅଧିକାର, ନିଶାଦ୍ରବ୍ୟର କାରବାର, ଅପରାଧ - ଏସବୁ ହିଂସା ଓ ଆତଙ୍କବାଦକୁ ବୃଦ୍ଧି କରିଥାନ୍ତି । ତେବେ ଏମାନେ ହିଂସାର ମୂଳମଞ୍ଜି ନୁହନ୍ତି । ଏମାନେ ହିଂସାର ପତ୍ର, ପୁଷ୍ପ ଓ ଫଳ । କ୍ରୋଧର ଆବେଗ, ଅହଂକାର, ଲୋଭ, ଭୟ, ଘୃଣା, ସ୍ୱାର୍ଥ ଓ କାମବାସନା ଆଦି ବାସ୍ତବରେ ହିଂସାର ମୂଳତତ୍ତ୍ୱ ଅଟନ୍ତି । ଏମାନଙ୍କ ସାମ୍ନାରେ ଶାନ୍ତି ମୈତ୍ରୀ, ସନ୍ତୋଷ, ସାହସ, ପ୍ରେମ, ସୌହାର୍ଦ୍ଦ୍ୟ ଓ ପ୍ରଗତି ତଥା ସର୍ବୋପରି ବିଶ୍ୱାସକୁ ପ୍ରତିଷ୍ଠିତ କରିବାକୁ ହେବ । ଆତଙ୍କବାଦର ମୂଳୋତ୍ପାଟନ କରିବାକୁ ଚାହୁଁଥିବା ଲୋକମାନେ ଏହା ସ୍ପଷ୍ଟ ବୁଝି ପାରିଲେ, ଅହିଂସାର ସୁବ୍ୟବସ୍ଥିତ ବୀଜବପନ ଓ ପ୍ରଶିକ୍ଷଣ ମାଧ୍ୟମରେ ଆତଙ୍କର ସ୍ଥାୟୀ ସମାଧାନ ପଥ ପାଇପାରିବେ । କିନ୍ତୁ ଏହା ସହିତ ଆତଙ୍କବାଦ ପ୍ରତି ଜିରୋଟଲରେନ୍ସ ଅଥବା ଶୂନ୍ୟ ସହନଶୀଳତାର ସିଦ୍ଧାନ୍ତକୁ ମଧ୍ୟ ସ୍ୱୀକାର କରି ଦୃଢ଼ତାର ପରିଚୟ ଦେବାକୁ ହେବ ।

ତୁଷରା,ବଲାଙ୍ଗୀର
ଦୂରଭାଷ-୭୯୭୮୦୮୨୭୬୬

# ଫଗୁଣ କୁ



ସମରଜିତ୍ ପଟ୍ଟନାୟକ

ଫଗୁଣରେ ତୋ ରୂପର ପାଣିଚିଆ ଖରାରେ କୁହୁଳି
ସ୍ମୃତି ଯେତେ,
ଶୀତ ଆଉ ପତ୍ରଝରା ମୁହୂର୍ତ୍ତ ସବୁର ,
ଫୁଲ ହୋଇ ଫୁଟିଲାଣି
ଅସୁମାରୀ ରସାଳ ଶାଖାରେ;
କୋହ ଆଉ ଲୁହ ଯେତେ
ଜହ୍ନିଫୁଲ ଜହ୍ନମାନଙ୍କର
ତୋ ଆଖିର ନିଳିମାରେ ଜୁଡୁବୁଡୁ ହୋଇ,
ହୁତୁହୁତୁ ଜଳିଲେଣି ପବନରେ
କେରି କେରି କିଂଶୁକ ହୋଇ,
ବୟସର ଅରଣ୍ୟରେ
କାମନାର କୃଷ୍ଣସାର ଯେତେ
ଯୌବନର ଜୋଛନାରେ
ଭିଜି ଭିଜି ଅସ୍ଥିର ହେଲେଣି,
ଅସ୍ଥିର ହେଲେଣି ପୁଣି
ଚଇତ୍ରର ଅଭିସାର ପାଇଁ ।

ଦୂରଭାଷ - ୯୮୬୧୧୨୧୨୦୫
ଖୋର୍ଦ୍ଧା



# ଆତ୍ମାର ଚଦର

ବୈଜୟନ୍ତୀ ପଟ୍ଟନାୟକ



ସାତସିଆଁ କନ୍ଥା ପରି
ସିଇଁଛି ମୁଁ ସମୟକୁ
ଧୈର୍ଯ୍ୟର ସାତଗଣ୍ଠି ଦେଇ
କଷାଇଚି ବୈରାଗ୍ୟର ରଙ୍ଗେ,
ଲୁହର ମୋତି ଜଡ଼େଇଚି
ହସର ଫୁଲ ଫୁଟେଇଛି
କିନାରା ବାନ୍ଧିଛି
ଅନୁଭୂତିର ନବରତ୍ନ ଛାଇ
ପଣତ ସଜେଇ ପ୍ରେମରେ ତୁମର
ମମତାରେ ଭିଜେଇଚି ଏଇ ମୋର
ଆତ୍ମାର ଚଦର, ରଖିଛି ସାଇତି
ତୁମ ନାମେ ମନ୍ତ୍ରିତ କରି !

ଠାକୁର ହେ!
ଜିଇ ନାହିଁ ଏ ଜୀବନ ମନଭରି
ଦିଅ ଯଦି ଆଉ ଏକ ଜନ୍ମ
ସାଥେ ନେଇ ଆସିଥିବି ଏଇ ମୋ ଚଦର -
ଧୂଳିମାଟି ଜଞ୍ଜାଳର ଜୀବନକୁ ଛାଡ଼ି
ଆଲୋକିତ ଦୁନିଆରେ
ତୁମ ସ୍ପର୍ଶ ଅନୁଭବି ପ୍ରତି ମୁହୂର୍ତ୍ତରେ -
ପୁଣ୍ୟତୋୟା ନଦୀଟିଏ ପରି
ବହିଯିବି ସ୍ନେହ ପ୍ରୀତି ଆନନ୍ଦର ଧାରା ହେଇ
ଆତ୍ମାକୁ ମୋ ଘୋଡ଼ାଇ ରଖିବି
ନିଷ୍କଳଙ୍କ ନିର୍ମାୟା କରି -
ତୁମ ପାଦେ ସମର୍ପିବା ପାଇଁ ।

ଭୁବନେଶ୍ୱର,
ଦୂରଭାଷ-୯୯୩୭୭୯୩୦୮୭



# କଳାକାର

ରାମ ଶଙ୍କର

ଛାତ ଉପରେ ଖଟ ପକାଇ ମଶାରି ଟାଣି ଶୋଇବା । ଛାତ ଉପରେ ଗରମ ଲାଗିବ ନାହିଁ । ହଁ, ଆଉ ଗୋଟିଏ କଥା କରାଯାଇପାରେ । ତୁ' ତ ନାଟକ ପ୍ରିୟ । ଆମ ଗାଁରେ ଯେଉଁ ରାମଲୀଳା ହେଉଛି, ତାହା ଆମ ଅଞ୍ଚଳରେ ବେଶ୍ ଲୋକପ୍ରିୟ । ଆମ ଗାଁ ଚାରିପଟୁ ଶହ ଶହ ଲୋକ ଦେଖିବାକୁ ଆସନ୍ତି । ଆଜିର ବିଷୟବସ୍ତୁ "ରାମଚନ୍ଦ୍ରଙ୍କ ବନବାସ'' । ରାମଲୀଳାର କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଯେଉଁ ଦିନ ମଞ୍ଚସ୍ଥ ହୁଏ ସେଦିନ ଟିକେ ଅଧିକ ଲୋକ ଆସନ୍ତି । ଆଜି ମଧ୍ୟ ଆସିବେ । ଚାଲ, ରାମଲୀଳା ଆଡୁ ବୁଲି ଆସିବା । ଭଲ ଲାଗିଲେ ଦେଖିବୁ, ନ ହେଲେ ଆସି ଶୋଇବା । ସକାଳୁ ଉଠିଲେ ମୋ ସାନଭାଇ ବାଇକ୍‌ରେ ନେଇ ବସ୍‌ଷ୍ଟାଣ୍ଡରେ ଛାଡ଼ି ଦେଇ ଆସିବ । କ'ଣ କହୁଛୁ ?

ପ୍ରଶ୍ନ ପଚାରି ସାରି ରମେଶ ମିହିର ଉତ୍ତରକୁ ଅପେକ୍ଷା କଲା ।

- ଠିକ୍ ଅଛି । ତମ ଗାଁ ରାମଲୀଳାର ଯେତେବେଳେ ଏତେ ପ୍ରଶଂସା କଲୁଣି, ତେବେ ଚାଲ,ଘେରେ ବୁଲି ଆସିବା । ତୁ ବାହାର, ମୁଁ ପେଣ୍ଟ ସାର୍ଟ ପିନ୍ଧିକି ଆସୁଛି ।

ରମେଶ ମିହିରକୁ ନେଇ ସିଧା ଗ୍ରୀନ୍ ରୁମ୍ ଭିତରକୁ ପଶିଗଲା । ସେଠି କଳାକାରମାନେ ନିଜ ନିଜ ଚରିତ୍ର ଅନୁଯାୟୀ ବେଶ ହେଉଥାନ୍ତି। ରମେଶକୁ ଯିଏ ଦେଖୁଥାନ୍ତି ନମସ୍କାର କରୁଥାନ୍ତି । ଜଣେ ସମାଜସେବୀ ଭାବରେ ରମେଶର ତାଙ୍କ ଅଞ୍ଚଳରେ ବେଶ ସୁନାମ ଅଛି । ରାମଲୀଳାର ନିର୍ଦ୍ଦେଶକଙ୍କ ସହିତ ମିହିରର ପରିଚୟ ରମେଶ କରାଇ ଦେଲା । ନିର୍ଦ୍ଦେଶକ ତାଙ୍କ ପ୍ରଶଂସା ରମେଶ ମୁହଁରୁ ଶୁଣି କହିଲେ ଯେ, ସେ ବହୁତ ଭାଗ୍ୟବାନ ଯେ, ତାଙ୍କୁ ଭଲ କଳାକାର ମିଳିଛନ୍ତି । ନିଜକୁ ଚରିତ୍ର ଭିତରେ ଏପରି ମିଶାଇ ଦେଉଛନ୍ତି ଯେ ଦର୍ଶକମାନେ ମନ୍ତ୍ର ମୁଗ୍ଧ ହୋଇପଡୁଛନ୍ତି । ରାମଲୀଳାର ମୁଖ୍ୟ ଚରିତ୍ର ମର୍ଯ୍ୟାଦାପୁରୁଷ ପ୍ରଭୁ ଶ୍ରୀରାମଙ୍କ ଭୂମିକା ଯିଏ ନିର୍ବାହ କରୁଛନ୍ତି ଦର୍ଶକମାନଙ୍କ ପାଇଁ ସେ ତ ମୁଖ୍ୟ ଆକର୍ଷଣ। ନିର୍ଦ୍ଦେଶକ ମହାଶୟ ମଧ୍ୟ ରାମଙ୍କ ଭୂମିକାରେ ଅଭିନୟ କରୁଥିବା କଳକାର ରତ୍ନାକର ସହିତ ପରିଚୟ କରାଇଦେଲେ । ରତ୍ନାକର ସେତେବେଳକୁ ରାମଚନ୍ଦ୍ରଙ୍କ ବେଶଭୂଷାରେ ସଜାଇ ହୋଇ ସାରିଥାଏ। ତା'ର ସୁସ୍ଥ ସବଳ ଶାରୀରିକ ଗଠନ, ଶରୀରରେ ଈଷତ୍ ନୀଳରଙ୍ଗର ପ୍ରଲେପ, ସୁଢ଼ଳ ମାଂସପେଶୀ, ମୁଣ୍ଡରେ ଜଟ, ବେକ ଓ ହାତରେ ରୁଦ୍ରାକ୍ଷ ମାଳ, ଓ କାନ୍ଧରେ ଧନୁ ଇତ୍ୟାଦି ସବୁ କିଛି ମିଶି ଚିତ୍ରକରଙ୍କ ଦ୍ୱାରା ଅଙ୍କା ହୋଇ ଲୋକଙ୍କ ମୁଣ୍ଡରେ ବସା ବାନ୍ଧିଥିବା ଭଗବାନ ରାମଚନ୍ଦ୍ରଙ୍କ ଛବିର ଏକ ଜୀବନ୍ତ ରୂପ ଧାରଣ କରିଥାଏ । ଏହି ବେଶଧାରୀ ମଣିଷମାନଙ୍କୁ ଦେବାଦେବୀ ପ୍ରେମୀ ଭକ୍ତମାନେ ଭାବ ବିହ୍ୱଳ ହୋଇ ସତ ସତିକା ଭଗବାନ ବୋଲି ଧରି ନିଅନ୍ତି ଏବଂ ଭାବପ୍ରବଣତାରେ ଭାସିଯାଇ ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି । ରମେଶ ଓ ମିହିର ସାଙ୍ଗ ହୋଇ ଆଗ ଧାଡ଼ିରେ ବସିଲେ । ମିହିର ମଞ୍ଚ ଚାରିପଟକୁ ଆଖି ବୁଲାଇ ଆଣିଲା ଶହ ଶହ ଲୋକ । ଜୟ ଶ୍ରୀରାମ.. ଜୟ ଶ୍ରୀରାମ.. ଧ୍ୱନିରେ ଚତୁର୍ଦ୍ଦିଗ ଫାଟି ପଡ଼ିଲା । ରାମଚନ୍ଦ୍ର ମଞ୍ଚ ଉପରକୁ ଆସିଲେ । ସାଥିରେ ମାତା ସୀତା ଓ ଅନୁଜ ଲକ୍ଷ୍ମଣ । ମଞ୍ଚର ଅପରପାର୍ଶ୍ୱରେ ଆଲୋକ ପଡ଼ିବାରୁ ଦେଖାଗଲା ମହାରାଜା ଦଶରଥ ସଞ୍ଜ୍ଞାହୀନ ଅବସ୍ଥାରେ ପଲଙ୍କରେ ପଡ଼ିଛନ୍ତି । ରାଣୀ କୌଶଲ୍ୟା, ଦାସଦାସୀ ବିଳାପ କରୁଛନ୍ତି । ଭରତ ମାମୁ ଘରୁ ଫେରିଆସି ବଡ଼ମା କୌଶଲ୍ୟାଙ୍କୁ ଆଶ୍ୱାସନା ଦେଉଛନ୍ତି ଯେ ସେ ଯେ କୌଣସି ମତେ ଭାଇ ରାମଚନ୍ଦ୍ରଙ୍କୁ ଫେରାଇ ଆଣିବେ ଏବଂ ଅଯୋଧ୍ୟାର ସିଂହାସନରେ ବସାଇବେ ।

ସେପଟ ମଞ୍ଚ ଅନ୍ଧକାର ହୋଇଗଲା । ଏ ପଟ ମଞ୍ଚ ଆଲୋକିତ ହୋଇ ଉଠିଲା । ପ୍ରଭୁ ରାମଚନ୍ଦ୍ରଙ୍କ ପାଦତଳେ ଭରତ ବସିଛନ୍ତି ।

-ମୁଁ କୌଶଲ୍ୟା ମାତାଙ୍କୁ କଥା ଦେଇ ଆସିଛି ଭ୍ରାତାଶ୍ରୀ, ଆପଣଙ୍କୁ ଅଯୋଧ୍ୟା ଫେରାଇ ନେଇ ସିଂହାସନରେ ବସାଇବି ।

-କାନ୍ଦି କାନ୍ଦି ଭରତଙ୍କ ସଂଳାପ ପରିବେଶକୁ ଶୋକାକୁଳ କରିଦେଉଥାଏ । ମିହିର ଚାରିଆଡ଼କୁ ଆଖି ବୁଲାଇ ଆଣିଲା । କୋଳାହଳ ପୂର୍ଣ୍ଣ ପରିବେଶ ନିସ୍ତବ୍ଧ ।

-ତୁମେ ଯଦି ମୋତେ ତୁମର ଅଗ୍ରଜ ରୂପେ ମାନୁଥାଅ, ତେବେ ହେ ଅନୁଜ ଭରତ, ତୁମକୁ ମୁଁ ଆଦେଶ ଦେଉଛି ତୁମେ ଅଯୋଧ୍ୟା ଫେରିଯାଅ ଏବଂ ମୋର ୧୪ ବର୍ଷ ବନବାସ ସମୟ ଅଯୋଧ୍ୟାର ରାଜା ରୂପେ ସିଂହାସନ ଆରୋହଣ କରି ପ୍ରଜାପାଳନ କର । ପିତୃସତ୍ୟ ରକ୍ଷା ପାଇଁ ଅଯୋଧ୍ୟାର ସିଂହାସନ କ'ଣ ସ୍ୱର୍ଗର ଇନ୍ଦ୍ରପଦ ମୋ ପାଇଁ ତୁଚ୍ଛ ।

କରତାଳିରେ ଚାରିଆଡ଼ କମ୍ପି ଉଠିଲା । ବାଦ୍ୟଯନ୍ତ୍ରର ସ୍ୱର କରତାଳି ସହ ମିଶି ଏକ ଅପୂର୍ବ କମ୍ପନ ସୃଷ୍ଟି କଲା । ରାମଚନ୍ଦ୍ର ଅତ୍ୟନ୍ତ ସ୍ନେହରେ ଭରତକୁ ଆଲିଙ୍ଗନ କଲେ । ଭରତ ରାମଚନ୍ଦ୍ରଙ୍କ କଠଉକୁ ମୁଣ୍ଡରେ ରଖି ମଞ୍ଚରୁ ଫେରିଗଲେ ।

- ଆସ ସୀତେ, ଆସ ଲକ୍ଷ୍ମଣ ଆମ୍ଭେ ଆଉ ଏଠାରେ ନ ରହି ବନ ମଧ୍ୟକୁ ପ୍ରବେଶ କରିବା ।

ପ୍ରଭୁ ରାମଚନ୍ଦ୍ର, ମାତା ସୀତା ଓ ଲକ୍ଷ୍ମଣ ମଞ୍ଚ ପରିତ୍ୟାଗ କରିବା ସହିତ ସଙ୍ଗୀତର ମୂର୍ଚ୍ଛନାରେ ଦର୍ଶକ ବିମୋହିତ ହୋଇପଡ଼ି ଜୟଶ୍ରୀରାମ ଧ୍ୱନିରେ ମଞ୍ଚ ଚତୁର୍ଦ୍ଦିଗକୁ ପ୍ରକମ୍ପିତ କଲେ ।

-ବର୍ତ୍ତମାନ ତ ସକାଳ ହେବାକୁ ଢ଼େରି ଅଛି । ତୁ ଚାଲ, ଘରେ ଶୋଇପଡ଼ । ସହଜେ ତ ଆଜି ରବିବାର, ଅଫିସ୍ ଛୁଟି । ମୁଁ ତୋତେ ୧୦ଟା ବେଳକୁ ଉଠାଇ ଦେବି, ଗାଧୋଇ, ପାଧୋଇ ଜଳଖିଆ ଖାଇ ଯିବୁ ।

ରମେଶ ମିହିରକୁ ନେଇ ଘରକୁ ଫେରି ଆସିଲା । ମିହିରର ମଧ ଦିନ ୧୦ଟା ପାଖାପାଖି ନିଦ ଭାଙ୍ଗିଗଲା । ସେ ନିତ୍ୟକର୍ମ ସାରି ବାହାରି ପଡ଼ିଲା । ରମେଶଙ୍କ ଗାଁ ଓ ଜାତୀୟ ରାଜପଥ ମଝିରେ ଗୋଟିଏ ଗାଁ ପଡ଼େ ଜେମାପୁର । ମିହିରକୁ ବାଇକ୍‌ରେ ବସାଇ ରମେଶର ସାନ ଭାଇ ଜେମାପୁର ଗାଁ ମୁଣ୍ଡରେ ପହଞ୍ଚିଲା ବେଳକୁ ରାସ୍ତା ଜନଗହଳି ପୂର୍ଣ୍ଣ । ଦୁହେଁ ବାଇକରୁ ଓହ୍ଲାଇ ପରିସ୍ଥିତିକୁ ଅନୁଧ୍ୟାନ କଲେ । କିଛି ବାଟ ଆଗକୁ ଗୋଟିଏ ଟ୍ରାକ୍ଟର, ଗୋଟିଏ ଟାଟା ମେଜିକ୍ ଭ୍ୟାନ୍, ୨ଟି ଅଟୋ, ୧୦ /୧୨ ଖଣ୍ଡ ମଟରସାଇକେଲ ଓ ପ୍ରାୟ ୫୦/୬୦ ଲୋକ ରାସ୍ତାରେ ଅଟକିଛନ୍ତି । ଲୋକଙ୍କ ଗହଳି ସେପଟୁ ଭାରି ଯୋରରେ ପାଟିତୁଣ୍ଡ ଶୁଭୁଛି । ମାରପିଟ୍ ଗଣ୍ଡଗୋଳର ଆଭାସ ଆସୁଛି । ଗାଁ ଏ ମୁଣ୍ଡେ ଅଟକିଥିବା ଲୋକମାନଙ୍କଠାରୁ ଜଣାପଡ଼ିଲା ଯେ ସେମାନେ ପ୍ରାୟ ଘଣ୍ଟେରୁ ଉର୍ଦ୍ଧ୍ୱ ସମୟ ହେଲା ଅଟକିଛନ୍ତି । ଗାଁ ଦାଣ୍ଡରେ ଭୁଜାଲି ଧରି ଜଣେ ଗାଳିଗୁଲଜ କରି ହାଣିବାକୁ ଗୋଡ଼ାଉଅଛି । ଭୟରେ କେହି ଯାଉନାହାଁନ୍ତି । ମିହିର ଠିଆ ହୋଇ ବିରକ୍ତ ହୋଇପଡ଼ିବାରୁ ଆସ୍ତେ ଆସ୍ତେ ଗହଳି କଡ଼େ କଡ଼େ ଆଗକୁ ଚାଲିଲା । ଯେଉଁଠି ଗହଳି ସରିଛି ସେଠି କିଛି ଗାଁ ଲୋକ ରୁଣ୍ଡ ହୋଇଥିଲେ । ରାସ୍ତା କଡ଼ରେ ବୁଢ଼ା ଲୋକଟିଏ ବସି ଆକାଶକୁ ଅନେଇ ହାତ ଟେକି କହୁଥାଏ ।

- ବୁଢ଼ା କାଳକୁ ଭେଣ୍ଡା ଭେଣ୍ଡା ପୁଅ ଦି'ଟା ମୋର ସାହା ଭରସା ହେବେ ବୋଲି କେତେ ଆଶା କରିଥିଲି । ଭାଇ ଦି'ଟା କେତେ ସେନହରେ ଚଳୁଥିଲେ । ପିଲାବେଳେ ବଡ଼ ସାନକୁ ଲାଉ କରୁଥିଲା । ଇସ୍କୁଲକୁ ଗଲାବେଳେ ବଡ଼କୁ ସାଇକେଲରେ ବସାଇ ସାନ ନେଉଥିଲା । ତୋଟାରୁ ପାଚିଲା ଆମ୍ବଟିଏ ପାଇଲେ ବଡ଼ ସାନକୁ ଦେଉଥିଲା । ବାରି ପିଜୁଳି ଗଛରୁ ପାଚିଲା ପିଜୁଳିଟିଏ ପାଇଲେ ସାନ ବଡ଼କୁ ଦେଉଥିଲା । ଗୋଟେ କଂସାରେ ହାତ ପୂରାଇ,ପଖାଳ ଖାଇ ପିଲାରୁ ଭେଣ୍ଡା ହେଲେ । ସମ୍ପତ୍ତି ଲୋଭ କାହାକୁ ଛାଡୁନି , ବଡ଼ ତ ରକ୍ତମୁଖା ହୋଇଛି ।

ଗାଁ ଲୋକେ ବୁଢ଼ାକୁ ବୁଝାଇବାକୁ ଚେଷ୍ଟା କରୁଥିଲେ । ମିହିରକୁ ଗଣ୍ଡଗୋଳ କାରଣ ସ୍ପଷ୍ଟ ହୋଇଗଲା । ଏତିକି ବେଳେ ଜଣେ ଗ୍ରାମବାସୀ ଗାଁ ଆଡୁ ଆସି ଖବର ଦେଲେ ଯେ ଭୁଜାଲି ଧରି ବଡ଼ ଗାଁ ସେ ମୁଣ୍ଡୁ ସାନକୁ ଖୋଜି ଖୋଜି ଏଇ ପଟକୁ ଆସୁଛି । ଠିଆ ହୋଇଥିବା ସମସ୍ତ ଲୋକ ଟିକିଏ ସତର୍କ ହୋଇଗଲେ । ମିହିର ଟ୍ରାକ୍ଟର ପଛକୁ ପଳାଇ ଆସିଲା ।

-ଶଳା, ଦାଦାଗିରି ଦେଖଉଛୁ । ବୋପା ସମ୍ପତ୍ତିରୁ ଭାଗ ନେବୁ ପରା, ଲୁଚୁଛୁ କାହିଁକି ? ଅଣ୍ଡିରି ପୁଅ ଯଦି ହୋଇଥିବୁ ମା କ୍ଷୀର ଖାଇଥିବୁ ତେବେ ବାହାରି ଆସ । ହେଇଯାଉ ଥାନାବାଡ଼ି, କୋର୍ଟ କଚେରୀ, କେଶ ବାସ ପାଇଁ ଶଳା ଏକର ବିଲ ପଛେ ବିକି ଦେବି ଦାଣ୍ଡ ଆଡୁ ହାତେ ତୋତେ ଛାଡ଼ିବି ନାହିଁ ।

ରମେଶ ସାନଭାଇ ଆସି ମିହିରକୁ କହିଲା,

- ଆପଣ ଆସନ୍ତୁ , ମୁଁ କେନାଲ ବନ୍ଧ ଦେଇ ଆପଣଙ୍କୁ ଛାଡ଼ିଦେଇ ଆସିବି ।

ଲୋକଟାର ଚିତ୍କାର, ପାଟି ତୁଣ୍ଡ ମିହିରକୁ ଶୁଣିଲା ଶୁଣିଲା ଭଳି ମନେ ହେଲା । ସେ ଲୋକଟାର ରଡ଼ି ମିହିର କାନରେ ବାଜୁଥାଏ ଓ ମିହିର ଧିରେ ଧିରେ ଚାଲିବା ସହିତ ମନେ ପକାଇବାକୁ ଚେଷ୍ଟା କରୁଥିଲା । ମିହିର ଆଖି ବୁଜି ମନେ ପକାଇବାକୁ ଚେଷ୍ଟା କଲାବେଳକୁ ତା' କାନରେ ପ୍ରତିଧ୍ୱନିତ୍ୱ ହେଲା, "ପିତୃସତ୍ୟ ରକ୍ଷା ପାଇଁ ଅଯୋଧ୍ୟାର ସିଂହାସନ କଣ ମୋ ପାଇଁ ସ୍ୱର୍ଗର ଇନ୍ଦ୍ରପଦ ତୁଚ୍ଛ ।'' ଶୁଭୁଥିଲା ଲୋକମାନଙ୍କ ନିରବଚ୍ଛିନ୍ନ ତାଳିମାଡ଼

ଆଉ ଜୟ ଶ୍ରୀରାମ... ଜୟ ଶ୍ରୀରାମ...।

**ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ,**
**ଖୋର୍ଦ୍ଧା - ୯୩୩୭୬୨୧୪୫୫**

# ଟମାଟୋ ରସରେ ମାଛ



ସୌମିତ୍ରା ହରିଚନ୍ଦନ

**ଆବଶ୍ୟକ ସାମଗ୍ରୀ -**

ମାଛ (ଛୋଟ) - ୫୦୦ ଗ୍ରା, ପିଆଜ - ୨୦୦ଗ୍ରାମ, ଟମାଟୋ - ୫୦୦ଗ୍ରାମ, କଞ୍ଚାଲଙ୍କା - ୭/୮ଟି, ରସୁଣ - ୧ବୁଦା, ସୋରିଷ ତେଲ - ୫୦ଗ୍ରାମ, କିଛି ଧନିଆପତ୍ର ଓ ଆବଶ୍ୟକ ଲୁଣ ଓ ହଳଦୀ ।

ପ୍ରସ୍ତୁତ ପ୍ରଣାଳୀ :-

ପ୍ରଥମେ ଟମାଟୋକୁ ଛୋଟ ୨ଖଣ୍ଡ କରି କାଟି ରଖିବେ । ତା'ପରେ ଚୁଲିରେ କଡ଼ାଇ ବସାଇ ତେଲ ଗରମ ହେଲେ ପିଆଜ, ରସୁଣ ଓ ଲଙ୍କାଛେଚାକୁ ପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜିହୋଇ ଆସିଲେ କଟା ଟମାଟୋ ସାଙ୍ଗରେ ମାଛ, ଲୁଣ, ହଳଦୀ ଦେଇ ଢାଙ୍କିଦେବେ । ୫/୧୦ମି. ରେ ଢାଙ୍କୁଣୀ ଖୋଲି ଦେଖିବେ ତରକାରୀ ବହଳ ବା ମଖା ମଖା ହୋଇଆସିଲେ କଟା ଧନିଆ ପତ୍ର ପକାଇ ଗ୍ୟାସ୍ ବନ୍ଦ କରିଦେବେ । ଖାଇ ଦେଖିଲେ କେମିତି ଲାଗୁଛି ।

ଦୂରଭାଷ-୧୪୪୩୪୯୫୦୦

(ଏବେ, କେବେ, କୋଉଠି- ୭୭)



# ଖାଣ୍ଟି ତୋଷାମଦ

ସତ୍ୟନାରାୟଣ ସାମନ୍ତରାୟ (ସତ୍ୟକଳ୍ପ )

ମୋର ଜଣେ ଜଣାଶୁଣା ବ୍ୟକ୍ତି ଫୋନ୍ କଲେ। ଭାଷାରୁ ବହେ ବିରକ୍ତି, ଅସନ୍ତୋଷ ଓ ଅସହାୟତାର ସ୍ପଷ୍ଟ ଆଭାସ ବାରି ହୋଇପଡୁଥିଲା। କହିବାର ଓ ବୋଲିବାର ଢଙ୍ଗରେ ବେଶ୍ ଅଶାଳୀନତା ଓ ଅସହଣୀୟତା। ଭଦ୍ରୋଚିତ ବ୍ୟବହାରର ସମସ୍ତ ଲକ୍ଷ୍ମଣରେଖା ଡେଇଁ ସେ ଯେମିତି କେବଳ କହିବାକୁ ଶପଥ ନେଇଥିଲେ ଓ କହିଚାଲିଥିଲେ। ଜମିଦାରୀ ଯୁଗର ସିଏ ମୋର ସାହୁକାର ଓ ମୁଁ ତାଙ୍କର ଖାତକ ଏଇ ଭାବରେ। ମୁଁ ଶୁଣିବା ପାଇଁ ବାଧ୍ୟ ! ଖାତକର ଶୁଣିବା ହେଉଛି କର୍ତ୍ତବ୍ୟ। କହିବାର ଅଧିକାର ନାହିଁ।

ଜୀବନରେ ଏ ବି ଏକପ୍ରକାର ଅନୁଭବ!

ପ୍ରାୟ ତିନି ଚାରି ମିନିଟ୍ ଅବାଧ ଅଭଦ୍ରୋଚିତ ଭାଷଣବାଜିସହ ନିଜର ଆତ୍ମପ୍ରୌଢ଼ୀ ଦେଖେଇବାକୁ ବ୍ୟକ୍ତିଜଣକ ଭୁଲୁନଥିଲେ।

କହିଲେ, ମୋତେ ମାନପତ୍ରଟେ ଦେବାପାଇଁ ଯୋଗ୍ୟ ବୋଲି ବିଚାରିବାକୁ ତୁମ ଅନୁଷ୍ଠାନ କଣ ଉଚିତ୍ ଭାବିଲାନି। କୋଉ ଭଳି ବ୍ୟକ୍ତିଙ୍କୁ ତମେମାନେ ଯୋଗ୍ୟ ବୋଲି ବିଚାର କରିବ ? ସେ ଯୋଗ୍ୟତାର ମାପକାଠି କଣ ? ଆମଭଳି ଲୋକମାନଙ୍କୁ ତମେମାନେ ଅଣଦେଖାକରି ପୂଜ୍ୟପୂଜାର ଅବମାନନା କରୁଛ। ତୁମେ ମାନପତ୍ରଟେ ନଦେଲେ ନାଇଁ ମୋର କଣ ମାନପତ୍ର ଅଭାବ ଅଛି ନା ଆଉ କୋଉଠୁ ପାଇବିନି ! ଶହେସରିକି ମାନପତ୍ର ପାଇଲିଣି. . . . . . . . . . .

ତାଙ୍କ କଥା ଅଧାରୁ କହିଲି, ନାଇଁ ଆଜ୍ଞା ! ଆମର ସେମିତି କିଛି ଉଦ୍ଦେଶ୍ୟ ନାହିଁ କି ମାନପତ୍ର ଦେବା ଭଳି ଚିନ୍ତା ଆମେମାନେ ମଧ୍ୟ କରିନାହୁଁ। ମାନପତ୍ର ଦେଇ ଅଯଥା ବିବାଦ ଭିତରେ ପଶିବା ଆମର ଉଦ୍ଦେଶ୍ୟ ନୁହେଁ। ଯଦି ବି ଭବିଷ୍ୟତରେ କେବେ ମାନପତ୍ର ଦିଆଯିବାର ବ୍ୟବସ୍ଥା ରହେ ତେବେ ତାହା ନିଶ୍ଚିତ ଭାବେ ନିଆରା ଢଙ୍ଗରେ ବ୍ୟବସ୍ଥିତ କରାଯିବ।

ଆଉ ଜଣେ ବ୍ୟକ୍ତି ଫୋନ୍ କରିଥିଲେ। ସିଏ ସିଧାସଳଖ ଆରୋପ କଲେ। କେତେ ଟଙ୍କା ବଦଳରେ ମାନପତ୍ର ଦିଆଯାଉଛି ବୋଲି ପ୍ରଶ୍ନ କଲେ। ଆଉ ଆଗାମୀ ବର୍ଷ ଯେମିତି ହେଉ ତାଙ୍କୁ ମାନପତ୍ରଟିଏ ଦେବାକୁ ଅଭିମାନ ମିଶା ଅନୁରୋଧଟିଏ ବି କଲେ।

ଅନ୍ୟ ଜଣେ ସେମିତି ଫୋନ୍ କଲେ। ସେହି ଏକାପ୍ରକାର ଭାଷା। ଏକାପ୍ରକାର ଆରୋପ। କହିଲେ, ଏଡ଼େ ବଡ଼ ଅନୁଷ୍ଠାନଟେ କଲ ଆମକୁ ପଚାରିଲନି କି ବିଚାରିଲନି। କିଛି ନହେଲେ ଟିକିଏ ମନେ ପକେଇବା କଥା। ଅତି କମ୍‌ରେ ମାନପତ୍ରଟେ ତ ଦେଇଥା'ନ୍ତ!

ଅନୁଭବ କଲି, ସମସ୍ତଙ୍କ ଭିତରେ ସେଇ ଗୋଟିଏ ଅଭିଯୋଗ, ଅଭିମାନ, ଏପରିକି ଅଭୀପ୍‌ସାର ବିକଳ ପ୍ରତିବେଦନ। ଯୁଗପତ୍ ଲାଳସାର ଲହଲହ ଜିହ୍ୱା ତାଙ୍କର ଲମ୍ବି ଯାଉଥିଲା ଏକ ସ୍ୱାଦହୀନ, ଗନ୍ଧହୀନ, କିମ୍ଭୂତକିମାକାର ପ୍ରସ୍ତରୀଭୂତ ରଙ୍ଗୀନ ଇଲାକାକୁ। ଯୋଉ ଇଲାକାର ପରିତୃପ୍ତି କେବଳ ଚକ୍ଷୁର ପହଞ୍ଚ ଯାଏଁ। ତାହା କେବେ ବି ହୃଦୟ କିମ୍ବା ମନକୁ ପରିତୃପ୍ତ କରିପାରେନା ବୋଲି ବନ୍ଧୁମାନଙ୍କୁ ବୁଝେଇପାରିଲିନି କି ଆବଶ୍ୟକ ବୋଲି ଭାବିଲିନି। 'ମାନ' ହାତେଇବାର ଏ ପ୍ରକାର ଅଭିନବ ପ୍ରୟାସ ସମ୍ବନ୍ଧରେ ଯଦିଓ ପୂର୍ବରୁ ଅବଗତ ଥିଲି ତଥାପି ନିଜ ଭିତରେ ନିଜର ଅନୁଭୂତି ସାଉଁଟିବାର ନିଆରା ଭାବଟିକକୁ ବନ୍ଧୁମାନେ କେମିତି ଅନାବିଳଭାବେ ପରଷି ଚାଲିଥିଲେ ତାହା ଭାବି ଢ଼େର ଆମୋଦିତ ହେଲି।

ନିକଟରେ ଜଣେ ଆତ୍ମୀୟଙ୍କ ଘରକୁ ଯାଇଥିଲି। ଘର ଭିତରକୁ ପଶୁପଶୁ ଦେଖିଲି ବିଚରା ମାନପତ୍ରମାନେ କଣ୍ଟାକୁ ଆଶ୍ରାକରି କାନ୍ଥରେ ନିଜର ସ୍ଥିତି ଆଗନ୍ତୁକମାନଙ୍କୁ ଜଣାଇ ଦେଉଛନ୍ତି। ଅନେକ ମାନପତ୍ର। ଶହେ କି ଦେଢ଼ଶ' ହେବ। ମାନପତ୍ରମାନେ ମୋତେ ଖୁବ୍ ନିରୀହ ଭାବରେ ଚାହିଁଥିଲେ। ଖୁବ୍ କାଙ୍ଗାଳ ଦେଖାଯାଉଥିଲେ ସେମାନେ। ଅନ୍ୟକାହାର ମାନସିକତା ପାଖରେ ବନ୍ଦୀ ହୋଇ ନିଜର ଚରିତ୍ରଗତ ମହନୀୟତାଠାରୁ ଦୂରେଇ ଯାଉଥିବାର ମାନସିକ ଦ୍ୱନ୍ଦ ଭିତରେ ସେମାନେ ଭାରାକ୍ରାନ୍ତ ଜଣାଯାଉଥିଲେ। ଶାବ୍ଦିକ ଆଟୋପରେ ଅଣନିଃଶ୍ୱାସୀ ହୋଇ ନିଜର ସଂକଳ୍ପ ଓ ବିଚାର ପାଖରେ ବାରମ୍ବାର ହାର ମାନିଯାଉଥିବାର କ୍ଷୋଭ ଓ ଗ୍ଲାନିରେ ସେମାନଙ୍କ କମନୀୟତା ଅପସରି ଯାଇଥିଲା। ସେମାନେ ଦେଖାଯାଉଥିଲେ ନିଃସ୍ୱ ଓ ନିଃସହାୟ !

ସେମାନେ ମୋତେ ପ୍ରଶ୍ନ କରୁଥିଲେ।

ସେ ପ୍ରଶ୍ନ ଅସମାହିତ!

ସେ ପ୍ରଶ୍ନରେ ଅନେକ ତର୍କ ଅନେକ ବିତର୍କ !

ଅନେକ ଭାବାବେଗ ବି ଜଡ଼ିତ ଏ ପ୍ରଶ୍ନରେ।

ସେ ପ୍ରଶ୍ନ ନିଜର ସୃଷ୍ଟିକୁ ନେଇ ନିଜର ସ୍ଥିତି ପର୍ଯ୍ୟନ୍ତ ଓ ନିର୍ବାଚିତ ବ୍ୟକ୍ତିତ୍ୱର ପରିଧି ପର୍ଯ୍ୟନ୍ତ ପରିବ୍ୟାପ୍ତ।

ସେ ପ୍ରଶ୍ନ ଏହାର ସୃଷ୍ଟିକର୍ତ୍ତାଠାରୁ ଏହାର ଚୟନ ପ୍ରକ୍ରିୟା ଓ ମୂଲ୍ୟାୟନ ପର୍ଯ୍ୟନ୍ତ ବିସ୍ତୃତ।

ଖୁବ୍ ସାଧାରଣ ସେ ପ୍ରଶ୍ନ; ମାତ୍ର ଉତ୍ତର ଖୋଜିଲା ଭଳିଆ। ଯାହାର ଉତ୍ତର ତ ନିଶ୍ଚୟ ଅଛି ହେଲେ କୌଣସି ଉତ୍ତରରେ ଏହାର ଉପଶମ ହୁଏନି। କାରଣ ରୋଗର ଉପଶମ ହୁଏ; ମାତ୍ର ଆବେଗର ଉପଶମ ନାହିଁ। ଏଥିପାଇଁ ମନରେ ଓ ବିବେକରେ ଲଗାମ ଲଗାଇବାକୁ ପଡ଼େ।

ସୁତରାଂ, ଯଶ ସାଉଁଟିବା ବ୍ୟକ୍ତିର ନିଃଜସ୍ୱ ଆତ୍ମସତ୍ତା, ଯାହାକୁ ତାର ଆତ୍ମାଭିମାନ କୁହାଯାଇପାରେ। ମାତ୍ର ଯଶପ୍ରାର୍ଥୀ ହେବା ବ୍ୟକ୍ତିତ୍ୱର ପରିପନ୍ଥୀ। ଏହା ବ୍ୟକ୍ତିତ୍ୱରେ କଳଙ୍କ ଲଗାଏ। ବ୍ୟକ୍ତିକୁ ଅପନିନ୍ଦିତ କରାଏ !

କୌଣସି ଏକ ଘଟଣା ଛଳରେ ଜାତିର ପିତା ମହାତ୍ମା ଗାନ୍ଧୀ ସୁନ୍ଦର କଥାଟିଏ କହିଛନ୍ତି। ତାଙ୍କ ଭାଷାରେ, "ମୋତେ ଯେତେସବୁ ମାନପତ୍ର ଦିଆଯାଉଛି ସେଥିରେ ଯେଉଁ ବିଶେଷଣ ଶବ୍ଦ ମୋ ପାଇଁ ବ୍ୟବହାର କରାଯାଉଛି, ତାକୁ ଗ୍ରହଣ କରିବାକୁ ମୁଁ ସମର୍ଥ ନୁହେଁ। ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରିବା ଦ୍ୱାରା ଲେଖକଙ୍କର ତ କିଛି କଲ୍ୟାଣ ହେଉନାହିଁ, ମୋର ମଧ୍ୟ କିଛି ମଙ୍ଗଳ ହେଉନାହିଁ। ଅଯଥାରେ ସେସବୁ ପାଇଁ ମୁଁ ଅପମାନିତ ବୋଧ କରୁଛି; କାରଣ ମୁଁ ସ୍ୱୀକାର କରୁଛି ଯେ, ସେ ସବୁ ପାଇଁ ମୋର ଯୋଗ୍ୟତା ନାହିଁ। ଯେତେବେଳେ ସେଥିପାଇଁ ମୁଁ ଯୋଗ୍ୟ ହେବି, ସେତେବେଳେ ସେ ସବୁ ଶବ୍ଦର ବ୍ୟବହାର ଆବଶ୍ୟକ ହେବ ନାହିଁ। ସେସବୁ ମୋର କୌଣସି ଗୁଣର ଅଭିବୃଦ୍ଧି ଘଟାଇ ପାରିବେନାହିଁ। ମୁଁ ଯଦି ସେଥିପ୍ରତି ସଜାଗ ନଥା'ନ୍ତି, ତାହାହେଲେ ସେସବୁ ଦ୍ୱାରା ମୋର ମୁହଁ ସହଜରେ ବଢ଼ିଯାଆନ୍ତା। ବ୍ୟକ୍ତି ଯାହାକିଛି ଭଲ କାମ କରିବ, ତାକୁ କେବେହେଲେ ପ୍ରକାଶ ନକରିବା ସବୁବେଳେ ଉତ୍ତମ। ଅନୁକରଣ କରିବାଟା ଖାଣ୍ଟି ତୋଷାମଦି"- ଗାନ୍ଧୀ କଥାମୃତ।

ପାଠକେ ! ମାନର ମାନବୃଦ୍ଧି ପାଇଁ ମାନପତ୍ର ନୁହେଁ ବରଂ ଅନ୍ୟକିଛିର ଆବଶ୍ୟକତା ରହିଛି। ସେଇଟା ନିଶ୍ଚୟ ଖାଣ୍ଟି ତୋଷାମଦ ନୁହେଁ !

ବେଗୁନିଆ, ଜି- ଖୋରଧା
ମୋ- ୯୪୩୮୭୩୪୮୧୬

# ବେପାର

**ଆନନ୍ଦିକା ସାମନ୍ତରାୟ**

ବହୁତ କଷ୍ଟରେ ଲକ୍ଷେଟଙ୍କା ମୂଳଧନ ଦେଇ ଦୋକାନ ଖଣ୍ଡେ କରେଇ ଦେଇଥିବା ବାପା ବିଳାପ କରୁଥିଲେ। ବାକି ବୁକର ଦେଇ ପୁଅ ବୁଡ଼େଇଦେଲା। ପୁଅ କହୁଥିଲା ତମେ ବୁଝୁନିବାପା ଦୋଷ ମୋର ନୁହେଁ ମାନ୍ଦାଅବସ୍ଥାର ।

ହଠାତ୍ ଦିନେ ସଂଧ୍ୟାବେଳେ ବାପାଙ୍କ ହାତରେ ଟଂକାଗୁଂଜିଦେଇ ପୁଅ କହିଲା - ନିଅ ବାପା ମୁଁ ଏବେ ବେପାର କରୁଛି।

ବାପା ଟଙ୍କାର ମୋଟେଇ ମାପୁ ମାପୁ ଭାବୁଥିଲେ ବିନା ମୂଳଧନରେ ପୁଅ କି ବେପାର କଲା ? ବାପାଙ୍କ ଆଖିକୁ ପଢ଼ି ପୁଅ ବୁଝାଇଦେଲା - ଦୁଇଟା ହେଲ୍‌ମେଟ କିଣିଛି ବାପା, ଟ୍ରାଫିକ୍‌ର ଅଳ୍ପ ଆଗରୁ ବସୁଛି। ଆରପଟେ ଗୋଟେ ପିଲା ବସେଇଛି। ବାଇକ୍‌ବାଲା ମୋଠୁ ହେଲ୍‌ମେଟ୍ ନେଇ ଟ୍ରାଫିକ୍ ପାରହେଉଛନ୍ତି ମାତ୍ର ଦଶଟଙ୍କା। ଆଗକୁ ଯୋଜନା କରିଛି, ସବୁ ଟ୍ରାଫିକ୍ ପୂର୍ବରୁ ଏବ୍ୟବସ୍ଥା ରହିବ। ଆହୁରି ପିଲାଙ୍କୁ ନିଯୁକ୍ତି ଦେବି। ଏ ବେପାରରେ ମାନ୍ଦା ଅବସ୍ଥାର କୌଣସି ପ୍ରଭାବ ପଡ଼ିବନି। ମୁଁ ନିଶ୍ଚୟ ମୋ ଗୋଡ଼ରେ ଛିଡ଼ାହେବି।


ବୋଉ ଆଖିରୁ ଲୁହ ବୋହିଗଲା। ଯା'ହେଉ ତା'ପୁଅ ଆଉ ବେକାର ନୁହେଁ। ସେ ଏବେ ବୋହୂ ଖୋଜିବ ।

**ନାରଗୋଦା,ତମାଣ୍ଡୋ,ଖୋରଧା**
**ଦୂରଭାଷ:-୭୮୭୩୨୨୯୪୩୪**



# ମଂଗସ

ଡା: ଧନେଶ୍ୱର ସାହୁ






ଏହାକୁ ଗାଲୁଆ ରୋଗ କୁହାଯାଏ। ଏହା ଏକ ଭୂତାଣୁ (Virus) ଜନିତ ରୋଗ। ଏହା ସାଲିଭାରି ବା ଲାଳ ପ୍ରସ୍ତୁତ କରୁଥିବା ଗ୍ଲାଣ୍ଡ ଗୁଡ଼ିକରେ ହୁଏ। ସେ ଗ୍ଲାଣ୍ଡଗୁଡ଼ିକ ହେଲା - ପାରୋଟିଡ଼ ଗ୍ଲାଣ୍ଡ, ସବମାଣ୍ଡିବୁଲାର ଗ୍ଲାଣ୍ଡ, ସବଲିଙ୍ଗୁଆଲ ଗ୍ଲାଣ୍ଡ। ପାରୋଟିଡ଼ ଗ୍ଲାଣ୍ଡରେ ଅଧିକ ହୁଏ। ସବମାଣ୍ଡିବୁଲାର ଓ ସବଲିଙ୍ଗୁଆଲ ଗ୍ଲାଣ୍ଡରେ କମ୍ ହୁଏ। ଏହା ଜଣକ ପାଖରୁ ଆଉ ଜଣକୁ ଶୀଘ୍ର ବ୍ୟାପେ। ସହଜରେ ଟୀକାଦ୍ୱାରା ପ୍ରତିଶେଧ ହୋଇପାରେ। ଏହା ଗୋଟିଏ ପଟ ବା ଦୁଇପଟ ଗ୍ଲାଣ୍ଡରେ ବି ହୋଇପାରେ । ବହୁତ କମ୍ ପରିମାଣରେ ହୁଏ। କମ୍ ଦିନରେ ଭଲହୁଏ। ଏହା ୨ ବର୍ଷରୁ ୧୨ ବର୍ଷ ପିଲାଙ୍କୁ ବେଶୀ ହୁଏ। ବଡ଼ଲୋକଙ୍କୁ ମଧ୍ୟ ହୁଏ। ଏହା ୭ ଦିନରୁ ୧୦ ଦିନ ପର୍ଯ୍ୟନ୍ତ ରହେ। ଲକ୍ଷଣ ପ୍ରକାଶ ପାଇବାର ଦୁଇଦିନ ପୂର୍ବରୁ ଓ ପ୍ରକାଶ ପାଇବାର ପାଞ୍ଚଦିନ ପର୍ଯ୍ୟନ୍ତ ଏହା ଅଧିକ ବିପଦଜନକ ଓ ଶୀଘ୍ର ଜଣକଠାରୁ ଅନ୍ୟଜଣକୁ ବ୍ୟାପେ। ଏହା ମନକୁ ମନ ଭଲ ହୋଇଯାଏ। ଏହା ଥରେ ହେଲେ ଜୀବନସାରା ଇମୁନିଟି ଦିଏ।

## କାରଣ :-

ଏହା ମଂପସ ଭୂତାଣୁ (Virus) ଯୋଗୁ ହୁଏ। ଏହା ଏକ ପାରାମିକ୍ସୋ ଭାଇରସ। ଏହା ରୁବୁଲା ଭୂତାଣୁ (Rubula Virus) ଫାମିଲିର ଏକ ସଦସ୍ୟ। ଏହା ଏକ ଆର.ଏନ.ଏ ଭାଇରସ।

## କେମିତି ବ୍ୟାପେ :-

- ବାୟୁଦ୍ୱାରା ଡ୍ରପଲେଟ ଯୋଗୁ - କାଶିବା, ଛିଙ୍କିବା, ହସିବା ଯୋଗୁ।
- ସଂକ୍ରମିତ ଜିନିଷ ଛୁଇଁବାଦ୍ୱାରା - ବ୍ଲାଂକେଟ, ଡ଼ୋରନବ ।
- ପାଟିର ଲାଳ ଯୋଗୁ - ଚୁଚୁମିବା, ଏକ ପାତ୍ରରେ ପାନୀୟ ମିଶି ପିଇବା।

## ଇନକୁବେସନ ପିରିଅଡ଼ :-

ଭୂତାଣୁ ଶରୀରରେ ପ୍ରବେଶ କରିବା ପରଠାରୁ ରୋଗ ସୃଷ୍ଟି ହେବା ସମୟକୁ ଇନକୁବେସନ ପିରିଅଡ଼ କୁହାଯାଏ। ଏହା

## ସଂକେତ ଓ ଲକ୍ଷଣ :-

କେତେଜଣଙ୍କର କିଛି ସଂକେତ ଓ ଲକ୍ଷଣ ଦେଖାଯାଏନାହିଁ। ଯେଉଁମାନଙ୍କର ଦେଖାଯାଏ ସେଗୁଡ଼ିକ ହେଲା :-

- ସାଲିଭାରି ଗ୍ଲାଣ୍ଡଗୁଡ଼ିକ ଫୁଲିଯିବା ଓ କଷ୍ଟହେବା। ମୁହଁ ହାମସ୍ଟର ପରି ଦେଖାଯାଏ। ବେକ ଗାଲ ଫୁଲିଯାଏ। ଖାଦ୍ୟ ଗିଳିବା, କଥା କହିବା ସମୟରେ ଗ୍ଲାଣ୍ଡରେ ଅଧିକ କଷ୍ଟହୁଏ।
- ଜ୍ୱର ହେବା।
- ମୁଣ୍ଡବ୍ୟଥା ହେବା ।
- ଥକି ପଡ଼ିବା ।
- ଭୋକ ନହେବା ।
- ପେଟ, ମାଂସପେଶୀ, ବେକ, ପେଲଭିସ, ଅଣ୍ଡକୋଷ ବ୍ୟଥା ହେବା।
- ଶୀତ ହେବା। ଦେହ ବ୍ୟଥା ହେବା ।
- ଚୋବାଇବା, ଗିଳିବାରେ କଷ୍ଟ ହେବା ।
- ତଣ୍ଟି ଦରଜ ହେବା ।
- ପାଟି ଶୁଖିଲା ହେବା ।
- ଶୁଣିବାରେ ଅସୁବିଧା ହୁଏ ।
- ଲିଂପଗ୍ଲାଣ୍ଡଗୁଡ଼ିକ ଫୁଲିଯାଏ ।
- ଦୁର୍ବଳ ଅନୁଭବ କରିବା ।
- ଗଣ୍ଠି ବିନ୍ଧା ହେବା ।

## ନିଦାନ :-

- ସଂକେତ ଓ ଲକ୍ଷଣ ଦେଖି ।
- ଭୂତାଣୁ କଲଚର କରି - ପାଟି ଓ ତଣ୍ଟିର ଲାଳ ନେଇ ପରୀକ୍ଷା କରାଯାଏ।
- ରକ୍ତ ପରୀକ୍ଷା କରି - ମଂପସ ଆଣ୍ଟିବଡ଼ିସ ପରୀକ୍ଷା କରାଯାଏ।
- ସିରିବ୍ରୋସ୍ପାଇନାଲ ଫ୍ଲୁଇଡ଼ (CSF) ପରୀକ୍ଷା ।
- ପାନକ୍ରିୟାସର ଏନଂଜାଇମ ପରୀକ୍ଷା ।
- ଇମେଜିଙ୍ଗ ପରୀକ୍ଷା - ସିଟି ସ୍କାନ ନେକ, ସିଟି ସ୍କାନ ବ୍ରେନ କିମ୍ବା ଏମ.ଆର.ଆଇ, ପେଟର ସିଟି ସ୍କାନ କିମ୍ବା ଅଲଟ୍ରାସାଉଣ୍ଡ, ଟେଷ୍ଟିସ ଅଲଟ୍ରାସାଉଣ୍ଡ।

## ଜଟିଳତା :-

- ଅରକାଇଟିସ - ଅଣ୍ଡକୋଷ ଇନଫ୍ଲାମେସନ ହେବା ।

- ମେନିଂଜାଇଟିସ।
- ଏନସେଫାଲାଇଟିସ ।
- କାନକୁ ନ ଶୁଭିବା ।
- ମିସ କ୍ୟାରେଜ ।
- ପାନକ୍ରିୟାଟାଇଟିସ ।
- ଆର୍‌ଥ୍ରାଇଟିସ ।
- ମାଇଓକାଡ଼ାଇଟିସ ।
- ଫେସିଆଲ ପାଲସି ।
- ଗୁଲେନବରି ସିଣ୍ଡ୍ରୋମ ।
- ପରମାନେଣ୍ଟ ନ୍ୟୁରୋଲୋଜିକାଲ ଡ୍ୟାମେଜ ।
- ଭୁଫୋରାଇଟିସ - ଡିମ୍ବକୋଷ ଇଂନଫ୍ଲାମେସନ ।

## ପ୍ରତିଶେଧକ :-

ଏହି ରୋଗ ପ୍ରତିଶେଧ କରିବାପାଇଁ ଟୀକା ଦିଆଯାଏ। କେବଳ ମଂପସ ଟୀକା ଦିଆଯାଏନାହିଁ। ତିନିଗୋଟି ରୋଗ ପ୍ରତିଶେଧ କରିବାକୁ ଟୀକା ଦିଆଯାଏ। ତାହା ହେଲା MMR ମଂପସ, ମିଜଲସ, ରୁବେଲା (Mumps, Measles, Rubella) ଟୀକା ।

- MMR ପ୍ରଥମ ଟୀକା - ନଅ ମାସ ପୂର୍ଣ୍ଣଠାରୁ ୧୨ ମାସ ପର୍ଯ୍ୟନ୍ତ ପିଲାଙ୍କୁ ଦିଆଯାଏ।
- MMR ୨ୟ ଟୀକା - ୧୬ମାସରୁ ୨୪ ମାସ ପିଲାଠାରୁ ୪ - ୬ ବର୍ଷ ପିଲା ପର୍ଯ୍ୟନ୍ତ ଦିଆଯାଏ ।

ରୋଗ ଥରେ ହେଲେ ସେ ଜୀବନସାରା ଇମ୍ୟୁନିଟି ନିଏ । ଆଉ ରୋଗ ହୁଏନାହିଁ ।

## ରିସ୍କ ଫ୍ୟାକ୍ଟରସ :-

- କଂପ୍ଲିଟ ଟୀକା ନେଇ ନଥିଲେ ।
- ୨ ରୁ ୧୨ ବର୍ଷ ପିଲାଙ୍କ ପାଇଁ ଅଧିକ ରିସ୍କ ।
- ଶୀତ ଓ ସ୍ପ୍ରିଙ୍ଗ ସିଜନରେ ବେଶୀ ହୁଏ ।
- ଅଧିକ ରିସ୍କ ଅଞ୍ଚଳକୁ ଗଲେ - ଆଫ୍ରିକା, ସାଉଥଇଷ୍ଟ ଏସିଆ, ଇଣ୍ଡିଆନ ସବକଣ୍ଟିନେଣ୍ଟ ଅଂଚଳ ।
- ଯେଉଁ ଲୋକର ଇମ୍ୟୁନ ସିଷ୍ଟମ ଦୁର୍ବଳ ଥିବ - ଏଚ.ଆଇ.ଭି / ଏଡ଼ସ ରୋଗୀ, କ୍ୟାନସର ରୋଗୀ, ଦୁଇସପ୍ତାହରୁ ଅଧିକ ଷ୍ଟିରଏଡ଼ ବ୍ୟବହାର କରୁଥିଲେ ।

## ଏକାପରି ଦେଖାଯାଉଥିବା ରୋଗ :-

**- ଭାଇରାଲ ଇନଫେକସନ :-**

- ଏଚ.ଆଇ.ଭି ଭାଇରସ ।
- କକ୍ସସାକି ଭାଇରସ -ଏ ।
- ଏକୋଭାଇରସ ।
- ପାରା ଇନଫ୍ଲୁଏନଂଜା ଭାଇରସ ଟାଇପ ୧ ଓ ୩ ।
- ଇନଫ୍ଲୁଏଂଜା ଏ ଭାଇରସ ।
- ଏପଷ୍ଟିନ ବାର ଭାଇରସ ।
- ଆଡ଼ିନୋଭାଇରସ ।
- ପାରାଭୋଭାଇରସ ବି ୧୯ ।
- ଲିଂଫୋସାଇଟିକ କୋରିଓମେନିଂଜାଇଟିସ ଭାଇରସ ।
- ହ୍ୟୁମାନ ହରପିସ ଭାଇରସ ୬ ।

**- ବ୍ୟାକ୍ଟେରିଆ ଇନଫେକସନ :-**

- ଆବସେସ - ମାଡ଼ଯୋଗୁ, ବ୍ୟାକ୍ଟେରିଆ ଯୋଗୁ, ଖୁବ୍ କମ୍ ପରିମାଣରେ ଭାଇରସ ଯୋଗୁ ।
- ପାରୋଟିଡ଼ ଡକ୍ଟ ପଥର ।
- ପାରୋଟିଡ଼ ଟ୍ୟୁମର ।
- ଔଷଧ ରିଆକସନ ।
- ରିକରେଣ୍ଟ ପାରୋଟାଇଟିସ ।
- ଯୋଗ୍ରେନ ସିଣ୍ଡ୍ରୋମ ।
- ବେକ ମାଡ଼ ।

## ଚିକିତ୍ସା :-

- ରେଷ୍ଟ ନେବା ।
- ଥଣ୍ଡା କିମ୍ବା ଗରମ ସେକ ।
- ବିନ୍ଧା କମାଇବାପାଇଁ ଔଷଧ ଯଥା- ଆଇବୁପ୍ରୋଫେନ, ଏସିଟାମିନୋଫେନ।
- ଅଧିକ ପରିମାଣରେ ପାଣି ପିଇବା ଉଚିତ୍। ଫଳରେ ଜ୍ୱର ଯୋଗୁ ପାଣି ଶରୀରରୁ କମେନାହିଁ ।
- ଯେଉଁ ଖାଦ୍ୟ ଚୋବାଇବାକୁ ପଡ଼େ ତାକୁ ଖାଇବା ଉଚିତ୍ ନୁହେଁ। ସୁପସ, ସଫଟ ଖାଦ୍ୟ ଯଥା ମାସଡ଼ ପଟାଟୋ, ଓଟମିଲ ଆଦି ଖାଇବା ଉଚିତ ।
- ଖଟା ଖାଦ୍ୟ ଯଥା ସାଇଟ୍ରସ ଫ୍ରୁଟସ, ଜୁସେସ ଆଦି ଖାଇବା ଉଚିତ୍ ନୁହେଁ। କାରଣ ଏ ପ୍ରକାର ଖାଦ୍ୟ ଲାଳ ଅଧିକ ବାହାର କରେ ଓ ଲାଳ ତିଆରି କରୁଥିବା ଗ୍ଲାଣ୍ଡଗୁଡ଼ିକରେ ବ୍ୟଥା ହୁଏ ।

କୌଣସି ଲୋକର ଲାଳ ତିଆରି କରୁଥିବା ଗ୍ଲାଣ୍ଡଗୁଡ଼ିକ ଫୁଲିଗଲେ, କଷ୍ଟହେଲେ, ମୁହଁ ବେକ ଫୁଲିଲେ, ଜ୍ୱର, ଶୀତ, ମୁଣ୍ଡ ବ୍ୟଥା ହେଲେ, ଭୋକ ନହେଲେ, ପେଟ, ମାଂସପେଶୀ, ବେକ, ପେଲଭିସ, ଅଣ୍ଡକୋଷ ବ୍ୟଥା ହେଲେ, ଦେହ ବ୍ୟଥା ହେଲେ,ଚୋବାଇବା, ଗିଳିବାରେ କଷ୍ଟହେଲେ, ତଣ୍ଟି ଦରଜ ହେଲେ, ପାଟି ଶୁଖିଗଲେ, ଶୁଣିବାରେ ଅସୁବିଧା ହେଲେ, ଲିଂପଗ୍ଲାଣ୍ଡଗୁଡ଼ିକ ଫୁଲିଗଲେ, ସେ ଦୁର୍ବଳ ଅନୁଭବ କରି ଥକିପଡ଼ିଲେ, ତାଙ୍କର ତଣ୍ଟି ବିନ୍ଧା ହେଲେ ଡାକ୍ତରଙ୍କ ପରାମର୍ଶ କରି ଯେତେଶୀଘ୍ର ସମ୍ଭବ ଚିକିତ୍ସା କରିବା ଉଚିତ୍ । ନଚେତ୍ ଦେହର ଅସୁବିଧା ହୋଇପାରେ ।

**ଏମ.ବି.ବି.ଏସ.ଏମ.ଏସ**
**ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଖୋର୍ଦ୍ଧା**



# କିସ ନଦେଖିଲା ନେତ୍ର ଗୋ

ରାଜଲକ୍ଷ୍ମୀ

ଆଜି ଦୋଳଯାତ ଗାଁରେ। ଦୋଳବିମାନ, ଦୋଳଯାତ, ଦୋଳ ମେଳଣ ପାଇଁ ଆମ ଗାଁ ଦାମୋଦରପୁର ଭାରି ଜଣାଶୁଣା। ଆଜି ଗାଁକୁ ବହୁଦିନ ପରେ ଆସିଥିଲି। ଗାଁରେ ଆଉ ଛଳଘର ଦେଖିବା ସ୍ୱପ୍ନ ହୋଇଗଲାଣି। ତା' ବି ଗୋଟେ କଥା। ଫି ବରଷ ନଡ଼ାଛପର କରିହଉନି। ନା ଲୋକବଳ ଅଛି ନା ଆଉ କୁଟାନଡ଼ା ସହଜରେ ମିଳୁଛି। ଖାଲି ଘରସାରା ଛପର ନକରି ତାରା ଜହ୍ନ ଦିଶିବା ସାର। ତେଣୁ ଧିରେ ଧିରେ ସବୁ ଗାଁରୁ ଯାଇ ସହରରେ ରହୁଥିବା ଲୋକ ଗାଁ ଘରଟିକୁ ଛାଡ଼ିଦେଲେଣି।

ଏଇ ଦୋଳଯାତ ହେଲେ ଛୁଆପିଲା ଧରି ପ୍ରଦର୍ଶନୀ ଦେଖେଇଲା ଭଳି ଗାଁକୁ ଆସିଦେଖନ୍ତି। ଆସ, ଆସ ଗାଁ ଘର ଦେଖିବା, ଗାଁ ଠାକୁର, ଗାଁ ପୋଖରୀ ଓ ସଜତୋଳା ପଇଡ଼ ଓ ନଡ଼ିଆ ଖାଇବାରେ ସୁଯୋଗ। ସେଥିପାଇଁ ଦିନେ ଦୁଇଦିନ ପାଇଁ ଗାଁ ଲୋକ ସହ ଭରପୁର ଆନନ୍ଦ ନେବାକୁ ଆସନ୍ତି।

ଆଜି କ'ଣ ନେତ୍ର ନ ଦେଖିଲା ମ..... । ହଠାତ୍ ଦାଣ୍ଡପିଣ୍ଡାରେ ବସି ଚ ପିଉଥିବାବେଳେ ନଟବର ଦେଖୁଛନ୍ତି। ଜଣାଶୁଣା ତଥାକଥିତ ପ୍ରଶାସନିକ ଅଧିକାରୀ ଅବଶ୍ୟ ଏବେ ଅବସରପ୍ରାପ୍ତ ବିଷ୍ଣୁ ମିଶ୍ର। ଦାଣ୍ଡ ମଝିଟାରେ ବାଡ଼ିଖଣ୍ଡିଏ ଧରି ଠିଆହୋଇଛନ୍ତି। ପାଖରେ ପୁଣି ସାମ୍ନାସାମ୍ନି ଗପୁଛନ୍ତି। ବେଶି ଜମିବାଡ଼ି ନଥିବା ସମସ୍ତେ ଜାଣିଥିବା ଗରିବ ବ୍ରାହ୍ମଣ ସିନ୍ଧୁ ମିଶ୍ର ସହ। ପୁଣି ହସ ବି ମୁହଁରେ।

ଏଇ ଗାଁରେ ରହୁଥିବା ସିନ୍ଧୁ ମିଶ୍ରେ, ଟିକେ ରାସ୍ତାରେ ଡାକିଦେଇଥିଲେ ବିଷ୍ଣୁ ନନା ଯାଉଛନ୍ତି କି? ଏତିକି ତ କଥା। ଗାଡ଼ିରୁ ଓହ୍ଲେଇ ଗଲେ କଥା ପଦେ ହେଲେ ନାହିଁ। କଥାର ଉତ୍ତର ଦେଲେ ତାଙ୍କ ଡ୍ରାଇଭର ।

କ'ଣ ପଚରୁଛନ୍ତି ସାହେବଙ୍କୁ। ଆଉଦିନେ ସାହେବଙ୍କ ଗାଡ଼ି ଗାଁ ଭିତର ଦେଇ ଗଲାବେଳେ ଆଗରେ ଆସି କିଛି କହିବେନି। ସାରଙ୍କୁ ନମସ୍କାର ଜଣାନ୍ତୁ।

ବିଚରି ସେଦିନ ଅଧାମଥାନତ କରିଥିବା ସିନ୍ଧୁ ମିଶ୍ରେ ଆଉ କେବେ ଆଗକୁ ଆସନ୍ତି ନାହିଁ। ତାଙ୍କର ଯଦି କେବେ ଦେଖା ହୋଇଛି ସେ ଦିନର ଲଜ୍ୟା ଓ ଅଭିମାନକୁ ସମ୍ଭାଳିଦେଇ ଆରପଟକୁ ଚଳିଯାଆନ୍ତି। କାରଣ, "ଗରିବ ମାଇପ ସବୁରି ଶାଳୀ ବନିପାରେ।" ଧୈର୍ଯ୍ୟ ତା'ର ଅନେକ। ସିନ୍ଧୁ ମିଶ୍ରେ ସବୁ ଭୁଲି ଗାଁର ଯେତେକ ସାମାଜିକ କର୍ମରେ ସମସ୍ତଙ୍କ ହାତରେ ହାତ ମିଶାନ୍ତି।

ସମୟ ଖୁବ୍‌ଶୀଘ୍ର ଦୌଡ଼ିଆସି ବିଷ୍ଣ ମିଶ୍ରେଙ୍କୁ ଏକୁଟିଆ କରିଦେଇଛି। ପିଲାଛୁଆ ସବୁ ଯିଏ ଯାହା ବାଟରେ ରୋଜଗାରପାଇଁ ରାଜ୍ୟ ବାହାରେ।

ଅଛି ଯଦି ତାଙ୍କର ବହୁତଳ ପ୍ରାସାଦ, ବିଳାସପୂର୍ଣ୍ଣ ଗାଡ଼ି ଓ ବୃଦ୍ଧପତ୍ନୀ ସେ ପୁଣି ଶଯ୍ୟାସାୟୀ। ଆଜି ଧାଇଁ ଆସିଛନ୍ତି ସେ ଗାଁରେ ନିଜକୁ ଏକ ଜାଗାରେ କିଛିସମୟ ଅତିବାହିତ କରି ଏକାକୀପଣର ଦୂରକରିବାକୁ। କିନ୍ତୁ ବହୁଦିନ ଗାଁରୁ ଦୂରରେ ରହି ସମସ୍ତଙ୍କ ସହ ମିଶିବା ଭାରି କଷ୍ଟହେଉଛି।

ଗାଁରେ ଭି'ତ ସ୍ୱାଭିମାନ ଭର୍ତ୍ତି ହୋଇରହିଛି। ସେମାନେ ନା ପଇସା ଚହାଁନ୍ତି ନା କାହାର ସମ୍ପତ୍ତି ତାଲିକା ଦେଖନ୍ତି। ଯଦି ଦେଖନ୍ତି ଦୁଇପଦ ହୃଦୟରୁ ମିଠାକଥା ଓ ଭାଇଚାରାର ସାହାଯ୍ୟ ଲୋଡ଼ନ୍ତି। ବରଂ ଆଜି ତାଙ୍କୁ ଶୁଣିବାକୁ ମିଳୁଛିମ ବୁଢ଼ାକୁ ଏକୁଟିଆକରି ସବୁ ପିଲା ପଳେଇଲେ ତ ଏବେ ଗାଁକୁ ଦୌଡ଼ିଛି। ସବୁ ଶୁଣି ଗାଁ ଦାଣ୍ଡରେ ଚଳୁଥିବାବେଳେ ଦେଖାହୋଇଛନ୍ତି ସିନ୍ଧୁ ମିଶ୍ରେ। ଆରେ ଭାଇ କହିଲାବେଳକୁ...... ସିନ୍ଧୁ ମିଶ୍ରେ ଆରପଟକୁ ମୁହଁକରି ଶୀଘ୍ର ଶୀଘ୍ର ପଳେଇ ଯାଉଥିଲାବେଳେ, ଧରି ଦେଇଛନ୍ତି ନିଜହାତରେ ବିଷ୍ଣୁ ମିଶ୍ରେ।

ଦୁଇଜଣଙ୍କ ହାତରେ ଦୁଇଟି ବାଡ଼ି। ଜଣଙ୍କର ଚିକଣିଆ କମକୁଟ ଓ ଆରଜଣଙ୍କର ହାତରେ ଗାଁର ମୂଳି ବାଉଁଶ ବାଡ଼ି। କିନ୍ତୁ ସାହାରା ତ ଏକା ତାହାର କାମ। ସେ ହେଉ ବିଦେଶର ଚକଚକ୍ୟ ଶୈଳୀରେ ଆଧୁନିକ ଢ଼ଙ୍ଗରେ ଗଢ଼ା ବା ଗାଁର ଡାବୁକବଣର ବାଉଁଶ ବାଡ଼ିର ଠେଙ୍ଗା।

ନଟବର ବାବୁଙ୍କ ପିଣ୍ଡାରେ ଏବେ ତିନି ଚରିଜଣ ଜମି ଗଲେଣି। ନଡ଼ିଆ ରସରେ ତିଆରି ହେଇଥିବା ଚହା ପିଇବାକୁ। ଏଇଠି ଦୋଳ ବିମାନ ସଜାହେବ ତ.....। ଏଥର ଶୁଣୁଛି ଭାଇରେ ଦେଖୁନ..... କିସ ନଦେଖିଲା ଗୋ ନେତ୍ର ।

ମାର୍ଫତ୍- ଇଂ ପି.ଏନ୍ ମିଶ୍ର
କ୍ୱାଟର ନ-ଇ-୯,ଏସ ଆଇ ପି କଲୋନୀ
ଲକ୍ଷ୍ମୀପୁରୀ-୭୫୭୧୦୭
ଦୂରଭାଷ-୯୪୩୯୯୦୦୧୪୭

# ଥୁଣ୍ଟା ବରଗଛ

ଉମାରାଣୀ ତ୍ରିପାଠୀ

ଥୁଣ୍ଟା ବୁଢ଼ା ବରଗଛଟିଏ ମୁଁ
କେଉଁ ଆଦିମ କାଳରୁ
ମୁଣ୍ଡ ଟେକି ଠିଆହୋଇ ରହିଛି,
ଖରା, ବରଷା, ଶୀତ, କାକରଖାଇ ।
ଦେହଟା ବଧିର ହୋଇଗଲାଣି
ନିଜକୁ ବହୁତ ଏକୁଟିଆ ଲାଗେ
ମୋରି ସାଙ୍ଗରୁ ଅନେକ ବୃକ୍ଷ
ମେଲାଣି ନେଇ ଆଉଗୋଟେ ଜନ୍ମ ପାଇବେଣି
ମୋର ସମସ୍ତେ ମନେପଡ଼ନ୍ତି
ତଥାପି ମୁଁ ବଞ୍ଚିଛି ।

ଆଜି ମୁଁ ନିରବଦ୍ରଷ୍ଟା, ମୂକସାକ୍ଷୀ
ମୋ ଦୁଃଖ ଅତ୍ୟନ୍ତ ମର୍ମନ୍ତୁଦ
କାଳର କରାଳ ଚକ୍ରରେ ମୁଁ ଆଜି ସଢ଼ୁଛି
ମନେପଡ଼େ ମୋ ଅତୀତ ।
ଦିନଥିଲା କଅଁଳ ଛନଛନ ହୋଇ ମୁଁ ବଢ଼ିଥିଲି
ଶାଖାପ୍ରଶାଖା କଅଁଳ ପତ୍ରରେ
ମୋ ଦେହ ଭରି ରହିଥିଲା ।

ମୋ ଛାୟା ତଳେ
କେତେ ପଥିକ ବିଶ୍ରାମ ନେଉଥିଲେ
ମୋରି ଡାଳରେ କେତେ ପକ୍ଷୀ
ବସାବାନ୍ଧି କେତେ ଆନନ୍ଦରେ ସମୟ କାଟୁଥିଲେ ।
ବଇଶାଖୀ ଝାଞ୍ଜିରେ କେତେ ଗାଈଗୋରୁ
ମୋ ଛାୟାରେ ସମୟ କାଟୁଥିଲେ
ସବୁ ମନେଅଛି ।

ସମୟ ଗଡ଼ିଯାଇଛି,
ମୁଁ ଆଜି ଅଥର୍ବ ଥୁଣ୍ଟା ବରଗଛ ଅଦରକାରୀ
ବଞ୍ଚିବାର ମୋହ ଆଉ ନାହିଁ
ମୋ ଦେହରେ ପତ୍ର ନାହିଁ
ଶୁଷ୍କଡ଼ାଳ କେତେଖଣ୍ଡକୁ ଧରି
ପରିଚୟ ଦେଉଛି ।

ଫଗୁଣର ମଳୟ ମୋ ଦେହରେ ବାଜୁନି
ଏ ପରିଣତ ବାର୍ଦ୍ଧକ୍ୟରେ
କେମିତି କଟୁଛି ଦିନ ।

ମୋ ଦେହରେ ବରଷାର ଧାର
ଝରିଗଲେ ବି ମୁଁ ନିରବ ନିଶ୍ଚଳ
ବିଦାୟ ଦିନକୁ ଅପେକ୍ଷା କରିଛି
କେବେ ଆସିବ ସେଦିନ ।

**ଗାନ୍ଧୀନଗର, ଜଟଣୀ, ଖୋର୍ଦ୍ଧା**
**ଦୂରଭାଷ - ୬୩୭୦୨୫୧୫୭୫**



# ସୁ-ଡୋକୁ

ସୁ-ଡୋକୁ ଏକ ଗାଣିତିକ ଧନ୍ଦା । ନିମ୍ନରେ ପ୍ରଦତ୍ତ ଧନ୍ଦାଟିର ଖାଲି ସ୍ଥାନକୁ ଏପରି ଭାବରେ ପୂରଣ କର ଯେପରି ଧାଡ଼ିଗୁଡ଼ିକୁ ଯେଉଁ ପଟରୁ ସିଧା ମିଶାଇଲେ ଯୋଗଫଳ ସମାନ ହେଉଥିବ ଏବଂ କୌଣସି ସଂଖ୍ୟା ଦ୍ୱିତୀୟ ଥର ବ୍ୟବହାର ହୋଇନଥିବ । ସଂଖ୍ୟାଗୁଡ଼ିକ ୧ ଠାରୁ ୯ ମଧ୍ୟରେ ହୋଇଥିବ ।

**ଉତ୍ତର ପୃଷ୍ଠା ନ.-୩୦**

| | | | | | | | | |
|---|---|---|---|---|---|---|---|---|
| | 8 | 9 | 2 | | 7 | | 5 | |
| | 2 | | | 6 | | 8 | | 4 |
| 4 | 5 | | 1 | | 8 | | 9 | 6 |
| 9 | | | 8 | 2 | | 4 | | 7 |
| 3 | | 2 | 7 | | 6 | 5 | | |
| | | 6 | | 5 | 4 | | 1 | 2 |
| 7 | | 4 | | | | 6 | 2 | 5 |
| 2 | | 8 | 4 | 9 | | | 3 | |
| | 3 | | 6 | | 2 | | 4 | 8 |



# ହେ ନାଗର ରାଜ

ଶ୍ରୀ ଶିବସୁନ୍ଦର ପଟ୍ଟନାୟକ

ହେ ନାଗର ରାଜ ନନ୍ଦ ତନୁଜ
କୃପା କର ବାରେ କୃପାକର
ତବ ବଂଶୀଧ୍ୱନି ମଧୁର ମୂର୍ଚ୍ଛନୀ
ରାଧା ନୂପୁରର ସମସ୍ୱର । ।।୦।।
ଆହେ ଉର୍ଜେଶ୍ୱରୀ ବୃନ୍ଦାକେଶରୀ
ଶିଖୀ ପିଚ୍ଛ ମୌଳୀ ବଶକାରୀ
ତବ ବୀଣାଧ୍ୱନି ଶ୍ୟାମ ବଂଶୀଧ୍ୱନି
ସମ୍ମିଳିତ ସ୍ୱର ମୋହକାରୀ ।
ବ୍ରହ ମରାଳୀ ମଧୁର କାକଳୀ
ମଧୁରତମ ବଂଶୀସ୍ୱର । ।।୧
ମହତୀ ବୀଣାନାଦ କୃଷ୍ଣ ବେଣୁ ସ୍ତମ୍ଭିତ
କର୍ଣ୍ଣ ଗୋଚର କରାଇବେ
କୃଷ୍ଣ ରାଧା ଗାନ ମଧୁର କୁଜନ
ମାଧୁର୍ଯ୍ୟ ଲୀଳା ଦେଖାଇବେ ।
ସଂଗୀତ ମୂର୍ଚ୍ଛନା ନାଦ ବୀଣାଜିଣା
କୃଷ୍ଣ ଦୁଷ୍କୃତି କର ଦୂର । ।।୨।।
ଶ୍ରୀରାଧା ଗୋବିନ୍ଦ ଦର୍ଶନ ଆନନ୍ଦ
କସ୍ତୁରୀ କୁଙ୍କୁମ ସୁଗନ୍ଧିତ
ଗୌର ନୀଳ ରୂପ ସୌନ୍ଦର୍ଯ୍ୟ ଅମାପ
ଘ୍ରାଣେନ୍ଦ୍ରିୟ ମୋର ଆନନ୍ଦିତ ।
ନବୀନ ମେଘର ବିଦ୍ୟୁତ ଛଟାରେ
ଦର୍ଶନ କରାଇ ଖୁସିକର । ।।୩।।



ବି.ଦ୍ର -
୧. ଉର୍ଜେଶ୍ୱରୀ - ଶ୍ରୀରାଧା
୨. ବୃନ୍ଦାକେଶରୀ - ଶ୍ରୀରାଧା
୩. ଶ୍ୟାମ ବଂଶୀ - ମୁରଲୀ
୪. ମହତୀ ବୀଣା - ଶ୍ରୀରାଧାଙ୍କ ବୀଣା

**ସଭାପତି, ଶ୍ରୀ ଜଗନ୍ନାଥ ସାହିତ୍ୟ ପରିଷଦ**
**କନକ ମୃଗ, କାରାଗାର ପଥ, ଖୋର୍ଦ୍ଧା**
**ମୋ - ୯୪୩୭୪୨୧୮୦୪**

# ଚିଠିଟିଏ

ରାଜକିଶୋର ପାଣିଗ୍ରାହୀ



ଆକସ୍ମିକ ଭାବେ, ଅସୁସ୍ଥ ହୋଇ ମୁଁ
ଆମ୍ବୁଲାନ୍ସ ଗାଡ଼ିଧରି,
ଚିକିତ୍ସା ପାଇଁ କି, ଚିକିତ୍ସାଳୟ ଯିବି
ସୁସ୍ଥ ହେବି ଆଶାକରି । ।।୧।।
ଚଞ୍ଚଳ ଗତିରେ ଧାଏଁ ଆମ୍ବୁଲାନ୍ସ
ଜରୁରୀ ଘଣ୍ଟି ବଜାଇ,
ଶୁଣିହେଲେ କାଲା, ଦେଖିଦେଲେ କଣା
ଟ୍ରାଫିକ୍ ବୁଝିଲା ନାଇଁ । ।।୨।।
ଚତୁର ମଣିଷ ହେଲେ ଅମଣିଷ
ବିବେକ ବନ୍ଧା ପକାଇ,
ଜରୁରୀ ଗାଡ଼ିକୁ ବାଟ ମିଳିଲାନି
ସର୍ବେ ଅନ୍ଧ ଆଖିଥାଇ । ।।୩।।
କାକୁତି ମିନତି, ହୋଇଲେ ମୋ ଆତ୍ମୀୟ
କେହି ତ ବୁଝିଲେ ନାଇଁ,
ବିଳମ୍ବ ବେଳକୁ ରୋଗ ବୁଝିଲାନି
ଗଲି ପରାଙ୍ଗତି ପାଇ । ।।୪।।
କାହାକୁ କହିବି, କିଏ ବା ଶୁଣିବ
ଆମେ ସବୁ ଅମଣିଷ,
ସାମାନ୍ୟ ସ୍ୱାର୍ଥକୁ ବଳି ଦେଇଥିଲେ
ଥାଆନ୍ତା କି ଅବଶୋଷ ? ।।୫।।
କଡ଼ିରୁ ଫୁଲଫୁଟେ, ହୋଇନିଷ୍ଟେ ଦିନେ
ବିତରିଥାନ୍ତି ମହକ,
ସେଇ ମହକରେ ହସିଥାନ୍ତା ଦେଶ
ରଖିଥାନ୍ତି ଜାତିଟେକ । ।।୬।।
ଅକାଳେ ଜୀବନ ହୋଇଗଲା ଲୀନ
ସ୍ୱାର୍ଥର ସାରଥି ପାଇଁ
ଅନ୍ୟପାଇଁ ଟିକେ ସ୍ୱାର୍ଥ ତ୍ୟାଗକର
ଅନୁରୋଧ, ସ୍ୱର୍ଗ ଥାଇ । ।।୭।।
ବରେଣ୍ୟ ସର୍କାର, ରାଜ୍ୟ ପରିବାର
ବାନ୍ଧ ବାନ୍ଧ ବେଳ ଥାଉ
ସଚେତନ ଆଉ ସାବଧାନ ହେଲେ
ବିପଦ ନହେବ ଆଉ । ।।୮।।
ସରଗରୁ ମୋର ଚରମ ପତର
ତଦନ୍ତରେ ଲୋଡ଼ନାହିଁ
କାମକରି ଚାଲ, ଅନ୍ୟଭଲ ପାଇଁ
ବିବେକ, ବୁଦ୍ଧି ଖଟାଇ । ।।୯।।

କଣ୍ଟାବାଡ଼ ।
ଦୂରଭାଷ-୯୪୩୭୮୨୭୯୫୭

# ରୋଗୀ ସେବା କରୁ କରୁ ଯିଏ ରୋଗୀ ବନିଗଲେ



ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ

ସେତେବେଳେ ସାରାଓଡ଼ିଶା ମୁଲକରେ ଥିଲା ଗୋଟିଏ ବଡ଼ସ୍କୁଲ। ତା'ର ନାଁ ଥିଲା, ଭାରି ବିଖ୍ୟାତ। ଓଡ଼ିଶାର ଚାରିଆଡୁ ପିଲାମାନେ ଆସି ଏଇଠି ପାଠପଢୁଥିଲେ। ପିଲାମାନେ ଛାତ୍ରାବାସରେ ରହନ୍ତି। ଛାତ୍ରାବାସ ଦାୟିତ୍ୱରେ ଜଣେ ଗୁରୁଜୀ ଥାଆନ୍ତି, ଭାରି ଉପକାରୀ ମଣିଷ ଜଣେ। ସେ ପିଲାଙ୍କ ଭଲମନ୍ଦ କଥା ବୁଝନ୍ତି। କାହାର ଦେହ ଖରାପ ହେଲେ ପାଖେ ପାଖେ ବସିରହି ସେବାକରନ୍ତି। ସେ ପିଲାମାନଙ୍କୁ ବାପା-ମାଆଠାରୁ ବଳି ସ୍ନେହକରନ୍ତି, ଆଉ ପିଲାମାନେ ବି ତାଙ୍କୁ ଭଲପାଆନ୍ତି। ସୁତରାଂ ଛୁଟିଦିନମାନଙ୍କରେ ବି କେହି ଘରକୁ ଯିବାକୁ ମନକରନ୍ତିନାହିଁ।

ବର୍ଷେ ସେ ଅଞ୍ଚଳରେ ଖୁବ୍ ଜ୍ୱର ବ୍ୟାପିଲା। ବିଦ୍ୟାଳୟର ଛାତ୍ରାବାସରେ ଅନେକ ପିଲା ଜ୍ୱରରେ ଶୋଇଗଲେ। ଏଇ ଗୁରୁଜୀ ଜଣକ ଅତ୍ୟନ୍ତ ବ୍ୟସ୍ତହୋଇପଡ଼ିଲେ। ପୀଡ଼ିତ ଛାତ୍ରଙ୍କର ସେବାରେ ଦିନରାତି ଲାଗିପଡ଼ିଥାନ୍ତି। ସେମାନଙ୍କ ପାଖେ ପାଖେ ଜଗିବସି ଯେତେବେଳେ ଯାହାର କ'ଣ ଲୋଡ଼ାହୁଏ ଯୋଗାଇଦିଅନ୍ତି। କାହାକୁ କେତେବେଳେ ଔଷଧ ଦିଆଯିବ, କାହାକୁ କି ପଥ୍ୟ ଲୋଡ଼ା ସବୁକଥା ବୁଝୁଥାନ୍ତି।

ଦିନକର କଥା – "ରୋଗୀ ସେବା କରୁ କରୁ ଶିକ୍ଷକ
ଦିନେ ସେ ରୋଗରେ ହେଲେ ଆକ୍ରାନ୍ତ
ହରାଇ ବସିଲେ ଚେତା
ଚେତା ଫେରୁ ଫେରୁ ପଚାରି ବୁଝିଲେ
ରୋଗିଣା ଛାତ୍ରଙ୍କ କଥା।"

ଧନ୍ୟ ସେ ଗୁରୁଜୀ। ସେ ନିଜକଥା ବୁଝିବେ କ'ଣ ଜ୍ୱରରେ ପୀଡ଼ିତହୋଇ ଥରୁଥାନ୍ତି, ଅଥଚ ପଚାରୁଥାନ୍ତି ପିଲାଙ୍କ ଦେହପା'କଥା। କିଏ କ'ଣ ଖାଇଲା କି ନଖାଇଲା ସେକଥା।

ଏତିକିବେଳେ ଛାତ୍ରାବାସରୁ କେତେଜଣ ପିଲାଯାଇ ଡାକ୍ତରଙ୍କୁ ଡକାଇଆଣିଲେ। ଗୁରୁଜୀଙ୍କର ଚିକିତ୍ସା କରାଇଲେ ଓ ତାଙ୍କସେବାରେ ଲାଗିପଡ଼ିଲେ। ଏପରିକି ତାଙ୍କୁ ଜଗିବସିଲେ।

ଏହାଦେଖି ଗୁରୁଜୀ କହିଲେ – "ପିଲାମାନେ! ତୁମେ ମୋତେ ଜଗିବସିବା ଲୋଡ଼ାନାହିଁ। ରୋଗିଣା ପିଲାଙ୍କର ସେବାକର। କିଏ କ'ଣ ଖାଇବ ଆଗ ସେକଥା ବୁଝ।"

ସତରେ ଏହିଭଳି ଲୋକ ଏ ଦୁନିଆରେ କେତେ ଅଛନ୍ତି କହିଲ, ଯେଉଁମାନେ ନିଜକଥା ଭୁଲିଯାଇ ପରର ଦୁଃଖଦେଖି ବ୍ୟାକୁଳ ହୁଅନ୍ତି?

ସେଇ ଗୁରୁଜୀ କହନ୍ତି – "ପିଲାଏ! କାଛୁ କୁଣ୍ଡିଆ ଡିଆଁରୋଗ ସିନା, ଏହାକୁ ନିୟମିତ ସଫା ରଖିଲେ ଆପେ ଆପେ ଭଲହୋଇଯାଏ। ଆଉ ଯିଏ ଅପରିଷ୍କାର ରହେ, ତାକୁ ହିଁ ଏ ରୋଗ ହୋଇଥାଏ।"

ସାଧାରଣତଃ ପିଲାଦିନେ ପିଲାମାନେ ଅପରିଷ୍କାର ରହିବା କାରଣରୁ ଏହିରୋଗ ସେହିମାନଙ୍କଠାରେ ହିଁ ଦେଖାଦେଇଥାଏ। ବିଶେଷକରି ଆଙ୍ଗୁଠି ସନ୍ଧିରେ ମଇଳା ଜମିରହିବା ସ୍ଥାନରେ ଏହି ରୋଗ ହୋଇଥାଏ। ଏହାର ପୂଜ, ରକ୍ତ ଯେଉଁ ସ୍ଥାନରେ ଲାଗେ ସେଠାରେ ଫୋଟକାଭଳି ଆଉ ଗୋଟିଏ ଘା' ହୋଇଯାଏ।

କାଛୁକୁଣ୍ଡିଆ ରୋଗୀକୁ ଦେଖିଲେ ଲୋକ ନାକଟେକନ୍ତି। ରୋଗ ଡେଇଁବ ବୋଲି କେହି ତା'ପାଖ ମାଡ଼ନ୍ତିନାହିଁ। ହେଲେ ଏଇ ଗୁରୁଜୀ ଜଣକ କ'ଣ କରନ୍ତି ଶୁଣ ସେକଥା –

"ଡିଆଁରୋଗ ବୋଲି କାଛୁକୁଣ୍ଡିଆ
କିଏ ସିନା ଦୂରୁ ମାରେ ମୁଣ୍ଡିଆ
ଏଇ ଗୁରୁଜୀ ଜଣକ
ରୋଗୀ ପାଖେ ବସି ପୋଛନ୍ତି ଘାଆରୁ
ପୂଜ, ରକତ ଯେତେକ ।"

ମାତ୍ର ଏଇ ଗୁରୁଜୀ ଜଣକ ଏଭଳି ରୋଗୀଙ୍କୁ କେଉଁଠି ଦେଖିଦେଲେ ପାଖକୁ ଡାକିବସାନ୍ତି। ନିମ୍ବପତ୍ରକୁ ପାଣିରେ ସିଝାଇ ପିଲାଙ୍କର ଘା'ଧୋଇ ସଫା କରିଦିଅନ୍ତି। ଧୋଇବାବେଳେ କାହାର ଘା' ଛିଣ୍ଡିଗଲେ ପିଲାମାନେ କାନ୍ଦନ୍ତି। ହେଲେ ଏଇ ଗୁରୁଜୀ ଜଣକ ସ୍ନେହବୋଳା କଥା କହି ପିଲାର କାନ୍ଦଣା ବନ୍ଦ କରିଦିଅନ୍ତି। ପ୍ରତିଦିନ ଏହିଭଳି କରିବାକୁ ମାଆମାନଙ୍କୁ ବୁଝାଇ ଆସନ୍ତି।

ଏଇ ଗୁରୁଜୀ ଜଣକ ଅନ୍ୟକେହି ନୁହଁନ୍ତି – ସେ ଥିଲେ ଆଚାର୍ଯ୍ୟ ହରିହର ଦାସ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷକ, ପଞ୍ଚସଖା ଭିତରୁ ଜଣେ। ସେ ପିଲାଦିନୁ ବରାବର ରୋଗୀସେବା କରୁଥିଲେ ଓ ସମସ୍ତଙ୍କୁ କହୁଥିଲେ, "ଭଲ ମଣିଷ ହୁଅ" ।

ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଡାକରାରେ ଗୋପବନ୍ଧୁଙ୍କ ସହିତ ଆଚାର୍ଯ୍ୟ ମହାଶୟବି ଯୋଗ ଦେଇଥିଲେ। ଆଚାର୍ଯ୍ୟ ମହାଶୟ ଆମରାଜ୍ୟର ଜଣେ ମୁରବୀଭଳିଆ ମଣିଷ ଥିଲେ।

ଗୋରାମାନେ ଆମ ଦେଶଛାଡ଼ି ଚାଲିଗଲେ। ଏହାପରେ ଆମ ଦେଶ ଲୋକ ଆମ ଦେଶକୁ ଶାସନ କଲେ। ହେଲେ ଆଚାର୍ଯ୍ୟ ଏଥିରେ ଭାଗନେଲେନାହିଁ। ସେ ଆଗଭଳି ଲୋକଙ୍କ କଥା ବୁଝିଲେ ଓ ଦୁଃଖସୁଖରେ ଠିଆହେଲେ।

୧୯୭୧ ସାଲ ଫେବୃୟାରୀ ମାସରେ ୯୪ବର୍ଷ ବୟସରେ ସେ ଆଖିବୁଜିଦେଲେ।

ମନେରଖ – "ଭଲକାମ ଯିଏ କରୁଥାଏ ସଦା
କହେ ନାହିଁ ଜମା କରୁଛି ବୋଲି
ଜନ ସମାଜରେ ଶତ ଶତ ମୁଖେ
ସେ ଲୋକ ପ୍ରଶଂସା ପଡ଼େ ଉଛୁଳି।"

**ଖମାରସାହି, ବାଣପୁର, ଖୋର୍ଦ୍ଧା**
**ଦୂରଭାଷ- ୯୬୬୮୫୬୦୬୪୫**



# ଅଭିଜ୍ଞତାରୁ ପଦେ... ଜଣେ ଆଦର୍ଶ ଶିକ୍ଷକ ଆମ ଗୌରବ

**ଡ.ପ୍ରମୋଦ ଚନ୍ଦ୍ର ଦାଶ**

୩୧.୦୧.୨୦ରେ ରବୀନ୍ଦ୍ରନାଥ ଶତପଥୀ ବସନ୍ତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ନେବା କାଳରେ ସେହି ବିଦ୍ୟାଳୟରେ ତାଙ୍କ ପାଇଁ ଏକ ଅବସରକାଳୀନ ଉତ୍ସବ ଅନୁଷ୍ଠିତ ହେଉଥିଲା। ମୁଁ ସେହି ଉତ୍ସବରେ ମୁଖ୍ୟଅତିଥିଭାବରେ ଯୋଗଦେଇଆସୁଅଛି। ମୁଖ୍ୟବକ୍ତା ଏବଂ ଅତିଥିଭାବରେ ଅନେକ ସଭାସମିତିରେ ମୁଁ ଯୋଗ ଦେଇ ଆସୁଅଛି। ମାତ୍ର ସେଦିନ ମୋର ଅନୁଭୂତିକୁ ମୁଁ ଆପଣମାନଙ୍କୁ ଜଣାଇବାକୁ ଇଚ୍ଛା କରୁଛି।

ସେ ମହାଶୟ , ୩୬ ବର୍ଷ ଚାକିରି ଭିତରେ ପାଠଦାନ ସହ ସାଧାରଣଜ୍ଞାନ,ତର୍କ ଏବଂ ବକ୍ତୃତା ଆଦି ସହପାଠ୍ୟକ୍ରମ ସହ ପିଲାଙ୍କୁ ଯୋଡ଼ି ଥାଆନ୍ତି। ପିଲାଙ୍କ ଉପସ୍ଥାନ ଶତପ୍ରତିଶତ କରିବାପାଇଁ ସେ ଅଭିଭାବକଙ୍କ ସହଯୋଗସୂତ୍ର ରଖିଥାନ୍ତି। ସହକର୍ମୀ ଶିକ୍ଷକ/ଶିକ୍ଷିକାମାନଙ୍କୁ ଉତ୍ତମ ଶିକ୍ଷାଦାନ ପାଇଁ ପ୍ରେରଣାଦେବା ସହ ସୁବିଧା ଅସୁବିଧାରେ ନୈତିକ ମନୋବଳ ଦେଇ ଉତ୍ସାହିତ କରିଥାନ୍ତି। ଶିକ୍ଷକମାନଙ୍କ ସମସ୍ୟାର ସମାଧାନ ମଧ୍ୟ କରନ୍ତି। ଛାତ୍ରର ଭବିଷ୍ୟତ ଗଢ଼ିବାପାଇଁ ସେ ଜଣେ ଉତ୍ତମ ବନ୍ଧୁ ଏବଂ ପଥ ପ୍ରଦର୍ଶକ।

୨୩.୦୨.୨୦ ଦିନ ୨ ଘଟିକା। ବସନ୍ତ ସ୍କୁଲରେ ମୁଁ ପହଁଞ୍ଚିଲି। ରବିବାବୁଙ୍କୁ ଦେଖିଲି। ଖୁସିରେ ବୁଲୁଥିଲେ। ପାଖକୁ ଗଲି। ପେନଟିଏ ଦେଲି। କହିଲି ସାର ଆମରି ସତ୍ୟ ପାଇଁ ଲେଖାଲେଖି କରିବେ। ଉତ୍ତର ଆସିଲା - ନିଶ୍ଚିତ। ...... ଏମିତି କିଛି ଦୁଃଖ ସୁଖ।

ଦେଖିଲି ଅନେକ ତାଙ୍କର ଶିକ୍ଷକ ବନ୍ଧୁ ଆସିଥାନ୍ତି। ଗ୍ରାମର ପ୍ରାୟ ଅଧିକାଂଶ ପୁରୁଷ ମହିଳା ଏବଂ ପିଲାମାନେ ମଧ ଥାଆନ୍ତି। ରବିବାର ହେଲେ ବି ସମସ୍ତ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଥାଏ। ଖୋରଧାର ବିଭିନ୍ନ ଅଂଚଳରୁ ଅନେକ ଶିକ୍ଷକ ଆସିଥାନ୍ତି। ଦିନ ୩ଟା, ସଭାକାର୍ଯ୍ୟ ଆରମ୍ଭ ହେଲା। ପ୍ରଥମେ ପିଲାମାନେ କହିବାକୁ ଆରମ୍ଭ କଲେ। ପ୍ରଥମ ପିଲାଟି କହିଲା, ସାର ଆମ ସ୍କୁଲର ସବୁ ପିଲାଙ୍କୁ କଲମ ଦିଅନ୍ତି ଲେଖିବାକୁ। ସାର ଆମର ବହୁତ ଭଲ। ଭଲ ପାଠ ପଢ଼ାନ୍ତି। ଆଉ ଭାରି ଭଲ ପାଆନ୍ତି। ଛୋଟ ପିଲାଙ୍କ ଭାଷଣ ଅତି ଚମତ୍କାର ଥିଲା। ତୃତୀୟ ଶ୍ରେଣୀର ଏକ ଝିଅ ଇଂରାଜୀ, ହିନ୍ଦୀ ଏବଂ ଓଡ଼ିଆରେ କହିଲା। ପିଲାମାନେ ଧାଡ଼ିକରି ଥାଆନ୍ତି କହିବାପାଇଁ। ପ୍ରାୟ ଅଶିଜଣ। ପିଲା କହୁଥିବା ସମୟରେ ଅଧିକାଂଶ ବନ୍ଧୁ ଛୋଟ ବଡ଼ ବିଦାୟକାଳୀନ ଉପହାରମାନ ଦେଉଥାନ୍ତି। ଉପହାରରେ ପୋତି ହୋଇ ପଡୁଥାନ୍ତି ବଂନ୍ଧୁ। ପିଲାମାନେ କହୁଥାନ୍ତି, ସମସ୍ତେ ଆସୁଥାନ୍ତି ଏବଂ ଉପହାର ଦେଉଥାନ୍ତି। ଗ୍ରାମର ସ୍ତ୍ରୀଲୋକମାନେ, କଲେଜ ପଢୁଆ ଝିଅ ଏବଂ କାମ କରୁଥିବା ଶ୍ରମିକମାନେବି ଆସି ଉପହାର ଦେଉଥାନ୍ତି। କିଛି ପୁରୁଣା ଛାତ୍ର ଗୋଟିଏ ସାଇକେଲ ଆଣି ଷ୍ଟେଜ ପାଖରେ ରଖି ଚାବି ଦେଲେ। କହିଲେ ସାର ସାଇକେଲ ଚଲାଇବାକୁ ଭଲପାଆନ୍ତି। ଜଣେ ଶ୍ରମିକ ଛୋଟ ଉପହାର ସହ ୫୦ଟଙ୍କା ୧୦ଟଙ୍କିଆ ଆଣି ଦେଲା। ସେ ଦେଲା ବେଳେ କହୁଥାଏ ସାର ଆପଣଙ୍କ ପକେଟ ଦେଖାନ୍ତୁ ଟଙ୍କା ରଖିଦେବି। ସାରଙ୍କ ପଛପଟରେ ଆସି ଠିଆ ହୋଇଥାଏ । ଦେଲା। ତା ପରେ ଗଲା। ଅତି ଆବେଗଭରା ପରିସ୍ଥିତି। ସମସ୍ତେ ସାରଙ୍କୁ ବାଧ କରୁଥାନ୍ତି ଉପହାର ରଖିବାପାଇଁ। କେବଳ ସେତିକି ନୁହେଁ ଗ୍ରାମର ପ୍ରାୟ ସମସ୍ତେ ଏବଂ ସ୍କୁଲର ସବୁ ପିଲା ହାତରେ କିଛିନା କିଛି ଦେବା ପାଇଁ ଠିଆ ହେଲେ। ଏପରି ପରିସ୍ଥିତି ସୃଷ୍ଟି ହେଲା କାରଣ ଅନ୍ୟ ବନ୍ଧୁମାନେ ମଧ୍ୟ ନିଜ ପ୍ରିୟ ବନ୍ଧୁଙ୍କ ଉପହାର ଦେଉଥିଲେ। ଏହା ଦେବା ନେବାର ପ୍ରଶ୍ନ ନୁହେଁ। ଏହା ଭଲପାଇବାର ନିଦର୍ଶନ।

ଖାଲି ସେତିକି ନୁହେଁ, ଅଧିକ ମତେ ପ୍ରଭାବିତ କରିଥିଲା ପ୍ରାୟ ଶତାଧିକ ଗ୍ରାମବାସୀଙ୍କ ସହ ତାଙ୍କର ପ୍ରତି ଘରକୁ ଯିବା। ସେଠାରେ ସମସ୍ତେ ଚିତା ପକାଇ, କ୍ଷୀର ମିଠା ଧରି ଅପେକ୍ଷା କରିଥିଲେ ତାଙ୍କ ଗ୍ରାମର ମଣିଷ ତିଆରି କାରଖାନାର ଜଣେ ମୁରବୀଙ୍କୁ ତାଙ୍କ ଦାନର ପ୍ରତିଦାନ ଦେବାପାଇଁ। ସମସ୍ତ ସ୍ନେହ ଶ୍ରଦ୍ଧା ଗ୍ରାମବାସୀ ଅଜାଡ଼ି ଦେଇଥିଲେ। ଶେଷରେ ପ୍ରାୟ ୫୦ଟି ଦୁଇ ଚକିଆ ମୋଟର ଗାଡ଼ିର ଏକ ଶୋଭାଯାତ୍ରାରେ ତାଙ୍କ ଗ୍ରାମ ଟାଙ୍ଗୀଆପଡ଼ାରେ ଛାଡ଼ିଲେ।

ସେ ସମୟର ଦୃଶ୍ୟ ମୋ ମନକୁ ଏବେବି ଆନ୍ଦୋଳିତ କରୁଛି। ଆଉ ମନରେ ପ୍ରଶ୍ନ ଉଙ୍କି ମାରୁଛି ? ସତରେ କ'ଣ ସରକାରୀସ୍କୁଲରେ ଭଲ ପାଠ ପଢ଼ା ହୁଏନା ? ପିଲାଙ୍କର ଶିକ୍ଷାର ମୂଳଦୁଆ ଠିକ ଭାରେ ପଡ଼େନା ? ବିନା ପଇସାରେ ପାଠ ପଢ଼ିଲେ ପାଠ ହୁଏନା ? ସରକାରୀ ସ୍କୁଲରେ ଯେଉଁମାନେ ପଢ଼ନ୍ତି ସେମାନେ ଖାଲି ମଧ୍ୟାହ୍ନ ଭୋଜନ ଖାଇବାକୁ ଯାଆନ୍ତି ? ସେଠାରେ ଗୁଣାତ୍ମକ ଶିକ୍ଷା ଦିଆ ଯାଏନା ? ପିତାମାନଙ୍କର ଆଗ୍ରହ ନଥାଏ ପିଲାଙ୍କୁ ସେଠାରେ ପଢ଼ାଇବାପାଇଁ ? ଏମିତି ଅନେକ...। ବର୍ତମାନ ଉଚ୍ଚପଦବୀରେ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରରେ କାମ କରୁଥିବା ସମସ୍ତ ଓଡ଼ିଆ ଅଫିସରମାନେ ଇଂରାଜୀ ସ୍କୁଲର ଛାତ୍ର ବା ଛାତ୍ରୀ ଥିଲେ କି ?

ଏ ସମସ୍ତର ଉତ୍ତର ନିଶ୍ଚିତ ଆପଣମାନେ ଜାଣିଥିବେ। ଗୋଟିଏ ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଯଦି ଏତେ ସମ୍ମାନର ଅଧିକାରୀ ହୋଇ ପାରୁଛନ୍ତି ଆମେ ଶିକ୍ଷକବନ୍ଧୁମାନେ ସେଥିପ୍ରତି ଯତ୍ନବାନ ହେଲେ ଏ ସମାଜରୁ ଗରିବ ଗୁରୁବା ଘରର ମେଧାବୀ ଛାତ୍ରଛାତ୍ରୀଙ୍କର ଭାଗ୍ୟର ପରିବର୍ତ୍ତନ ହୋଇପାରିବ ଏଥିରେ ସନ୍ଦେହ ନାହିଁ।

ଏବେ ସରକାର ୧୦୧ଟି ଆଦର୍ଶ ସ୍କୁଲରେ ପ୍ରଥମ ଶ୍ରେଣୀରୁ ସ୍ପୋକେନ ଇଂରାଜୀ ଶିକ୍ଷା ଦେବେ। ସେହି ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ପ୍ରତି ବିଦ୍ୟାଳୟକୁ ୨୫ ଲକ୍ଷ ଅନୁଦାନ ଦେବେ। ଆହୁରି ମଧ ବିଦ୍ୟାଳୟର ଗୁଣାତ୍ମକ ମାନ ବୃଦ୍ଧିପାଇଁ ବହୁ ସ୍କୁଲକୁ ମିଶ୍ରଣ କରାଯାଇଛି। ଆଶାର ପ୍ରଦୀପ ଜଳୁଛି। ଜଳିବ। ଜଳୁଥିବ ମଧ୍ୟ। ତେଣୁ ଏବେବି ଆଶା ଅଛି ଆମ ସରକାରୀ ବିଦ୍ୟାଳୟ ଆମ ଆଦର୍ଶ ଶିକ୍ଷକମାନଙ୍କ ଦ୍ୱାରା ପୂର୍ବ ଗୌରବ ଫେରାଇ ଆଣିବ।

ଦୁରଭାଷ-୯୪୩୭୨୮୧୬୫୫

# କଳିଙ୍ଗ କନ୍ୟା

ପ୍ରେମଶୀଳା ରାଉତରାୟ



କାରୁବାକୀ କୃଷ୍ଣ କବରୀରେ
ନଇଁ ଆସେ କଳିଙ୍ଗର ସଂଜ,
ତଟିନୀ ଦୟାର ନିସ୍ତରଙ୍ଗ ଜଳେ
ଖେଳିଯାଏ ଲୋହିତ ତରଙ୍ଗ । ॥


ମୌନ ମଗ୍ନ ଧଉଳିର ବକ୍ଷ
ଥରି ଉଠେ ଅଦ୍ଭୁତ କଂପନେ
ପଳାଶର ଲୋହିତ ଓଠରେ
ରକ୍ତଛିଟା ତା'ର ଅପଘନେ,
ସ୍ତବ୍ଧ ହୁଏ ମାଟିରୁ ଆକାଶ
ତରୁଲତା ହୋଇଯାନ୍ତି ତ୍ରସ୍ତ,
କଳିଙ୍ଗର ଭାଗ୍ୟାକାଶେ ହୁଏ
ସ୍ୱାଧୀନତା ସୂର୍ଯ୍ୟ ଅସ୍ତମିତ ॥

ମଗଧ ରାଜାର ମଦମତ୍ତ କଳିଙ୍ଗ ପିପାସା
ଛିନ୍‌ଭିନ୍ କରେ ସବୁଇଚ୍ଛା
ସୁନା ସ୍ୱପ୍ନ ସବୁ ଚୂନା ଚୂନା
ତଥାପିତ ଓଠ ଧାରେ ହସ
ସେ କୁଆଡ଼େ କଳିଙ୍ଗର କନ୍ୟା
ବଧୂ ପୁଣି ଜନନୀ ଭଗ୍ନାଂଶ ॥

ହାରିବା ସେ ଶିଖିନାହିଁ କେବେ
ଗାଇପାରେ ଜୀବନ ସଂଗୀତ
ଚଣ୍ଡାଶୋକ ହୁଏ ସ୍ତମ୍ଭୀଭୂତ
ପାଇଯାଏ ଜୀବନର ତତ୍ତ୍ୱ ॥

ଦୁର୍ଗାପ୍ରସାଦ, ରାମଚଣ୍ଡୀ,
ଖୋରଧା

# କୁନ୍ତଳାକୁମାରୀ ସାବତ



ଆଦି ନାରାୟଣ ଖଣ୍ଡୁଆଳ

ପିଲାଟି ବେଳରୁ ରୁଗ୍‌ଣ ଶରୀର
ନିଷ୍ଠା ଚେଷ୍ଟା କିନ୍ତୁ ଦ୍ୱିଗୁଣ ଶକ୍ତି
ଡାକ୍ତରୀ ପାଠରେ ସ୍ୱର୍ଣ୍ଣିମ ସମ୍ମାନ
ଶତଗୁଣ ତୁମ ସେବା ପ୍ରବୃତ୍ତି । ॥୧॥
ଡାକ୍ତରୀ ପ୍ରବୃତ୍ତି ଲେଖିବା ନିବୃତ୍ତି
ଝରିପଡ଼େ ଲେଖା ପ୍ରକୃତି ଗୀତି
ହସିଉଠେ ଚିତ୍ର ନିଛକ ନିଖୁଣ
ସାମାଜିକ ଚିନ୍ତା ଚେତନା କ୍ରାନ୍ତି । ॥୨॥
ବହୁ ଭାଷା ଭାଷୀ ଲେଖା ଲେଖନୀରେ
ହିନ୍ଦୀଠୁ ଓଡ଼ିଆ ବଙ୍ଗଳା ପ୍ରୀତି
ଇଂରାଜୀରେ ଲେଖା ଅତି ଚମତ୍କାର
ଲେଖିଛ ଅନେକ ସୁନ୍ଦର ପୋଥି । ॥୩॥
କବିତା 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଅର୍ଚ୍ଚନା',
'ସ୍ଫୁଲିଙ୍ଗ', 'ଆହ୍ୱାନ', 'ତାରର ପ୍ରତି',
'ଭ୍ରାନ୍ତି', 'କାଳିବୋହୂ' ଶ୍ରେଷ୍ଠ ଉପନ୍ୟାସ
ରଘୁ ଅରକ୍ଷିତ ରହିଛି ଖ୍ୟାତି । ॥୪॥
ହିନ୍ଦୀରେ 'ସତୀତ୍ୱ', 'ନାରୀ ଜାଗରଣ'
'ବରମାଳା' ପୁଣି ସୁନ୍ଦର କୃତି
ସମାଜ ସଂସ୍କାର ପ୍ରକୃତିର ରୂପ
କାବ୍ୟ କବିତାରେ ଝରଇ ମୋତି । ॥୫॥
'ଜୀବନ ନୁହେଁ ମୋ ସପନ ଛଳନା
ଜୀବନ ଆନନ୍ଦମୟ ହେ
କରମ ଲାଗି ମୁଁ ଜନମ ଲଭିଛି
କରମେ ଲଭିବି ଜୟ ହେୟ ।' ॥୬॥
ଶେଫାଳୀ, କଇଁର ଦୁର୍ଲ୍ଲଭ ଜୀବନ
ଅବେଳେ ଝଡ଼ିଲ ଉତ୍କଳ ଛାତି
ଅଳପ ଦିନର ଗଳପ ତୁମେ ହେଁ
କଳପ କଳପ ମୂଲ୍ୟ ସମ୍ପତ୍ତି । ॥୮॥
ଚିର ବନ୍ଦନୀୟା ଚିର ମହନୀୟା
ଉତ୍କଳ ଭାରତୀ ଉତ୍କଳ ଜ୍ୟୋତି
କୋଟିଏ ପ୍ରଣାମ ଲେଖନୀ ମୁନକୁ
ତ୍ୟାଗ ସମର୍ପଣ ସେବା ପ୍ରବୃତ୍ତି । ॥୯॥

ଜଟଣୀ, ମୋ - ୯୨୩୮୫୯୨୨୭୭

# ଚଲି ନଜାଣି ବାଟର ଦୋଷ

**ରବି ଶତପଥୀ**

ସକାଳୁ ସକାଳୁ ସପନି ଚ ଦୋକାନରେ ଧଡ଼ିଆ ବସି ଦିଢ଼ୋକ ଚ ପିଇଛି ଆସି ପହଞ୍ଚିଗଲା ଶୁକୁଟା। ସପନିଠୁ କପେ ଚ ଆଣି ଫୁଙ୍କ ମାରୁ ମାରୁ କହିଲା ଜାଇଁଲୁ ଧଡ଼ି, କାଲି ଧନି ବୋଉଟା ବାଇକ୍‌ରୁ ପଡ଼ି ବଡ଼ ମେଡ଼ିକାଲ ଯାଇଛି। ବୁଢ଼ୀର ଅବସ୍ଥା ଭଲନାହିଁ। ମୁଣ୍ଡ ପଛପଟ ମାଡ଼ହୋଇଛି, କାନରୁ ରକ୍ତ ବାହାରୁଥିଲା। ଏଯାଏ ଚେତା ଫେରିନି।

ଧଡ଼ିଆ ପଚାରିଲା , ଆରେ ବୁଢ଼ୀ ପଡ଼ିଲା କେମିତି ? ଶୁକୁଟା କହିଲା ଧନି ତାକୁ ମହାଦେବଙ୍କ ପାଖକୁ ଜାଗର ଜାଳିବାପାଇଁ ନେଇ ଯାଉଥିଲା। ଗାଁ ଭିତରେ ହମ୍ପସ୍ ନାଁରେ ଯେଉଁ କାନ୍ଥସବୁ ଗଢ଼ିଛନ୍ତି ସେଥିରେ ବାଇକ୍ ଧଡ଼୍‌କରି ପଡ଼ିବା ବେଳେ ଭଲ ପୁଅବି ପଛପଟୁ ଖସିପଡ଼ିବ। ବୁଢ଼ୀର ଜୋର କେତେ ? ଖସିପଡ଼ିଲା। ଏ, ହମ୍ପସ୍‌ଗୁଡ଼ାକ ଲୋକେ କରୁଛନ୍ତି କାହିଁକି କେଜାଣି ?

ଧଡ଼ିଆ କହିଲା ହମ୍ପସ୍‌ର ବହୁତ ଜରୁରତ୍ ଅଛି। ଏହାଦ୍ୱାରା ବହୁତ ଉପକାର ହୁଏ। ପ୍ରତିଦିନ ଏଥିରେ ପଡ଼ି କିଛିଲୋକ ମରନ୍ତି, ତେଣୁ ଲୋକସଂଖ୍ୟା କମାଇବାରେ ଏହା ସାହାଯ୍ୟ କରେ। ଶୁକୁଟା ଆଁ କରି ଶୁଣୁଥିଲା। ଧଡ଼ିଆ କହିଚାଲିଲା। ଦେଖେ , ପଡ଼ିବା ଲୋକଟି ଯଦି ନମରେ, ତେବେ ଔଷଧ ଦୋକାନୀର ଲାଭ। ପ୍ରାଇଭେଟ ନର୍ସିଂହୋମ୍‌କୁ ଗଲେ ତା'ର ମାଲିକ ଓ ଡାକ୍ତରମାନଙ୍କର ଲାଭ। ଯଦି ଗାଡ଼ି ପଡ଼ି ଭାଙ୍ଗିଲା, ତେବେ ଗ୍ୟାରେଜ୍‌ବାଲାର ଲାଭ। ଗାଡ଼ି ପାର୍ଟସ୍ ବିକିଲା ଲୋକର ଲାଭ। ପୁଣି ହମ୍ପସ୍ ପାଖରେ ଠିଆହୋଇ ଚନ୍ଦା ଆଦାୟର ମଜା ଅଲଗା। ଗାଡ଼ି ରହିବ ହିଁ ରହିବ, ଚାଳକ ଚନ୍ଦା ଦବ ହିଁ ଦବ। ପୁଣି ରାତିରେ ଉତୁପାତିଆମାନେ ଏକୁଟିଆ ଥିବା ଗାଡ଼ିବାଲାଙ୍କୁ ଲୁଟ୍‌ପାଟ୍ କରିବାପାଇଁ ହମ୍ପସ୍‌ଠାରୁ ଭଲ ଜାଗା ଆଉନାହିଁ। ଏତେ ଲାଭ କରାଉଥିବା ଜିନିଷଟାକୁ ତୁ କହୁଛୁ କାହିଁକି କରଉଛନ୍ତି ? ଡାଟା ନଉନୁ ଦେଖିବୁ ସବୁଠୁ ବେଶି ଲାଭ ହମ୍ପସ୍ ହିଁ ଦେଇଥାଏ। ସପନି ଚ ବସେଇଥିଲା। କଥା ଶୁଣାରେ ମଜ୍ଜି ଯାଇଥିବାରୁ ସେ ଆଡ଼କୁ ତା'ର ନିଘା ନଥିଲା। ଚ ଉତୁରି ସେଁ କରିବାରୁ ସେ 'ଓଃହୋ' ବୋଲି ପାଟିଟାଏ କରି ଡେକ୍‌ଚି ଉଠାଇଲା ଓ ଜାଳ କମେଇ ଦେଲା। ଧଡ଼ିଆ ପୁଣି କହିଲା , ଏତିକିରେ ସରିନି। ହମ୍ପ ଜାଗାରେ ବହୁତ ଲୋକ ମଜାନିଅନ୍ତି। ଦୁର୍ବଳ ଇଞ୍ଜିନ୍‌ବାଲା ଗାଡ଼ିଟିଏ ଉଠି ନପାରି ଗାଁ ଗାଁ ହେଲେ ଯୋଉମାନେ ଥାଆନ୍ତି ହସ ରୋକିପାରନ୍ତିନାହିଁ। ତଳୁଆ ଚେଚିସ୍‌ବାଲା ଗାଡ଼ିଟି ଉଠିଲାବେଳେ ତଳ ଅଂଶ ଢପ୍‌କରି ବାଜିଲେ ଦର୍ଶକ କୁରୁଳି ଉଠନ୍ତି। ବାଇକ ପଛପଟେ ବସିଥିବା କାହାପାଟିରୁ ଯଦି ଧଡ଼ଧଡ଼ରେ 'ଓହ' ଶବ୍ଦ ବାହାରିଆସେ ସଙ୍ଗେ ସଙ୍ଗେ ଦର୍ଶକ ମଧ୍ୟରୁ ମଜାଳିଆ ସ୍ୱର ଭାସିଆସେ "ପଡ଼ିଯିବକି ଆଉ !"

ଏଥର ଶୁକୁଟା ଆଉ ସମ୍ଭାଳି ପାରିଲାନାହିଁ। କହିଲା ,ଏଗୁଡ଼ାକୁ ହମ୍ପସ୍‌ର ଉପକାର କହୁଛୁ ନା ଛିଗୁଲେଇ ହେଉଛୁ। ଧଡ଼ିଆ ପଚାରିଲା ତୁ ଆଉ କ'ଣ ଜାଣିଛୁ କହିଲୁ ଦେଖି।

ଶୁକୁଟା କହିଲା ଆରେ ସତକଥାଟା ହେଲା ଆମ ରାଇଜର ଲୋକେ ଚଲି ଜାଣନ୍ତିନାହିଁ। ଗାଁ ଛକ ପାଖରେ ଲୋକେ ଭାବନ୍ତି ରାସ୍ତାଟା ତାଙ୍କ ଅଗଣା। ମଝିରେ ଠିଆହୋଇ ଗପିବେ। ପିଲାମାନେ ଭାବନ୍ତି ରାସ୍ତାଟା ଖେଳପଡ଼ିଆ। ଗାଡ଼ିମଟରକୁ ନିଘା ନରଖି ସେଠାରେ ଖେଳିବେ। ବହୁଲୋକ ରାସ୍ତାର କୋଉ ପାଖରେ ଚାଲିବେ ଜାଣନ୍ତିନାହିଁ । ଗାଡ଼ିବାଲାଏ ଜାଣନ୍ତି ନାହିଁ ଯେ ଛକ ଜାଗା ବା ଲୋକଭିଡ଼ ଥିବା ରାସ୍ତାରେ କେତେବେଗରେ ଚଳାଇବେ, କେଉଁଠାରେ ହର୍ନ ବଜାଇବେ। ଏହି ଚଲି ଚଳେଇବା ଜାଣିନଥିବା ଲୋକଙ୍କ ଅଜ୍ଞତାର ଫଳଭୋଗେ ରାସ୍ତା। କୋଉଠି ତାକୁ ଖୋଳି ଖୋଳି ଖାଲ କରାହୁଏତ କୋଉଠି ତିଆରି ହୁଏ କାନ୍ଥ, ହୁଡ଼ା ବା ଧଡ଼ଧଡ଼ି। ତୁ ତ ଜାଣିଛୁ ଆମର ହେଉଛି ଅତି ସ୍ୱାଧୀନ ଦେଶ। ଏଠି ଯିଏ ଯାହା କଲେ କହିବାକୁ କେହିନାହିଁ।

ସପନି କହିଲା ନାଇଁରେ ଏତେ କଥା ବୋଧେ ମହାମହିମ ଜାଣିନାହାନ୍ତି। କାରଣ, ସିଏ ଯୁଆଡ଼େ ଯାଆନ୍ତି ରାସ୍ତାରୁ ସବୁ ହମ୍ପସ୍ କାଟି ସଫା କରିଦିଆଯାଏ। ଯଦି ଜାଣନ୍ତେ ନିଶ୍ଚୟ ନିୟମ ମୁତାବକ ଯେତିକି ଉଚ୍ଚତାର ହମ୍ପସ୍ ଯୋଉଠି ଦରକାର କରାନ୍ତେ।

ଧଡ଼ିଆ କହିଲା ଦେ ଦେ ଆଉଟିକିଏ ଚ ଦେ, ଗପି ଗପି ଥଣ୍ଡା ହୋଇଗଲା।

ଟାଙ୍ଗିଆପଡ଼ା


---

ସୁଡୋକୁ ୨୫ ପୃଷ୍ଠାର ଉତ୍ତର

| | | | | | | | | |
|---|---|---|---|---|---|---|---|---|
| 6 | 8 | 9 | 2 | 4 | 7 | 1 | 5 | 3 |
| 1 | 2 | 3 | 5 | 6 | 9 | 8 | 7 | 4 |
| 4 | 5 | 7 | 1 | 3 | 8 | 2 | 9 | 6 |
| 9 | 1 | 5 | 8 | 2 | 3 | 4 | 6 | 7 |
| 3 | 4 | 2 | 7 | 1 | 6 | 5 | 8 | 9 |
| 8 | 7 | 6 | 9 | 5 | 4 | 3 | 1 | 2 |
| 7 | 9 | 4 | 3 | 8 | 1 | 6 | 2 | 5 |
| 2 | 6 | 8 | 4 | 9 | 5 | 7 | 3 | 1 |
| 5 | 3 | 1 | 6 | 7 | 2 | 9 | 4 | 8 |

# ଶୂନର ଆବିଷ୍କାର ଓ ବ୍ୟବହାର

ବିଜୟ ଚନ୍ଦ୍ର ମହାପାତ୍ର



କେତେ ଲୋକ, କେତେ ଜିନିଷ, କେତେ କ'ଣ.... ??? ସଂଖ୍ୟାହିସାବ କଥା ଆସିଲା। ଜଙ୍ଗଲୀ ମଣିଷ ସାମାଜିକସ୍ତରକୁ ଆସିବାପରେ ଗଣିବା ଆରମ୍ଭ କଲା। ଏକ, ଦୁଇ, ତିନି, ଚାରି......। ଛବିଆଙ୍କିବା, ଚିହ୍ନଦେବା ଶିଖିବାରୁ ସଂଖ୍ୟାମାନଙ୍କ ପାଇଁ ସେମାନଙ୍କୁ ପ୍ରତୀକ ରୂପେ ବ୍ୟବହାର କଲା। କିନ୍ତୁ, କେତେ ସଂଖ୍ୟାପାଇଁ କେତେ ପ୍ରତୀକ ତିଆରି କରିବ? ସମସ୍ୟା ଉପୁଜିଲା। ଏ ସମସ୍ୟାର ସହଜ ଓ ସରଳ ସମାଧାନ ହେଲା ଶୂନ (୦)ର ଆବିଷ୍କାର ଓ ବ୍ୟବହାର ପରେ ।

ଗଣିବାବେଳର ଶୂନ ସଂଖ୍ୟା ଆସେନାହିଁ। ଏକ ଠାରୁ ନଅ- ଏହି ନଅଟି ସଂଖ୍ୟା ଓ ଶୂନ୍‌କୁ ନେଇ ଅସଂଖ୍ୟ ସଂଖ୍ୟା କରାଯାଇପାରେ। ଏସବୁ ଗଣାଯାଇପାରୁଥିବା ସଂଖ୍ୟାକୁ ଗଣନସଂଖ୍ୟା ଓ ତା'ସହିତ ଶୂନକୁ ମିଶାଇଲେ ସମଗ୍ର ସଂଖ୍ୟା ବା ଅଖଣ୍ଡ ସଂଖ୍ୟା ହୁଏ। ଶୂନ୍ (୦)ର ବ୍ୟବହାରରେ ସଂଖ୍ୟାର ବିକାଶ ହେବାସହିତ ମନୁଷ୍ୟ ସଭ୍ୟତାର ସାମାଜିକ ଜୀବନରେ ଦ୍ରୁତ ବିକାଶ ଘଟିଲା। ଏହି ଶୂନ ସଂଖ୍ୟାର ସ୍ଥିତି ବୁଝିବା ବା ଧାରଣାକରିବା ସହଜ ନଥିଲା। ଏବେ ସହଜରେ ବୁଝିହେଉଛି।

ଶୂନର ଆବିଷ୍କାର ଭାରତରେ ହିଁ ହୋଇଥିଲା। ଭାରତୀୟ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ଆର୍ଯ୍ୟଭଟ୍ଟଙ୍କୁ ଏହି ଶୂନର ଆବିଷ୍କାରକ ବୋଲି କୁହାଯାଏ। ଏହାର ପଛଭୂମିରେ କୁହାଯାଏ, ଦିନେ ଆର୍ଯ୍ୟଭଟ୍ଟ ଘରେ ବସି ପତ୍ନୀଙ୍କୁ ଭୟ କରୁନଥିବା ତାଙ୍କ ସାଙ୍ଗମାନଙ୍କ ସଂଖ୍ୟା ଗଣନା କରୁଥିଲେ। ଦେଖିଲେ, କେହି ନୁହେଁ। ସେଇଠୁ ଆବିଷ୍କାର କଲେ ସଂଖ୍ୟା ଶୂନ୍‌କୁ। ସେହିଭଳି ବହୁବର୍ଷ ପରେ ବିଂଶ ଶତାବ୍ଦୀର ଭାରତୀୟ ଗଣିତଜ୍ଞ ରାମାନୁଜମ୍ ଗଣତି କଲେ, ପତ୍ନୀଙ୍କୁ ଭୟ କରୁଥିବା ଲୋକଙ୍କ ସଂଖ୍ୟା। .... ସେ ତ ଅସଂଖ୍ୟ। ଗଣିହେବ ନାହିଁ। ସେ ଆବିଷ୍କାର କଲେ ଅନନ୍ତ ସଂଖ୍ୟା ବା ଇନ୍‌ଫିନିଟି। ଏ କଥାରେ କେତେ ସତ ବା କେତେ ଗୁଲିଅଛି କହିହେବ ନାହିଁ।

ଭାରତୀୟ ଗଣିତଜ୍ଞ ଆର୍ଯ୍ୟଭଟ୍ଟ (ପ୍ରଥମ) (ଖ୍ରୀ.୪୭୬)ଙ୍କ ଲିଖିତ "ଆର୍ଯ୍ୟଭଟ୍ଟୀୟ" ପୁସ୍ତକରେ ଶୂନ୍‌ର ଉଲ୍ଲେଖ ଇତିହାସରେ ପ୍ରଥମଥର ପାଇଁ କରାଯାଇଥିବା ଜଣାପଡ଼େ। ଯଦିଓ ଆର୍ଯ୍ୟଭଟ୍ଟ ନିଜେ କେବେବି ଶୂନ୍‌ର ଆବିଷ୍କାର କରିଥିଲେ ବୋଲି କହିନାହାନ୍ତି, ତଥାପି ତାଙ୍କୁ ଶୂନ୍‌ର ଆବିଷ୍କର୍ତ୍ତା ହିସାବରେ ଗ୍ରହଣ କରାଯାଏ।

ଭାରତରେ ଶୂନ୍‌ର ଅବସ୍ଥିତି ସଂପର୍କରେ ଦ୍ୱିତୀୟ ଲିଖିତ ପ୍ରମାଣ ହେଉଛି, ବକ୍‌ଶାଳୀ ପାଣ୍ଡୁଲିପି। ବକ୍‌ଶାଳୀ ଏକ ଗ୍ରାମର ନାମ, ଯାହାର ଆଧୁନିକ ନାମ ପେଶୱାର। ୧୮୮୧ ମସିହାରେ ଜଣେ କୃଷକ ମାଟି ଖୋଳୁଥିବା ବେଳେ ଏକ ଜୀର୍ଣ୍ଣଶୀର୍ଣ୍ଣ ପୋଥି ଉଦ୍ଧାରକଲେ। ୭୦ ପୃଷ୍ଠା ସମ୍ବଳିତ ଏ ପୋଥି ଗଛର ବକଳାରେ ନିର୍ମିତ। ଭାଗ୍ୟକ୍ରମେ ମାଟିତଳେ ଦୁଇପଥର ମଝିରେ ଏହା ରହିଯାଇଥିବାରୁ ଏ ପର୍ଯ୍ୟନ୍ତ ତିଷ୍ଠି ରହିପାରିଥିଲା। ହୁଏତ କୌଣସି ବ୍ୟକ୍ତି ବହିଃଆକ୍ରମଣ ସମୟରେ ଏହାକୁ ମାଟିତଳେ ସାଇତି ରଖିଥିଲା।

କାର୍ବନଡ଼େଟିଂ ଅନୁସାରେ ଏହି ପାଣ୍ଡୁଲିପିଟି ନବମ ଓ ଦ୍ୱାଦଶ ଶତାବ୍ଦୀ ମଧ୍ୟରେ ଲେଖାଯାଇଥିଲା। ଏଥିରେ ଶତାଧିକ ସଂଖ୍ୟାରେ ୦ (ପରବର୍ତ୍ତୀ ସମୟରେ ଏହା ୦ ରୂପାନ୍ତରିତ ହୋଇଛି) ଚିହ୍ନଟି ଶୂନ୍‌ପାଇଁ ଲେଖାଯାଇଛି। ଆର୍ଯ୍ୟଭଟ୍ଟଙ୍କ ପରବର୍ତ୍ତୀ ସମୟରେ ବକ୍‌ଶାଳୀ ପାଣ୍ଡୁଲିପି ଲେଖାଯାଇଥିବାରୁ ଆର୍ଯ୍ୟଭଟ୍ଟଙ୍କର ଶୂନ ଆବିଷ୍କର୍ତ୍ତା ସମ୍ମାନରେ କୌଣସି ଆଞ୍ଚ ଆସିନଥିଲା।

୧୯୦୧ ମସିହାରୁ ବକ୍‌ଶାଳୀ ପାଣ୍ଡୁଲିପିଟି ଇଂଲଣ୍ଡର ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ବୋଡ଼େଲିଆନ୍ ଲାଇବ୍ରେରୀରେ ସୁରକ୍ଷିତଭାବେ ରଖାଯାଇଛି। ଅକ୍ସଫୋର୍ଡ଼ ବିଶ୍ୱବିଦ୍ୟାଳୟର ଦକ୍ଷିଣ ଏସିଆ ସଂସ୍କୃତି ବିଭାଗ ମୁଖ୍ୟ ଇରଚ୍ଚର୍ଡ଼ ଓଭେନ୍‌ଡ଼େନ୍ ଘୋଷଣା କରିଛନ୍ତି ଯେ ନିକଟରେ ବିଶ୍ୱବିଦ୍ୟାଳୟର ଗବେଷକ ଓ ବୈଜ୍ଞାନିକମାନେ ପାଣ୍ଡୁଲିପିର ପୁନର୍ବାର ଉନ୍ନତ ପ୍ରଣାଳୀରେ କାର୍ବନ ଡ଼େଟିଙ୍ଗ୍‌ରେ ଜାଣିପାରିଛନ୍ତି ଯେ ପାଣ୍ଡୁଲିପିଟି ଅତିକମ୍‌ରେ ୧୦୦ ରୁ ୩୦୦ ଶତାବ୍ଦୀ ମଧ୍ୟରେ ଲିଖିତ। ପୂର୍ବ କାର୍ବନଡ଼େଟିଙ୍ଗ୍‌ରେ ଭୁଲ୍‌ହେବାର କାରଣ ପାଣ୍ଡୁଲିପିରେ ତିନୋଟି ଯୁଗର ଲେଖା ସନ୍ନିବିଷ୍ଟ। ଏହି ଗବେଷଣା ଫଳରେ ଭାରତରେ ଅନ୍ତତଃ ୧୦୦ ଖ୍ରୀଷ୍ଟାବ୍ଦ ବେଳକୁ ଶୂନ (୦) ଆବିଷ୍କାର ହୋଇସାରିଥିବା ସୁନିଶ୍ଚିତ।

ସ୍ୱନାମଧନ୍ୟ ଗଣିତଜ୍ଞ ପ୍ରଫେସର ଗୋକୁଳାନନ୍ଦ ଦାସ ତାଙ୍କ ଗବେଷଣାଲବ୍ଧ ୩୧୭ ପୃଷ୍ଠା ବିଶିଷ୍ଟ ପୁସ୍ତକ 'ଶୂନ୍'ର ମୁଖବନ୍ଧରେ ଲେଖିଛନ୍ତି।

ଏହା ସର୍ବଜନବିଦିତ ଯେ ସବୁଠାରୁ ପ୍ରଭାବଶାଳୀ ସଂଖ୍ୟାହେଉଛି "ଶୂନ"। କିନ୍ତୁ ଏକଥା ହୁଏତ ସମସ୍ତେ ଜାଣନ୍ତିନାହିଁ ଶୂନର ଉତ୍ପତ୍ତି କେତେ ରହସ୍ୟମୟ, କେତେ ଚିତ୍ତାକର୍ଷକ, କେତେ ବ୍ୟାପକ, କେତେ ତାତ୍ତ୍ୱିକ, କେତେ ମହାନ୍ ଓ କେତେ ସ୍ୱର୍ଗୀୟ ତଥା ତାହା ସଂଗଠିତ ହୋଇଛି ଭାରତବର୍ଷର ପ୍ରାଚୀନ ସାଂସ୍କୃତିକ ପୃଷ୍ଠଭୂମିରୁ। ଭାରତୀୟ ସଂସ୍କୃତିର ପ୍ରାଣକେନ୍ଦ୍ର ହେଉଛି ପରଂବ୍ରହ୍ମ। ଏହା ସବୁ ତତ୍ତ୍ୱ ଓ ବିଜ୍ଞାନର ଉତ୍ସ ହୋଇଥିବାରୁ ବ୍ରହ୍ମାଙ୍କୁ ଗୁରୁବୋଲି ବିବେଚନା କରାଯାଏ। ଏହାର ଅନୁଭବ କେବଳ ଶୂନ୍ୟତା ମାଧ୍ୟମରେ ହିଁ ହୋଇଥାଏ। ଶୂନ୍ୟତାରୁ ଜନ୍ମ ଶୂନ। ଶୂନ ଏକ ମନ୍ତ୍ର। ଏହାର ପ୍ରଭାବରେ ଆଜିର ଗଣିତ ସବୁଠାରୁ ବଳିଷ୍ଠ।

ଫ୍ରାନ୍ସ ସମ୍ରାଟ ନେପୋଲିଅନ ବୋନାପାର୍ଟଙ୍କ ରାଜଦରବାରେ ଜଣେ ଅମାତ୍ୟ ପଦ ଅଳଙ୍କୃତ କରିଥିବା ବିଶ୍ୱବିଖ୍ୟାତ ଗଣିତଜ୍ଞ ଲାପଲାସ୍ ( ୧୭୪୯ - ୧୮୨୭) ତାଙ୍କ ମତ ଦେଇ କହିଥିଲେ, ମାତ୍ର ଦଶଟି ପ୍ରତୀକ (ଅଙ୍କ) ରେ ସମସ୍ତ ସଂଖ୍ୟାକୁ ନିର୍ଦ୍ଦିଷ୍ଟ ସ୍ଥାନ ଓ ମୂଲ୍ୟରେ ପ୍ରକାଶ କରିପାରିବାର ସରଳ ପଦ୍ଧତି ଭାରତ ହିଁ ଆମକୁ ପ୍ରଦାନ କରିଛି। ଯାହାର ଗଭୀରତା ଓ ଗୁରୁତ୍ୱ ଯଥେଷ୍ଟ ଅଧିକ ହୋଇଥିଲେ ମଧ୍ୟ ଆମକୁ ସରଳ ମନେହୁଏ।

ଶିଶୁଟିଏ ବିଦ୍ୟାରମ୍ଭ ପାଇଁ ଖଡ଼ି ଛୁଇଁବାବେଳେ ବିଦ୍ୟାଦାତ୍ରୀ ସରସ୍ୱତୀ ବା ବିଘ୍ନରାଜ ଗଣେଶଙ୍କୁ ଆରାଧନା ପୂର୍ବକ ତିନୋଟି ମୁଣ୍ଡଳା ବା ଶୂନ୍ ଚିତ୍ରକର ମଡ଼ାଇବାକୁ ଶିକ୍ଷା ଦିଆଯାଏ। ଶୂନ ଚିତ୍ରଟିଏ ଅଙ୍କନ କରି ତାହାକୁ ନିରୀକ୍ଷଣ କଲେ ଏହି ସୂଚନା ମିଳେ ଯେ ଏହାଠାରୁ ସହଜ, ସରଳ ଓ ସୁନ୍ଦର ଚିତ୍ରନାହିଁ। ଏହି ଚିତ୍ରରେ ଆଦିନାହିଁ, ଅନ୍ତନାହିଁ, କୌଣସି ପାର୍ଶ୍ୱକୁ ଏହା ଢଳିନାହିଁ। ସବୁଦିଗକୁ ସମପରିମାଣରେ ବ୍ୟାପ୍ତ ଓ ଏହା କାହାଦ୍ୱାରା ପ୍ରଭାବିତ ନୁହେଁ। ଏହି ସରଳ ଚିତ୍ର ପ୍ରତିନିଧିତ୍ୱ କରୁଛି ସହସ୍ର ସହସ୍ର ବର୍ଷର ତପସ୍ୟାରେ ଲବ୍ଧ ଏକ ସାର୍ବଜନୀନ, କମନୀୟ ଓ ଗଭୀର ତତ୍ତ୍ୱ। ଏହା ପରମସତ୍ୟର ପ୍ରତିବିମ୍ବ। ବେଦ, ପୁରାଣ, ଗୀତା ମାଧ୍ୟମରେ ଝଙ୍କୃତ - ନେତି, ନିର୍ଗୁଣ ବ୍ରହ୍ମନ୍ - ମୋକ୍ଷ - ନିର୍ବାଣ - ଶୂନ୍ୟବାଦ ଓ ଓଁ ତତ୍ତ୍ୱ। ତେଣୁ ଶୂନ ଏକ ମନ୍ତ୍ର। ଏହାର ଜନ୍ମ ଓଁ ମନ୍ତ୍ରରୁ - ମୋକ୍ଷ ତତ୍ତ୍ୱରୁ ଶୂନ୍ୟମନ୍ତ୍ର ନିର୍ଗୁଣ ଓ ନିର୍ଲିପ୍ତ ତତ୍ତ୍ୱର ବାର୍ତ୍ତା ବହନ କରେ। ଏହାର ପ୍ରଭାବ ସୁଦୂର ପ୍ରସାରୀ।

ଅନେକ ଘାତ ଓ ପ୍ରତିଘାତ ସତ୍ତ୍ୱେ, ଅନେକ ଭୟ, ଘୃଣା ଓ ପ୍ରତିରୋଧ ମଧ୍ୟରେ ଶେଷରେ ଶୂନ ସ୍ପର୍ଶ କରିଛି ବିଦେଶୀ ଗଣିତଜ୍ଞ ଓ ଜନସାଧାରଣଙ୍କ ହୃଦୟକୁ। ଅନ୍ଧକାରକୁ ଦୂରକରି ଜ୍ଞାନର ଆଲୋକ ବର୍ତ୍ତିକା ପ୍ରଜ୍ୱଳିତ ହୋଇଛି। ୟୁରୋପର ଅଭ୍ୟୁଦୟ ଓ ଅଭ୍ୟୁତ୍ଥାନ ପାଇଁ ଏକ ଅନିର୍ବାର୍ଯ୍ୟ କାରଣ ହୋଇଛି। ଅଥଚ ଯେଉଁ ଆର୍ଯ୍ୟଭୂମି ଭାରତରୁ ଶୂନ୍ର ଅଙ୍କୁରୋଦ୍‌ଗମ ହେଲା ଓ ଗଣିତ ଉଦ୍ଭାସିତ ହେଲା, ସେହି ଭୂମିରେ ଶୂନର ଆଉ ଅଧିକ ଗୁଣାତ୍ମକ ବିକାଶ ସଂଘଟିତ ହେଲାନାହିଁ। ଏହାର ଅନେକ କାରଣ ମଧ୍ୟରୁ ରାଜନୈତିକ ଅସ୍ଥିରତା ଏକ ମୁଖ୍ୟକାରଣ ହୋଇପାରେ। ଯେଉଁଠି ଜ୍ଞାନୀ ଓ ବିଜ୍ଞ ବ୍ୟକ୍ତିମାନଙ୍କ ପାଇଁ ସ୍ଥିତପ୍ରଜ୍ଞ ଓ ସମାଧିସ୍ଥ ହେବାର ପରବେଶ ନାହିଁ, ସେଠାରେ ସୃଜନଶୀଳତା ଆପେ ଆପେ ଲୋପ ପାଇଯାଏ।

ଶୂନର ବିଦେଶ ଭ୍ରମଣ ଓ ବିଭିନ୍ନ ଦେଶରେ ଏହାର ବିଭିନ୍ନ ନାମକରଣ ଅପେକ୍ଷା ଏହାର ବିଜୟ ଯାତ୍ରା ଅଧିକ ଗୁରୁତ୍ୱପୂର୍ଣ୍ଣ। ଶୂନ ଯେଉଁରାଜ୍ୟରେ ପ୍ରବେଶ କଲା ଓ ଜନସାଧାରଣଙ୍କର ତିରସ୍କାରର ବସ୍ତୁ ନହୋଇ ଉପାସନାର ବସ୍ତୁହେଲା ସେଠାରେ ଗଣିତରେ ଗୁଣାତ୍ମକ ପରିବର୍ତ୍ତନ ଆରମ୍ଭ ହେଲା। ଶେଷରେ ଏହା ସାରା ପୃଥିବୀରେ ବିଜୟ ଯାତ୍ରାର ଶଙ୍ଖଧ୍ୱନି କରି ଏକ ସାର୍ବଜନୀନ ସଂଖ୍ୟାଲିଖନ ପଦ୍ଧତିରେ ପରିଣତ ହେଲା। ଏହା ଗଣିତକୁ କଲା ସାର୍ବଜନୀନ ।

ଶୂନ ଯେ ଗଣିତର ପ୍ରାଣକେନ୍ଦ୍ର ଓ ଶୂନ ବିନା ସମସ୍ତ ଗଣିତ ମୃତପ୍ରାୟ ଏହା ଏବେ ମଧ୍ୟ ଉପଲବ୍ଧି କରୁଛନ୍ତି। କାଳକ୍ରମେ ୟୁରୋପରୁ ଶୂନ କୈନ୍ଦ୍ରିକ ଗଣିତ ପରିପୁଷ୍ଟ ଓ ପରିବର୍ଦ୍ଧିତ ହୋଇ ଭାରତ ସମେତ ପୃଥିବୀର ବିଭିନ୍ନ ପ୍ରାନ୍ତରକୁ ସଂପ୍ରସାରିତ ହେଲା। ସମସ୍ତ ସଭ୍ୟତା ବର୍ତ୍ତମାନ ସଂପ୍ରସାରିତ ଗଣିତ ଓ ତହିଁରେ ଶୂନର ଭୂମିକା କେତେ ତାପର୍ଯ୍ୟପୂର୍ଣ୍ଣ ତାହା ଅନୁଭବ କରୁଛନ୍ତି। କେବଳ ସେତିକି ନୁହେଁ ଶୂନର ଇଲାକା ପ୍ରତିଯୁଗରେ ବୃଦ୍ଧି ପାଇବାରେ ଲାଗିଛି। କିଏ ଜାଣେ, ଭବିଷ୍ୟତରେ କି ରୂପରେ ଶୂନ ଆବିର୍ଭୁତ ହେବ ।

ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା
ଦୂରଭାଷ - ୯୪୩୭୩୮୬୬୬୮

# ସାରଣୀ



ଶ୍ରୀମତୀ ଅନୀତା ଦାଶ

କୁସୁମ ଗୁନ୍ଥିଲେ ହାର  
ବିଶ୍ୱାସ ଗୁନ୍ଥିଲେ ସଂପର୍କ ସିନ୍ଦୂର  
ଲହରୀ ଗୁନ୍ଥି ସଗର  
ସହାନୁଭୂତି ଓ ଆନ୍ତରିକତାରେ  
ପଂଚଭୂତ ଗୁନ୍ଥି ଜୀବନ ସର୍ଜନ  
ବିଦ୍ୱେଷ ଗୁନ୍ଥିଲେ ଘୃଣା ଉପୁଜଇ  
ଦଣ୍ଡକୁ ଯୋଡି ସମୟ  
ଆତ୍ମ ସଂଯମରେ ଆତ୍ମବଳୀ ଗୁନ୍ଥି  
ଜ୍ଞାନକୁ ଗୁନ୍ଥିଲେ ବୁଦ୍ଧି  
ସତ୍ କର୍ମ କଲେ ଜୀବନ ମଧୁର  
ଚେତନା ଗୁନ୍ଥି ବିବେକ  
ଫୁଲରେଣୁ ଗୁନ୍ଥି ସୁମଧୁର ମଧୁ  
କିରଣକୁ ଗୁନ୍ଥି ପରା  
ଜଳଧାରା ଗୁନ୍ଥି ପହାଡ ପିଠିରେ  
ସନ୍ତୋଷ ଗୁନ୍ଥିଲେ ସୁଖ  
ଦୁର୍ଲଭ ମଣିଷ ଜନମ ପାଇଛ  
ହିଂସା ଶୋଷଣକୁ ଛାଡି  
ମାନବବାଦରେ ଭ୍ରାତୃଭାବ ଯୋଡି

ଭାବ ଗୁନ୍ଥିଲେ ଈଶ୍ୱର  
ସଂପର୍କ ଗୁନ୍ଥିଲେ ଘର ।  
ପ୍ରେମ ଗୁନ୍ଥି ପରିବାର  
ପର ହୁଏ ଆପଣାର ।  
ପ୍ରଶ୍ୱାସ ଗୁନ୍ଥିଲେ ପ୍ରାଣ  
ଅନୁକମ୍ପାରୁ କାରୁଣ୍ୟ ।  
ଦୁର୍ବଳତା ଆଣେ ଭୟ  
ଅଜୟକୁ କର ଜୟ ।  
ଧ୍ୟାନ ଗୁନ୍ଥିଲେ ସମାଧି  
ସାଧନାରୁ ମିଳେ ସିଦ୍ଧି ।  
ବାସନା ଜନ୍ମାଏ ପାପ  
ଧୀରେ ସଞ୍ଚଇ ମଧୁପ ।  
ବରଷାକୁ ଗୁନ୍ଥି ଧାରା  
ନାଚଇ ନିର୍ଝର ଝରା ।  
ଅସନ୍ତୋଷ ଆଣେ ଦୁଃଖ  
ଖୁସିରେ ରହିବା ଶିଖ ।  
ସ୍ୱାର୍ଥ କୁସଂସ୍କାର ଫେଡି  
ଚଢି ଯା ଜୀବନ ସିଡି ।

ସହ ପରିସଂଖ୍ୟାନ ଅଧିକାରୀ
ଭୁବନେଶ୍ୱର

# ଯୁଗେ ଯୁଗେ ରଥଯାତ୍ରା

ଶ୍ରୀ ଜଗନ୍ନାଥ ନାୟକ

ରଥଯାତ୍ରା ସତ୍ୟଯୁଗରେ କରିଥିଲେ ପ୍ରହ୍ଲାଦ, ତ୍ରେତୟାରେ ବିଭୀଷଣ, ଦ୍ୱାପରରେ ଅକ୍ରୁର ଏବଂ କଳିଯୁଗରେ ଚୋଳଗଙ୍ଗଦେବଙ୍କ ରାଣୀ ଗୁଣ୍ଡିଚାଦେବୀ। ସତ୍ୟଯୁଗରେ ମର୍ତ୍ତ୍ୟବାସୀଙ୍କ ମୁକ୍ତିପାଇଁ, ତ୍ରେତୟାଯୁଗରେ ବାନରମାନଙ୍କ ଭକ୍ତିପାଇଁ, ଦ୍ୱାପରଯୁଗରେ ଗୋପଗୋପୀଙ୍କ ପ୍ରୀତିପାଇଁ ଏବଂ କଳିଯୁଗରେ ସବୁଧର୍ମର ଭକ୍ତମାନଙ୍କ ମତ (ଭାବ) ପାଇଁ। ସତ୍ୟଯୁଗରେ ପ୍ରହ୍ଲାଦଙ୍କ ଅନୁରୋଧରେ ନନ୍ଦିଘୋଷ ରଥ ଦେଇଥିଲେ ବିଶ୍ୱକର୍ମା, ତ୍ରେତୟା ଯୁଗରେ ବିଭୀଷଣଙ୍କ ଅନୁରୋଧରେ ରଥ ଦେଇଥରଲେ ବିଶ୍ୱକର୍ମା, ଦ୍ୱାପରଯୁଗରେ କୃଷ୍ଣ ବଳରାମଙ୍କୁ ଗୋପରୁ ମଥୁରା ଆଣିବାକୁ ରଥଦେଇ ଅକ୍ରୁରଙ୍କୁ ପଠାଇଥିଲେ କଂସ ଏବଂ କଳିଯୁଗରେ ରଥ ନିର୍ମାଣ କରାଇଲେ ରାଣୀ ଗୁଣ୍ଡିଚାଦେବୀ ।

ସତ୍ୟଯୁଗରେ ରଥ ଏକ (ନାରାୟଣ ରଥୀ, ପ୍ରହ୍ଲାଦ ସାରଥୀ, ନାରଦ/ଯାତ୍ରୀ/ସାଥୀ), ତ୍ରେତୟାରେ ରଥ ଏକ (ରାମ ରଥୀ, ବିଭୀଷଣ ସାରଥୀ ଓ ଲକ୍ଷ୍ମଣ ସାଥୀ), ଦ୍ୱାପର ଯୁଗରେ ରଥ ଏକ (କୃଷ୍ଣବଳରାମ ରଥୀ, ଅକ୍ରୁର ସାରଥୀ), ମାତ୍ର କଳିଯୁଗରେ ରଥ ତିନି, କାରଣ ପ୍ରଭୁ ଜଗନ୍ନାଥ ରହିଁଲେ ନଗର ପରିକ୍ରମାପାଇଁ ବା ଭକ୍ତମାନଙ୍କୁ ଦର୍ଶନ ଦେବାପାଇଁ ସଙ୍ଗରେ ଭାଇ ବଳରାମ ଓ ଭଉଣୀ ସୁଭଦ୍ରାଙ୍କୁ ନେବାପାଇଁ। ତେଣୁ ଆଉଦୁଇଟି ରଥ ନିର୍ମାଣ ହେଲା। ମାତ୍ର ସେତେବେଳେ ବଡ଼ଦାଣ୍ଡରେ ଗୋଟିଏ ନଦୀ ଥିଲା ନାମ ମାଳିନୀ। ବଡ଼ଦେଉଳରୁ ମାଉସୀ ମା' ଘରକୁ ଯିବାପାଇଁ ଏହି ନଦୀ ପାର ହେବାକୁ ହେଉଥିଲା। ନଦୀରେ ରଥ ଯାଇପାରିବନି।ତେଣୁ ୬ଟି ରଥ ତିଆରି ହେଲା। ଏ ପାଖରେ ନନ୍ଦୀଘୋଷ (ଜଗନ୍ନାଥ), ତାଳଧ୍ୱଜ (ବଳଭଦ୍ର) ଓ ଦର୍ପଦଳନ (ସୁଭଦ୍ରା)। ସେ ପାଖରେ ଚକ୍ରଧ୍ୱଜ (ଜଗନ୍ନାଥ), ହଳଧ୍ୱଜ (ବଳଭଦ୍ର) ଓ ଶଙ୍ଖଧ୍ୱଜ (ସୁଭଦ୍ରା)। ପ୍ରଭୁ ନଦୀର ଏ ପାଖରେ ରଥରୁ ଓହ୍ଲାଇ ନଦୀ ପାର ହେବାପରେ ଆରପାଖରେ ରଥ ଆରୋହଣ କରୁଥିଲେ।

ଚକ୍ରସଂଖ୍ୟା ନନ୍ଦୀଘୋଷର ୧୬, ତାଳଧ୍ୱଜର ୧୪ ଓ ଦର୍ପଦଳନର ୧୨। ମୋଟ ୪୨। ଯିବ ୪୨ ଚକ ଓ ଆସିବ ୪୨ ଚକ। ମୋଟ ୮୪। ୮୪ ଜନ୍ମ ମନୁଷ୍ୟର। ମନୁଷ୍ୟର ଉଚ୍ଚତା ସତ୍ୟଯୁଗରେ ୨୮ ହାତ, ତ୍ରେତୟାରେ ୧୪ ହାତ, ଦ୍ୱାପରରେ ୭ ହାତ ଓ କଳିଯୁଗରେ ସାଢ଼େ ତିନିହାତ। ହାତକ ୨୪ ଆଙ୍ଗୁଳି। ତେଣୁ ସାଢ଼େ ତିନିହାତ ହେଲା ୮୪ ଆଙ୍ଗୁଳି। ୮୪ ଜନ୍ମ ମନୁଷ୍ୟର।

ଭକ୍ତି ୯ଟି (ନବଧା), ଶିବଙ୍କ ବେକରେ ପାର୍ବତୀଙ୍କ ମୁଣ୍ଡ ୯ଟି, କାଳୀଙ୍କ ବେକରେ ମୁଣ୍ଡ ୯ଟି, ଭାଗବତର ଅକ୍ଷର ୯ଟି। କାହିଁକି? ପ୍ରଭୁଙ୍କୁ ଭଜିବା କଥା ୯ଥର। କାରଣ ତାଙ୍କର ନାମ ୯ଅକ୍ଷରରେ।

"ରାମସୀତା"। ରାମ - ର୍+ଅ+ମ୍+ଅ, ସୀତା - ସ୍+ଇ+ତ୍+ଆ+ଆ (ସ୍ତ୍ରୀ ପ୍ରତ୍ୟୟ)।

ସତ୍ୟଯୁଗରେ ରଥଯାତ୍ରା ପ୍ରହ୍ଲାଦ ଉପରେ ଅତିଶୟ ପ୍ରୀତହୋଇ ଭଗବାନ ତାଙ୍କୁ ସ୍ୱର୍ଗର ରାଜା କରିଦେଲେ। ଧନ ଐଶ୍ୱର୍ଯ୍ୟର ପ୍ରାଚୁର୍ଯ୍ୟ ମଧ୍ୟରେ ରହିବାରୁ ତାଙ୍କ ମନରେ ଗର୍ବ ଅଭିମାନ ଜାତହେଲା। ଭଗବାନଙ୍କଠାରୁ ଧ୍ୟାନ କମିବାକୁ ଲାଗିଲା। ତେଣୁ ନାରଦ ତାଙ୍କୁ କହିଲେ, "ତୁମର ମନ ଅଭିମାନଆଡ଼କୁ ଯାଉଛି। ଭଗବାନଙ୍କଠାରୁ ମନ କମୁଛି। ଏହା ଶୁଭ ଲକ୍ଷଣ ନୁହେଁ। ଭଗବାନ ଗର୍ବଗଇଞ୍ଜନ। ସେ ତୁମ ଉପରେ ରାଗିଲେଣି। ତୁମକୁ ଯଦି କିଛି ଅଭିଶାପ ଦିଅନ୍ତି, ତୁମକୁ କେହି ରକ୍ଷା କରିପାରିବେନି। କେବଳ ସେହି ଭଗବାନ ହିଁ ତୁମକୁ



ରକ୍ଷାକରିପାରିବେ। ତେଣୁ ଏବେ ତାଙ୍କୁ କ୍ଷମାପ୍ରାର୍ଥନା କର।" ନାରଦଙ୍କୁ ସଙ୍ଗରେ ନେଇ ପ୍ରହ୍ଲାଦ ଭଗବାନଙ୍କ ପାଖକୁ ଗଲେ। କ୍ଷମା ଚାହିଁଲେ। ତାଙ୍କ ସହିତ ଅନ୍ୟ କାହାକୁ ବି ବହୁତ ଧନସମ୍ପତ୍ତି ଓ ବିଳାସବ୍ୟସନ ନଦେବାକୁ କହିଲେ। କାରଣ ଏହାହିଁ ଅଭିମାନର ମୂଳ। ତାଙ୍କର ଦୋଷପାଇଁ କି ପ୍ରାୟଶ୍ଚିତ କରିବାକୁ ହେବ ସେ ପଚାରିଲେ। ପ୍ରଭୁ କହିଲେ, "ଭାରତର ୧୨ଟି ତୀର୍ଥସ୍ଥାନ ବୁଲିଆସିଲେ ପାପ କଟିଯିବ।" ପ୍ରହ୍ଲାଦ ତାହା କରିସାରିବା ପରେ ତାଙ୍କୁ ପ୍ରଭୁ ମୁକ୍ତିଦାନ ଦେଲେ କି ନାହିଁ ପଚାରିଲେ ଏବଂ ସ୍ୱର୍ଗକୁ ଫେରିବାକୁ ଚାଲିଲେ। ପ୍ରଭୁ କହିଲେ, "ତୁମକୁ ମୁକ୍ତ କରିଦେଲି, ମାତ୍ର ମୁଁ ମର୍ତ୍ତ୍ୟରେ ସମସ୍ତଙ୍କୁ ମୁକ୍ତିଦେବାକୁ ଚାହେଁ। ତେଣୁ ରଥଯାତ୍ରାର ବ୍ୟବସ୍ଥା କର।"

ପ୍ରହ୍ଲାଦ ନନ୍ଦିଘୋଷ ରଥପାଇଁ ବିଶ୍ୱକର୍ମାଙ୍କୁ ଅନୁରୋଧ କଲେ। ସେ ତାହା ନିର୍ମାଣ କରି ଦେଇଦେଲେ। ପ୍ରହ୍ଲାଦ ରଥକୁ ସଜାଇ ଅତି ଆନନ୍ଦରେ ପ୍ରଭୁଙ୍କୁ ଧରିନେଇ ରଥରେ ବସାଇବାକୁ ଚାହିଁଲେ। ପ୍ରଭୁ ଭୀଷଣ ଗରୁ ହୋଇଗଲେ। ସେ ଉଠାଇପାରିଲେ ନାହିଁ। ପୁଣି କିଛି ଭୁଲ୍ ହୋଇଗଲା ଭାବି ପ୍ରହ୍ଲାଦ ପ୍ରଭୁଙ୍କୁ ପ୍ରଣାମ କରି ପଚାରିଲେ ଓ କ୍ଷମା ଚାହିଁଲେ। ପ୍ରଭୁ କହିଲେ, "ମୋତେ ଟେକିନେଇ ରଥରେ ବସାଇବାକୁ ମନରେ ଅଭିମାନ ଆଣିଲ। ତେଣୁ ମୁଁ ଗରୁ ହୋଇଗଲି। ମନରୁ ଅଭିମାନ ସଂପୂର୍ଣ୍ଣ ତ୍ୟାଗକର। ମୁଁ ଏବେ ହାଲୁକା ଓ ବାମନରୂପ ହେଉଛି। ଭକ୍ତିଭାବରେ ନେଇ ରଥରେ ମୋତେ ବସାଇଦିଅ।" ସେଇଆ ହେଲା, ପ୍ରଭୁ ବସିଲେ। ପ୍ରହ୍ଲାଦ ସାରଥୀ ହୋଇ ରଥ ଚଳାଇଲେ ଏବଂ ନାରଦ ସେଥିରେ ଜଣେ ଯାତ୍ରୀ ବା ସାଥୀ ହେଲେ।

ତ୍ରେତୟାଯୁଗରେ ରଥଯାତ୍ରା - "ରାବଣ ବଧ କରିବାପରେ ବିଭୀଷଣ ଅନୁରୋଧ କଲେ ଲଙ୍କା ପରିକ୍ରମା କରି ସମସ୍ତଙ୍କୁ ଦର୍ଶନ ଦେବାପାଇଁ। ରଥରେ ଚଢ଼ି ବାନରମାନଙ୍କ ଭକ୍ତିରେ ପ୍ରୀତ ହୋଇ ସେମାନଙ୍କୁ ଖୁସି କରିବାପାଇଁ ଏବଂ ଲଙ୍କାବାସୀଙ୍କୁ ଦର୍ଶନ ଦେବାପାଇଁ। ରାମଚନ୍ଦ୍ର ସମ୍ମତି ଦେବାରୁ ସେ ବିଶ୍ୱକର୍ମାଙ୍କୁ ରଥଟିଏ ପାଇଁ ଅନୁରୋଧ କଲେ। ସେ ନନ୍ଦିଘୋଷ ରଥ ଯୋଗାଇଦେଲେ। ପ୍ରଭୁ ଶ୍ରୀରାମ ରଥଯାତ୍ରା କଲେ। ବିଭୀଷଣ ସାରଥୀ ହେଲେ ଏବଂ ଲକ୍ଷ୍ମଣ ସାଥୀ ହେଲେ।"

ଦ୍ୱାପର ଯୁଗରେ ରଥଯାତ୍ରା - "ଧନୁଯାତ୍ରା ଦେଖିବାପାଇଁ କଂସ ରଥଦେଇ ଅକ୍ରୁରଙ୍କୁ ପଠାଇଲେ ଗୋପପୁରକୁ କୃଷ୍ଣ ବଳରାମଙ୍କୁ ଡାକି ଆଣିବା ପାଇଁ। ଅକ୍ରୁର ରଥଯାତ୍ରାରେ ତାଙ୍କୁ ମଥୁରାକୁ ଆଣିଥିଲେ।"

କଳିଯୁଗରେ ରଥଯାତ୍ରା - ଚୋଳଗଙ୍ଗ ଦେବଙ୍କ ରାଣୀ ଗୁଣ୍ଡିଚା ଦେବୀଙ୍କର ପୁତ୍ରକନ୍ୟା ହେଲେନାହିଁ। ତେଣୁ ସେ ରଥଯାତ୍ରା କରିବାକୁ ମନସ୍ଥ କଲେ ଏବଂ ରାଜାଙ୍କୁ ଜଣାଇଲେ। ତେଣୁ ରଥଯାତ୍ରା ହେଲା ଓ ତାଙ୍କ ନାମାନୁସାରେ ଏହାର ନାମ ହେଲା ଗୁଣ୍ଡିଚାଯାତ୍ରା ଏବଂ ମାଉସୀ ମା' ମନ୍ଦିରରୁ ଶ୍ରୀମନ୍ଦିର ଫେରିବା ଦିନର ନାମ ବାହୁଡ଼ାଯାତ୍ରା। ଏହିଠାରୁ ଆରମ୍ଭ ହେଲା ସାରଥି ଗୀତ ବା ଡାହୁକ ଗୀତ ବା ରଥଯାତ୍ରା ଗୀତ।

**ରାଜାବଜାର, ଜଟଣୀ**
**ଦୂରଭାଷ - ୯୪୩୭୪୬୭୮୫୯**

# ଆସିଛି ବସନ୍ତ

ଗୋବିନ୍ଦ ଚନ୍ଦ୍ର ମହାରଣା



ଯାଇଅଛି ଶୀତ ଆସିଛି ବସନ୍ତ
ବହେ ମୃଦୁ ସମୀରଣ
ବିହଙ୍ଗ କୂଜନ ହରିନେଲା ମନ
ପୁଲକିତ ହେଲା ପ୍ରାଣ ।

ପଲ୍ଲବିତ ହେଲେ ତରୁତୃଣ ଲତା
ସବୁଜିମା ହେଲା ଧରା
ଆମ୍ବ ବଉଳର ବାସନା ଛୁଟିଲା
ଚଉଦିଗ ଦିଶେ ତୋରା ।

ରଙ୍ଗ ବେରଙ୍ଗର କୁସୁମ ଫୁଟିଲେ
ସୁନ୍ଦର ଦିଶେ ଧରଣୀ
ବସନ୍ତ ପରଶେ ପରିବେଶ ହସେ
ହରଷ ପ୍ରକୃତି ରାଣୀ ।

ତରୁଡ଼ାଳେ ପିକ କୁହୁ କୁହୁ ତାନେ
ଗାଇଲା ମଧୁ ସଂଗୀତ
ମଳୟ ବାଆରେ ଫଲ୍‌ଗୁ ଧାରା ଝରେ
ଚିତ୍ତ ହେଲା ଉଲ୍ଲସିତ ।

ମହାଶିବରାତ୍ରୀ ଦୋଳ ହୋଲି ଆଦି
ଶ୍ରୀରାମନବମୀ ତିଥି
ନେଇ ଆସିଅଛି ପବିତ୍ର ପରବ
ଋତୁରାଜ କରି ସାଥୀ ।

ଅତି ମଧୁମୟ ବସନ୍ତ ସମୟ
ଫଗୁଣର ଫଗୁବୋଳା
ଚଇତେ ଚଇତି ଘୋଡ଼ା ନାଚଗୀତ
ମନ ଜିଣେ ରାମଲୀଳା ।

ମଙ୍ଗଳାନଗର, ଲେନ୍-୧, ଖୋର୍ଦ୍ଧା
ମୋ - ୯୪୩୮୭୩୪୬୪୪

# ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଉନ୍ନୀତ କରିବା କିପରି ?



ଡକ୍ଟର ମୁରାରି ମୋହନ ଦାଶ

ଶୀତଦିନେ ସାଧାରଣତଃ ଥଣ୍ଡା ପବନ ବହେ ଓ ଉତ୍ତାପ କମ୍ ଥାଏ। ଏହା ଫଳରେ ତଣ୍ଟି ବସିଯାଏ, ନାକରୁ ପାଣି ଗଡ଼େ ଏବଂ ସାମାନ୍ୟ ଜ୍ୱର ହୁଏ। ଥଣ୍ଡା ଓ ଫ୍ଲୁ ଶରୀରର ପ୍ରତିରୋଧକ ଶକ୍ତି ପାଇଁ ଏକ ଆହ୍ୱାନ ସୃଷ୍ଟିକରେ। ଏହି ସମୟରେ ଶରୀରର ଶକ୍ତି, ଚୟାପଚୟ ଓ ଖାଦ୍ୟ ପସନ୍ଦରେ ମଧ୍ୟ ପରିବର୍ତ୍ତନ ଆସେ। ତେଣୁ ଆମେ ଯାହା ଖାଉ ତାହା ଆମ ରୋଗ ପ୍ରତିରୋଧ ଶକ୍ତିକୁ ଉନ୍ନୀତ କରିବାରେ ସାହାଯ୍ୟ କରିଥାଏ।

ରୋଗ ପ୍ରତିରୋଧକ ଶକ୍ତି ଅର୍ଥ ଆମ ଶରୀରର ପ୍ରତିରକ୍ଷା ଶକ୍ତି। ପ୍ରତିରକ୍ଷା ଶକ୍ତି ବଳରେ ଆମ ଶରୀରକୁ ବାହ୍ୟ ଦ୍ରବ୍ୟ ପ୍ରବେଶ କରିପାରେ ନାହିଁ। ବୀଜାଣୁ, ଭୂତାଣୁ, କବକ ଓ ପରଜୀବୀ ଶରୀରରେ ସେମାନଙ୍କର ସଂଖ୍ୟା ବୃଦ୍ଧି କରିବା ପୂର୍ବରୁ ସେମାନଙ୍କୁ  ନଷ୍ଟ କରିବାର ବିଭିନ୍ନ ପ୍ରକ୍ରିୟା ରହିଛି। ପ୍ରତ୍ୟେକ ବ୍ୟକ୍ତି ଏମାନଙ୍କ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ରହିଛି। ଯେଉଁ ବ୍ୟକ୍ତିମାନେ ଅଧିକ ସଂକ୍ରମଣ ପ୍ରବଣ ସେମାନେ ହେଲେ - ଯେଉଁମାନେ ମାରାତ୍ମକ ରୋଗରୁ ଆରୋଗ୍ୟ ଲାଭ କରିବା ଅବସ୍ଥାରେ ଥାନ୍ତି, ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟର କର୍ମଚାରୀ, ବୟସ୍କ ବ୍ୟକ୍ତି, ପିଲା, ଯେଉଁମାନେ କର୍ଟିକୋଷ୍ଟିରଏଡ୍ ବା ଆଣ୍ଟିକ୍ୟାନ୍ସର ଔଷଧ ସେବନ କରୁଥିବେ ଓ ଯେଉଁମାନଙ୍କର ସ୍ୱାସ୍ଥ୍ୟ ନିକୃଷ୍ଟତର ଥିବ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଶୀତଦିନେ ଭିଟାମିନ୍ A, C ଓ E ଅଧିକ ମାତ୍ରାରେ ଖାଇବାକୁ ପରାମର୍ଶ ଦେଇଛି। ଏଗୁଡ଼ିକ ଆଣ୍ଟିଅକ୍ସିଡାଣ୍ଟ ଭାବେ କାର୍ଯ୍ୟ କରିଥାଏ। ଏହା ବ୍ୟତୀତ ମିନେରାଲ୍ (ଖଣିଜ ପଦାର୍ଥ), ଯଥା: ସେଲିନିୟମ୍, ଜିଙ୍କ୍, ମାଗ୍ନେସିୟମ୍, ଓମେଗା-୩ ଓ ଓମେଗା - ୯ ସ୍ନେହାମ୍ଳ ମଧ୍ୟ ଅଧିକ ମାତ୍ରାରେ ଖାଇବା ଉଚିତ।

ରୋଗ ପ୍ରତିରୋଧକ ତନ୍ତ୍ର ସୁସଂଗଠିତ ଭାବେ କାର୍ଯ୍ୟ କରିବା ପାଇଁ ଉଚିତ ଇନ୍ଧନ ଆବଶ୍ୟକ କରେ। କେତେକ ଖାଦ୍ୟରେ ପ୍ରତିରୋଧକ ତନ୍ତ୍ରକୁ ଉତ୍ତେଜିତ କରିବା ପାଇଁ ପୁଷ୍ଟିକାରକ ଦ୍ରବ୍ୟ ରହିଛି। ସେପରି ଖାଦ୍ୟ ଖାଇଲେ ସଂକ୍ରମଣକୁ ପ୍ରତିରୋଧ କରିବା ଶକ୍ତି ବୃଦ୍ଧିପାଏ ଏବଂ ଶରୀରକୁ ରୋଗଠାରୁ ଦୂରେଇରଖେ। ନିମ୍ନଲିଖିତ ପୁଷ୍ଟିକର ଦ୍ରବ୍ୟଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ପ୍ରତିରୋଧକ ତନ୍ତ୍ରକୁ ସୁସ୍ଥ ରଖେ।

**ବିଟାକାରୋଟିନ୍ :** ଏହା ଭିଟାମିନ୍ Aକୁ ପରିବର୍ତ୍ତିତ ହେଲାପରେ ଶରୀରରେ ଉତ୍ପନ୍ନ ହେଉଥିବା ମୁକ୍ତମୂଳକର ପ୍ରଭାବରୁ ଶରୀରକୁ ରକ୍ଷାକରେ। ଭିଟାମିନ୍ A ଚର୍ମକୁ ସୁସ୍ଥ ରଖିବା ସହ ବୀଜାଣୁ ଓ ଭୂତାଣୁ ସଂକ୍ରମଣର ପ୍ରତିରୋଧ କରେ (First Line of Defence). ବିଟାକାରୋଟିନ୍ ଅଧିକ ମାତ୍ରାରେ ଆମ୍ବ, ଅମୃତଭଣ୍ଡା, ତରଭୁଜ, କନ୍ଦମୂଳ, ଗାଜର ଏବଂ ଲାଲ ଓ ହଳଦିଆ ଶିମଳା ଲଙ୍କାରେ ମିଳେ। ଚିକିତ୍ସକମାନେ ଗାଜର ଓ ତରଭୁଜ ଜୁସ୍ ପିଇବାକୁ ସୁପାରିଶ କରିଥାନ୍ତି। **ଭିଟାମିନ୍ C :** ଏହା ଆଣ୍ଟିବଡ଼ି ଉତ୍ପନ୍ନକରି ରୋଗ ପ୍ରତିରୋଧକ ଶକ୍ତିକୁ ଉତ୍ତେଜିତ କରିଥାଏ। ଭିଟାମିନ୍ C ଥିବା ପରିବେଶରେ ଭୂତାଣୁମାନେ ବଂଶ ବିସ୍ତାର କରିପାରନ୍ତି ନାହିଁ। ସେଥିପାଇଁ ଏହାକୁ ବିଶ୍ୱାସଯୋଗ୍ୟ ଭୂତାଣୁ ବିରୋଧୀ ଏଜେଣ୍ଟ ଭାବେ ଗ୍ରହଣ କରାଯାଏ। ଅତ୍ୟଧିକ ମାତ୍ରାରେ ଭିଟାମିନ୍ C ଖାଇଲେ ଡାଏରିଆ ହୁଏ ଏବଂ ଅନ୍ତନାଳୀରେ ସମସ୍ୟା ଦେଖାଯାଏ। ଆମେରିକାର ଖାଦ୍ୟ ଓ ପୁଷ୍ଟି ବୋର୍ଡ଼ (Food and Nutrition Board) ଅନୁଯାୟୀ ଦିନକୁ ୨ ଗ୍ରାମ୍‌ରୁ ଅଧିକ ଭିଟାମିନ୍ C ଶରୀର ପାଇଁ କ୍ଷତିକାରକ। କମଳା, ସୁଇଟ୍ ଲାଇମ୍, ଅଙ୍ଗୁର, କିୱି, ଷ୍ଟ୍ରବେରୀ ଏବଂ ଅଁଳାରେ ଅଧିକମାତ୍ରାରେ ଭିଟାମିନ୍ C ରହିଛି। ପିଜୁଳିରେ କମଳା ତୁଳନାରେ ବେଶୀ ଭିଟାମିନ୍ C ଥାଏ। ପନିପରିବା ମଧ୍ୟରେ ଶିମଳା ଲଙ୍କା, ବନ୍ଧାକୋବି, ବ୍ରୋକୋଲି, ଟମାଟୋ ଓ ଫୁଲକୋବିରେ ମଧ୍ୟ ଭିଟାମିନ୍ C ରହିଛି।

**ଜିଙ୍କ୍ :** ରୋଗ ପ୍ରତିରୋଧକ ତନ୍ତ୍ରର କୋଷିକା ଉତ୍ପନ୍ନ କରିବାରେ ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଜିଙ୍କ୍‌ର ଭୂମିକା ରହିଛି। ଜିଙ୍କ୍‌ର ମାତ୍ରା ଶରୀରରେ କମ୍ ରହିଲେ ପ୍ରତିରୋଧକ ତନ୍ତ୍ର ଦୁର୍ବଳ ହୋଇଯାଏ। ଅଣ୍ଡାର ହଳଦିଆ ଅଂଶ, କଖାରୁ, କାଜୁ, ପେସ୍ତା, ଫେଣୀ, ବାଦାମ, ଗୋଟା ଶସ୍ୟ ଜାତୀୟ ଖାଦ୍ୟ ଓ ଅଦାରେ ଯଥେଷ୍ଟ ମାତ୍ରାରେ ଜିଙ୍କ୍ ରହିଛି।

ଏପରି ପନିପରିବା ଅଛି ଯେଉଁଥିରେ ଉଭୟ ଭିଟାମିନ୍ C ଓ ବିଟା କାରୋଟିନ୍ ରହିଛି। ସେପରି ପରିବା ମଧ୍ୟରେ କଖାରୁ, ଟମାଟୋ, ଚେରୀ, ଷ୍ଟ୍ରବେରୀ ଇତ୍ୟାଦି ପ୍ରଧାନ। କ୍ରୁସିଫେରସ୍ (Crusiferous) ପନିପରିବା ମଧ୍ୟରେ ବ୍ରୋକୋଲି, ଫୁଲକୋବି ଏବଂ ଶାଗ ଓ କଦଳୀ ଆଦି ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ କ୍ୟାନ୍ସରର ପ୍ରତିରୋଧ କରିଥାନ୍ତି।

**ଗୁରୁତ୍ୱପୂର୍ଣ୍ଣ :** ଶରୀରର ରକ୍ତ ସ୍ରୋତରେ ଶର୍କରାର ପରିମାଣ ବୃଦ୍ଧି ପାଇଲେ ପ୍ରତିରୋଧକ ତନ୍ତ୍ରର କାର୍ଯ୍ୟକାରିତା ହ୍ରାସପାଏ। ବିଶୁଦ୍ଧ ଶର୍କରା ପ୍ରତିରୋଧକ ସ୍ତରରେ ନକାରାତ୍ମକ ପ୍ରଭାବ ପକାଏ। ତେଣୁ ଯେତେ ସମ୍ଭବ ଭୋଜନରେ ଶର୍କରା ପରମାଣକୁ ସୀମିତ କରିବା ଉଚିତ।

ମଦ ପ୍ରତିରୋଧକ ତନ୍ତ୍ରର କୋଷିକାକୁ ନଷ୍ଟକରେ। ଯେଉଁ ବ୍ୟକ୍ତିମାନେ ମଦ୍ୟପାନ କରନ୍ତି ସେମାନେ ସାଧାରଣତଃ ସଂକ୍ରମଣ ଓ ଅନ୍ୟାନ୍ୟ ରୋଗର ଶିକାର ହୋଇଥାନ୍ତି। ଆହୁରି ମଧ୍ୟ ଅଧିକ ସ୍ନେହସାର ଯୁକ୍ତ (fatty acid) ଖାଦ୍ୟ ଖାଇଲେ ପ୍ରତିରକ୍ଷାତନ୍ତ୍ରର ସଂକ୍ରମଣକୁ ବିରୋଧ କରିବା କ୍ଷମତା ହ୍ରାସପାଏ।

**ମନେରଖନ୍ତୁ:**

୧. ନିୟମିତ ଭାବେ ହାତ ଧୋଇ ସଫା ରଖୁଥିଲେ ସଂକ୍ରମଣ ମାତ୍ରା ବୃଦ୍ଧି ପାଇ ନଥାଏ।

୨. ସୁନିଦ୍ରା ଶରୀରରେ କ୍ଷତିକୁ ଶୀଘ୍ର ପୂରଣ କରିପାରେ। ଫଳରେ ପ୍ରତିରୋଧକ ଶକ୍ତି ଠିକ୍ ଭାବେ କାର୍ଯ୍ୟ କରିଥାଏ।

୩. ଶୀତ ଦିନେ ବ୍ୟାୟାମ୍ କଲେ ରୋଗରୁ ରକ୍ଷା ମିଳିଥାଏ ଏବଂ ପ୍ରତିରୋଧକ ଶକ୍ତି ବୃଦ୍ଧିପାଏ। ସପ୍ତାହରେ ୩ ଘଣ୍ଟା ଶାରୀରିକ ଶ୍ରମ କରୁଥିଲେ ୩୫ ପ୍ରତିଶତ ଥଣ୍ଡା ଧରିବା ହ୍ରାସପାଏ।

୪. ସକାଳର ଜଳଖିଆ ନିୟମିତ ଖାଇବା ଉଚିତ। ଯେଉଁମାନେ ସକାଳ ଜଳଖିଆକୁ ଏଡ଼ାଇ ଦିଅନ୍ତି ସେମାନେ ଥଣ୍ଡାପ୍ରବଣ ହୋଇଥାନ୍ତି।

**ଜାଣିବା କଥା:**

୧. ଅଁଳାରେ ବେଶିମାତ୍ରାରେ ଭିଟାମିନ୍ C ଥାଏ।

୨. ରସୁଣରେ ଆଲିସିନ୍ (allicin) ଥାଏ। ଏହା କବକ, ଭୂତାଣୁ, ବୀଜାଣୁ ବିରୋଧୀ ଅଟେ। ଏଥିରେ ସଲଫରଯୁକ୍ତ ଆମିନୋ ଏସିଡ୍ ଥାଏ ଯାହା ଆଣ୍ଟି-ଅକ୍ସିଡାଣ୍ଟ ଭାବେ କାର୍ଯ୍ୟକରେ।

୩. ଛତୁରେ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ପଲିସାକାରାଇଡ୍ (Polysaccharides) ଥାଏ।

୪. ହଳଦୀରେ କୁରକୁମିନ୍ ଥାଏ ଯାହା ପ୍ରତିରୋଧକ ତନ୍ତ୍ରକୁ ଉତ୍ତେଜିତ କରେ।

୫. ଯଅ, ବ୍ରାଉନ୍‌ରାଇସ୍ (ବୋଳଯୁକ୍ତ ଚାଉଳ), ବାଜରା, ରାଇ (rye) ଆଦି ଗୋଟାଶସ୍ୟରେ ଯଥେଷ୍ଟ ଜିଙ୍କ୍ ଥାଏ। ଏହା ଅନ୍ତ୍ରନଳୀରେ ଥିବା ବୀଜାଣୁର ବୃଦ୍ଧିରେ ସହାୟକ ହୁଏ।

୬. ଅଦା ଆଣ୍ଟି-ଅକ୍ସିଡାଣ୍ଟ ଭାବେ କାର୍ଯ୍ୟକରେ।

**ଲୋକପ୍ରିୟ ବିଜ୍ଞାନ ସଂଚାରକ**
**ଜି/ଏଲ୍-୧, ଭି.ଏସ୍.ଏସ୍. ନଗର**
**ଭୁବନେଶ୍ୱର-୭୫୧୦୦୭**
**ମୋ-୯୪୩୭୧୧୦୭୧୫**



# କେମିତି କହିବି ପ୍ରଭୁ-

ନିରଞ୍ଜନ ପଟ୍ଟନାୟକ



ଯହିଁ ମୁଁ ଦେଖୁଛି ବୁଲି
ତୁମ ସୃଷ୍ଟି ଖାଲି
କେମିତି କହିବି ପ୍ରଭୁ ତମେ ନାହିଁ ବୋଲି ।
ଗଗନରେ ସୂର୍ଯ୍ୟ, ଚନ୍ଦ୍ର, ତାରା ଝଟକୁଛ
ଅବନୀରେ ଗିରିବନେ ଶୋଭା ପାଉଅଛ ।
ସାଗରେ ନୀଳ ତରଙ୍ଗ
ଝରଣାରେ ଝର ନାଦ
ବୃକ୍ଷଲତା ଗହଳରେ ତୁମେ କାକଳି
କେମିତି କହିବି ପ୍ରଭୁ ତୁମେ ନାହିଁ ବୋଲି ॥୧॥

ଅଣ୍ଡିବ୍ରହ୍ମ ଆଗେ ଥୋଇ
ସୃଷ୍ଟି ସରଜିଲ
ଜୀବଜନ୍ତୁ ପାଳିବାକୁ ସବୁ ଖଞ୍ଜି ଦେଲ
ଆଲୋକ ଅନ୍ଧାର ପାଇଁ
ସଞ୍ଜ ସକାଳକୁ ଦେଇ
ଖରା, ବର୍ଷା, ଶୀତ ଲାଗି କରିଲ ପାଳି
କେମିତି କହିବି ପ୍ରଭୁ ତୁମେ ନାହିଁ ବୋଲି ॥୨॥

ମନ୍ଦିରେ ଠାକୁର ପ୍ରଭୁ ଗୀର୍ଜାରେ ଈଶ୍ୱର
ନମାଜ ଘରରେ ତୁମେ ଆଲ୍ଲା ଆକବର
ମହାଶୂନ୍ୟେ ନିରାକାର
ଜୀବନ ତୁମେ ଜୀବର
ସବୁକୁ ଧରି ରଖିଛ ଯତନେ ତୋଳି ।
କେମିତି କହିବି ପ୍ରଭୁ ତୁମେ ନାହିଁ ବୋଲି ॥୩॥

ଅବସର ପ୍ରାପ୍ତ ଶିକ୍ଷକ
ଭକ୍ତି ମଣ୍ଡପ- ବୁର୍ଲା,ସମ୍ବଲପୁର
ଦୂରଭାଷ-୯୪୩୮୫୯୨୭୬୬



# ପ୍ରଥମ ଶ୍ରେଣୀରୁ ସ୍ପୋକନ ଇଂଲିସ୍

**ଡକ୍ଟର ବିଷ୍ଣୁ ଚରଣ ସାହୁ**

୩ବର୍ଷରୁ ୬ବର୍ଷ ଭିତରେ ପିଲା ଖେଳିବ ଓ ଓଡ଼ିଆ ଶବ୍ଦ ଭଲଭାବରେ କହିବ ଓ ଚିତ୍ର ଦେଖି କହି ଶିଖିବ । ଅତି ଅଧିକ ହେଲେ କେବଳ ବର୍ଣ୍ଣମାଳା ଲେଖିବା ଅଭ୍ୟାସ କରିବ । ଅତ୍ୟଧିକ ପ୍ରେସର ଦେଲେ ହୁଏତ ତାର ମେଧା ଶକ୍ତି ପ୍ରଭାବିତ ହୋଇପାରେ । ପ୍ରଥମ ଶ୍ରେଣୀରେ ପଢୁଥିବା ପିଲାଟି ହୁଏତ ମାତୃଭାଷା ଭଲ କରି ଉଚ୍ଚାରଣ କରିପାରୁ ନଥାଏ। ଏହା କିଛି ପିଲାମାନଙ୍କର ଅଭିଭାବକ ଏବଂ କିଛି ଶିକ୍ଷକମାନଙ୍କର ମାନସିକତା ହୋଇପାରେ ।

ପୂର୍ବରୁ ତୃତୀୟ ଶ୍ରେଣୀରୁ ଇଂରାଜୀ ପଢା ଆରମ୍ଭ ହୋଇସାରିଛି । କିନ୍ତୁ କିଛି ଅଭିଭାବକମାନଙ୍କ ଆଗ୍ରହକୁ ବିଚାରକୁ ନେଇ ପ୍ରଥମ ଶ୍ରେଣୀରୁ ସ୍ପୋକେନ ଇଂଲିସ୍ ଆରମ୍ଭ ପାଇଁ ସରକାରୀ ସ୍ତରରେ ସିଦ୍ଧାନ୍ତ ନିଆଗଲା । ଆଜିକାଲି ଅଭିଭାବକମାନେ ବିଶ୍ୱାସ କରନ୍ତି ତାଙ୍କ ପିଲାମାନେ ଯଦି ପ୍ରଥମ ଶ୍ରେଣୀରେ ଇଂରାଜୀ କହିବା ଶିକ୍ଷା କରିବେ ତାହେଲେ ଭବିଷ୍ୟତରେ ସେମାନଙ୍କର ଇଂରାଜୀ କହିବା ଏବଂ ପଢିବା ପାଇଁ ତାଙ୍କର ଆଗ୍ରହ ସୃଷ୍ଟି ହେବ ।

ଇଂରାଜୀ ହେଉଛି ଗୋଟିଏ ଅନ୍ତର୍ଦେଶୀୟ ଭାଷା । ଯାହା ମାଧ୍ୟମରେ ଲୋକମାନେ ପୃଥିବୀର ଯେକୌଣସି ଦେଶ ସହିତ କଥା କରିପାରିବେ । ପୃଥିବୀର ପ୍ରାୟ ୫୩ଟି ରାଜ୍ୟରେ ଇଂରାଜୀ ହେଉଛି ସେମାନଙ୍କର ଅଫିସିଆଲ ଲାଙ୍ଗୁଏଜ୍ । ଗୋଟିଏ ଛୋଟ ପିଲା ଯଦି ଇଂରାଜୀ କହି ଶିଖେ ତାହେଲେ ପୃଥିବୀର ଯେକୌଣସି ସ୍କୁଲ ପିଲାଙ୍କ ସହିତ କଥା ହୋଇପାରିବ । ପୃଥିବୀର ପ୍ରାୟ ୪୦କୋଟି ଲୋକ ସବୁବେଳେ ଇଂରାଜୀରେ କଥା ହୋଇ ଥାନ୍ତି । ବ୍ରିଟସ୍ କାଉନ୍‌ସିଲ କହିବା ଅନୁସାରେ ୨୦୨୦ ଶେଷ ବେଳକୁ ପୃଥିବୀରେ ପ୍ରାୟ ୧ଶହ କୋଟି ଲୋକ ଇଂରାଜୀ କହିପାରୁଥିବେ ।

ଆଜି କାଲି ଯଦି କେହି ଆନ୍ତର୍ଜାତିକ କ୍ଷେତ୍ରରେ ବ୍ୟବସାୟ କରୁଛି ବା ବ୍ୟବସାୟ ଅନୁଷ୍ଠାନରେ ଚାକିରି କରୁଛି ତାହେଲେ ତାଙ୍କ ପାଇଁ ଇଂରାଜୀ କହିବା ଅପରିହାର୍ଯ୍ୟ। ଇଂରାଜୀ କହିବା ଶୈଳୀ ଆକର୍ଷଣୀୟ ହେବା ସଙ୍ଗେ ସଙ୍ଗେ ସହଜରେ ଏବଂ ଶୀଘ୍ର କହିବା ଦରକାର । ତେଣୁ ପିଲାଟି ଯଦି ଆରମ୍ଭରୁ ଇଂରାଜୀ କହେ ତାହେଲେ ତାର ମାତୃଭାଷା ଭଳି ସେ ମଧ୍ୟ ଇଂରାଜୀକୁ ସହଜରେ ବୁଝିପାରିବେ ଓ ଶୀଘ୍ର କହିପାରିବେ । ଆନ୍ତର୍ଜାତିକ ତଥା ନିଜ ଦେଶରେ ଭଲ ଇଂରାଜୀ କହିବା ପିଲା ଜୀବନରେ ବହୁ ପରିବର୍ତ୍ତନ ଆଣିପାରେ । ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଖେଳ ବା ଯେକୌଣସି ଆମୋଦଦାୟକ ପ୍ରୋଗ୍ରାମ ବେଳେ ଇଂରାଜୀରେ ଦକ୍ଷତା ନିହାତି ଦରକାର ପଡିଥାଏ ।

ଇଂଲିସ ଲାଙ୍ଗୁଏଜ୍ ସେଣ୍ଟର ମାନଙ୍କରେ ଆଜିକାଲି କ୍ଲାସ ବାହାରେ ପରିବେଶ ଯେପରିକି, ଇଂରାଜୀ ଫିଲ୍ମ, ଖେଳ, ମିୟୁଜିୟମ, ଏକ୍ସକରସନ, ହିଷ୍ଟୋରୀକାଲ ଏରିଆ ବୁଲିବା ସମୟରେ ଇଂରାଜୀର ସଠିକ୍ କଥୋପକଥନ ଏବଂ ବ୍ୟବହାର କିପରି କରିବ ପିଲାଙ୍କୁ ବ୍ରିଟିସ୍ କଲଚର ଅନୁସାରେ ଶିକ୍ଷା ଦିଆଯାଏ । ଇଂଲିସ୍ ଲାଙ୍ଗୁଏଜ୍ ସେଣ୍ଟର ଗୋଟିଏ ଲାଭଜନକ ସଂସ୍ଥା ନୁହେଁ । ଏଜୁକେସନ ଫାଷ୍ଟ ଅନୁସାରେ ଇଂରାଜୀ ହେଉଛି ଇଣ୍ଟରନେଟର ଭାଷା । ୫୬୫ ମିଲିୟନ ଲୋକ ପ୍ରାୟ ସୁବୁଦିନେ ଇଣ୍ଟରନେଟ ବ୍ୟବହାର କରୁଛନ୍ତି । ପୃଥିବୀର ଯେତେ ୱେବସାଇଟ୍ ଅଛି ତାର ପ୍ରାୟ ୫୨ ପ୍ରତିଶତ ଇଂରାଜୀ ମାଧ୍ୟମରେ ବ୍ୟବହାର କରାଯାଏ ।

ଆଜିର ଦିନରେ ଇଂରାଜୀ ଶିକ୍ଷା କରିବା ଅତ୍ୟନ୍ତ ପ୍ରତିଯୋଗିତାମୂଳକ ଏବଂ ସମୟସାପେକ୍ଷ ହୋଇଥିଲେ ବି ଏହାକୁ ଶିକ୍ଷା କରିବା ଲାଭଦାୟକ ଏବଂ ଅନେକ ସମ୍ଭାବନା ସୃଷ୍ଟି କରେ । ଏହା ସତ୍ୟଯେ ଯଦି ପିଲାଟି ନିଜ ପରିବେଶରେ ଥିବା ସ୍କୁଲ ଶିକ୍ଷକଠାରୁ ଇଂରାଜୀ ଶିକ୍ଷା କରେ ତାହଲେ ସେ ଠିକ୍ ଢଙ୍ଗରେ ଶବ୍ଦ ଉଚ୍ଚାରଣ କରିପାରିବା ସଙ୍ଗେ ସଙ୍ଗେ ଇଂରାଜୀର ବ୍ୟାକରଣଗତ ଜ୍ଞାନ ସୁନ୍ଦର ଭାବରେ ଗ୍ରହଣ କରିପାରିବ। ଗୋଟିଏ ପ୍ରଥମ ଶ୍ରେଣୀର ଶିଶୁ ଇଂରାଜୀ କହିବା ପାଇଁ ସବୁବେଳେ ଆଗ୍ରହ ଦେଖାଇ ଥାଏ। ତେଣୁ ସ୍ପୋକନ ଇଂରାଜୀ ଶ୍ରେଣୀରେ ଇଂରାଜୀରେ କଥୋପକଥନ ଶହେ ପ୍ରତିଶତ ସମ୍ଭବ । ପିଲାବେଳେ ବ୍ୟାକରଣ ଜ୍ଞାନ ସହ ଇଂରାଜୀ ଉଚ୍ଚାରଣ କରିବା ସହଜ ଓ ନିର୍ଭୁଲ ହୋଇଥାଏ। ଯଦି ଆପଣ ଲକ୍ଷ କରିବେ ଗୋଟିଏ ଇଂରାଜୀ ଭାଷା କହୁଥିବା ଦେଶର ପିଲା କେବେ ହେଲେ ବ୍ୟାକରଣ ଏବଂ ଶବ୍ଦର ଉଚ୍ଚାରଣ ଭିତରେ ସାମଞ୍ଜସ୍ୟ ରଖୁନଥାଏ। ସେମାନେ କେବଳ କେମିତି ଇଂରାଜୀ କହିବା ଶିକ୍ଷା କରିଥାନ୍ତି । ପିଲାମାନେ ସାଧାରଣତଃ ଗୋଟିଏ ନୂଆ ଭାଷା ଶିକ୍ଷା କରିବାପାଇଁ ସବୁବେଳେ ଆଗ୍ରହ ପ୍ରକାଶ କରିଥାନ୍ତି । କାରଣ ଏହା ସେମାନଙ୍କ ପାଇଁ କୌତୁହଳପୂର୍ଣ୍ଣ ହେବା ସହ ଆନନ୍ଦ ବି ଦେଇଥାଏ ।

ଇଂରାଜୀ ଶିକ୍ଷା କରିବା ପାଇଁ ଆଉ ଗୋଟିଏ ଦିଗ ହେଲା ସେମାନେ ଇଂରାଜୀରେ କଥା କହି ନିଜ ନିଜକୁ ବ୍ୟସ୍ତ ରଖିପାରନ୍ତି । ତେଣୁ ଖୁବ୍ କମ୍ ସମୟ ଭିତରେ ପିଲାମାନେ ଇଂରାଜୀ କହିବା ଅଭ୍ୟାସ କରିପାରନ୍ତି। ପିଲା ନିଜ ପରିବେଶରେ ଏବଂ ନିଜ ମାତୃଭାଷା ପଢା ଯାଉଥିବା ସ୍କୁଲରେ

ଇଂରାଜୀ ଶିକ୍ଷା କଲେ ସେ ଭଲ ଭାବରେ ଇଂରାଜୀ ବ୍ୟାକରଣ ଜାଣିବା ସଙ୍ଗେ ସଙ୍ଗେ ଇଂରାଜୀ ଖୁବ୍ ଶୀଘ୍ର ଓ ନିର୍ଭୁଲ ଭାବରେ କଥା କହିପାରିବ ।

କେବଳ ବାରମ୍ବାର ଅଭ୍ୟାସ ଦ୍ୱାର ପିଲା ଇଂରାଜୀକୁ ସହଜରେ ଅନର୍ଗଳ କହିପାରିବ। ଶିକ୍ଷକ ଯଦି ପିଲାମାନଙ୍କୁ ବିଭିନ୍ନ ପରିବେଶ ଏବଂ ବିଭିନ୍ନ ଦିଗ ଉପରେ କଥା କହି ଶିଖାଇବ ସେମାନେ ସହଜରେ ଆଲୋଚନାର ଭାଗନେଇ ପାରିବା ସଙ୍ଗେ ସଙ୍ଗେ ନୂଆ ଶବ୍ଦର ବ୍ୟବହାର ଶିଖିବେ । ମନେକରନ୍ତୁ ପିଲା କୌଣସି ସ୍ଥାନ ପରିଦର୍ଶନ କରି ଫେରିଲା ପରେ ତାକୁ ସେ ବିଷୟରେ ଶିକ୍ଷକ ପଚାରିଲେ ସେ ନିଜେ ଭ୍ରମଣ ଅନୁଭୂତି ଇଂରାଜୀରେ କହିବା ପାଇଁ ଚେଷ୍ଟା କରିବ ।

ଛୋଟ ପିଲାମାନେ ଗୃହପାଳିତ ଏବଂ ଜଙ୍ଗଲରେ ବାସ କରୁଥିବା ପଶୁପକ୍ଷୀଙ୍କ ଗଳ୍ପ ଶୁଣିବାକୁ ଏବଂ ସେ ବିଷୟରେ ଆଲୋଚନା କରିବାକୁ ଭଲ ପାଆନ୍ତି । ବିଶେଷତଃ ଗୃହପାଳିତ ପଶୁ ବା ପକ୍ଷୀ ବିଷୟରେ ପ୍ରଶ୍ନ ପଚାରିବାକୁ ବା ଉତ୍ତର ରଖିବାକୁ ଭଲ ପାଆନ୍ତି।

ସେଇଭଳି ନିଜ ପିତାମାତା ଓ ବନ୍ଧୁବର୍ଗଙ୍କ ବିଷୟରେ ସେମାନେ ଯେଉଁ ଖାଦ୍ୟକୁ ଭଲ ପାଉଛନ୍ତି ସେ ବିଷୟରେ ଇଂରାଜୀରେ ଆଲୋଚନା କରିବାକୁ ଭଲ ପାଆନ୍ତି ।

ସରକାରଙ୍କ ଶିକ୍ଷା କ୍ଷେତ୍ରରେ ଏ ଯୋଜନାଟି ଗୋଟିଏ ପ୍ରଂଶସାଯୋଗ୍ୟ ପଦକ୍ଷେପ। ଯଦି ଉପରୋକ୍ତ ସ୍ପୋକନ୍ ଇଂଲିସ କ୍ଲାସ ପ୍ରଥମ ଶ୍ରେଣୀରୁ ଆରମ୍ଭ କରାଯାଏ ତାହେଲେ ସେଥିପାଇଁ ଉତ୍କୃଷ୍ଟ ଭିତ୍ତିଭୂମି, ମଡେଲ ଶ୍ରେଣୀ କକ୍ଷ, ତାଲିମପ୍ରାପ୍ତ ଶିକ୍ଷକକୁ ନିଯୋଜିତ କରାଯାଏ । ତାହେଲେ ସରକାରୀ ଓଡିଆ ମାଧ୍ୟମ ସ୍କୁଲରେ ପିଲାଙ୍କୁ ପଢାଉଥିବା ଅଭିବାବକମାନେ ଖୁସି ହେବା ସଙ୍ଗେ ସଙ୍ଗେ ସରକାରୀ ସ୍କୁଲଗୁଡିକ ନିଶ୍ଚିତ ଭାବରେ ପ୍ରାଇଭେଟ୍ ସ୍କୁଲଗୁଡିକ ସହିତ ସମକକ୍ଷ ହୋଇପାରିବ । ସରକାରୀ ସ୍କୁଲ ଉପସ୍ଥାନ ବୃଦ୍ଧି ହେବାର ଆଶା ଉଜ୍ଜଳ ହେବା ସଙ୍ଗେ ସଙ୍ଗେ ପିଲାମାନେ ମଧ୍ୟ ଶୃଙ୍ଖଳିତ ହେବେ ।

**ସି-୭, ସହିଦ ନଗର,**
**ମାର୍କେଟ ବିଲ୍ଡିଂ, ଭୁବନେଶ୍ୱର ।**
**ଦୂରଭାଷ-୯୪୩୭୧୩୦୫୦୦**





# ଆ'ରେ ଫଗୁଣ ଫେରି

ହେମଲତା ସାହୁ




ଆ'ରେ ଫଗୁଣ ଫେରି
ସଂଗେ ଧରି ତୋ'ଅବିର
ରଂଗ ପିଚକାରୀ
ଡିଜେର ବିକଟାଳ ଶବ୍ଦ
ଆଧୁନିକ ନାଚଗୀତ, ଫଗୁଣକୁ
ଦେଇଛି ଦୂରେଇ ।
ଆଲୋ ! କୋଇଲି ତୋ' ମଧୁର ସୁରେ
ଆମ୍ବଡ଼ାଳୁ ଭାସିଆସୁ, ତୋ କଣ୍ଠରୁ
କୁହୁକୁହୁ ଧ୍ୱନି।
ହସିଉଠୁ ବୃକ୍ଷରାଜି କଅଁଳ ପତ୍ରର ସମ୍ଭାରେ
ବଉଳର ବାସ୍ନା ଚହଟାଇ
ପ୍ରକୃତି ମୋ ହସିଉଠୁ ଚଇତି ସ୍ୱର୍ଣ୍ଣରେ।
ଗାଁ ଦାଣ୍ଡେ ବିମାନରେ ବିଜେ, ରାଧାକୃଷ୍ଣ ଯୁଗଳ ମୂରତି
ପନ୍ତି ପରେ ପନ୍ତି ଖାଇ ବୁଲୁଥାନ୍ତୁ ଗାଁ ଚଉହଦୀ।
ଗୋପାଳ-ଓଗାଳ ଲହଡ଼ି ଶବ୍ଦରେ ପ୍ରକଂପିତ ହେଉ ମେଳନପଡ଼ିଆ।
ଚଣା-ଉଖୁଡ଼ାର ଭୋଗ ସଂଗେ କଦଳୀ ନଡ଼ିଆ
ଆରେ ଫଗୁଣ ଆ - ଖେଳିବି ମୁଁ ହୋଲି
କାନ୍ଧରେ କାନ୍ଧ ମିଳାଇ, ଏକତାର ଗୀତ ଗାଇ
ଆରେ ଫଗୁଣ ଆ.....
ଆରେ ଫଗୁଣ ଫେରିଆ.... ।

**ଜଟଣୀ, ଖୋରଧା**

# ବିରାଡି ଭାଲୁ



ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର



ଭଲ୍ଲୁକ ସମାଜରେ ଏପରି ଏକ ପ୍ରାଣୀ ଅଛି ଯାହାର ନାମ ବିରାଡ଼ି ଭାଲୁ ଇଂରାଜୀରେ Cat Bear ବା Red Panda ଲାଲ୍ ପାଣ୍ଡା ଭାବେ ପରିଚିତ ଏବଂ ବୈଜ୍ଞାନିକ ନାମ Ailurus Fulgens ଅଟେ। ଏମାନେ ସିକିମ୍ , ନେପାଳ, ବର୍ମା ଓ ଦକ୍ଷିଣ ଚାଇନା ଅଞ୍ଚଳରେ ବସବାସ କରିଥାଆନ୍ତି। ଦୁଇଟି ପ୍ରଜାତିର ବିରାଡ଼ି ଭାଲୁ ଅଛନ୍ତି ଯଥା ବର୍ମା ଅଞ୍ଚଳରେ ଗୋଟିଏ ପ୍ରଜାତି ଥିବା ବେଳେ ଅନ୍ୟ ପ୍ରଜାତିଟି ନେପାଳ ଓ ସିକିମ୍ ଅଞ୍ଚଳରେ ବାସ କରିଥାଆନ୍ତି। ବର୍ମା ଅଞ୍ଚଳରେ ଥିବା ପ୍ରଜାତିଟିର ବଡ଼ ଖପୁରୀ, ମଜବୁତ୍ ଦାନ୍ତ ଓ ଲମ୍ବା ଲମ୍ବା ଲୋମ ଦେହ ସାରା ରହିଥାଏ। ଏମାନଙ୍କ ଶରୀର ଲମ୍ବ ୬୦ସେ.ମି, ଲାଞ୍ଜର ଲମ୍ବ ୪୦ସେ.ମି ଏବଂ ଓଜନ ୩ ରୁ ୪କେ.ଜି ଅଟେ।ଏମାନେ ଦେଖିବାକୁ ଭାଲୁପରି , କିନ୍ତୁ ଲାଞ୍ଜଟି ଖୁବ୍ ଲମ୍ବା ଏବଂ ମୁହଁଟି ବିରାଡ଼ି ପରି ଦେଖାଯାଏ। ମୁଣ୍ଡଟି ଗୋଲାକୃତି, କାନଗୁଡିକ ଠିଆ ଠିଆ , ଥୋମଣି ଖୁଣ୍ଟାପରି ଏବଂ ଗୋଡ଼ଗୁଡିକ ଛୋଟ ଛୋଟ ଲୋମରେ ପରିପୂର୍ଣ୍ଣ। ଭାଲୁମାନଙ୍କ ପରି ଆଖି ଅଟେ। ଏମାନଙ୍କର ଶରୀର ଉଜ୍ଜ୍ୱଳ ସ୍ୱର୍ଣ୍ଣାଭ ଲାଲ୍ ରଙ୍ଗ ଏବଂ ପାଦତଳ ଅତି ନରମ ଅଟେ। ପେଟ ଓ ଗୋଡ଼ ଗୁଡିକ କଳା ରଙ୍ଗ, ଲାଞ୍ଜରେ କଳା ରଙ୍ଗର ବଳା ସଦୃଶ୍ୟ ଚିହ୍ନ ରହିଛି। ମୁହଁ ଓ ତଳ ଓଠ ଧଳା ରଙ୍ଗ ସହିତ ଲୋମ ଦ୍ୱାରା ଆବୃତ। ଆଖି ପାଖରୁ ପାଟି ପର୍ଯ୍ୟନ୍ତ କଳାଧଳା ପଟି ଲମ୍ବି ଯାଇଥିବାର ଦେଖାଯାଏ। ତେଣୁ ଏହି ପ୍ରାଣୀର ଶରୀର ଗଠନ ଓ ଦେହର ବିଭିନ୍ନ ରଙ୍ଗ ଦ୍ୱାରା ଏହା ଏକ ସ୍ୱତନ୍ତ୍ର ପ୍ରାଣୀ ତଥା ଲାଲ୍ ପାଣ୍ଡା ଭାବେ ପରିଚିତ। ଏମାନେ ପ୍ରାୟ ଗଛର ଶାଖାମାନଙ୍କରେ ଦିନ ବେଳେ ଶୋଇ ରହନ୍ତି। ଗଛର ଶାଖାରେ ଲାଞ୍ଜଟିକୁ ମୁଣ୍ଡ ଉପରେ ଗୁଡେଇ ଦେଇ ମୋଡିମାଡି ହୋଇ ଆଗ ଗୋଡ ଦୁଇଟି ମଝିରେ ମୁଣ୍ଡକୁ ଛାତିରେ ଗୁଞ୍ଜି ବିଶ୍ରାମ ନିଅନ୍ତି। ସନ୍ଧ୍ୟା ସମୟରେ ଗଛରୁ ଓହ୍ଲାଇ ତଳକୁ ଆସନ୍ତି ଓ ଖାଦ୍ୟ ସଂଗ୍ରହ କରିଥାଆନ୍ତି। ପୁନର୍ବାର ସକାଳ ହେଲେ ଗଛକୁ ଯାଇ ବିଶ୍ରାମ ନିଅନ୍ତି। ଏମାନେ ହଳ ହଳ ହୋଇ କିମ୍ବା ପରିବାର ସହ ମିଶି ଖାଦ୍ୟ ଆହରଣ କରିଥାଆନ୍ତି। ଏମାନଙ୍କର ଦୃଷ୍ଟି ଶକ୍ତି ସେତେ ପ୍ରଖର ନୁହେଁ। ବିଶେଷ କରି ଏମାନେ କଅଁଳିଆ ଘାସ , ପତ୍ର , ଗଛରୁ ମୂଳ ଓ ତଳେ ପଡିଥିବା ଫଳ ଆଦି ଖାଇଥାଆନ୍ତି। ବେଳେ ବେଳେ ପୋକ , ଯୋକ ଓ ଅଣ୍ଡା ମଧ୍ୟ ଖାଇଥାଆନ୍ତି । କିନ୍ତୁ ପୋଷା ପ୍ରାଣୀ ହେଲେ କିମ୍ବା ଯନ୍ତା ଭିତରେ ରହିଥିବା ବେଳେ ମିଠା ଯୁକ୍ତ ଖାଦ୍ୟ ଦେଲେ ଆରାମରେ ଖାଇଥାଆନ୍ତି। ଏହି ପ୍ରାଣୀମାନେ ହିମାଳୟ ନିକଟସ୍ଥ ଜଙ୍ଗଲ ବିଶେଷ କରି ଟେମ୍ପିରେଟ୍ ଜଙ୍ଗଲ ଅଞ୍ଚଳରେ ପ୍ରାୟତଃ ୧୫୨୫ମିଟର ଉଚ୍ଚତା ଉପରକୁ ଦେଖାଯାଆନ୍ତି।

ନିଜ ନିଜ ମଧ୍ୟରେ ସଂପର୍କ ସ୍ଥାପନ ପାଇଁ ଏହି ପ୍ରାଣୀ ଏକ ସ୍ୱତନ୍ତ୍ର ଶବ୍ଦ ସୃଷ୍ଟି କରିଥାଆନ୍ତି। ଯଦ୍ୱାରା ପକ୍ଷୀମାନଙ୍କର ଶବ୍ଦ ପରି ଜଣାପଡେ। ଏମାନେ ରାଗି ଗଲେ ଗନ୍ଧକ୍ଷାରକ ଗ୍ରନ୍ଥିରୁ ଏକ ପ୍ରକାରର ବମନୋଦଗାକାରୀ ଶ୍ରାବ୍ୟ ପଦାର୍ଥ ନିକ୍ଷେପ କରିଥାଆନ୍ତି। ଏହା ଫଳରେ ସେମାନେ ଶତ୍ରୁ କବଳରୁ ରକ୍ଷା ପାଇଥାନ୍ତି। ବସନ୍ତ ଋତୁରେ ଗଛ କୋରଡ଼ରେ ଏମାନେ ଦୁଇଟି ପର୍ଯ୍ୟନ୍ତ ଶାବକ ପ୍ରସବ କରିଥାଅନ୍ତି। ଶାବକମାନେ ଏକ ବର୍ଷ ହେବା ପର୍ଯ୍ୟନ୍ତ ବାପା ଓ ମାଆଙ୍କ ସହିତ ରହି ସେମାନଙ୍କଠାରୁ ଖାଦ୍ୟ ଗ୍ରହଣ କରିଥାଅନ୍ତି। ପ୍ରକୃତିର ଏହି ସୁନ୍ଦର ପ୍ରାଣୀଟିର ପାରିବାରିକ ଜୀବନ ବିଷୟରେ ଅଦ୍ୟାବଧି ବହୁ ତଥ୍ୟ ଲୋକଲୋଚନକୁ ଆସି ପାରି ନାହିଁ। ଏମାନଙ୍କର ପ୍ରଜନନ ଶିଥିଳ ଓ ଶିକାରୀମାନଙ୍କ ଦ୍ୱାରା ଏମାନଙ୍କୁ ଶିକାର କରିବା ଯୋଗୁ ଏବଂ ଏମାନଙ୍କର ଆବାସ ସ୍ଥଳୀର କ୍ଷୟ ଯୋଗୁ ଏମାନଙ୍କର ସଂଖ୍ୟା କମି କମି ଗଲାଣି। ଆଉ ମଧ୍ୟ ଶାବକମାନଙ୍କର ମୃତ୍ୟୁ ହାର ଅଧିକ ହେଉଛି। ଏହି ପ୍ରାଣୀଟିର ବଂଶ ବିସ୍ତାର ପାଇଁ ଚୀନ୍ ଦେଶର ପ୍ରାଣୀବିଜ୍ଞାନୀମାନେ କୃତିମ ପ୍ରଜନନ ପାଇଁ ଚେଷ୍ଟା ରତ ଏବଂ ପ୍ରାକୃତିକ ଆବାସ ସ୍ଥଳୀର ସୁରକ୍ଷା ପାଇଁ ଜନସାଧାରଣ ଓ ଜଙ୍ଗଲ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ। ନଚେତ୍ ପୃଥିବୀ ପୃଷ୍ଠରୁ ଏହି ସୁନ୍ଦର ପ୍ରାଣୀଟିର ବିଲୋପ ଘଟିବ ଏଥିରେ ସନ୍ଦେହ ନାହିଁ।

**ପ୍ରାଣୀ ବିଜ୍ଞାନ ବିଭାଗ,**
**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଙ୍କୀ**
**ଦୂରଭାଷ-୯୪୩୭୩୧୭୬୫୯**

# ଓଡ଼ିଆ କ୍ରିକେଟ୍ ତାରକା ପ୍ରଜ୍ଞାନ ଓଝା



**ଆଶିଷ କୁମାର ରାୟ**



ସ୍ପିନ୍ ବୋଲିଂରେ ଭାରତର ଏକ ମହାନ ପରମ୍ପରା ରହିଆସିଛି। ବିନୁ ମଙ୍କଡ଼, ସୁଭାଷ ଗୁପ୍ତେ, ବାପୁ ନାଦକର୍ଣ୍ଣୀ, ଏରାପଲ୍ଲୀ ପ୍ରସନ୍ନା, ବିଶନ ସିଂହ ବେଦୀ, ଭାଗବତ ଚନ୍ଦ୍ରଶେଖର, ଭେଙ୍କଟ ରାଘବନ, ଦିଲିପ ଦୋଷୀ, ଶିବଲାଲ ଯାଦବ, ରବି ଶାସ୍ତ୍ରୀ, ମନିନ୍ଦର ସିଂହ, ନରେନ୍ଦ୍ର ହୀରୱାନୀ, ଅନୀଲ କୁମ୍ବଲେ, ଭେଙ୍କଟପତି ରାଜୁ, ରବିଚନ୍ଦ୍ରନ ଅଶ୍ୱୀନ, ଅମିତ ମିଶ୍ରା, ରବୀନ୍ଦ୍ର ଜାଦେଜା ଆଦି ଏହିଭଳି ଅନେକ ସ୍ପିନ୍ ବୋଲର ଭାରତର ପ୍ରତିନିଧିତ୍ୱ କରି ଅନେକ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱରରେ ଜନ୍ମଗ୍ରହଣ କରିଥିବା ପ୍ରଜ୍ଞାନ ଓଝା ମଧ୍ୟ ହେଉଛନ୍ତି ଏହି ପରମ୍ପରାର ଏକ ସଶକ୍ତ ସ୍ୱାକ୍ଷର। ଓଡ଼ିଶାରେ ଜନ୍ମ ହୋଇଥିଲେ ହେଁ ସେ କେବେହେଲେ ଓଡ଼ିଶା ପାଇଁ ରଣଜୀ ଟ୍ରଫିରେ ଖେଳିନାହାନ୍ତି। ଦୀର୍ଘ ଦିନ ଧରି ଖେଳିଛନ୍ତି ହାଇଦ୍ରାବାଦ ପକ୍ଷରୁ। ଏହାପରେ ସେ ୨୦୧୬ରୁ ୨୦୧୮ ପର୍ଯ୍ୟନ୍ତ ବଙ୍ଗଳା ଦଳ ତରଫରୁ ଖେଳିଥିବା ବେଳେ ଗତ ସିଜିନ୍‌ରେ ପ୍ରତିନିଧିତ୍ୱ କରିଛନ୍ତି ବିହାର ଦଳକୁ। ଏତଦ୍‌ବ୍ୟତୀତ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ପ୍ରଥମେ ସେ ଡେକାନ୍ ଚାର୍ଜର୍ସ ପକ୍ଷରୁ ଖେଳିବା ପରେ ଗତ କିଛି ବର୍ଷ ଧରି ଖେଳିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ସଦସ୍ୟ ଭାବେ। ତେବେ ଦୀର୍ଘ ଛଅବର୍ଷ ଧରି ଭାରତୀୟ ଦଳର ସକ୍ରିୟ ସଦସ୍ୟ ଭାବେ ରହି ନିଜର ବାମହାତୀ ସ୍ପିନ୍ ବୋଲିଂର କୌଶଳରେ ବିପକ୍ଷ ଦଳର ବ୍ୟାଟ୍‌ସମ୍ୟାନ୍‌ମାନଙ୍କୁ ଚକମା ଦେଇ ସେ ଓଡ଼ିଶା ପାଇଁ ମଧ୍ୟ ସୁନାମ ଅର୍ଜନ କରିଛନ୍ତି। ଜଣେ ସଫଳ ଓଡ଼ିଆ ତାରକା ଭାବେ ଗର୍ବିତ କରିଛନ୍ତି ଆମ ରାଜ୍ୟର ଅଗଣିତ କ୍ରିକେଟପ୍ରେମୀଙ୍କୁ।

୨୪ଟି ଟେଷ୍ଟ, ୧୮ଟି ଏକଦିବସୀୟ ଏବଂ ୬ଟି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚରେ ଭାରତୀୟ ଦଳର ସଦସ୍ୟ ହେବା ସହିତ ଏହି ତିନି ଶୈଳୀର କ୍ରିକେଟରେ ପ୍ରଜ୍ଞାନ ହାସଲ କରିଛନ୍ତି ସର୍ବମୋଟ ୧୪୪ ୱିକେଟ। ତେବେ ତାଙ୍କ ବିଷୟରେ ଏତିକି କୁହାଯାଇପାରେ ଯେ, ଆନ୍ତର୍ଜାତିକ ସ୍ତରରେ ସେ ଯେତିକି ମ୍ୟାଚ୍ ଖେଳିଛନ୍ତି ଏବଂ ଯେତିକି ସଫଳତା ପାଇଛନ୍ତି, ତା'ଠାରୁ ଯଥେଷ୍ଟ ଅଧିକ ମ୍ୟାଚ୍ ଖେଳି ଆହୁରି ଅଧିକ ସଫଳତା ପ୍ରାପ୍ତ କରିବାର ହକଦାର ଥିଲେ। ବିଶେଷ କରି ନଭେମ୍ବର ୨୦୧୩ରେ ମୁମ୍ବାଇର ୱାନଖେଡ଼େ ଷ୍ଟାଡିୟମରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ମ୍ୟାଚ୍‌ର ୧୦ଟି ୱିକେଟ୍ ହାସଲ କରିବା ପରେ ତ ଆହୁରି କିଛି ଟେଷ୍ଟ ନିଶ୍ଚିତ ଭାବେ ଖେଳିବା କଥା, ହେଲେ ତାହା ସମ୍ଭବ ହୋଇପାରିଲା ନାହିଁ। ସେହି ମ୍ୟାଚ୍‌ଟି ପ୍ରଜ୍ଞାନ ଓଝାଙ୍କ ଜୀବନର ଅନ୍ତିମ ଟେଷ୍ଟ ମ୍ୟାଚ୍ ହେବା ସହିତ ଅନ୍ତିମ ଆନ୍ତର୍ଜାତିକ ମୁକାବିଲା ହୋଇ ରହିଗଲା। ଏହାପରେ ତାଙ୍କୁ ଆଉ ଟେଷ୍ଟ ଖେଳିବାର ସୁଯୋଗ ତ ମିଳିଲା ନାହିଁ, ଏପରିକି ଅନ୍ୟ କୌଣସି ଆନ୍ତର୍ଜାତିକ ମ୍ୟାଚ୍ ସକାଶେ ମଧ୍ୟ ତାଙ୍କୁ ଭାରତୀୟ ଦଳରେ ସାମିଲ କରାଗଲାନାହିଁ। ସେ ଯେ ଆଘାତପ୍ରାପ୍ତ ହୋଇ ଖେଳିବାରୁ ବଞ୍ଚିତ ହେଲେ, ତାହା ନୁହେଁ ଏବଂ ତାଙ୍କର ବୟସ ଯେ ଅଧିକ ହୋଇଯାଇଥିଲା, ତାହା ମଧ୍ୟ ନୁହେଁ। କାରଣ ନିଜ ଜୀବନର ଅନ୍ତିମ ଟେଷ୍ଟ ଖେଳିଥିବା ବେଳେ ତାଙ୍କୁ ହୋଇଥିଲା ମାତ୍ର ୨୭ ବର୍ଷ। ତଥାପି ତାଙ୍କୁ ଅଣଦେଖା କରାଗଲା।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର-୨୦୧୩ରେ ମୁମ୍ବାଇରେ ଆୟୋଜିତ ସେହି ମ୍ୟାଚ୍ ମଧ୍ୟ ଥିଲା ମହାନ ତାରକା ସଚିନ ତେନ୍ଦୁଲକରଙ୍କ ଜୀବନର ଅନ୍ତିମ ଟେଷ୍ଟ ମ୍ୟାଚ୍। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ୍ ସଚିନ ତେନ୍ଦୁଲକର ନିଜ ଜୀବନର ୨୦୦ତମ ଟେଷ୍ଟ ଖେଳି କ୍ରିକେଟ ଜଗତରୁ ଅବସର ନେଇଥିଲେ, ଯାହାର ଘୋଷଣା ସେ ପୂର୍ବରୁ କରିଥିଲେ। କିନ୍ତୁ ସେହି ଟେଷ୍ଟ ମ୍ୟାଚ୍ ଯେ ପ୍ରଜ୍ଞାନ ଓଝାଙ୍କ ଜୀବନର ଅନ୍ତିମ ମ୍ୟାଚ୍ ହୋଇ ରହିଯିବ ଏହାର କଳ୍ପନା କେହି ହେଲେ କରିନଥିବେ। ୱେଷ୍ଟଇଣ୍ଡିଜ ବିରୁଦ୍ଧରେ ସେହି ଟେଷ୍ଟର ପ୍ରଥମ ଇନିଂସରେ ସେ ୪୦ରନରେ ୫ ୱିକେଟ ଏବଂ ଦ୍ୱିତୀୟ ଇନିଂସରେ ୪୯ରନରେ ୫ ୱିକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍‌ର ପୁରସ୍କାର ହାସଲ କରିଥିଲେ। ସେହି ମୁକାବିଲାକୁ ଭାରତ ଇନିଂସ ଓ ୧୨୬ ରନରେ ଜିତିବା ଫଳରେ ତେନ୍ଦୁଲକରଙ୍କ ବିଦାୟୀ ଟେଷ୍ଟ ମ୍ୟାଚ୍‌ଟି ଅତ୍ୟନ୍ତ ସ୍ମରଣୀୟ ହୋଇଉଠିଥିଲା।

ତେବେ ସେହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳିଙ୍କୁ ଆଉ କିଛି ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିବା ନିହାତି ଆବଶ୍ୟକ ଥିଲା। ୨୪ଟି ଟେଷ୍ଟ ଖେଳି ୧୧୩ଟି ୱିକେଟ୍ ହାସଲ କରିବା କିଛି ଛୋଟକାଟିଆ ସଫଳତା ନୁହେଁ। ସେହିଭଳି ୧୮ଟି ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ୍ ଖେଳି ୨୧ଟି ୱିକେଟ୍ ଏବଂ ମାତ୍ର ୬ଟି ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମ୍ୟାଚ୍‌ରେ ୧୦ଟି ୱିକେଟ୍ ହାସଲ ମଧ୍ୟ ମାମୁଲି ସଫଳତା ନୁହେଁ। ପ୍ରକୃତ କଥା ହେଲା ଚୟନକର୍ତ୍ତାମାନେ ପ୍ରଜ୍ଞାନଙ୍କ ସ୍ଥାନରେ ଅନ୍ୟତମ ବାମହାତୀ ସ୍ପିନର ତଥା ଅଲରାଉଣ୍ଡର ରବୀନ୍ଦ୍ର ଜାଦେଜାଙ୍କୁ ଅଧିକ ଗୁରୁତ୍ୱ ଦେବା ଯୋଗୁଁ ଏଭଳି ପରିସ୍ଥିତି ଉପୁଜିଲା। ଏତଦ୍‌ବ୍ୟତୀତ ବୋଲିଂ କରିବା ସମୟରେ ସେ ବେଳେବେଳେ ଚକିଂ କରୁଥିବାର ଆରୋପ ଲାଗିବାରୁ ତାଙ୍କର ଆନ୍ତର୍ଜାତିକ କ୍ରିକେଟ କ୍ୟାରିୟର

ବିପଦରେ ପଡ଼ିଗଲା । ତେବେ ଖୁବ୍ ଶୀଘ୍ର ଚକିଂ ଆରୋପରୁ ମୁକ୍ତ ହୋଇ ରଣଜୀ ଟ୍ରଫି ଓ ଅନ୍ୟାନ୍ୟ ଘରୋଇ ପ୍ରତିଯୋଗିତା ତଥା ଆଇ.ପି.ଏଲ. ଟୁର୍ଣ୍ଣାମେଣ୍ଟରେ ଖେଳ ଜାରି ରଖିଥିଲେ ହେଁ ବିଶ୍ୱ ସ୍ତରୀୟ କ୍ରିକେଟରୁ ବଞ୍ଚିତ ରହିଗଲେ ।

୫ ସେପ୍ଟେମ୍ବର ୧୯୮୬ରେ ଭୁବନେଶ୍ୱରଠାରେ ଜନ୍ମଗ୍ରହଣ କରିଥିବା ପ୍ରଜ୍ଞାନ ଓଝା ପ୍ରଥମେ ଏହି ସହରର ଶହିଦ ସ୍ପୋର୍ଟିଂ ପଡ଼ିଆରେ ହିଁ କ୍ରିକେଟ ଖେଳ ଆରମ୍ଭ କରିଥିଲେ । ଏହାପରେ ତାଙ୍କ ପରିବାର ହାଇଦ୍ରାବାଦରେ ଅବସ୍ଥାନ କରିବା ଫଳରେ ସେ ସେଠାକାର ଖେଳାଳି ହୋଇଗଲେ । ୨୦୦୪ରେ ହାଇଦ୍ରାବାଦ ପକ୍ଷରୁ ରଣଜୀ ଟ୍ରଫିରେ ପଦାର୍ପଣ କରିବା ସହିତ ୧୯ବର୍ଷରୁ କମ ଭାରତୀୟ ଦଳରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲେ । ଜୁନ୍ ୨୦୦୮ରେ କରାଚୀଠାରେ ବାଂଲାଦେଶ ବିପକ୍ଷରେ ପ୍ରଥମଥର ସକାଶେ ଏକଦିବସୀୟ ଆନ୍ତର୍ଜାତିକ ମ୍ୟାଚ ଖେଳିବାର ସୁଯୋଗ ତାଙ୍କୁ ମିଳିଲା । ଏହାର ଠିକ୍ ଏକବର୍ଷ ପରେ ଇଂଲାଣ୍ଡରେ ଅନୁଷ୍ଠିତ ୨୦ ଓଭର ବିଶିଷ୍ଟ ବିଶ୍ୱକପ୍ ଅବସରରେ ସେହି ବାଂଲାଦେଶ ବିପକ୍ଷରେ ପ୍ରଜ୍ଞାନ ଖେଳିଥିଲେ ନିଜର ପ୍ରଥମ ଟି-ଟ୍ୱେଣ୍ଟି ଅନ୍ତାର୍ଜାତିକ ମ୍ୟାଚ୍ । ଏହି ମ୍ୟାଚରେ ସେ ଚାରିଟି ଓ୍ୱିକେଟ୍ ନେଇ ଭାରତକୁ ବିଜୟୀ କରାଇଥିଲେ ।

ଏହାପରେ ପ୍ରଜ୍ଞାନଙ୍କୁ ନିଜର ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବାର ମଉକା ମିଳିଥିଲା ନଭେମ୍ବର ୨୦୦୯ରେ । ଶ୍ରୀଲଙ୍କା ବିପକ୍ଷରେ କାନପୁରରେ ଖେଳାଯାଇଥିବା ସେହି ମ୍ୟାଚ୍‌ରେ ସେ ନିଜର ବାମହାତୀ ସ୍ପିନ୍ ବୋଲିଂର ଚମତ୍କାରିତା ଦେଖାଇ ନେଇଥିଲେ ଚାରିଟି ଓ୍ୱିକେଟ୍ । ଟେଷ୍ଟ କ୍ରିକେଟରେ ତାଙ୍କର ପ୍ରଥମ ଶିକାର ଥିଲେ ଶ୍ରୀଲଙ୍କାର ପ୍ରସିଦ୍ଧ ବ୍ୟାଟ୍‌ସମ୍ୟାନ୍ ମାହେଲା ଜୟଓ୍ୱର୍ଦ୍ଧନେ । ମୁମ୍ବାଇଠାରେ ସେହି ସିରିଜ୍‌ର ପରବର୍ତ୍ତୀ ଟେଷ୍ଟରେ ମଧ୍ୟ ପ୍ରଜ୍ଞାନ ଚମତ୍କାର ବୋଲିଂ କରି ପାଞ୍ଚଟି ଓ୍ୱିକେଟ ନେଇଥିଲେ । ଏହି ଦୁଇଟିଯାକ ଟେଷ୍ଟରେ ଭାରତ ଇନିଂସ ବ୍ୟବଧାନରେ ବିଜୟ ଲାଭ କରିଥିଲା । ଏହି ଦୁଇ ବିଜୟ ମଧ୍ୟ ଥିଲା ଟେଷ୍ଟ କ୍ରିକେଟରେ ଭାରତର ୧୦୦ତମ ଏବଂ ୧୦୧ତମ ବିଜୟ । ଏହାପରଠାରୁ ସେ ନିୟମିତ ଭାବେ ଭାରତୀୟ ଦଳରେ ସାମିଲ ହେବାକୁ ଲାଗିଲେ । ଅନ୍ୟ ଦୁଇ ଶୈଳୀ ତୁଳନାରେ ପ୍ରଜ୍ଞାନଙ୍କୁ ଟେଷ୍ଟ କ୍ରିକେଟରେ ହିଁ ଅଧିକ ସୁଯୋଗ ମିଳିଲା ଏବଂ ସେଥିରେ ସେ ବେଶ୍ ସଫଳ ମଧ୍ୟ ହେଲେ । ୨୪ ଟେଷ୍ଟରେ ୧୧୩ ଓ୍ୱିକେଟ ଦଖଲ କରିବା ଭିତରେ ସେ ସାତଥର ଗୋଟିଏ ଇନିଂସରେ ପାଞ୍ଚ କିମ୍ବା ତଦୁର୍ଦ୍ଧ ଓ୍ୱିକେଟ ମଧ୍ୟ ହାସଲ କଲେ । ୪୭ ରନରେ ୬ ଓ୍ୱିକେଟ ହେଲା ତାଙ୍କର ସର୍ବଶ୍ରେଷ୍ଠ ବୋଲିଂ ।

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ମଧ୍ୟ ପ୍ରଜ୍ଞାନଙ୍କର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା । ଏହି ପ୍ରତିଯୋଗିତାରେ ୨୦୦୮ରୁ ୨୦୧୧ ପର୍ଯ୍ୟନ୍ତ ଚାରିଟି ସିଜିନ୍ ସେ ଡେକାନ୍ ଚାର୍ଜର୍ସ ଦଳ ପକ୍ଷରୁ ଖେଳିଥିବା ବେଳେ ୨୦୧୨ରୁ ୨୦୧୫ ପର୍ଯ୍ୟନ୍ତ ଆଉ ଚାରିଟି ସିଜିନ୍ ସେ ଖେଳିଥିଲେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ । ଏଥିମଧ୍ୟରୁ ୨୦୦୯ରେ ଡେକାନ୍ ଚାର୍ଜର୍ସ ତଥା ୨୦୧୩ ଓ ୨୦୧୪ରେ ମୁମ୍ବାଇ ଇଣ୍ଡିଆନ୍ସ ହୋଇଥିଲା ଆଇ.ପି.ଏଲ୍. ଚାମ୍ପିଆନ୍ । ଅର୍ଥାତ ତିନି ତିନି ଥର ସେ ଏହି ପ୍ରମୁଖ ପ୍ରତିଯୋଗିତାରେ ବିଜେତା ଦଳର ସଦସ୍ୟ ହେବାର ଗୌରବ ହାସଲ କରିଥିଲେ । ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦୦୯ର ଆଇ.ପି.ଏଲ୍.ରେ ତ ପ୍ରଜ୍ଞାନ ସର୍ବାଧିକ ୨୯ଟି ଓ୍ୱିକେଟ୍ ନେଇ ପର୍ପଲ୍ କ୍ୟାପ୍‌ର ବିଜେତା ମଧ୍ୟ ହୋଇଥଲେ ଏବଂ ଏହି ପ୍ରଦର୍ଶନ ଯୋଗୁଁ ହିଁ ସେହିବର୍ଷ ଇଂଲାଣ୍ଡରେ ଖେଳାଯାଇଥିବା ଟି-ଟ୍ୱେଣ୍ଟି ବିଶ୍ୱକପ୍ ସକାଶେ ସେ ସାମିଲ ହୋଇଥିଲେ ଭାରତୀୟ ଦଳରେ ।

ଏହି ପ୍ରତିଭାସମ୍ପନ୍ନ କ୍ରିକେଟର ଜଣକ ଏଇ ନିକଟରେ ଆନ୍ତର୍ଜାତିକ ତଥା ଘରୋଇ କ୍ରିକେଟରୁ ଅବସର ନେଇଯାଇଛନ୍ତି । ଦେଶ ପାଇଁ ଖେଳିବା ସକାଶେ ତାଙ୍କୁ ଯେତିକି ବି ସୁଯୋଗ ମିଳିଛି ସେଥିରେ ସେ ଖୁସି ଏବଂ ଦେଶର ପ୍ରତିନିଧିତ୍ୱ କରିବା ତାଙ୍କ ପାଇଁ ଗୌରବର ବିଷୟ ବୋଲି ମଧ୍ୟ ସେ ଅଭିବ୍ୟକ୍ତ କରିଛନ୍ତି । ତାଙ୍କ କ୍ରିକେଟ ଜୀବନ ଆମ ରାଜ୍ୟ ତଥା ଦେଶର ଅନେକ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ନିଶ୍ଚୟ ।


ମୋ- ୯୪୩୭୬୨୭୫୧୪

(**ବିଶେଷ ଦ୍ରଷ୍ଟବ୍ୟ -** ଗତ ଫେବ୍ରୁଆରୀ ସଂଖ୍ୟାରେ ଏହି ଲେଖକଙ୍କ କ୍ରୀଡ଼ା ସମ୍ବନ୍ଧୀୟ ଲେଖାର ଶୀର୍ଷକ ଭୁଲ୍ କ୍ରମେ **'ଭାରତୀୟ କ୍ରିକେଟର ପଥ ପ୍ରଦର୍ଶକ'** ବୋଲି ମୁଦ୍ରିତ ହୋଇଛି । ଏହାର ଶୀର୍ଷକ ପ୍ରକୃତରେ **'ଖେଲୋ ଇଣ୍ଡିଆ'** ହେବା କଥା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।)

# ହୋଲି

ଡକ୍ଟର ସୁକାନ୍ତି ତ୍ରିପାଠୀ

ସାତ ରଙ୍ଗ ଧରି ହୋଲି ପସରା
ଫଗୁ ଅବିରରେ ହୋଇଛି ଭରା
ସବୁଜର ବାର୍ତ୍ତା ଶସ୍ୟ ଶ୍ୟାମଳା
ଗୋଲାପି ସଂଦେଶ ସୁସ୍ଥ ଭାଇଚାରା
ଲାଲ ରଙ୍ଗ କହେ ଶୁଭ ସ୍ୱସ୍ତିକ
ହଳଦିଆ ରଙ୍ଗ ଜ୍ଞାନ ପ୍ରତୀକ
ନୀଳ ବାର୍ତ୍ତାଦିଏ ବିଶୁଦ୍ଧ ଜଳ
ବାଇଗଣୀ କହେ ହୁଅ ଧୈର୍ଯ୍ୟଶୀଳ ।
ଘନ ନୀଳ ଆଣେ ଆଧ୍ୟାତ୍ମିକତା
ରଂଗ ପର୍ବ ହୋଲିର ବିଶେଷତା
ସାତ ରଂଗେ ଭରା ଜୀବନବାର୍ତ୍ତା
ଏହିତ ହୋଲିର ଭିତରି କଥା ।



ଏନ୍ ୫ / ୪୨୮
ଆଇ.ଆର.ସି ଭିଲେଜ
ଭୁବନେଶ୍ୱର

# ସମ୍ବାଦ ବିଚିତ୍ରା

୧. ପୃଥିବୀର ତୃତୀୟତମ କଥିତ ଭାଷା ରୂପେ ହିନ୍ଦୀକୁ ସ୍ୱୀକୃତୀ ଦିଆଯାଇଛି।

୨. ଜୁନ୍, ୨୦୨୦ ପର୍ଯ୍ୟନ୍ତ ଏଫ୍ ଏଟି ଏଫ୍ ଗ୍ରେ ତାଲିକାରେ ପାକିସ୍ତାନ ରହିବ।

୩. ଉତ୍ତର ପ୍ରଦେଶ ସୁନଭଦ୍ରାରେ ୩.୩୫୦ଟନ୍ ସୁନାଖଣିର ସନ୍ଧାନ ମିଳିଛି।

୪. ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରୂପେ ଶ୍ରୀ ଅରବିନ୍ଦ କେଜେରୀୱାଲା ଶପଥ ନେଇଛନ୍ତି

୫. ଗ୍ରୀକ୍ ଏଥେନ୍ସ୍‌ରୁ ୨୫୦୦ ବର୍ଷର ପୁରୁଣା ୩ଟି ବହିମିଳିଛି।

୬. ଫେବୃଆରୀ ୨୪-୨୫ରେ ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ ଓ ତାଙ୍କର ପତ୍ନୀ ମେଲେନିଆ ଟ୍ରମ୍ପ ଭାରତ ଆସିବେ।

୭. ଗ୍ରୀସ୍‌ରେ ସନ୍ତାନ ଜନ୍ମପାଇଁ "ବେବି ବୋନସ୍" ୧.୫ ଲକ୍ଷ ଦମ୍ପତିଙ୍କୁ ମିଳିବ।

୮. ଆମେରିକା ରାଷ୍ଟ୍ରପତି ଡ଼ୋନାଲ୍ଡ ଟ୍ରମ୍ପ ଫେବୃଆରୀ ୨୪ରେ ଭାରତ ଗ୍ରସ୍ତରେ ଆସିଥିଲେ।

୯. ବିଶ୍ୱର ବିକାଶଶୀଳ ଅର୍ଥନୀତି ମଧ୍ୟରୁ ବଛାଯାଇଥିବା ୧୦୦ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ମଧ୍ୟରେ ଭାରତରୁ ୧୧ଟି ସ୍ଥାନପାଇଛି।

୧୦. ଇନ୍‌ଫୋସିସ୍ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତିଙ୍କ ଜ୍ୱାଇଁ ଋଷି ସୁନକ ବ୍ରିଟେନ୍‌ର ଅର୍ଥମନ୍ତ୍ରୀଭାବେ ଦାୟିତ୍ୱଗ୍ରହଣ କରିଛନ୍ତି।

୧୧. ଭୁବନେଶ୍ୱର ଏମ୍ସର ସମସ୍ତ ଅଫିସ୍ କାର୍ଯ୍ୟ ହିନ୍ଦୀ ଭାଷାରେ ହେବ।

୧୨. ଅନୁଗୁଳ ବନମଣ୍ଡଳରେ କୁମ୍ଭୀର ସଂଖ୍ୟା ୧୩୧କୁ ବୃଦ୍ଧିପାଇଛି।

୧୩. ୨୦୨୩ ସେପ୍ଟେମ୍ବର ସୁଦ୍ଧା ତାଳଚେର ସାରକାରଖାନା (ଟି ଏଫ୍ ଏଲ) କାର୍ଯ୍ୟକ୍ଷମ କରାଯିବ ।

୧୪. ସରକାରୀ ଚାକିରୀରେ ଥାଇ ମୃତ୍ୟୁବରଣ କଲେ ପରିବାର ପ୍ରତିପୋଷଣ ପାଇଁ ଜଣକୁ ଚାକିରୀ ମିଳିବ।

୧୫. ମୁଡ଼ିସ୍ ଅନୁସାରେ ଦେଶର ବିକାଶହାର ୪.୯% ରହିବ।

୧୬. ମଧ୍ୟପ୍ରଦେଶ ଜୁନାଗଡ଼ସ୍ଥିତ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଗାଈକ୍ଷୀର ତୁଳନାରେ ଗୋମୁତ୍ରରେ ଅଧିକ ପୋଷକ ତତ୍ତ୍ୱରହିଛି।

୧୭. ଗୁଗୁଲ ମ୍ୟାପ - ୱେବ୍ ମ୍ୟାପିଂ ସର୍ଭିସ୍ ୨୦୦୫ ଫେବୃୟାରୀ ୮ରେ ଶୁଭାରମ୍ଭ ହୋଇଥିଲା। ଏହାକୁ ୧୫ବର୍ଷ ପୁରିଲା ।

୧୮. ଦିଲ୍ଲୀ ନିର୍ବାଚନରେ ୧୦୦ବର୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ସଂଖ୍ୟା ୧୩୨ ଅଟେ।

୧୯. ଆନ୍ଧ୍ରରେ ପ୍ରଥମେ "ଦିଶା" ମହିଳା ଥାନା ଖୋଲିଲା।

୨୦. ଆନ୍ଧ୍ରପ୍ରଦେଶରେ ଦିଶା ଆକ୍ଟ, ୨୦୧୯କୁ ଲାଗୁ କରାଯାଇଛି। ଏହି ଆକ୍ଟରେ ୨୧ଦିନ ମଧ୍ୟରେ ଶୁଣାଣିକରି ମୃତ୍ୟୁଦଣ୍ଡ ଦିଆଯିବ।

୨୧. ୧୦୬୬ଟି ସରକାରୀ କୋଠାଉପରେ ରହିଛି ସୌରଶକ୍ତି ପ୍ଲାଣ୍ଟ।

୨୨. ଓଡ଼ିଶାରେ ଏବେ ୧ଲକ୍ଷ ୨୨ହଜାର ୩୩୫ଜଣ ବୁଣାକାର ହସ୍ତତନ୍ତ କ୍ଷେତ୍ରରେ କାମ କରୁଛନ୍ତି।

୨୩. ଗ୍ରାମ ନ୍ୟାୟାଳୟ ଆକ୍ଟ-୨୦୦୮ରେ ପାଶ୍ ହୋଇଥିଲା।

୨୪. ସୁପ୍ରିମ୍‌କୋର୍ଟ ଫେବୃଆରୀ ୩, ୨୦୨୦ରେ ନିର୍ଦ୍ଦେଶ ଦେଇଛନ୍ତି ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠାକରି ଗ୍ରାମାଞ୍ଚଳରେ ନ୍ୟାୟପ୍ରଦାନ କରାଯିବ।

୨୫. କେରଳ ସରକାର ୨୫ଟଙ୍କାରେ ଭୋଜନ ଦେବାର ବ୍ୟବସ୍ଥା କରିବାପାଇଁ ଏକହଜାର "କୁଡୁମ୍ବଶ୍ରୀ" ହୋଟେଲ ଖୋଲିବେ।

୨୬. ରିଷିକେଶ୍‌ରେ ଗ୍ଲାସ୍ ଫ୍ଲୋର ବ୍ରିଜ୍ ଲକ୍ଷ୍ମଣଝୁଲାରେ ନିର୍ମାଣ କରାହେବ।

୨୭. "ଚାଇଲଡ଼ ଫ୍ଲୋରିସିଂ ଇଣ୍ଡେକ୍ସ"ରେ ଭାରତର ସ୍ଥାନ ୧୩୧ ରେ ଅଛି। କିନ୍ତୁ ପ୍ରଥମରେ ନରୱେ ରହିଛି।

୨୮. ନ୍ୟାସନାଲ ଅର୍ଗାନିକ ଫୋର୍ଡ଼ ଫେସ୍ଟିଭାଲ ୨୧ ତାରିଖ ଫେବୃଆରୀ ୨୧ରୁ ଦିଲ୍ଲୀରେ ଆରମ୍ଭ ହୋଇଛି।

୨୯. ମିଳିତ ଜାତିସଂଘ ରିପୋର୍ଟ ଅନୁସାରେ ସସ୍ଟେନିବିଲିଟି ଇଣ୍ଡେକ୍ସରେ ଭାରତ ୭୭ତମ ସ୍ଥାନରେ ରହିଛି।

୩୦. ଧନଲକ୍ଷ୍ମୀ ବ୍ୟାଙ୍କର ଏମ୍.ଡ଼ି ଓ ସି.ଇ.ଓ ଭାବରେ ସୁନୀଲ ଗୁଭ୍‌ବାକ୍ଟିନି ନିଯୁକ୍ତି ପାଇଛନ୍ତି।

୩୧. ମହାରାଷ୍ଟ୍ର ସରକାର ଶିବ୍ ଛତ୍ରପତି ଆୱାର୍ଡ଼ ୨୦୧୮-୧୯ ପାଇଁ କେତେ ଜଣକୁ ବାଛିଛନ୍ତି।

୩୨. ହରିଆଣା ସରକାର "ଅଟଳ କିଶାନ ମଜଦୁର କାଣ୍ଟିନ୍" ମାଧ୍ୟମରେ ୧୦ଟଙ୍କାରେ ଏକ ପ୍ଲେଟ୍‌ଖାଦ୍ୟ ଯୋଗାଇ ଦେଇଛନ୍ତି।

୩୩. ଚଳିତ ବର୍ଷ ଡିସେମ୍ବର ବେଳକୁ ସୁନା ୧୦ ଗ୍ରାମ ପିଛା ୫୦,୦୦୦ଟଙ୍କା ପାଖାପାଖି ହୋଇଯିବ।

୩୪. ପ୍ରଧାନମନ୍ତ୍ରୀଙ୍କର ପରାମର୍ଶଦାତା ରୂପେ ଦୁଇଜଣ ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଧିକାରୀ ଭାସ୍କର ଖୁଲ୍‌କେ ଏବଂ ଅମରଜିତ୍ ସିହ୍ନାଙ୍କୁ ନିଯୁକ୍ତି ଦିଆଯାଇଛି।

୩୫. ରାଜସ୍ଥାନ ସରକାର ସମସ୍ତ ସରକାରୀ ସ୍କୁଲରେ ଶନିବାର ଦିନ "ନୋ ବ୍ୟାଗ୍ ଡେ" ପାଳନ କରାଯିବ।

୩୬. ଆସିଷ୍ଟେଡ୍ ରିପ୍ରଡ଼କ୍ଟିଭ ଟେକ୍‌ନୋଲୋଜି ରେଗୁଲେସନ୍ ବିଲ୍, (ମହିଳା ପ୍ରଜନନ ଅଧିକାରୀ ସୁରକ୍ଷା ବିଲ୍, ୨୦୨୦) ୨୦୨୦କୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ଦେଇଛି।

୩୭. ଭାରତର ପକ୍ଷୀ ଗଣନା୨୦୨୦ ରିପୋର୍ଟ ଅନୁସାରେ, ଗତ ୫ବର୍ଷ ମଧ୍ୟରେ ୭୯% ପକ୍ଷୀ ଜାତୀୟ ପ୍ରାଣୀର ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

୩୮. ଛତ୍ରପତି ଶିବାଜୀ ମହାରାଜ ଜୟନ୍ତୀ ୧୯ ତାରିଖ ଫେବୃଆରୀ ୨୦୨୦ଦିନ ମହାରାଷ୍ଟ୍ର ସରକାର ପାଳନ କରିଆସୁଛନ୍ତି।

୩୯. "ସଏଲ ହେଲ୍‌ଥ କାର୍ଡ଼ ଡ଼େ" ୧୯ ତାରିଖ ଫେବୃଆରୀ ୨୦୨୦ ଦିନ ପାଳିତ ହୋଇଛି।

୪୦. ଓଡ଼ିଶା ସରକାର "ଓଡ଼ିଶାଷ୍ଟେଟ୍ ପଛୁଆବର୍ଗ ସଂଶୋଧନ" ବିଲ୍ ବିଧାନସଭାରେ ପାରିତ ହୋଇଛି।

୪୧. ୨୦୧୯ର ଅନୁବାଦ ପାଇଁ ଓଡ଼ିଶାର ଅଜୟ କୁମାର ପଟ୍ଟନାୟକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇବେ।


୪୨. ମାଲେସିଆ ପ୍ରଧାନମନ୍ତ୍ରୀ ମହାତୀର ମହମ୍ମଦ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

୪୩. ଫେବୃଆରୀ ୨୨କୁ ସ୍କାଉଟ୍ ଦିବସ ରୂପେ ପାଳନ କରାଯାଇଥାଏ।

୪୪. ଆମେରିକାର ଫାଷ୍ଟ ଲେଡ଼ି ମେଲାନିଆ ଦିଲ୍ଲୀର ୨ଟି ସରକାରୀ ସ୍କୁଲ (ନାନକପୁରୀ ଏବଂ ଆରକେପୁରୀ) ପିଲାଙ୍କ ସହ ମିଶିଥିଲେ ଏବଂ "ହାପିନେସ୍ କ୍ଲାସ୍" ରେ ଯୋଗ ଦେଇଥିଲେ।

# ସାଧାରଣ ଜ୍ଞାନ






## (1) ABBREVIATION

1. IMR : Infant Mortality Rate
2. IPD : In Patients Department
3. IST : Intensive Skill Training
4. DSCI : Data Security Council of India
5. FATF : Financial Action Task Force
6. PETA : People for the Ethical Treatment of Animals
7. ITMS : Intelligence Traffic Monitoring System
8. ICCR : Indian Council for Cultural Relations
9. IIT : Indian Institute of Technology
10. UNSC : United Nations SecurityCouncil

## (୨) ପୁସ୍ତକ ଓ ଲେଖକ

1. Milk Man :- Ann Burns
2. The Cut Out Girl :- Bart Vanes
3. Memories oF Tomorrow :- Dean Koontz
4. The Testaments :- Margaret Atwood
5. Yoga Sutra Of Patal :- Swami Shankarananda
6. Who is Bharat Mata :- Purusottama Agrawalla

୭. ଭାବ ସମୁଦ୍ର - ବଳରାମ ଦାସ
୮. ପ୍ରେମଭକ୍ତି ବ୍ରହ୍ମଗୀତା - ଯଶୋବନ୍ତ ଦାସ
୯. ପ୍ରେମସୁଧାନିଧି - ଉପେନ୍ଦ୍ର ଭଂଜ
୧୦.ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର - ଯଦୁମଣି ମହାପାତ୍ର

## (୩) ଦେହାନ୍ତ

| ନାମ | ବୟସ(ବର୍ଷ) | ପରିଚୟ |
|---|---|---|
| ୧. ଯୁଗଳ କିଶୋର ଦତ୍ତ | - ୯୨ ବର୍ଷ | - କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଅନୁବାଦକ |
| ୨. ଗିରିରାଜ କିଶୋର | - ୮୩ ବର୍ଷ | - ପଦ୍ମଶ୍ରୀ,ଲୋକସେବକମଣ୍ଡଳ ଟ୍ରଷ୍ଟ। |
| ୩. ପ୍ରଫୁଲ୍ଲ ଚନ୍ଦ୍ର ରଥ | - ୮୫ ବର୍ଷ | - ପୂର୍ବତନ ଡିଜିପି । |
| ୪. ତାପସ ପାଲ | - ୬୧ ବର୍ଷ | - ପୂର୍ବତନ ଏସ୍.ପି ଏବଂ ବଙ୍ଗାଳୀ ଫିଲ୍ମ ଅଭିନେତା । |
| ୫. ଲାରି ଟେସ୍‌ଲର | - ୭୪ ବର୍ଷ | - "କଣ୍ଟ୍ରୋଲ - ସି", "କଣ୍ଟ୍ରୋଲ - ଭି" ର ଜନକ |

## (୪) ବିଭିନ୍ନ ଯୋଜନାନାମ (ସରକାର, ଅନୁଷ୍ଠାନ)

| ବିଭିନ୍ନ ଯୋଜନାନାମ (ସରକାର, ଅନୁଷ୍ଠାନ) | ଉଦ୍ଦେଶ୍ୟ |
|---|---|
| ୧. ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି (କେନ୍ଦ୍ର ସରକାରଙ୍କ କୃଷକ ସହାୟକ ଯୋଜନା) | - ଫେବୃଆରୀ ୨୪, ୨୦୧୯ -ବର୍ଷରୁ ୨୦୦୦ ହାରରେ ୬୦୦୦ ଟଙ୍କାର କୃଷକମାନଙ୍କୁ ସହାୟତ ପ୍ରଦାନ |
| ୨. ଅଟଳ କିଶାନ ମଜଦୁର କାଣ୍ଟିନ୍ (ହରିଆଣା ସରକାର) | - ଫେବୃଆରୀ ୨୦ ,୨୦୨୦ତାରିଖରେ ୧୦ ଟଙ୍କାରେ ଶ୍ରମିକମାନଙ୍କୁ ଖାଦ୍ୟ ଯୋଗାଣ । |
| ୩. ଜନସେବକ ସ୍କିମ୍ କର୍ଣ୍ଣାଟକ ସରକାର | - ଫେବୃଆରୀ ୨୦ ,୨୦୨୦ରେ, ରେସନ୍ କାର୍ଡ଼, ହେଲ୍‌ଥ କାର୍ଡ଼ ଏବଂ ବିରିଷ୍ଟ ନାଗରିକଙ୍କୁ ଚିହ୍ନଟ କରିବା। |

## (୫) କେନ୍ଦ୍ରଶାସିତ ଅଞ୍ଚଳ

୧. ନାମ - ଦାମନ ଏବଂ ଡିଉ
୨. ଗଠନ - ୩୦ ମଇ,୧୯୮୭
୩. କ୍ଷେତ୍ରଫଳ - ୧୦୨ ବର୍ଗ.କି.ମି
୪. ରାଜଧାନୀ - ଡାମନ୍
୫. ଲୋକସଭା ସଭ୍ୟ ସଂଖ୍ୟା - ୦୧ ୮. ରାଜ୍ୟସଭା ସଭ୍ୟ ସଂଖ୍ୟା- ୦୦
୬. ବିଧାନ ସଭା ସଭ୍ୟସଂଖ୍ୟା - ୦୦ ୧୦.ବିଧାନ ପରିଷଦ - ୦୦
୭. ମୁଖ୍ୟ ଭାଷା - ଗୁଜୁରାଟୀ
୮. ଜନସଂଖ୍ୟା ସମୁଦାୟ - ୨୪୨୯୧୧ (୨୦୧୧)
ପୁରୁଷ - ୧୫୦୧୦୦
ମହିଳା - ୯୨୮୧୧
୯. ଜନସଂଖ୍ୟା ବୃଦ୍ଧିହାର - ୫୩.୫୪ %
୧୦. ଜନସଂଖ୍ୟା ଘନତ୍ୱ - ୨୧୬୯ / ବର୍ଗ କି.ମି
୧୧. ଶିଶୁ ଲିଙ୍ଗ ଅନୁପାତ - ୯୦୯ଝିଅ ୧୦୦୦ ପୁଅ
୧୨. ଲିଙ୍ଗ ଅନୁପାତ - ୬୧୮ମହିଳା ୧୦୦୦ ପୁରୁଷରେ
୧୩. ସାକ୍ଷରତା ହାର - ୮୭.୦୭ %
ପୁରୁଷ- ୯୧.୪୮% ମହିଳା- ୭୯.୫୯ %
୧୪. ଜିଲ୍ଲା - ୦୨ ୧୯. ଗ୍ରାମ - ୨୩
୧୫. ସହର - ୦୨
୧୬.ଜଙ୍ଗଲ ଜମି - ୮ ବର୍ଗ କି.ମି.
୧୭. ପର୍ଯ୍ୟଟନ ସ୍ଥଳୀ - ବମ୍ ଯେସସ୍ ଚର୍ଚ୍ଚ, ପାରଗୋଲା ଉଦ୍ୟାନ,ମୋତି ଡାମନ ଆମ୍ୟୁଜମେଣ୍ଟ ପାର୍କ, କାଚି ଗାମ ସତ୍ୟ ସାଗର ଉଦ୍ୟାନ, ମିସୋଲ ଉଦ୍ୟାନ,ମିରାସୋଲ ୱାଟର ପାର୍କ, ସେଣ୍ଟପାର୍ଲସ୍ ଇ୍ ଡିଉ,ଡ୍ୟୁ ଫୋର୍ଟ ଏବଂ ପାଣିକୋଟା ଫୋର୍ଟ।

## (୬) ପୁରସ୍କାର

୧. ଆୟୁର୍ବେଦ ରତ୍ନ ପୁରସ୍କାର - ଡକ୍ଟର ପ୍ରତାପ ଚୌହାନ୍।
୨. ନ୍ୟାସନାଲ ବ୍ୟାଙ୍କ ଅଫ୍ ଦି ଇୟର ୨୦୨୦ (ଏସିଆ - ପାସିଫିକ୍) - ଶଶୀକାନ୍ତ ଦାଶ ।
୩. ଆନ୍ତର୍ଜାତିକ ଗାନ୍ଧୀ ପୁରସ୍କାର (କୁଷ୍ଠ) ୨୦୨୦ - ଡକ୍ଟର ଏନ୍.ଏସ୍. ଧର୍ମଶକ୍ତୁ ।
୪. ପି.ଏସ୍.ଇ.ଭ.ଲିଡ଼ରସିପ୍ ଆୱାର୍ଡ଼ ୨୦୨୦ - ଏସ୍.କେ.ବରୁଆ।
୫. ଜଗବଂଧୁ ସିଂହ ସ୍ମୃତି ସମ୍ମାନ - ଡ.ଗୌରାଙ୍ଗ ଚରଣ ଦାଶ

## (୭) ନିଯୁକ୍ତି

୧. ସଂଜୟ କୋଠାରୀ - ମୁଖ୍ୟ, କେନ୍ଦ୍ର ସତର୍କତା ଆୟୁକ୍ତ (ଚିଫ୍ ଭିଜିଲାନ୍ସ କମିଶନର)
୨. ଅର୍ଜୁନ ମୁଣ୍ଡା - ସଭାପତି, ଆରଚେରୀ ଆସୋସିଏସନ୍ ଅଫ୍ ଇଣ୍ଡିଆ।
୩. ସଞ୍ଜୀବ ପାଣିଗ୍ରାହୀ - ବିଚାରପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ
୪. ହର୍ଷବର୍ଦ୍ଧନ ସିଂପାଲ - ନୂତନ ବୈଦେଶିକ ସଚିବ।
୫. ନୀଳମାଧବ ରଥ - ନିର୍ଦ୍ଦେଶକ, ଉତ୍କୃଷ୍ଟ ମାନସିକ ବିଭାଗ, କଟକ ।

## (୮) ଓଡ଼ିଶା

୧. ରାଜ୍ୟ ସରକାରଙ୍କର ଅଧିନରେ କେତୋଟି ସରକାରୀ ନିଗମ ଅଛି ?
(କ) ୩୦ (ଖ) ୩୨
(ଗ) ୩୫ (ଘ) ୩୬

୨. ଚଳିତ ଆର୍ଥିକ ବର୍ଷରେ ଓଡ଼ିଶାର ରାଜସ୍ୱ ବୃଦ୍ଧି କେତେ ପ୍ରତିଶତ ହୋଇଛି ?
(କ) ୯.୭୪% (ଖ) ୭.୩୫%
(ଗ) ୧୦.୪% (ଘ) ୮.୩୯%

୩. "ଗାନ୍ଧିଶାନ୍ତି କେନ୍ଦ୍ର" କେଉଁଠାରେ ଉଦ୍‌ଘାଟିତ ହୋଇଯାଇଛି ?
(କ) ଖଣ୍ଡଗିରି (ଖ) ରତ୍ନଗିରି
(ଗ) ଚଣ୍ଡିଖୋଲ (ଘ) କଟକ

୪. ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ୍ସ କେଉଁ ଇନ୍‌ଡ଼ୋର ଷ୍ଟାଡ଼ିୟମ୍‌ଠାରେ ଉଦ୍‌ଘାଟିତ ହୋଇଛି ?
(କ) ଜବାହାରଲାଲ ଇନଡୋର ନେହେରୁ (ଖ) କଳିଙ୍ଗ ଇନଡୋର ଷ୍ଟାଡ଼ିଅମ
(ଗ) ବାରବାଟୀ ଷ୍ଟାଡିଅମ୍ (ଘ)ଡ୍ରିମସ୍ ଷ୍ଟାଡିଅମ

୫. ଗତ ୭ବର୍ଷ ମଧ୍ୟରେ ଓଡ଼ିଶାର ଦାରିଦ୍ର୍ୟ କେତେ ପ୍ରତିଶତ କମିଛି ?
(କ)୨୩.୦ (ଖ) ୨୪.୬୧%
(ଗ)୨୪.୬ (ଘ) ୨୪.୮୯

୬. ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ଉତ୍ତମ ଭିତ୍ତିଭୂମିପାଇଁ କେନ୍ଦ୍ରୀୟ ଜଳସେଚନ ଓ ଶକ୍ତିବୋର୍ଡ଼ କେଉଁ ଡ୍ୟାମ୍‌କୁ ପୁରସ୍କୃତ କରିଛନ୍ତି ?
(କ) ହୀରାକୁଦ ଡ୍ୟାମ୍ (ଖ) ଇନ୍ଦ୍ରାବତୀ ଡ୍ୟାମ୍
(ଗ) ରେଙ୍ଗାଲୀ ଡ୍ୟାମ୍ (ଘ) କୋଲାବ ଡ୍ୟାମ୍

୭. ଜମି ରେକର୍ଡ଼ ଡିଜିଟାଇଜ କରିବାରେ ଓଡ଼ିଶା କେତେତମ ସ୍ଥାନରେ ଅଛି ?
(କ) ପ୍ରଥମ(ଖ) ଦ୍ୱିତୀୟ (ଗ) ତୃତୀୟ (ଘ) ଚତୁର୍ଥ

୮. ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ୨୦୧୯ର ଜାତୀୟ ପୁରସ୍କାର କିଏ ଲାଭ କରିଛନ୍ତି ?
(କ) ସୂର୍ଯ୍ୟମଣି ବେହେରା (ଖ) ଅମୂଲ୍ୟକୃଷ୍ଣ ପଣ୍ଡା
(ଗ) ମୁରାରୀ ମୋହନ ଦାଶ (ଘ) ନିତ୍ୟାନନ୍ଦ ସ୍ୱାଇଁ

୯. କେବେଠାରୁ ଓଡ଼ିଶାରେ କଡ଼ାକଡ଼ି ଭାବରେ ଟ୍ରାଫିକ୍ ନିୟମ କାର୍ଯ୍ୟକାରୀ କରାଯାଉଛି ?
(କ) ୧ ମାର୍ଚ୍ଚ, ୨୦୨୦ (ଖ) ୧ ଅପ୍ରେଲ, ୨୦୨୦
(ଗ)୧ ମଇ, ୨୦୨୦ (ଘ) ୧ ଜୁନ୍, ୨୦୨୦

୧୦. କେଉଁ ମସିହା ସୁଦ୍ଧା ଏଚ୍.ଆଇ.ଭି ମୁକ୍ତ ଓଡ଼ିଶା ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ?
(କ) ୨୦୨୫ (ଖ) ୨୦୩୦
(ଗ) ୨୦୩୫ (ଘ) ୨୦୪୦

## (୯) ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. Doctor : Patient :: lawyer : ________
(କ) Customer (ଖ) Client (ଗ) Consumer (ଘ) Buyer

୨. Dog: Canine :: Horse: _________ ?
(କ) Grass(ଖ) Race (ଗ) Hoof (ଘ)Transport

୩. UNDATED : ATEDUND :: CORRECT : ______ ?
(କ) PRECTOC (ଖ) RECTROC
(ଗ) ECTRORC (ଘ) RECTCOR

୪. ଗୋଟିଏ ଶ୍ରେଣୀରେ ୩୧ ଜଣ ପିଲାଙ୍କ ମଧ୍ୟରେ ଅରୁଣର ର୍‍ୟାଙ୍କ ଉପରଆଡୁ ୧୭ ହେଲେ ତଳଆଡୁ (ନିମ୍ନରୁ) କେତେ ହେବ।
(କ) ୧୪ (ଖ) ୧୫ (ଗ)୧୬ (ଘ) ୧୭

୫. ଗତକାଲିର ପୂର୍ବଦିନ ଗୁରୁବାର ହୋଇଥିଲେ, ରବିବାର କେଉଁ ଦିନ ହେବ ?
(କ)ଆଜି (ଖ)ଆଜିପରେ ଦୁଇଦିନ(ଗ)ଆସନ୍ତାକାଲି (ଘ)ଆସନ୍ତାକାଲିର ପରଦିନ

୬. 'ଏ' ଏବଂ 'ବି' ହେଉଛନ୍ତି ଦୁଇଭାଇ। 'ଇ' ହେଉଛି 'ଏଫ୍'ର ଝିଅ 'ଏଫ୍' ହେଉଛି 'ବି'ର ସ୍ତ୍ରୀ ତେବେ 'ଇ', 'ଏ'ର କ'ଣ ହେବ ?
(କ)ଭଉଣୀ(ଖ)ଝିଅ (ଗ)ଝିଆରୀ(ଘ)ଶାଳୀ

୭. ଶୂନ୍ୟସ୍ଥାନ ପୂରଣ କର ?
a_b_, abb_, ab_a, _bba
(କ)bbaab(ଖ)babba(ଗ)baaba(ଘ)aabba

୮. କେଉଁଟି ଅଲଗା ବାଛ ?
(କ) ଜାନୁୟାରୀ (ଖ)ଜୁନ୍
(ଗ) ଜୁଲାଇ (ଘ) ଅଗଷ୍ଟ

୯. ଶୂନ୍ୟସ୍ଥାନ ପୂରଣ କର ?
୯୭, ୮୬, ୯୯, ୮୮, ୧୦୧, _____, _____ ?
(କ)୮୮,୯୯(ଖ)୯୦,୧୦୩(ଗ)୧୨୧,୧୦୮ (ଘ)୧୧୪,୧୦୩

୧୦. ୬୪ଟି ଛୋଟ ଛୋଟ ସମଘନକୁ ନେଇ ଗୋଟିଏ ବଡ ସମଘନ ତିଆରି କରାଗଲେ କେତୋଟି ଛୋଟ ସମଘନର ଆମେ ଉଭୟ ପାର୍ଶ୍ୱ ଦେଖିପାରିବା ?
(କ) ୨୪ (ଖ)୩୨ (ଗ) ୪୦(ଘ) ୪୨

**ଉତ୍ତର**

୧. (ଘ) ୩୬, ୨. (ଘ) ୮.୩୯, ୩. (କ) ଖଣ୍ଡଗିରି, ୪. (କ) ଜବାହାରଲାଲ ନେହେରୁ, ୫. (ଖ)୨୪.୬୧%, ୬.(କ) ହୀରାକୁଦ ଡ୍ୟାମ୍, ୭. (ଖ)ଦ୍ୱିତୀୟ, ୮.(କ) ସୂର୍ଯ୍ୟମଣି ବେହେରା, ୯.(କ) ୧ ମାର୍ଚ୍ଚ, ୨୦୨୦, ୧୦. (ଖ) ୨୦୩୦।

**୧.** (ଖ) Client, **୨.**(ଗ) Hoof, **୩.**(ଘ) RECTCOR, **୪.**(ଖ)୧୫, **୫.**(ଗ)ଆସନ୍ତାକାଲି, **୬.**(ଗ)ଝିଆରୀ, **୭.**(ଗ)baaba, **୮.**(ଖ)ଜୁନ୍, **୯.**(ଖ)୯୦,୧୦୩, **୧୦.**(କ) ୨୪

## (୧୦) ଇତିହାସ

୧. ଇଂରେଜମାନେ କେବେ ଓଡ଼ିଶା ଅଧିକାର କରିଥିଲେ ?
(କ) ୧୫୬୮ (ଖ) ୧୭୫୯
(ଗ) ୧୮୦୩ (ଘ) ୧୮୪୯

୨. କିଏ 'ଉତ୍କଳ ଦୀପିକା'ର ସମ୍ପାଦକ ଥିଲେ ?
(କ) ଗୌରୀଶଙ୍କର ରାୟ (ଖ) ନୀଳମଣି ବିଦ୍ୟାରତ୍ନ
(ଗ) କାନ୍ତିଲାଲ ଭଟ୍ଟାଚାର୍ଯ୍ୟ (ଘ) ପ୍ୟାରୀମୋହନ ଆଚାର୍ଯ୍ୟ

୩. "ଉତ୍କଳ ସମ୍ମିଳନୀ" କେବେ ଗଠିତ ହୋଇଥିଲା ?
(କ) ୧୮୯୫ (ଖ) ୧୯୦୩
(ଗ) ୧୯୧୨ (ଘ) ୧୯୧୭

୪. ବିହାର- ଓଡ଼ିଶା ପ୍ରଦେଶ କେବେ ଜନ୍ମ ନେଲା ?
(କ) ୧୯୦୩ (ଖ) ୧୯୧୨
(ଗ) ୧୯୧୩ (ଘ) ୧୯୧୭

୫. ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ କେବେ ଗଠନ ହେଲା ?
(କ) ୧୯୦୫ (ଖ) ୧୯୦୯
(ଗ) ୧୯୧୯ (ଘ) ୧୯୩୬

୬. ମେଜର ବେଜେଲ୍‌ଗେଟ୍‌ଙ୍କୁ କେଉଁଠାରେ ହତ୍ୟା କରାଯାଇଥିଲା ?
(କ) ତାଳଚେର (ଖ) ଗାଙ୍ଗପୁର
(ଗ) ରଣପୁର (ଘ) ନୀଳଗିରି

୭. କେଉଁ ଗଡ଼ଜାତ ରାଜ୍ୟ ଓଡ଼ିଶା ସହିତ ପ୍ରଥମେ ମିଶିଥିଲା ?
(କ) ନୀଳଗିରି (ଖ) ଢ଼େଙ୍କାନାଳ
(ଗ) ମୟୂରଭଞ୍ଜ (ଘ) ତାଳଚେର

୮. ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ କେବେ ସଂଘଟିତ ହୋଇଥିଲା ?
(କ) ୧୯୧୭ (ଖ) ୧୯୧୮
(ଗ) ୧୯୧୯ (ଘ) ୧୯୨୦

୯. ଅସହଯୋଗ ଆନ୍ଦୋଳନ କେବେ ଆରମ୍ଭ ହୋଇଥିଲା ?
(କ) ୧୯୧୮ (ଖ) ୧୯୧୯
(ଗ) ୧୯୨୦ (ଘ) ୧୯୨୧

୧୦. ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ କିଏ ପ୍ରଥମେ ଲୁଣ ମାରିଥିଲେ ?
(କ) ଗୋପବନ୍ଧୁ ଚୌଧୁରୀ (ଖ) ଆଚାର୍ଯ୍ୟ ହରିହର
(ଗ) ନୀଳକଣ୍ଠ ଦାସ (ଘ) ଜଗନ୍ନାଥ ଦାସ

## (୧୧) ବାଣିଜ୍ୟ

୧. କିଏ ବିଶ୍ୱର ପ୍ରଥମ ବୁଲେଟ୍ ପ୍ରୁଫ୍ ହେଲମେଟ୍ ନିର୍ମାଣ କରିଛନ୍ତି ?
(କ) ମୋହିତ ଶର୍ମା (ଖ) ଅନୁପ ମିଶ୍ର
(ଗ) ରିଷିକାନ୍ତ ଦାଶ (ଘ) ସୁଜିତ ମହାନ୍ତି

୨. ଟାଟା ମୋବାଇଲ କେଉଁ କଂପାନୀ ସହିତ ମିଶିବାପାଇଁ ଅନୁମତି ପାଇଛି ?
(କ) ଭୋଡ଼ାଫୋନ୍-ଆଇଡ଼ିଆ (ଖ) ଜିଓ
(ଗ) ଭାରତୀୟ ଏୟାରଟେଲ (ଘ) ବିଏସ୍‌ଏଲଏନ୍

୩. ପୃଥିବୀର ସବୁଠାରୁ ମହଙ୍ଗା ଦେଶ ତାଲିକାରେ କେଉଁ ଦେଶ ଅଛି ?
(କ) ସ୍ୱିଜରଲ୍ୟାଣ୍ଡ (ଖ) ଭାରତ
(ଗ) ଆଇସ୍‌ଲାଣ୍ଡ (ଘ) ଆଫଗାନିସ୍ତାନ

୪. ଅଣ-ସବ୍‌ସିଡ଼ି ସିଲିଣ୍ଡରର ଦାମ କେତେ ଟଙ୍କା ବୃଦ୍ଧିପାଇଛି ?
(କ) ୧୫୦ଟଙ୍କା (ଖ) ୧୪୯ ଟଙ୍କା
(ଗ) ୧୪୫ ଟଙ୍କା (ଘ) ୧୪୦ ଟଙ୍କା

୫. ଜାନୁଆରୀରେ ପାସେଞ୍ଜର ଯାନ ବିକ୍ରି କେତେ ଶତକଡ଼ା କମିଛି ?
(କ) ୫% (ଖ) ୬% (ଗ) ୭% (ଘ) ୮%

୬. ୨୦୧୮-୧୯ରେ ସର୍ବାଧିକ ଲାଭ କରିଥିବା ରାଷ୍ଟ୍ରାୟତ କମ୍ପାନୀର ନାମ କ'ଣ ?
(କ) ଓଏନ୍‌ଜିସି (ଖ) ଏୟାରଇଣ୍ଡିଆ
(ଗ) ବିଏସ୍‌ଏନ୍‌ଏଲ (ଘ) ଏମଟିଏନ୍‌ଏଲ୍

୭. ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର ଜାନୁଆରୀ ୨୦୨୦ ସୁଦ୍ଧା କେତୋଟି କେନ୍ଦ୍ର ଖୋଲାଯାଇଛି ?
(କ) ୫୨୦ (ଖ) ୬୪୭
(ଗ) ୭୨୩ (ଘ) ୭୦୭

୮. ଭାରତ ରଷିଆ ମିଲିଟାରୀ ଇଣ୍ଡଷ୍ଟ୍ରିଆଲ କନଫରେନ୍ସ କେଉଁ ସହରରେ ଅନୁଷ୍ଠିତ ହୋଇଥିଲା ?
(କ) ଲକ୍ଷ୍ନୌ (ଖ) ସୁରତ
(ଗ) ଦିଲ୍ଲୀ (ଘ) କାନପୁର

୯. ଇମାମୀ ଗ୍ରୁପ୍ ୫୫୦୦ କୋଟି ଟଙ୍କାରେ ସିମେଣ୍ଟ ବ୍ୟବସାୟକୁ କେଉଁ କଂପାନୀକୁ ବିକ୍ରୟ କରିଛି ?
(କ) ଡାବର (ଖ) ନିର୍ମା
(ଗ) ହିନ୍ଦୁସ୍ଥାନ ଇଉନି ଲିଭର (ଘ) ମେରିକୋ

୧୦. ଜେଟ୍ ଇଂଜିନ୍ ଟେକ୍‌ନୋଲୋଜିର ବିକାଶ ପାଇଁ ଭାରତ କେଉଁ ଦେଶ ସହିତ ବୁଝାମଣା ସ୍ୱାକ୍ଷର କରିଛି ?
(କ) ଆମେରିକା (ଖ) ଫ୍ରାନ୍ସ
(ଗ) ଯୁକ୍ତରାଷ୍ଟ୍ର (ଘ) ଆମେରିକା

**ଉତ୍ତର**

୧.(ଗ) ୧୮୦୩, ୨.(କ) ଗୌରୀଶଙ୍କର ରାୟ, ୩.(ଖ) ୧୯୦୩, ୪.(ଖ) ୧୯୧୨, ୫.(ଘ)୧୯୩୬, ୬.(ଗ) ରଣପୁର, ୭.(କ) ନୀଳଗିରି, ୮.(ଗ) ୧୯୧୯, ୯.(ଗ)୧୯୨୦, ୧୦.(ଖ) ଆଚାର୍ଯ୍ୟ ହରିହର

୧.(ଖ)ଅନୁପ ମିଶ୍ର, ୨.(ଗ)ଭାରତୀୟ ଏୟାରଟେଲ, ୩.(କ)ସ୍ୱିଜରଲ୍ୟାଣ୍ଡ, ୪.(ଖ)୧୪୯ ଟଙ୍କା, ୫.(ଖ) ୬%, ୬.(କ)ଓଏନ୍‌ଜିସି, ୭.(ଗ) ୭୨୩, ୮.(କ)ଲକ୍ଷ୍ନୌ, ୯.(ଖ)ନିର୍ମା, ୧୦.(ଗ) ଯୁକ୍ତରାଷ୍ଟ୍ର।

## (୧୨) ଅର୍ଥନୀତି

୧. ୩୧ ଜାନୁଆରୀ, ୨୦୨୦ ନ୍ୟାସନାଲ ପ୍ଲାଷ୍ଟିକ୍ସଅଫସ (ଏନ୍ ଏସ୍ ଓ) ରିପୋର୍ଟ ଅନୁସାରେ ୨୦୧୮-୧୯ ରେ ଜିଡ଼ିପି ବିକାଶ ହାର କେତେ ଥିଲା ?
(କ) ୫.୧ (ଖ) ୬.୧% (ଗ)୪.୮ (ଘ) ୬.୫

୨. ୨୦୧୯ - ୨୦ ଅର୍ଥନୈତିକ ସର୍ଭେ ଅନୁସାରେ ସବୁଠାରୁ କମ୍ ଦାମ୍‌ରେ ଶାକାହାରୀ ଖାଦ୍ୟଥାଳି କେଉଁ ରାଜ୍ୟରେ ମିଳୁଛି ?
(କ) ଓଡ଼ିଶା (ଖ) ଝାଡ଼ଖଣ୍ଡ (ଗ) ବିହାର (ଘ) ତ୍ରିପୁରା

୩. ରାଜ୍ୟ ସରକାର ଏବେ କେତେ କୋଟିଟଙ୍କାର ଜି.ଏସ୍.ଟି କ୍ଷତିପୂରଣ ପାଇବେ ?
(କ) ୩୦,୦୦୦ (ଖ) ୩୫,୦୦୦
(ଗ) ୩୭,୦୦୦ (ଘ) ୩୮,୦୦୦

୪. ଆନ୍ତର୍ଜାତିକ ବୌଦ୍ଧିକ ସଂପତ୍ତି ଇଣ୍ଡେକ୍ସ ତାଲିକାରେ ଭାରତର ସ୍ଥାନକେତେ ?
(କ) ୩୦ (ଖ) ୪୦
(ଗ) ୫୦ (ଘ) ୬୦

୫. ମୁଖ୍ୟମନ୍ତ୍ରୀ ପରିବାର ସମୃଦ୍ଧି ଯୋଜନାକୁ କେଉଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ?
(କ) ଉତ୍ତରପ୍ରଦେଶ (ଖ) ହରିଆଣା
(ଗ) ଓଡ଼ିଶା (ଘ) ଗୁଜୁରାଟ

୬. ଜୁଲାଇ ୨୦୨୦ଠାରୁ ଡ଼ିଜିଟାଲ ପେମେଣ୍ଟ ଇଣ୍ଡେକ୍ସ (ଡ଼ି.ପି.ଆଇ) କେଉଁ ସଂସ୍ଥା ପ୍ରକାଶ କରୁଛି ?
(କ) ଏଡ଼ିବି (ଖ)ଆର.ବି.ଆଇ
(ଗ) ଆଇ.ଏମ୍.ଏଫ୍ (ଘ) ବିଶ୍ୱବ୍ୟାଙ୍କ୍

୭. ନୂତନ ଭାବରେ କର୍ଣ୍ଣାଟକ ସରକାର "ଡ଼ୋର ଷ୍ଟେପ୍ ଡ଼େଲିଭରୀ" ପାଇଁ ଜନସେବକ କେନ୍ଦ୍ର ଯୋଜନାରେ ସେବାମୂଲ୍ୟ କେତେ ରଖିଛନ୍ତି ?
(କ) ୮୦ ଟଙ୍କା (ଖ) ୯୦ ଟଙ୍କା
(ଗ) ୧୧୫ ଟଙ୍କା (ଘ) ୧୨୦ ଟଙ୍କା

୮. ରିଜର୍ଭବ୍ୟାଙ୍କ୍ ରିପୋର୍ଟ ଡିସେମ୍ବର ୨୦୧୯ ଅନୁସାରେ ଭାରତୀ ବ୍ୟାଙ୍କଗୁଡ଼ିକର ବୈଦେଶିକ ଋଣପୁଞ୍ଜି କେତେ ପ୍ରତିଶତ ହ୍ରାସପାଇଛି ?
(କ) ୨୦% (ଖ) ୩୦%
(ଗ) ୪୫% (ଘ) ୫୬%

୯. ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍.ଏସ୍.ଓ) ଚଳିତ ଆର୍ଥିକ ବର୍ଷର ଜି.ଡ଼ି.ପି ହାର କେତେ ପ୍ରତିଶତ ରହିବ ବୋଲି ଆକଳନ କରିଛି ?
(କ) ୪.୯% (ଖ) ୫.୩%
(ଗ) ୪.୫% (ଘ) ୪.୫%

୧୦. ଜାନୁଆରୀ ମାସରେ ଖୁଚୁରା ମୁଦ୍ରାସ୍ଫିତି ହାର କେତେ ପ୍ରତିଶତ ସ୍ତରକୁ ବୃଦ୍ଧିପାଇଛି ?
(କ) ୭.୫୯% (ଖ) ୬.୧%
(ଗ) ୬.୮ % (ଘ) ୬.୪%

## (୧୩) କ୍ରୀଡ଼ା

୧. ୨୦୨୦ର ଅଷ୍ଟ୍ରେଲିଆନ ଓପନ୍ ଟେନିସ୍‌ରେ ପୁରୁଷ ସିଂଗଲ୍ସ ଚାମ୍ପିଆନ କିଏ ହୋଇଛନ୍ତି ?
(କ) ରୋଜର୍ ଫେଡେରର୍ (ଖ) ଆଲେକଜାଣ୍ଡାର୍ ଜ୍ୱେରେଭ୍
(ଗ) ଡୋମିନିକ୍ ଥିଏମ୍ (ଘ) ନୋଭାକ୍ ଡ୍ୟୋକୋଭିଚ୍

୨. ଜାନୁଆରୀ ୨୦୨୦ରେ ଆୟୋଜିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ମହିଳା ସିଂଗଲ୍ସ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଥିବା ତାରକା ଜଣକ କିଏ ?
(କ) ସୋଫିଆ କେନିନ୍ (ଖ) ସେରେନା ଓ୍ୱିଲିୟମ୍ସ
(ଗ) ସିମୋନା ହାଲେପ୍ (ଘ) ଗାର୍‌ବିନ୍ ମୁଗୁରୁଜା

୩. ଏବେ ବିଶ୍ୱ ଚେସ୍‌ରେ ମାଗ୍‌ନସ୍ କାର୍ଲସନ୍‌ଙ୍କ ପଛକୁ ଦୁଇ ନମ୍ବର ସ୍ଥାନରେ ଥିବା ତାରକାଙ୍କଙ୍କ ନାମ କ'ଣ ?
(କ) ଡିଙ୍ଗ୍ ଲିରେନ୍ (ଖ) ହିକାରୁ ନାକାମୁରା
(ଗ) ଫାବିୟାନୋ କାରୁଆନା (ଘ) ସର୍ଗେଇ କାର୍ଯ୍ୟାକିନ୍

୪. ଚେସ୍ ଖେଳର ବିଶ୍ୱ ମାନ୍ୟତା ତାଲିକାରେ ଏବେ ଚାରି ନମ୍ବର ସ୍ଥାନରେ ରହିଥିବା ଅନିଶ୍ ଗିରି କେଉଁ ଦେଶର ଖେଳାଳି ?
(କ) ଭାରତ (ଖ) ନେପାଳ (ଗ) କାନାଡ଼ା (ଘ) ହଲାଣ୍ଡ୍

୫. ଦିଲ୍ଲୀରେ ଆୟୋଜିତ ୨୦୨୦ର ଏସୀୟ କୁସ୍ତି ଚାମ୍ପିଆନ୍‌ଶିପ୍‌ରେ ଭାରତର ଖେଳାଳିମାନେ କେତୋଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି ?
(କ)୪ଟି (ଖ) ୫ଟି (ଗ) ୬ଟି (ଘ) ୭ଟି

୬. ୨୦୨୦ର ଫେବ୍ରୁଆରୀ ୨୨ରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ପ୍ରଥମ 'ଖେଲୋ ଇଣ୍ଡିଆ ୟୁନିଭର୍ସିଟୀ ଗେମ୍ସ' କେଉଁ ଦୁଇଟି ସହରରେ ଖେଳାଯାଇଛି ?
(କ) ଗୁଆହାଟି-ଇମ୍ଫାଲ୍ (ଖ) ଲକ୍ଷ୍ନୌ-କାନପୁର
(ଗ) ମୁମ୍ବାଇ-ପୁଣେ (ଘ) ଭୁବନେଶ୍ୱର-କଟକ

୭. ୨୦୨୦ର ଟୋକିଓ ଅଲିମ୍ପିକ୍ ସକାଶେ ଭାରତର ଆଥ୍‌ଲେଟ୍ ନୀରଜ ଚୋପ୍ରା ଯୋଗ୍ୟତା ହାସଲ କରିଛନ୍ତି । ସେ କେଉଁ ଖେଳ ଖେଳନ୍ତି ?
(କ) ଜାଭ୍‌ଲିନ୍ ଥ୍ରୋ (ଖ) ଡିସ୍‌କସ୍ ଥ୍ରୋ (ଗ) ସଟ୍‌ପୁଟ୍ (ଘ) ହାଇ ଜମ୍ପ୍

୮. ୨୦୨୦ର ଜୁନିଅର ବିଶ୍ୱକପ୍ କ୍ରିକେଟରେ କେଉଁ ଦଳ ଚାମ୍ପିଆନ୍ ହୋଇଛି ?
(କ) ଦକ୍ଷିଣ ଆଫ୍ରିକା (ଖ) ଭାରତ (ଗ) ନ୍ୟୁଜିଲାଣ୍ଡ (ଘ) ବାଂଲାଦେଶ

୯. ୨୦୨୦ର ଏହି ୧୯ବର୍ଷରୁ କମ କ୍ରିକେଟ ବିଶ୍ୱକପ୍ କେଉଁଠି ଖେଳାଯାଇଥିଲା ?
(କ) ଅଷ୍ଟ୍ରେଲିଆ (ଖ) ମାଲେସିଆ (ଗ) ଦକ୍ଷିଣ ଆଫ୍ରିକା (ଘ) ଶ୍ରୀଲଙ୍କା

୧୦. ଅଷ୍ଟ୍ରେଲିଆରେ ଖେଳାଯାଇଥିବା ୨୦୨୦ର ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍‌ରେ ଭାରତୀୟ ଦଳର ନେତୃତ୍ୱ କିଏ ନେଇଛନ୍ତି ?
(କ) ମିତାଲି ରାଜ୍ (ଖ) ହରମନ୍‌ପ୍ରୀତ କୌର୍
(ଗ) ସ୍ମୃତି ମାନ୍ଧାନା (ଘ) ଝୁଲନ୍ ଗୋସ୍ୱାମୀ

**ଉତ୍ତର**

୧.(ଖ) ୬.୧% ,୨.(ଖ) ଝାଡ଼ଖଣ୍ଡ,୩.(ଖ) ୩୫,୦୦୦,୪.(ଖ) ୪୦,୫.(ଖ) ହରିଆଣା,୬.(ଖ)ଆର.ବି.ଆଇ,୭.(ଗ) ୧୧୫ ଟଙ୍କା,୮.(ଗ) ୪୫%,୯.(କ) ୪.୯%,୧୦(କ) ୭.୫୯% .।

୧.(ଘ)ନୋଭାକ୍ ଡ୍ୟୋକୋଭିଚ୍,୨.(କ)ସୋଫିଆ କେନିନ୍,୩.(ଗ) ଫାବିୟାନୋ କାରୁଆନା,୪.(ଘ) ହଲାଣ୍ଡ୍,୫.(ଖ)୫ଟି, ୬.(ଘ)ଭୁବନେଶ୍ୱର-କଟକ, ୭.(କ) ଜାଭ୍‌ଲିନ୍ ଥ୍ରୋ,୮.(ଘ) ବାଂଲାଦେଶ,୯.(ଗ) ଦକ୍ଷିଣ ଆଫ୍ରିକା,୧୦.(ଖ) ହରମନ୍‌ପ୍ରୀତ କୌର୍

## (୧୪) ସାହିତ୍ୟ, କଳା ଓ ସଂସ୍କୃତି

୧. ବର୍ଷ ୧୯୮୩ର ଜ୍ଞାନପୀଠ ପୁରସ୍କାର ବିଜେତା ମସ୍ତି ଭେଙ୍କଟେଶ ଆୟଙ୍ଗାର କେଉଁ ଭାଷାର ଜଣେ ପ୍ରଖ୍ୟାତ ସାହିତ୍ୟିକ ଥିଲେ ?
(କ) ତେଲୁଗୁ (ଖ) ତାମିଲ (ଗ) କନ୍ନଡ଼ (ଘ) ମାଲୟାଲମ

୨. ସାନ୍ତାଳୀ ଭାଷାର ଓଲିଚିକି ଲିପି ସୃଷ୍ଟି କରିଥିବା ପଣ୍ଡିତ ରଘୁନାଥ ମୁର୍ମୁ କେଉଁ ରାଜ୍ୟର କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?
(କ) ଓଡ଼ିଶାର ମୟୂରଭଞ୍ଜ (ଖ) ଓଡ଼ିଶାର କେଉଁଝର
(ଗ) ଝାଡ଼ଖଣ୍ଡର ଖୁଣ୍ଟି (ଘ) ଝାଡ଼ଖଣ୍ଡର ପୂର୍ବ ସିଂହଭୂମ

୩. ୨୦୧୯ପାଇଁ ସରସ୍ୱତୀ ସମ୍ମାନ ପାଇଥିବା ସିନ୍ଧି ଭାଷାର ସାହିତ୍ୟିକଙ୍କ ନାମ କ'ଣ ?
(କ) ଅନୱାର ପୀରଜାଦା (ଖ) କୀରତ ବଓ୍ୱାନୀ
(ଗ) ବାସୁଦେବ ମୋହି (ଘ) ଶୈଳେଶ ମାଟିୟାନି

୪. ୨୦୨୦ର ଓସ୍କାର ପୁରସ୍କାର ଉତ୍ସବରେ ଶ୍ରେଷ୍ଠ ଚଳଚିତ୍ର ସହିତ ୪ଟି ପୁରସ୍କାର ଜିଣିଥିବା ପାରାସାଇଟ୍ ନାମକ ଚଳଚିଚିତ୍ରଟି କେଉଁ ଭାଷାରେ ନିର୍ମିତ ?
(କ) ଇଂଲିଶ୍ (ଖ) ଇଟାଲିଆନ୍ (ଗ) ସ୍ପାନିଶ୍ (ଘ) କୋରିଆନ୍

୫. ପାରାସାଇଟ୍ ଚଳଚିତ୍ର ପାଇଁ ୨୦୨୦ର ଓସ୍କାର ପୁରସ୍କାର ଉତ୍ସବରେ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର କାହାକୁ ମିଳିଛି ?
(କ) ମାର୍ଟିନ ସୋର୍ସେସେ (ଖ) ବୋ ଜୁନ୍ ହୋ
(ଗ) ସାମ୍ ମେଣ୍ଡେସ୍ (ଘ) ଟଡ୍ ଫିଲିପ୍ସ୍

୬. ୨୦୨୦ର ଓସ୍କାର ପୁରସ୍କାର ଉତ୍ସବରେ ସର୍ବଶ୍ରେଷ୍ଠ ଅଭିନେତା ଭାବେ କିଏ ପୁରସ୍କୃତ ହୋଇଛନ୍ତି ?
(କ) ବ୍ରାଡ୍ ପିଟ୍ (ଖ) ଲିଓନାର୍ଦୋ ଡି କାପ୍ରିଓ
(ଗ) ଜୋଆକ୍ୱିନ୍ ଫିନିକ୍ସ (ଘ) ଜୋନାଥନ୍ ପ୍ରାଇସ୍

୭. ୨୦୨୦ର ଓସ୍କାର ପୁରସ୍କାର ଉତ୍ସବରେ ସର୍ବଶ୍ରେଷ୍ଠ ଅଭିନେତ୍ରୀର ପୁରସ୍କାର ଜିଣିଥିବା ତାରକାଙ୍କ ନାମ କ'ଣ ?
(କ) ରେନୀ ଜେଲ୍‌ୱେଗର୍ (ଖ) ସ୍କାରଲେଟ୍ ଯୋହାନ୍‌ସନ୍
(ଗ) ଚାର୍ଲିଜ୍ ଥେରୋନ୍ (ଘ) ସିନ୍ଥିଆ ଏରିଭୋ

୮. ଦୋଳ ପୂର୍ଣ୍ଣିମା ଦିନ କେଉଁ ମହାପୁରୁଷ ଜନ୍ମଗ୍ରହଣ କରିଥିଲେ ?
(କ) ସନ୍ଥ କବୀର (ଖ) ଗୁରୁ ନାନକ (ଗ) ରାମାନନ୍ଦ (ଘ) ଶ୍ରୀଚୈତନ୍ୟ

୯. କେଉଁ ଦିନଠାରୁ ବିକ୍ରମ ସମ୍ବତ୍ ଓ ହିନ୍ଦୁ ନବବର୍ଷ ଆରମ୍ଭ ହୋଇଥାଏ ?
(କ) ଚୈତ୍ର ଶୁକ୍ଳ ପ୍ରତିପଦ (ଖ) ବୈଶାଖ ଶୁକ୍ଳ ପ୍ରତିପଦ
(ଗ) ଚୈତ୍ର ପୂର୍ଣ୍ଣିମା (ଘ) ମହା ବିଷୁବ ସଂକ୍ରାନ୍ତି

୧୦. ଉତ୍ତର ପ୍ରଦେଶର କେଉଁ ସ୍ଥାନଟି ଶ୍ରୀରାଧାଙ୍କ ଜନ୍ମସ୍ଥାନ ଭାବେ ପରିଚିତ ?
(କ) ଗୋକୁଲ୍ (ଖ) ବୃନ୍ଦାବନ
(ଗ) ବର୍‌ସାନା (ଘ) ନିଧିବନ

## (୧୫) ଭୂଗୋଳ

୧. ଭାରତର ପୂର୍ବଘାଟ ପର୍ବତମାଳା ଅନ୍ତର୍ଗତ ଉଚ୍ଚତମ ଶୃଙ୍ଗର ନାମ ହେଲା ଦେଓମାଳି। ଏହା ଓଡ଼ିଶାର କେଉଁ ଜିଲ୍ଲାରେ ରହିଛି ?
(କ) ମାଲକାନଗିରି (ଖ) କୋରାପୁଟ (ଗ) ରାୟଗଡ଼ା (ଘ) ଗଜପତି

୨. ଉତ୍ତର ପ୍ରଦେଶର କେଉଁ ଜିଲ୍ଲାରେ ତିନି ହଜାର ଟନ୍ ସୁନା ଭୂଗର୍ଭରେ ଗଚ୍ଛିତ ରହିଥିବାର ସୂଚନା ମିଳିଛି ?
(କ) ସୀତାପୁର (ଖ) ଶ୍ରାବସ୍ତୀ (ଗ) ସାହରନ୍‌ପୁର (ଘ) ସୋନ୍‌ଭଦ୍ର

୩. ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଦଣ୍ଡକାରଣ୍ୟ ପାର୍ବତ୍ୟାଞ୍ଚଳରୁ ଉତ୍ପତ୍ତି ଲାଭ କରିଥିବା ଇନ୍ଦ୍ରବତୀ ନଦୀଟି କେଉଁ ବଡ଼ନଦୀର ଉପନଦୀ ଅଟେ ?
(କ) ଗୋଦାବରୀ (ଖ) ନର୍ମଦା (ଗ) ମହାନଦୀ (ଘ) ଋଷିକୁଲ୍ୟା

୪. ୟୁରୋପ ମହାଦେଶର ଉଚ୍ଚତମ ପର୍ବତ ଶୃଙ୍ଗର ନାମ କ'ଣ ?
(କ) ରଷ୍ଟିଭେଲି (ଖ) ଡାଇଖ୍-ତାଉ (ଗ) ଏଲ୍‌ବ୍ରୁସ୍ (ଘ) ମଁ ବ୍ଲାଁ

୫. ୟୁରୋପ ଓ ଆଫ୍ରିକା ମଧ୍ୟରେ ଥିବା ସାଗରର ନାମ କ'ଣ ?
(କ) ବେରିଂ ସାଗର (ଖ) ଭୂମଧ୍ୟ ସାଗର
(ଗ) କାରବିୟନ୍ ସାଗର (ଘ) ଲୋହିତ ସାଗର

୬. ଏବେ ସମଗ୍ର ବିଶ୍ୱରେ ଅତି ଲୋକପ୍ରିୟ ପାନୀୟରେ ପରିଣତ ହୋଇଥିବା ଚା'କୁ ସର୍ବପ୍ରଥମେ କେଉଁ ଦେଶରେ ଏକ ପାନୀୟ ଭାବେ ବ୍ୟବହୃତ କରାଯାଇଥିଲା ?
(କ) ଭାରତ (ଖ) ଇଂଲାଣ୍ଡ (ଗ) ଶ୍ରୀଲଙ୍କା (ଘ) ଚୀନ

୭. ଭାରତର ପ୍ରସିଦ୍ଧ କେବଲା ଦେବ ରାଷ୍ଟ୍ରୀୟ ଉଦ୍ୟାନ ତଥା ପକ୍ଷୀ ବିହାର ଭରତପୁରରେ ରହିଛି। ଏହି ସ୍ଥାନଟି ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ରାଜସ୍ଥାନ (ଖ) ଉତ୍ତରାଖଣ୍ଡ (ଗ) ମଧ୍ୟ ପ୍ରଦେଶ (ଘ) ଗୁଜରାଟ

୮. କେଉଁ ନଦୀର ଅବବାହିକା ଏସିଆର ଦୀର୍ଘତମ ନଦୀ ଅବବାହିକା ଅଟେ ?
(କ) ୟେନିସୀ ନଦୀ (ଖ) ହୋୟାଙ୍ଗ ହୋ ନଦୀ
(ଗ) ୟାଙ୍ଗ ସିକିୟାଂ ନଦୀ (ଘ) ଲେନା ନଦୀ

୯. ଭାରତର ବୃହତ୍ତମ ଜଳପ୍ରପାତର ନାମ କ'ଣ ?
(କ) ଶିବ ସମୁଦ୍ରମ୍ ଜଳପ୍ରପାତ (ଖ) ଧୂଆଁଧାର ଜଳପ୍ରପାତ
(ଗ) କେମ୍ପଟି ଜଳପ୍ରପାତ (ଘ) ଯୋଗ୍ ଜଳପ୍ରପାତ

୧୦. କାନାଡ଼ାର ଟରୋଣ୍ଟୋ ନିକଟରେ ପ୍ରବାହିତ ହେଉଥିବା ନାଏଗ୍ରା ଜଳପ୍ରପାତର ଜଳ କେଉଁ ହ୍ରଦ ମଧ୍ୟକୁ ନିଷ୍କାସିତ ହେଉଛି ?
(କ) ଲେକ୍ ହ୍ୟୁରନ୍ (ଖ) ଲେକ୍ ଓଣ୍ଟାରିଓ
(ଗ) ଲେକ୍ ୱିନିପେଗ୍ (ଘ) ଲେକ୍ ସୁପେରିଅର୍

**ଉତ୍ତର**

୧.(ଗ) କନ୍ନଡ,୨.(କ) ଓଡ଼ିଶାର ମୟୂରଭଞ୍ଜ, ୩.(ଗ) ବାସୁଦେବ ମୋହି,୪.(ଘ) କୋରିଆନ୍,୫.(ଖ) ବୋ ଜୁନ୍ ହୋ,୬.(ଗ) ଜୋଆକ୍ୱିନ୍ ଫିନିକ୍ସ, ୭.(କ) ରେନୀ ଜେଲ୍‌ୱେଗର,୮.(ଘ) ଶ୍ରୀଚେତନ୍ୟ,୯.(କ) ଚୈତ୍ର ଶୁକ୍ଳ ପ୍ରତିପଦା,୧୦.(ଗ) ବର୍‌ସାନା

୧.(ଖ) କୋରାପୁଟ, ୨.(ଘ) ସୋନ୍‌ଭଦ୍ର, ୩.(କ) ଗୋଦାବରୀ, ୪.(ଗ) ଏଲ୍‌ବ୍ରୁସ୍ , ୫. (ଖ) ଭୂମଧ୍ୟ ସାଗର, ୬. (ଘ) ଚୀନ, ୭. (କ) ରାଜସ୍ଥାନ, ୮. (ଗ) ୟାଙ୍ଗ ସିକିୟାଂ ନଦୀ, ୯.(ଘ) ଯୋଗ୍ ଜଳପ୍ରପାତ , ୧୦.(ଖ) ଲେକ୍ ଓଣ୍ଟାରିଓ ।

ସ୍ୱାମୀଙ୍କର ବିନାନୁମତିରେ ଉପବାସ ବ୍ରତ କରୁଥିବା ନାରୀ ପତିଙ୍କ ଆୟୁଷ ହାନିକରେ। ଏଭଳି ସ୍ତ୍ରୀ ଅନ୍ତରେ ନର୍କ ଭୋଗ କରେ।

## (୧୭) ରାଷ୍ଟ୍ର ଶାସନ ବ୍ୟବସ୍ଥା

୧. ରାଜ୍ୟସଭାର ସଦସ୍ୟମାନେ କେଉଁମାନଙ୍କଦ୍ୱାରା ନିର୍ବାଚିତ ହୋଇଥାନ୍ତି ?
(କ) ନାଗରିକମାନଙ୍କଦ୍ୱାରା (ଖ) ଲୋକସଭା ସଦସ୍ୟ
(ଗ) ବିଧାନସଭାର ନିର୍ବାଚିତ ସଦସ୍ୟ (ଘ) ବିଧାନ ପରିଷଦର ନିର୍ବାଚିତ ସଦସ୍ୟ

୨. ବର୍ତ୍ତମାନ ଲୋକସଭା କେତେ ତମ ଅଟେ ?
(କ) ୧୪ତମ (ଖ) ୧୫ତମ
(ଗ) ୧୬ତମ (ଘ)୧୭ତମ

୩. ଲୋକସଭାର ନିର୍ବାଚିତ ସଦସ୍ୟଙ୍କର କାର୍ଯ୍ୟକାଳ କେତେ ?
(କ) ୪ ବର୍ଷ (ଖ) ୫ବର୍ଷ
(ଗ) ୬ ବର୍ଷ (ଘ) ୭ ବର୍ଷ

୪. ଲୋକସଭାର ସଦସ୍ୟ ହେବାପାଇଁ ସର୍ବନିମ୍ନ ବୟସ କେତେ ?
(କ) ୨୧ ବର୍ଷ (ଖ) ୨୨ ବର୍ଷ
(ଗ) ୨୫ ବର୍ଷ (ଘ) ୩୫ ବର୍ଷ

୫. ହାଇକୋର୍ଟ ଜଜଙ୍କର ପେନ୍‌ସନ୍ କେଉଁ ଫଣ୍ଡରୁ ଦିଆଯାଏ ?
(କ) କନ୍‌ସୋଲିଡ଼େଟେଡ୍ ଫଣ୍ଡ ଅଫ୍ ଇଣ୍ଡିଆ
(ଖ) କନ୍‌ସୋଲିଡ଼ିଡ଼େଟେଡ୍ ଫଣ୍ଡ ଅଫ୍ ଷ୍ଟେଟ୍
(ଗ) କଣ୍ଟିଜେନ୍‌ସି ଫଣ୍ଡ ଅଫ ଷ୍ଟେଟ
(ଘ) କଣ୍ଟିଜେନ୍‌ସି ଫଣ୍ଡ ଅଫ ଇଣ୍ଡିଆ

୬. ଭାରତୀୟ ଭୋଟରମାନଙ୍କ ସର୍ବନିମ୍ନ ବୟସ କେତେ ଅଟେ ?
(କ) ୧୫ ବର୍ଷ (ଖ) ୧୮ ବର୍ଷ
(ଗ) ୨୧ ବର୍ଷ (ଘ) ୨୫ ବର୍ଷ

୭. ଭାରତର ଯୁଗ୍ମ ସଂସଦରେ ରାଷ୍ଟ୍ରପତି କେବେ ଭାଷଣ ଦିଅନ୍ତି ?
(କ)ଜରୁରୀ ବୈଠକ (ଖ) ପ୍ରତ୍ୟେକ ଅଧିବେଶନ
(ଗ) ସାଧାରଣ ନିର୍ବାଚନ ପରେ (ଘ)ପ୍ରତିବର୍ଷ ପ୍ରଥମ ଅଧିବେଶନ

୮. ରାଷ୍ଟ୍ରପତି କାହାର ପରାମର୍ଶରେ ଲୋକସଭାକୁ ଭାଙ୍ଗିଦେଇ ପାରିବେ ?
(କ) ଉପରାଷ୍ଟ୍ରପତି (ଖ) ପ୍ରଧାନମନ୍ତ୍ରୀ
(ଗ) ଗୃହମନ୍ତ୍ରୀ (ଘ) ପ୍ରଧାନ ବିଚାରପତି

୯. ରାଜ୍ୟର ରାଜ୍ୟପାଳଙ୍କୁ କିଏ ନିଯୁକ୍ତି ଦେଇଥାଆନ୍ତି ?
(କ) ପ୍ରଧାନମନ୍ତ୍ରୀ (ଖ) ରାଷ୍ଟ୍ରପତି
(ଗ) ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି (ଘ) କୌଣସିଟି ନୁହେଁ

୧୦. ରାଜ୍ୟସଭାର ସଦସ୍ୟମାନେ ସାଧାରଣତଃ କେତେବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି ?
(କ) ୪ ବର୍ଷ (ଖ) ୫ ବର୍ଷ
(ଗ) ୬ ବର୍ଷ (ଘ) ୩ ବର୍ଷ

## (୧୭) କମ୍ପ୍ୟୁଟର ଶିକ୍ଷା

୧. କେଉଁ ଗ୍ଲୋବାଲ ଟେକ୍‌ନୋଲୋଜି ଫାର୍ମ କ୍ଷୁଦ୍ର ଭିଡ଼ିଓ ଆପ୍ 'ଟାଙ୍ଗି' ଆରମ୍ଭ କରିଛି ?
(କ) ମାଇକ୍ରୋସଫ୍‌ଟ (ଖ) ଫେସ୍‌ବୁକ୍
(ଗ) ଗୁଗୁଲ୍ (ଘ) ଆଡ଼ୋବ

୨. ଏମ୍ ଏମ୍ ଏକ୍ସ ଟେକ୍‌ନୋଲୋଜି କେଉଁ କମ୍ପାନୀ ଆରମ୍ଭ କରିଥିଲା ?
(କ) ଆଇବିଏମ୍ (ଖ) ଆପଲ୍
(ଗ) ମାଇକ୍ରୋସଫ୍‌ଟ (ଘ) ଇନ୍‌ଟେଲ

୩. କେଉଁଟି ଏକ ସଫ୍ଟୱେୟାର ସିଷ୍ଟମ ଅଟେ ?
(କ) ଡାଟାବେସ୍ ପ୍ରୋଗାମ୍ (ଖ) ୱର୍ଡ଼ ପ୍ରୋସେସର
(ଗ) ସ୍ପ୍ରେଡ଼.ସିଟ୍ (ଘ) କମ୍ପାଇଲରସ୍

୪. "ସି" ଲାଙ୍ଗୁଏଜ୍ କେଉଁ ସ୍ତରର ଏକ ଲାଙ୍ଗୁଏଜ ଅଟେ ?
(କ) ଲୋ ଲେଭେଲ (ଖ) ହାଇ ଲେଭେଲ
(ଗ) ମେସିନ ଲେଭେଲ (ଘ) ଆସେମ୍ବିଲ

୫. ୱାର୍ଲଡ଼୍ ୱାଇଡ଼୍ ୱେବ ଧାରଣାଟି କେଉଁ କମ୍ପାନୀ ପ୍ରସ୍ତୁତ କରିଥିଲା ?
(କ) ଟ୍ରମ୍ ବ୍ରିନରସ୍ ଲି (ଖ) ମାଇକ୍ରୋସଫ୍‌ଟ
(ଗ) ଅର୍ଥର କ୍ଲାର୍କ (ଘ) ଏଟିଆଣ୍ଡଟିବେଲଲାବ୍

୬. WLL ର ଫୁଲଫର୍ମ କ'ଣ ?
(କ) ୱାର୍କିଂ ଲାଣ୍ଡ ଲାଇନ୍ (ଖ) ୱାର୍କିଂ ଲୁପ୍ ଲାଇନ୍
(ଗ) ଓୟାରଲେସ୍ ଲ୍ୟାଣ୍ଡ୍ ଲାଇନ୍
(ଘ) ଓୟାରଲେସ୍ ଇନ୍ ଲୋକାଲ ଲୁପ୍

୭. କେଉଁ କମ୍ୟୁନିକେସନ୍ ନେଟୱାର୍କ ଅଧିକ ଭାବରେ କରାଯାଇଥାଏ ?
(କ) LAN (ଖ) WAN
(ଗ) MAN (ଘ) VAN

୮. ଅନେକଗୁଡ଼ିଏ ଓୟାରକୁ କ'ଣ କୁହାଯାଏ ?
(କ) ସଫଟ୍‌ଓୟାର (ଖ) ହାର୍ଡ଼୍‌ଓୟାର
(ଗ) ଫାର୍ମଓୟାର (ଘ) ନେଟ୍‌ୱାର୍କ

୯. ମାଇକ୍ରୋସଫ୍ଟ ଅଫିସ୍‌ର ପରସନାଲ ଇନ୍‌ଫରମେସନ ମ୍ୟାନେଜରଟି କିଏ ?
(କ) ଇଣ୍ଟରନେଟ୍ ଏକ୍ସପ୍ଲୋରର (ଖ) ଆଉଟଲୁକ୍
(ଗ) ଅରଗାନାଇଜର (ଘ) ଆସେସ୍

୧୦. କମ୍ପ୍ୟୁଟର ମେମୋରୀ ଡିଭାଇସ୍ ଭାବରେ କାହାକୁ ବ୍ୟବହାର କରାଯାଇଥାଏ ?
(କ) ରେକ୍ଟିଫାଇଅର (ଖ) ଫ୍ଲିପ୍ ଫ୍ଲପ୍
(ଗ) କମ୍ପାରେଟର (ଘ) ଆଟେନ୍ୟୁରେଟର

**ଉତ୍ତର**

୧.(ଗ) ବିଧାନସଭାର ନିର୍ବାଚିତ ସଦସ୍ୟ, ୨.(ଘ) ୧୭ ତମ, ୩. (ଖ) ୫ ବର୍ଷ, ୪. (ଗ) ୨୫ ବର୍ଷ, ୫.(କ) କନ୍‌ସୋଲେଡ଼େଟେଡ୍ ଫଣ୍ଡ ଅଫ୍ ଇଣ୍ଡିଆ, ୬. (ଖ)୧୮ ବର୍ଷ, ୭. (ଗ) ସାଧାରଣ ନିର୍ବାଚନ ପରେ, ୮.(ଖ) ପ୍ରଧାନମନ୍ତ୍ରୀ, ୯.(ଖ) ରାଷ୍ଟ୍ରପତି , ୧୦. (ଗ) ୬ ବର୍ଷ ।

୧.(ଗ) ଗୁଗୁଲ୍, ୨.(ଘ) ଇନ୍‌ଟେଲ, ୩.(ଘ) କମ୍ପାଇଲରସ୍, ୪.(ଖ) ହାଇଲେଭେଲ, ୫.(ଖ) ମାଇକ୍ରୋସଫ୍ଟ, ୬.(ଘ) ଓୟାରଲେସ୍ ଇନ୍ ଲୋକାଲ ଲୁପ୍, ୭.(ଖ) WAN, 8.(କ) ସଫଟ୍‌ଓୟାର, ୯.(ଖ) ଆଉଟଲୁକ୍, ୧୦.(ଖ) ଫ୍ଲିପ୍ ଫ୍ଲପ୍ ।

## (୧୮) ଗାଣିତିକ ପ୍ରଶ୍ନାବଳୀ

୧. -୨୫ ରୁ ୧୨ ମଧ୍ୟରେ ଥିବା ସମସ୍ତ ପୂର୍ଣ୍ଣସଂଖ୍ୟାମାନଙ୍କର ସମଷ୍ଟି କେତେ ?
(କ) -୨୨୨ (ଖ) ୨୨୨
(ଗ) ୩୭୮ (ଘ) -୩୭୮

୨. ୦, ୧, ୨, ୩, ୪, ୫, ୬, ୭, ୮, ୯ ମଧ୍ୟରେ କେତୋଟି ମୌଳିକ ସଂଖ୍ୟା ଅଛି ?
(କ) ୬ (ଖ) ୯
(ଗ) ୧୦ (ଘ) ୪

୩. ୪୦%ର ୨.୫% କେତେ ?
(କ) ୧୦% (ଖ) ୧୦୦୦%
(ଗ) ୧୦୦% (ଘ) ୧%

୪. ୧୦ ଲିଟର ପାଣି ୪୦ ଲିଟର କ୍ଷୀରରେ ମିଶାଇଦିଆଗଲା । ତେବେ ଉକ୍ତ ମିଶ୍ରଣରେ କ୍ଷୀରର ପରିମାଣ ଶତକଡ଼ା କେତେ ?
(କ) ୮୦% (ଖ) ୬୦%
(ଗ) ୭୫% (ଘ) ୪୦%

୫. ଗୋଟିଏ ସମଘନାକାର ସୁନାମୁଣ୍ଡାର ଦୈର୍ଘ୍ୟ ୧୦ ସେ.ମି. । ୧ ଘନ ସେ.ମି. ସୁନାମୁଣ୍ଡାର ଓଜନ ୧୯.୩ ଗ୍ରାମ ଓ ୧ ଗ୍ରାମ୍ ସୁନାର ଦାମ୍ ୨୫ ହଜାର ଟଙ୍କା ହେଲେ ଉକ୍ତ ସୁନାମୁଣ୍ଡାର ଦାମ୍ କେତେ ?
(କ) ୪୮.୨୫ ଲକ୍ଷ (ଖ) ୪୮୨୫ ଲକ୍ଷ
(ଗ) ୪୮୨.୫ ଲକ୍ଷ (ଘ) ୪୮ କୋଟି

୬. ସକାଳ ୯ଟାରୁ ସନ୍ଧ୍ୟା ୪ଟା ମଧ୍ୟରେ ସମୟ କେତେ ?
(କ) ୭ ଘଣ୍ଟା (ଖ) ୮ ଘଣ୍ଟା
(ଗ) ୫ ଘଣ୍ଟା (ଘ) ୨ ଘଣ୍ଟା

୭. ୧ଦିନ କେତେ ସେକେଣ୍ଡ ?
(କ) ୮୬୪୦୦ (ଖ) ୪୩୨୦୦
(ଗ) ୧୭୨୮୦୦ (ଘ) ୨୧୬୦୦

୮. ଗୋଟିଏ କୋଣର ପରିମାଣ ୩୦୦ ହେଲେ ଏହାର ଅନୁପୂରକ ଓ ପରିପୂରକ କୋଣର ସମଷ୍ଟି କେଉଁଟି ?
(କ) ୬୦୦ (ଖ) ୧୫୦୦
(ଗ) ୧୮୦୦ (ଘ) ୨୧୦୦

୯. ଏକ ସମତଳରେ ଅବସ୍ଥିତ ୩ଟି ସରଳରେଖାର ଅତିବେଶୀରେ କେତୋଟି ବିନ୍ଦୁରେ ଛେଦକରିବେ ?
(କ) ୧ଟି (ଖ) ୨ଟି
(ଗ) ୩ଟି (ଘ) ୪ଟି

୧୦. ଗୋଟିଏ ସମଦ୍ୱିବାହୁ ତ୍ରିଭୁଜର ସମାନ ବାହୁ ସଂଲଗ୍ନ କୋଣର ପରିମାଣ 50° ହେଲେ ଅନ୍ୟ ଦୁଇଟି କୋଣର ପରିମାଣ ଯଥାକ୍ରମେ କେତେ ?
(କ) ୯୦°, ୪୦° (ଖ) ୬୫°, ୬୫°
(ଗ) ୫୦°, ୫୦° (ଘ) ୫୦°, ୮୦°

## (୧୯) ସାଧାରଣ ବିଜ୍ଞାନ

୧. କ୍ୟାନସର ଦିବସ କେବେ ପାଳନ କରାଯାଏ ?
(କ) ୨ ଫେବୃଆରୀ (ଖ) ୩ ଫେବୃଆରୀ
(ଗ) ୪ ଫେବୃଆରୀ (ଘ) ୫ ଫେବୃଆରୀ

୨. କେତେଦିନ ପରେ ନାସାର ଖ୍ରୀଷ୍ଟିଆନ କୋଚ୍ ଶୂନ୍ୟଯାନ ପୃଥିବୀପୃଷ୍ଠକୁ ଫେରିଛି ?
(କ) ୨୩୮ (ଖ) ୨୪୮ (ଗ) ୨୭୦ (ଘ) ୩୨୮

୩. ଚୀନ୍‌ରେ କରୋନା ଭାଇରସ୍ ବ୍ୟାପିବା ପାଇଁ କେଉଁ ପ୍ରାଣୀ ଚିହ୍ନଟ କରାଯାଇଛି ?
(କ) ପାଙ୍ଗୋଲିନ୍ (ଖ) ଟାପିର
(ଗ) ଶ୍ଲୋଲୋରିସ୍ (ଘ) ମାସ୍କର୍ଡ଼ ପାମ୍‌ସିଭେଟ୍

୪. ଶରୀର ବାହାରେ ନୂତନ ଜ୍ଞାନକୌଶଳ ଦ୍ୱାରା କେତେ ଘଣ୍ଟା ସୁରକ୍ଷିତ ରଖାଯାଇପାରିବ ?
(କ)୧୪ ଘଣ୍ଟା (ଖ) ୧୮ ଘ (ଗ) ୨୪ ଘଣ୍ଟା(ଘ) ୩୨ ଘଣ୍ଟା

୫. ଭାରତ ପ୍ରଥମ ଫ୍ଲୋଟିଙ୍ଗ୍ ଜେଟି କେଉଁ ସହରରେ ଉଦ୍‌ଘାଟନ କରାଯାଇଛି ?
(କ) ପାନାଜି (ଖ) କଟକ
(ଗ) ସମ୍ବଲପୁର (ଘ) ଅହମଦାବାଦ

୬. ୪ ବର୍ଷରେ ନାସାକୁ କେତୋଟି ନୂଆଗ୍ରହର ସନ୍ଧାନ ମିଳିଛି ?
(କ) ୧୪ (ଖ) ୧୫(ଗ) ୧୬ (ଘ) ୧୭

୭. ଜଳବାୟୁ ପରିବର୍ତ୍ତନ ଯୋଗୁଁ ମେରୁ ଅଞ୍ଚଳରେ ତାପମାତ୍ରା ବଢ଼ିବା ଯୋଗୁଁ ୨୫ ବର୍ଷରେ କେତେ ପ୍ରତିଶତ ବରଫ ତରଳି ଯାଇଛି ?
(କ) ୧୫ (ଖ) ୨୦(ଗ) ୩୦ (ଘ) ୪୦

୮. ହାର୍ଭାର୍ଡ଼ ବିଶ୍ୱବିଦ୍ୟାଳୟର ଏକ ସର୍ଭେରୁ ଜଣାପଡ଼ିଛି ଯେ ସମୁଦ୍ରରେ ଥିବା ପ୍ରବାଳ ପ୍ରାଚୀର କେବେ ସୁଦ୍ଧା ସମ୍ପୂର୍ଣ୍ଣ ଲୋପ ପାଇଯାଇପାରେ ?
(କ) ୨୦୫୦ (ଖ) ୨୧୦୦
(ଗ) ୨୧୫୦ (ଘ) ୨୧୬୦

୯. ସୂର୍ଯ୍ୟ ମୁହାଁ ହୋଇ ନାସାର ସୋଲାର ଅର୍ବିଟର କେତେ ବର୍ଷରେ ଅତିକ୍ରମ କରିବ ୪ କୋଟି ୧୮ ଲକ୍ଷ କି.ମି ?
(କ) ୫ ବର୍ଷ (ଖ) ୬ ବର୍ଷ(ଗ) ୭ ବର୍ଷ (ଘ) ୮ ବର୍ଷ

୧୦. ଗୁଗୁଲ ମ୍ୟାପ କେଉଁ ମସିହା ଫେବୃଆରୀ ୮ ତାରିଖରେ ଶୁଭାରମ୍ଭ ହୋଇଥିଲା ?
(କ) ୨୦୦୧ (ଖ) ୨୦୦୨
(ଗ) ୨୦୦୪ (ଘ) ୨୦୦୫

**ଉତ୍ତର**

୧.(କ) -୨୨୨, ୨.(ଘ) ୪,୩.(ଘ) ୧%, ୪.(କ) ୮୦%,୫.(ଘ) ୪୮ କୋଟି, ୬.(କ) ୭ ଘଣ୍ଟା , ୭.(କ) ୮୬୪୦୦,୮.(ଘ) ୨୧୦°, ୯.(ଗ) ୩ଟି,୧୦.(ଖ) ୬୫°, ୬୫°

୧.(ଗ)୪ ଫେବୃଆରୀ, ୨.(ଘ)୩୨୮, ୩. (କ)ପାଙ୍ଗୋଲିନ୍, ୪.(ଗ)୨୪ଘଣ୍ଟା, ୫.(କ)ପାନାଜି, ୬.(ଘ)୧୭, ୭.(ଘ)୪୦, ୮.(ଖ)୨୧୦୦, ୯.(ଗ) ୭ବର୍ଷ, ୧୦.(ଘ)୨୦୦୫ ।

.ଅଧିକାର ବିନାଶକାରୀ ପ୍ଲେଗ ସଦୃଶ ଅଟେ, ଯାହାକୁ ସ୍ପର୍ଶ କରୁଛି ତାକୁ ହିଁ ନଷ୍ଟ କରୁଛି ।(ସେଲି)

## (୨୦) କେନ୍ଦ୍ରାପଡ଼ା ଜିଲ୍ଲା

| | | |
|---|---|---|
| ୧. ଜିଲ୍ଲାର ନାମ | - | କେନ୍ଦ୍ରାପଡ଼ା |
| ୨. ଗଠନ | - | ୧ ଅପ୍ରେଲ,୧୯୯୩ |
| ୩. କ୍ଷେତ୍ରଫଳ | - | ୨୬୪୪ବର୍ଗ.କି.ମି |
| ୪. ଜନସଂଖ୍ୟା | - | ୧୪୩୯୮୯୧ |
| (କ) ପୁରୁଷ | - | ୭୧୭୬୯୫ |
| (ଖ) ମହିଳା | - | ୭୨୨୧୯୬ |
| ୫. ଉପଖଣ୍ଡ | - | ୦୧ |
| ୬. ତହସିଲ | - | ୦୯ |
| ୭. ପଞ୍ଚାୟତ ସମିତି କାର୍ଯ୍ୟାଳୟ (ବ୍ଲକ୍) | - | ୦୯ |
| ୮. ଗ୍ରାମ ପଞ୍ଚାୟତ | - | ୨୩୦ |
| ୯. ଗ୍ରାମ | - | ୧୫୪୭ |
| ୧୦. ଥାନା | - | ୧୩ |
| ୧୧.ପୌରସଂସ୍ଥା(ମ୍ୟୁନିସିପାଲିଟି) | - | ୦୧ |
| ୧୨. ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) | - | ୦୧ |
| ୧୩. ବିଧାନ ସଭା ନିର୍ବାଚନ ମଣ୍ଡଳୀ | - | ୦୫ |

୯୬-ପାଟକୁରା,୯୭-କେନ୍ଦ୍ରାପଡ଼ା,୯୮-ଆଳି,
୯୯-ରାଜନଗର,୧୦୦-ମହାକାଳପଡ଼ା




| | | |
|---|---|---|
| ୧୪. ଶିଶୁ ଜନସଂଖ୍ୟା(୦-୬ ବର୍ଷ) | - | ୧୫୩୪୪୩ |
| ୧୫. ସାକ୍ଷରତା ହାର | - | ୮୫.୯୩% |
| ୧୬. ପୁରୁଷ ସାକ୍ଷରତା ହାର | - | ୯୨.୪୫ % |
| ୧୭. ମହିଳା ସାକ୍ଷରତା ହାର | - | ୭୯.୫୧ % |
| ୧୮. ଜନସଂଖ୍ୟା ବୃଦ୍ଧି ହାର | - | ୧୦.୫୯ % |
| ୧୯. ଜନସଂଖ୍ୟା ଘନତ୍ୱ | - | ୫୪୫ / ବର୍ଗ କି.ମି |
| ୨୦. ୧୦୦୦ପୁରୁଷରେ ମହିଳା ସଂଖ୍ୟା | - | ୧୦୦୬ |
| ୨୧. ରାଜସ୍ୱ ନିରୀକ୍ଷକ ମଣ୍ଡଳ | - | ୯୨ |
| ୨୨. ନିଆଁଲିଭା କେନ୍ଦ୍ର | - | ୦୪ |
| ୨୩. ଲୋକସଭା ଆସନ ସଂଖ୍ୟା | - | ୦୧ |
| ୨୪ ଜଙ୍ଗଲ ଜମି | - | ୨୪୮.୦୫ ବର୍ଗ କି.ମି |
| ୨୫. ହାରାହାରି ତାପମାତ୍ରା | - | ସର୍ବନିମ୍ନ ୧୦.୫° ସେଲ୍‌ସିଅସ୍ |
| | - | ସର୍ବୋଚ୍ଚ ୪୨.୧° ସେଲ୍‌ସିଅସ୍ |
| ୨୬. ସାଧାରଣ ବୃଷ୍ଟିପାତ | - | ୧୫୫୬ ମି.ମି. |
| ୨୭. ମୋଟର ଯାନ ପଞ୍ଜିକୃତ କୋଡ଼ | - | ଓ.ଡି.- ୨୯ |

୨୮.ପର୍ଯ୍ୟଟନସ୍ଥଳୀ -

ବଳଦେବଜିଉ ମନ୍ଦିର,ବରାହଜିଉ ମନ୍ଦିର- ଆଳି, ଭିତର କନିକା, ଦଧିବାମନ ଜିଉ ମନ୍ଦିର ତମଲା ଶାସନ, ସଚ୍ଚୁପୁର ଶିବ ମନ୍ଦିର,

**(ପ୍ରାୟତଃ ଅଧିକାଂଶ ତଥ୍ୟ ୨୦୧୧ ଜନଗଣନା ତଥ୍ୟାନୁସାରେ ଆଧାରିତ)**

# ପର୍ବପର୍ବାଣୀ

## ମାର୍ଚ୍ଚ,୨୦୨୦

ତା.୫ - ଫଗୁ ଦଶମୀ, ଦୋଳ ଯାତ୍ରାରମ୍ଭ ଓ ସୁଦଶା ବ୍ରତ
ତା.୬ - ପାପ ନାଶିନୀ ଏକାଦଶୀ ଉପବାସ, ବ୍ରତ ଓ ହଳ ନିଷେଧ
ତା.୭ - ସାମାନ୍ୟ ଗୋବିନ୍ଦ ଦ୍ୱାଦଶୀ ସ୍ନାନ
ତା.୮ - ରାଜାଗ୍ନି, ବରାହ ଦୋଳ ଓ ଓଳକଣା ମେଳଣ, ଶିବଚତୁର୍ଦ୍ଦଶୀ, ଉପବାସ ଓ ବେଢ଼ା
ତା.୯ -ଦୋଳ ପୂର୍ଣ୍ଣିମା, ଶ୍ରୀ ଚୈତନ୍ୟ ଦେବଙ୍କ ଜନ୍ମୋତ୍ସବ ଓ ଚନ୍ଦ୍ରପୂଜା
ତା.୧୦ - ହୋଲି ଉତ୍ସବ
ତା.୧୩ -ମାସାନ୍ତ
ତା.୧୪ -ମୀନ ସଂକ୍ରାନ୍ତି, ସ୍କନ୍ଧ ଷଷ୍ଠୀ ଓ ହ.ନି
ତା.୧୮ -ଶରଣ ଆରମ୍ଭ
ତା.୧୯ -ପାପ ମୋଚନୀ ଏକାଦଶୀ, ଉପବାସ, ବ୍ରତ ଓ ହଳ ନିଷେଧ
ତା.୨୧ -ମହାବାରୁଣୀ ସ୍ନାନ
ତା.୨୨ -୧୯୪୨ ରାଷ୍ଟ୍ରୀୟ ନବବର୍ଷ, ବାରୁଣୀ ସ୍ନାନ, ଶିବଚତୁର୍ଦ୍ଦଶୀ, ଉପବାସ ଓ ବେଢ଼ା
ତା.୨୩ - ସବେ-ମେରାଜ (ପୂର୍ବରାତ୍ରି), ସୁହୀ ଚତୁର୍ଦ୍ଦଶୀ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ଶରଣ ଶେଷ
ତା.୨୪ -ମଧୁ ଅମାବାସ୍ୟା, ବାସନ୍ତୀକ ନବଦିନାତ୍ମକ ଦୁର୍ଗା ପୂଜାରମ୍ଭଃ ଓ ହ.ନି.
ତା.୨୫ -ସୃଷ୍ଟ୍ୟାରମ୍ଭ ଦିବସ, ତେଲୁଗୁ ନୂତନ ବର୍ଷ ଓ ସମ୍ବତ ୨୦୭୬ ପ୍ରବେଶ
ତା.୨୬ - ଦ୍ୱିତିୟାର ଚନ୍ଦ୍ରଦର୍ଶନ ଓ ପୂଜା
ତା.୩୦ -ବାସନ୍ତୀକ ମୃଣ୍ମୟୀ ଦେବୀଙ୍କ ବିଲ୍ୱବରଣ, ଶ୍ରୀମନ୍ଦିରେ ଚୈତ୍ର ଗୁଣ୍ଡିଚା ଯାତ୍ରା ଓ ବୃହସ୍ପତି ଚଳନ
ତା.୩୧ - ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ସପ୍ତମୀ ପୂଜା
ବିବାହ - ତା. ୨,୩,୧୦,୧୧ ରିଖ।
ବ୍ରତ - ତା. ୧୧,୨୨,୨୬,୩୦,୩୧ ରିଖ ।

## ଅପ୍ରେଲ, ୨୦୨୦

ତା.୧ - ଅଶୋକାଷ୍ଟମୀ ଓ ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ଦୁର୍ଗାଦେବ୍ୟାଃ ବାସନ୍ତିକ ମହାଷ୍ଟମୀ ପୂଜା ଓ ସନ୍ଧିପୂଜା।
ତା.୨ - ଶ୍ରୀରାମ ନବମୀ, ଉପବାସ ଓ ବାସନ୍ତୀକ ଶ୍ରୀଦୁର୍ଗାଦେବ୍ୟାଃ ମହାନବମୀ ପୂଜା।
ତା.୩ - ବାସନ୍ତୀକ ଦଶହରା
ତା.୪ - କାମଦା ଏକାଦଶୀ, ଉପବାସ, ବ୍ରତ ଓ ହଳନିଷେଧ
ତା.୬ - ଶିବଚତୁର୍ଦ୍ଦଶୀ ଉପବାସ, ବେଢ଼ା
ତା.୭ - ହିଙ୍ଗୁଳା ଯାତ୍ରା ଓ ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା.୮ - ଚୈତ୍ରପୂର୍ଣ୍ଣିମା ଓ ବୈଶାଖ ବ୍ରତାରମ୍ଭଃ
ତା.୧୦ - ସବେ-ବରାତ୍ (ପୂର୍ବରାତ୍ରି)
ତା.୧୨ - ମାସାନ୍ତ ଓ ବର୍ଷଶେଷ
ତା.୧୩ - ମହାବିଷୁବ (ପଣା) ସଂକ୍ରାନ୍ତି, ରାଧାରମଣ ଦେବ ଜୟନ୍ତୀ, ହନୁମାନଙ୍କ ଜୟନ୍ତୀ ଓ ହଳନିଷେଧ।
ତା.୧୪ - ଶରଣ ଆରମ୍ଭ
ତା.୧୮ - ବରୁଥିନୀ ଏକାଦଶୀ ଓ ହଳନିଷେଧ
ତା.୧୯ - ଶରଣ ଶେଷ
ତା.୨୧- ଶିବ ଚତୁର୍ଦ୍ଦଶୀ
ତା.୨୨ - ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳନିଷେଧ
ତା.୨୩ - ରୁକ୍ମିଣୀ ଅମାବାସ୍ୟା
ତା.୨୪ - ଚନ୍ଦ୍ରଦର୍ଶନ
ତା.୨୫- ରମଜାନ ମାସ ଆରମ୍ଭ
ତା.୨୬ - ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରାରମ୍ଭଃ
ତା.୨୮ - ଶଙ୍କରାଚାର୍ଯ୍ୟ ଓ ମଧୁବାବୁଙ୍କ ଜୟନ୍ତୀ
ବିବାହ : ତା.୧୭,୨୦,୨୫,୨୬,୨୭ ରିଖ।
ବ୍ରତ : ତା୨୬,୩୦ ରିଖ।

# ବିଭିନ୍ନ ଦିବସ ପାଳନ

## ମାର୍ଚ୍ଚ ୨୦୨୦

ତା ୦୩ - ଜାତୀୟ ପ୍ରତିରକ୍ଷା ଦିବସ
ତା ୦୪ - ଜାତୀୟ ସୁରକ୍ଷା ଦିବସ
ତା ୦୫ - ବିଜୁ ପଟ୍ଟନାୟକ ଜୟନ୍ତୀ ପଞ୍ଚାୟତରାଜ ଦିବସ
ତା ୦୮ - ଅନ୍ତର୍ଜାତୀୟ ମହିଳା ଦିବସ
ତା ୧୩ - ହସ୍ତୀ ଦିବସ
ତା ୧୫ - ବିଶ୍ୱ ଭିନ୍ନକ୍ଷମ ଦିବସ, - ବିଶ୍ୱ ଖାଉଟି ଦିବସ
ତା ୧୬ - ଜାତୀୟ ଟୀକାକରଣ ଦିବସ
ତା ୨୦ - ଅନ୍ତର୍ଜାତୀୟ ଆନନ୍ଦ ଦିବସ
ତା ୨୧ - ବିଶ୍ୱ କବିତା ଦିବସ
ତା ୨୧ - ବିଶ୍ୱ ଜଙ୍ଗଲ ଦିବସ
ତା ୨୨ - ବିଶ୍ୱ ଜଳ ଦିବସ
ତା ୨୩ - ବିଶ୍ୱ ପାଣିପାଗ ଦିବସ
ତା ୨୪ - ବିଶ୍ୱ ଯକ୍ଷ୍ମା ଦିବସ
ତା ୨୫ - ଗୁଡ୍ ଫ୍ରାଇଡେ

## ଅପ୍ରେଲ ୨୦୨୦

ତା ୧ - ଉତ୍କଳ ଦିବସ,
ତା ୨ - ବିଶ୍ୱ ଅଟିଜିମ୍ ଦିବସ
ତା ୫ - ବିଶ୍ୱ ନୌବାହିନୀ ଦିବସ
ତା ୭ - ବିଶ୍ୱ ସ୍ୱାସ୍ଥ୍ୟ ଦିବସ
ତା.୧୦ - ଗୁଡ୍ ଫ୍ରାଇଡ୍ରେ
ତା୧୧ - ଜାତୀୟ ନିରାପଦ ମାତୃତ୍ୱ ଦିବସ
ତା୧୨ - ଶାରୀରିକ ଶିକ୍ଷା ଦିବସ
ତା୧୩ - ରାଜଧାନୀ ପ୍ରତିଷ୍ଠା ଦିବସ
ତା୧୪ - ଅଗ୍ନିସମ ସେବା ଦିବସ
ତା୧୭ - ବିଶ୍ୱ ହେମୋଫୋଲିଆ ଦିବସ
ତା ୧୮ - ବିଶ୍ୱ ଐତିହ ଦିବସ
ତା ୨୨ - ଆର୍ନ୍ତଜାତୀକ (ପୃଥିବୀ) ଦିବସ
ତା ୨୩ - ବିଶ୍ୱ ପୁସ୍ତକ ଓ ସ୍ୱତ୍ତ୍ୱାଧିକାର ଦିବସ
ତା ୨୪ - ମାନବାଧିକାର ଦିବସ
ତା ୨୫ - ବିଶ୍ୱ ମାଲେରିଆ ଦିବସ
ତା ୨୬ - ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ
ତା ୨୮ - ସ୍ୱାଭିମାନ ଦିବସ(ମଧୁସୂଦନ ଜୟନ୍ତୀ)
ତା ୩୦ - ଶିଶୁ ଶ୍ରମିକ ଦିବସ

# DUTTA JEWELLERY

"Cheap Jewelery, however, is worse than no Jewelery"

We deal with
BIS 916
GOLD ORNAMENTS
with unique designed
by our professional designer.











New Bus Stand, Khordha, Odisha
PIN : 752056, Ph. : 06755 - 223744

Postal Regd. No. : PURI-33/2019-21

Volume-10 | Issue No.-9 | Monthly | March-2020 | RNI Regn. No. 107608/2010 | Page-52


# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ ସେବାରେ ଶେଷ)

SAHAJOG HOSPITAL
(ସେବାରୁ ଆରମ୍ଭ, ସେବାରେ ଶେଷ)
An ISO 9001 : 2015 Certified Hospital

## ଆଡ୍‌ଭାନ୍‌ସ୍‌ଡ୍ ଲାପ୍ରାସ୍କୋପିକ୍ ଅପରେସନ୍ ସେଣ୍ଟର

**ଏଠାରେ ଅତ୍ୟାଧୁନିକ ଲାପ୍ରାସ୍କୋପିକ୍ ପଦ୍ଧତିରେ ଅପରେସନ୍ କରାଯାଏ**

- ଲାପ୍ରାସ୍କୋପିକ୍ ଗଲ୍‌ବ୍ଲାଡର୍ ଷ୍ଟୋନ୍ ଅପରେସନ୍
- ଲାପ୍ରାସ୍କୋପିକ୍ ଆପେଣ୍ଡିକ୍ସ ଅପରେସନ୍
- ଲାପ୍ରାସ୍କୋପିକ୍ ଗର୍ଭାଶୟ (L.A.V.H.,T.L.H.) ଅପରେସନ୍
- ଲାପ୍ରାସ୍କୋପିକ୍ ଅଣ୍ଡକୋଷ (ଓଭାରି) ଅପରେସନ୍
- ଲାପ୍ରାସ୍କୋପିକ୍ ଟ୍ୟୁମର ଅପରେସନ୍
- ଲାପ୍ରାସ୍କୋପିକ୍ ହାର୍ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ଭେଣ୍ଟ୍ରାଲ୍ ହାର୍ନିଆ ଅପରେସନ୍
- ଲାପ୍ରାସ୍କୋପିକ୍ ପରିଶ୍ରା ଥଳି ଅପରେସନ୍
- ଲାପ୍ରାସ୍କୋପିକ୍ ପରିଶ୍ରା ନଳୀ ଅପରେସନ୍
- ଲାପ୍ରାସ୍କୋପିକ୍ ପ୍ରୋଷ୍ଟେଟ୍ ଅପରେସନ୍
- ଲାପ୍ରାସ୍କୋପିକ୍ କିଡ୍‌ନି ପଥର ଅପରେସନ୍

ସମ୍ପର୍କ : ୦୬୭୫୫-୨୨୧୩୨୧/୨୨୨୨୭୭, ୯୯୩୮୪୪୬୩୦୯
୮୫୯୮୦୮୦୫୨୯, ୯୯୩୭୦୫୪୩୨୬, ୯୯୩୭୨୩୨୭୦୦


Printed & Published by Dr. Prasanna Kumar Jena Owned by "AMARISATYA" M-1/5, Mukunda Prasad Housing Board Colony, Post-P.N. College, Dist-Khordha, Printed at - Webline, D2/19, Mancheswar Industrial Estate, BBSR-10, Published From- "AMARISATYA", Mukunda Prasad Housing Board Colony, Post-P.N. College, Dist-Khordha, Pin-752057

Editor : Dr. Prasanna Kumar Jena

Founder : Dr. Pramod Chandra Dash